

'ଦେବଦାସ'କୁ ନାଁ କରିଥିଲେ ମନୋଜ

▸ପୃଷ୍ଠା ୧୮ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-299 ♦BHUBANESWAR ♦THURSDAY ♦25 APRIL 2024 ♦PAGE-20 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୨୯୯ ♦ଭୁବନେଶ୍ୱର ♦ଗୁରୁବାର ♦୨୫ ଏପ୍ରିଲ୍ ୨୦୨୪ ♦ପୃଷ୍ଠା-୨୦ ♦ଟ.୬.୦୦


# ହିଞ୍ଜିଳିରୁ ବିଜୟ ଯାତ୍ରାର ଶଙ୍ଖଧ୍ୱନି

## 'ଯୋଡ଼ି ଶଙ୍ଖ' ଓଡ଼ିଶାର ପରିଚୟ, ବିକାଶର ପରିଚୟ: ନବୀନ



■ ହିଞ୍ଜିଳି/ଶେରଗଡ଼ ୨୪।୪ (ସମିସ): ୨୦୨୪ ନିର୍ବାଚନ ମହାସମର ନିମନ୍ତେ ଗଞ୍ଜାମ ଜିଲ୍ଲାର ହିଞ୍ଜିଳି ଓ ଶେରଗଡ଼ରେ ବିଜେଡି ବିଜୟଯାତ୍ରାର ଶଙ୍ଖ ଫୁଙ୍କିଛନ୍ତି ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ନିଜର ପାରମ୍ପରିକ ଆସନରୁ ସେ ଦଳ ପାଇଁ ଆନୁଷ୍ଠାନିକ ପ୍ରଚାର ଆରମ୍ଭ କରିଛନ୍ତି ଓ ରାଜ୍ୟବାସୀଙ୍କ ଆଶୀର୍ବାଦରେ ବିଜେଡି ପୁନର୍ବାର ରାଜ୍ୟର ଏକନମ୍ବର ଦଳ ହୋଇ ରହିବ ବୋଲି ଆଶାବ୍ୟକ୍ତ କରିଛନ୍ତି। ଏହି ଅବସରରେ ସେ ରାଜ୍ୟ ବିକାଶ ନିମନ୍ତେ ବିଜୁ ଜନତା ଦଳ ସରକାରର ଅଙ୍ଗୀକାରବଦ୍ଧତାକୁ ଦୋହରାଇବା ସହ ବିକାଶକୁ ନେଇ ଅଯଥା ରାଜନୀତି କରୁଥିବା ବିରୋଧୀଙ୍କୁ ଶାଳୀନତାର ସହ କଟାକ୍ଷ କରିଛନ୍ତି। ୨୦୨୪ରୁ ୨୦୩୪ ଦଶନ୍ଧି ଓଡ଼ିଶାର ଯୁବଶକ୍ତିଙ୍କ ପାଇଁ ସୁବର୍ଣ୍ଣ ଯୁଗରେ ପରିଣତ ହେବ ଓ ୨୦୩୬ ବେଳକୁ ଓଡ଼ିଶା ଦେଶର ଶୀର୍ଷ ସମୃଦ୍ଧ ରାଜ୍ୟରେ ପରିଣତ ହେବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ରାଜ୍ୟର ସାଢ଼େ ▸ପୃଷ୍ଠା-୧୧

- ବିଜେଡି ଏକ ନମ୍ବର ଦଳ ଥିଲା, ଏକ ନମ୍ବର ଦଳ ହୋଇ ରହିବ
- ବିଧାନସଭା ଓ ଲୋକସଭାରେ ବଡ଼ ବିଜୟ ହାସଲ କରିବ ବିଜେଡି
- ବିକାଶ ଆମର ପରିଚୟ, ଅଯଥା ରାଜନୀତି କରୁଛନ୍ତି ବିରୋଧୀ
- ହିଞ୍ଜିଳି-ଶେରଗଡ଼ ଆଜି ସାରା ଦେଶରେ ବିକାଶର ଏକ ମଡେଲ
- ୨୦୨୪ ରୁ ୨୦୩୪ ଦଶକ ହେବ ଯୁବଶକ୍ତି ପାଇଁ ସୁବର୍ଣ୍ଣ ଯୁଗ
- ୨୦୩୬ ବେଳକୁ ଓଡ଼ିଶା ହେବ ଦେଶର ଏକ ନମ୍ବର ରାଜ୍ୟ

**ସମାନ ସ୍ଥାନରୁ ପ୍ରଚାର ଅନୁକୂଳ**

### ଯେଉଁଠୁ ୨୦୧୯, ସେଇଠୁ ୨୦୨୪

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ହିଞ୍ଜିଳି-ଶେରଗଡ଼ରୁ ନିର୍ବାଚନୀ ପ୍ରଚାର ଆରମ୍ଭ କରିଛନ୍ତି। ଦଳୀୟ ପ୍ରାର୍ଥୀଙ୍କୁ ଆଶୀର୍ବାଦ ଦେବାକୁ ଲୋକଙ୍କୁ ନିବେଦନ କରିଛନ୍ତି । ତେବେ ସଂଯୋଗବଶତଃ ମୁଖ୍ୟମନ୍ତ୍ରୀଙ୍କ ପ୍ରଚାର ଏକ କୌତୁହଳପୂର୍ଣ୍ଣ ଘଟଣା ସାମ୍ନାକୁ ଆସିଛି। ୨୦୧୪ ଓ ୨୦୧୯ ମସିହାରେ ଯେଉଁ ପଡ଼ିଆରୁ ମୁଖ୍ୟମନ୍ତ୍ରୀ ନିଜର ପ୍ରଚାର ଅଭିଯାନ ଆରମ୍ଭ କରିଥିଲେ, ଆଜି ସେହି ସ୍ଥାନରେ ୨୦୨୪ ବିଜୟ ଯାତ୍ରା ▸ପୃଷ୍ଠା-୧୧

## ସର୍ବାଧିକ ଭୋଟ ବ୍ୟବଧାନରେ ଜିତିବେ ଦେଶର ଏକ ନମ୍ବର ମୁଖ୍ୟମନ୍ତ୍ରୀ: କାର୍ତ୍ତିକ ପାଣ୍ଡିଆନ



ହିଞ୍ଜିଳି ଓ ଶେରଗଡ଼ରେ ବିଜେଡିର ନିର୍ବାଚନୀ ସମାବେଶରେ ଯୋଗ ଦେଇଛନ୍ତି ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ। ନିଜେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା ନ କରି ମୁଖ୍ୟମନ୍ତ୍ରୀଙ୍କ ପଛରେ ୧୪୭ ବିଧାନସଭା ଆସନରେ ଠିଆ ହେବା ପାଇଁ ସେ ପୂର୍ବରୁ ଘୋଷଣା କରିଛନ୍ତି। ଏହି କ୍ରମରେ ସେ ହିଞ୍ଜିଳି ଓ ଶେରଗଡ଼ରେ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନୀ ସଭାରେ ଯୋଗ ଦେଇ ବିଜୁ ଜନତା ଦଳକୁ ଆଶୀର୍ବାଦ ଦେବାକୁ ନିବେଦନ କରିଛନ୍ତି। ସେ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦେଶର ଏକନମ୍ବର ମୁଖ୍ୟମନ୍ତ୍ରୀ। ସାରା ଦେଶରେ ହିଞ୍ଜିଳି-ଶେରଗଡ଼ ଏକନମ୍ବର ନିର୍ବାଚନମଣ୍ଡଳୀ ଭାବରେ ପରିଚିତ। ଅତୀତରେ ମୁଖ୍ୟମନ୍ତ୍ରୀ ଏଠାରୁ କ୍ରମାଗତ ଭାବରେ ବିଜୟୀ ହୋଇଛନ୍ତି, ବିଜୟରେ ରେକର୍ଡ କରିଛନ୍ତି । ଆଗାମୀ ଦିନରେ ମଧ୍ୟ ସର୍ବାଧିକ ବ୍ୟବଧାନରେ ବିଜୟୀ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କୁ ଆଶୀର୍ବାଦ ଦେବାକୁ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ।

# ମାସ ଶେଷ ଯାଏଁ ଜଳିବ ଓଡ଼ିଶା

## ୪୩.୨ସହ ସବୁଠୁ ଉତ୍ତପ୍ତ ଭୁବନେଶ୍ୱର ଓ ନୂଆପଡ଼ା

■ ଭୁବନେଶ୍ୱର, ୨୪।୪ (ସମିସ): ଏପ୍ରିଲ ମାସ ଶେଷ ପର୍ଯ୍ୟନ୍ତ ତାତିରୁ ତ୍ରାହି ମିଳିବ ନାହିଁ। ତାତି ଆହୁରି ବଢ଼ିବ, ଲୋକେ କଲବଲ ହେବେ। ବିଶେଷ କରି ୨୭ ଓ ୨୮ରେ ସ୍ଥିତି ଅସମ୍ଭାଳ ହେବ। କାଁ ଭାଁ ଅଞ୍ଚଳକୁ ଛାଡ଼ି ଦେଲେ ସାରା ରାଜ୍ୟରେ ଭୀଷଣ ଗ୍ରୀଷ୍ମ ଲହରୀ (ହିଟ୍ ୱେଭ୍-ସିଭିୟର ହିଟ୍ ୱେଭ୍) ପରିସ୍ଥିତି ସୃଷ୍ଟି ହେବ। ଗତକାଲି ଓ ଆଜି କାଳବୈଶାଖୀ ଯୋଗୁଁ ରାଜ୍ୟର କିଛି କିଛି ସହରରେ ସାମାନ୍ୟ ତାପମାତ୍ରା ହ୍ରାସ ହୋଇଥିଲା; ହେଲେ ବୁଧବାର ପୁନର୍ବାର ରାଜ୍ୟବ୍ୟାପୀ ତାପମାତ୍ରା ବୃଦ୍ଧି ହୋଇଛି। ଆଜି ରାଜ୍ୟର ୨୪ସହରରେ ଦିନ ତାପମାତ୍ରା ୪୦ ଡିଗ୍ରୀ କିମ୍ବା ଏହାଠାରୁ ଅଧିକ ରେକର୍ଡ କରାଯାଇଛି। ୪୩.୨ ଡିଗ୍ରୀ ସହ ନୂଆପଡ଼ା ଏବଂ ଭୁବନେଶ୍ୱର ରାଜ୍ୟର ଯୁଗ୍ମ ଭାବେ ଉତ୍ତପ୍ତ ସହରରେ ପରିଣତ ହୋଇଛନ୍ତି। ସେହିପରି ୧୧ସହରରେ ତାପମାତ୍ରା ୪୨ ଡିଗ୍ରୀ କିମ୍ବା ଏହାଠାରୁ ଅଧିକ ରେକର୍ଡ ହୋଇଛି।

ପାଣିପାଗ କେନ୍ଦ୍ର ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟକୁ ପଶ୍ଚିମ ଓ ଉତ୍ତର ପଶ୍ଚିମ ଦିଗରୁ ଶୁଷ୍କ ଓ ଗରମ ବାୟୁ ପ୍ରବାହ ହେବ। ଏହାଦ୍ୱାରା ଆସନ୍ତା ୨-୩ ଦିନ ମଧ୍ୟରେ ଅଧିକାଂଶ ସ୍ଥାନରେ ୩-୪ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବୃଦ୍ଧି ପାଇବ। ଏହାଦ୍ୱାରା ରାଜ୍ୟରେ ଭୀଷଣ ଗ୍ରୀଷ୍ମ ଲହରୀ ପରିସ୍ଥିତି ସୃଷ୍ଟି ହେବ। ୨୫ରେ ଗଞ୍ଜାମ ଓ ଗଜପତି ଜିଲ୍ଲାରେ ଭୀଷଣ ଗ୍ରୀଷ୍ମ ଲହରୀ ଆଶଙ୍କା ରହିଥିବା ବେଳେ ୧୭ ଜିଲ୍ଲାରେ ଗ୍ରୀଷ୍ମ ଲହରୀ ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ଉପରୋକ୍ତ ଜିଲ୍ଲାଗୁଡ଼ିକ ପାଇଁ ଅରେଞ୍ଜ ଓ ୟେଲୋ ଆଲର୍ଟ ଜାରି କରାଯାଇଛି। ତେବେ ୨୬ ତାରିଖରୁ ଗ୍ରୀଷ୍ମ ପ୍ରଭାବ ସ୍ଥିତି ଆହୁରି ବୃଦ୍ଧି ହେବା ସହ ପ୍ରବଳ ଖରା ଗରମ ଅନୁଭୂତ ହେବ। ଏହାକୁ ଦୃଷ୍ଟିରେ ରଖି ୨୬ରେ ୨୩ଟି ଜିଲ୍ଲାକୁ ଅରେଞ୍ଜ୍ ଆଲର୍ଟ ଜାରି କରାଯାଇଥିବା ବେଳେ ୪ ଜିଲ୍ଲା ପାଇଁ ୟେଲୋ ଆଲର୍ଟ ଜାରି ହୋଇଛି। ସେହିପରି ୨୭ ଓ ୨୮ ତାରିଖ ପାଇଁ ଯେଉଁ ସତର୍କ ସୂଚନା ଜାରି କରାଯାଇଛି, ତାହା ଚିନ୍ତା ବଢ଼ାଇ ଦେଇଛି। ▸ପୃଷ୍ଠା-୧୧



- ୪୦ ଡିଗ୍ରୀ ଉପରେ ୨୪ ସହର
- ୨୭ ଓ ୨୮ ତାରିଖରେ ସ୍ଥିତି ଅସମ୍ଭାଳ
- ଆହୁରି ୪ ଡିଗ୍ରୀ ଯାଏ ବଢ଼ିବ ତାପମାତ୍ରା
- ୪ ଦିନ ଯାଏଁ ଭୀଷଣ ଗ୍ରୀଷ୍ମ ଲହରୀ ଆଲର୍ଟ
- ଅଂଶୁଘାତ ଯୋଗୁଁ ୧୨୪ ଜଣ ଅସୁସ୍ଥ

# ପ୍ରଧାନମନ୍ତ୍ରୀଙ୍କ ମନ୍ତବ୍ୟ ଉପରେ ଇସିଙ୍କ ଯାଞ୍ଚ

## କଂଗ୍ରେସ କ୍ଷମତାକୁ ଆସିଲେ ଲୋକଙ୍କ ସମ୍ପତ୍ତି ମୁସଲମାନଙ୍କୁ ବାଣ୍ଟିଦେବ ବୋଲି କହିଥିଲେ ମୋଦୀ

■ ନୂଆଦିଲ୍ଲୀ, ୨୪।୪ (ଏଜେନ୍ସି): ବିରୋଧୀ ଦଳଙ୍କ ତୀବ୍ର ବିରୋଧ ପରେ ରାଜସ୍ଥାନ ବାଂଶୱାରାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଇଥିବା ମନ୍ତବ୍ୟ ଉପରେ ନିର୍ବାଚନ କମିଶନ (ଇସି) ଯାଞ୍ଚ ଆରମ୍ଭ କରିଦେଇଛନ୍ତି। ଏହା ବିରୋଧରେ ଦାଖଲ ହୋଇଥିବା ଅଭିଯୋଗର ସମୀକ୍ଷା କରି ମନ୍ତବ୍ୟର ଯାଞ୍ଚ କରାଯାଉଥିବା ସୂଚନା ମିଳିଛି। ପ୍ରଧାନମନ୍ତ୍ରୀଙ୍କ ଏହି ମନ୍ତବ୍ୟକୁ ନେଇ କଂଗ୍ରେସ ଏବଂ ସିପିଆଇ (ଏମ) ଅଲଗା ଅଲଗା ଭାବେ ଇସିଙ୍କ ନିକଟରେ ଅଭିଯୋଗ କରିଥିଲେ। ବାଂଶୱାରାରେ ମୋଦୀ କହିଥିଲେ ଯେ ଯଦି କଂଗ୍ରେସ କ୍ଷମତାକୁ ଆସିବ ତେବେ ଲୋକଙ୍କ ସମ୍ପତ୍ତିକୁ ମୁସଲମାନଙ୍କ ମଧ୍ୟରେ ବାଣ୍ଟିଦେବ। ଏହା ସହିତ ମୋଦୀ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହ ଦେଇଥିବା ମନ୍ତବ୍ୟ ବିଷୟରେ ଉଲ୍ଲେଖ କରିଥିଲେ। ସେତେବେଳେ ସେ 'ଦେଶର ସମ୍ବଳ ଉପରେ ସଂଖ୍ୟାଲଘୁଙ୍କ ପ୍ରଥମ ଅଧିକାର ରହିଛି' ବୋଲି କହିଥିଲେ। ପ୍ରଧାନମନ୍ତ୍ରୀଙ୍କ 'ସମ୍ପତ୍ତି ବାଣ୍ଟିବା' ମନ୍ତବ୍ୟ ବିରୋଧରେ ଇସି କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି କଂଗ୍ରେସ ଦାବି କରିଥିଲା। ଦଳ ଏହି ମନ୍ତବ୍ୟକୁ ବିଭାଜନକାରୀ ଏବଂ ବିଶେଷ ସମ୍ପ୍ରଦାୟକୁ ନିଶାଣ କରୁଥିବା ଦର୍ଶାଇ ଥିଲା। ସେହିପରି ସିପିଆଇ (ଏମ) ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ ଏହି ଅଭିଯୋଗ ଉପରେ ଧ୍ୟାନ ଦେବାକୁ ଇସିଙ୍କୁ ନିବେଦନ କରିଥିଲେ। ପ୍ରଧାନମନ୍ତ୍ରୀ ମୋଦୀ ଏବଂ ବିଜେପି ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଥିଲେ। ଏହି ମାମଲାରେ ଏତଲା ରୁଜୁ କରାଯାଉ ବୋଲି କହିଥିଲେ।

# ନାବାଳିକା ଦୁଷ୍କର୍ମକାରୀକୁ ୧୦ ବର୍ଷ ଜେଲ୍ ଦଣ୍ଡାଦେଶ

■ କେନ୍ଦୁଝର, ୨୪।୪ (ସମିସ): କେନ୍ଦୁଝର ଫାଷ୍ଟଟ୍ରାକ୍ କୋର୍ଟର ବିଚାରପତି ବିଜୟ କୁମାର ମିଶ୍ର ଏକ ଦୁଷ୍କର୍ମ ମାମଲାର ବିଚାର କରି ଘଟଗାଁ ଥାନା ଅନ୍ତର୍ଗତ ଧୋବାପିଟଣା ଗ୍ରାମର ପିଣ୍ଟୁ ମୁଣ୍ଡା (୨୪)ଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା ଏବଂ ଜରିମାନା ଅନାଦେୟ ଅଧିକ ୬ ମାସ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ପୀଡ଼ିତାକୁ ୮ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ରାଶି ପ୍ରଦାନ ନିମନ୍ତେ ସରକାରଙ୍କୁ ସୁପାରିସ କରିଛନ୍ତି।

ଘଟଣାରୁ ପ୍ରକାଶ ଯେ, ୧୫ ବର୍ଷର ପୀଡ଼ିତାଙ୍କ ବଡ଼ବାପାର ପୁଅ ଭାଇର ମୃତ୍ୟୁ ପରେ ତା'ର ଭାଉଜ ତାଙ୍କ ଘରକୁ ଡାକି ନେଇଥିଲା। କିଛିଦିନ ପରେ ଭାଉଜର ଅପା ପୁଅ ପିଣ୍ଟୁ ମୁଣ୍ଡା ଆସି ପୀଡ଼ିତାର ଭାଉଜ ଘରେ ରହିଥିଲା। ପୀଡ଼ିତାର ଭାଉଜଙ୍କ ଅନୁପସ୍ଥିତିରେ ପିଣ୍ଟୁ ପୀଡ଼ିତାକୁ ବାରମ୍ବାର ଦୁଷ୍କର୍ମ କରି ଏକଥା କାହା ଆଗରେ ପ୍ରକାଶ କଲେ ଜୀବନରେ ମାରି ଦେବାକୁ ଧମକ ଦେଇଥିଲା। ପୀଡ଼ିତାର ଶରୀର ପରିବର୍ତ୍ତନ ହେବାରୁ ତା'ର ଭଉଣୀ ଡାକ୍ତର ଦେଖାଇବାରୁ ସେ ଅନ୍ତଃସତ୍ତ୍ୱା ଥିବା ▸ପୃଷ୍ଠା-୧୧

# ଅବକାରୀ ଥାନା ପରିସରରେ ଅଗ୍ନିକାଣ୍ଡ

## ୨ ବୋଲେରୋ, ୧ ସ୍କୋର୍ପିଓ, ୧ ଅଟୋ ଓ ୧୧ ବାଇକ୍ ପୋଡ଼ି ପାଉଁଶ



■ ବଡ଼ବିଲ, ୨୪।୪ (ସମିସ): କେନ୍ଦୁଝର ଜିଲ୍ଲା ବଡ଼ବିଲ ଅବକାରୀ ଥାନା ପରିସରରେ ଗତକାଲି ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ବ୍ୟାପକ କ୍ଷୟକ୍ଷତି ହୋଇଛି। ବଡ଼ବିଲ ଦମକଳ ବାହିନୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥଲା। ବଡ଼ବିଲ ଅବକାରୀ ଥାନା ପକ୍ଷରୁ ବିଭିନ୍ନ ମାମଲାରେ ଜବତ ହୋଇଥିବା ୨ଟି ବୋଲେରୋ, ଗୋଟିଏ ସ୍କୋର୍ପିଓ, ଗୋଟିଏ ଅଟୋ, ୧୧ଟି ବାଇକ୍ ଓ ଅନ୍ୟାନ୍ୟ ଜବତ ସାମଗ୍ରୀ ସମ୍ପୂର୍ଣ୍ଣ ପୋଡି ପାଉଁଶ ହୋଇଯିବା ସହ ଥାନା କାର୍ଯ୍ୟାଳୟର ଦୁଇଟି ଝରକା ଓ କିଛି କାଗଜପତ୍ର ପୋଡି ଯାଇଥିବା ଅବକାରୀ ଥାନା ଅଧିକାରୀ ଜନାର୍ଦ୍ଦନ ପତି ସୂଚନା ଦେଇଛନ୍ତି। ଏ ନେଇ ବଡ଼ବିଲ ଥାନାରେ ଲିଖିତ ଅଭିଯୋଗ ହୋଇଥିବା ବେଳେ କିଭଳି ଓ କେଉଁ ପରିସ୍ଥିତିରେ ଅଗ୍ନିକାଣ୍ଡ ଘଟିଲା ପୁଲିସ ପକ୍ଷରୁ ନିକଟରେ ଲାଗିଥିବା ସିସିଟିଭି ଓ ବିଭିନ୍ନ ଦିଗକୁ ନେଇ ଯାଞ୍ଚ କରୁଥିବା ଜଣାପଡିଛି।

## ଲୋକକଥା



ଫୁଲ ଧରି ପାରି ହୋଇଯିବେ ବୋଲି
ପ୍ରଦୀପ ଥିଲେ ତ ବିଚାରି,
ହେଲେ କିନ୍ତୁ ଏଣେ ଠକେଇ ମାମଲା
ପ୍ରଚାରରୁ ଆଣେ ଘୋଷାରି !
ସର୍ତ୍ତ ହୁଡ଼ିବାରୁ ଏପରି,
ଅଦାଲତ ନାତଖିଆଙ୍କ କୁକର୍ମ
ଭୋଟର କି ଯିବେ ପାସୋରି !!

# 'ଚାର୍ଜସିଟ୍' ବିଜେପି ପରାଜୟର ଦସ୍ତାବିଜ: ଲେଖାଶ୍ରୀ

## ନିର୍ବାଚନ ହାରୁଥିବା ଜାଣି ମିଛ ଅଭିଯୋଗ ଆଣିଛି ବିଜେପି



- ୨୦୧୯ରେ ହାରିବା ଜାଣି ଆଣିଥିଲେ ଅନୁରୂପ ଚାର୍ଜସିଟ୍
- କେନ୍ଦ୍ରୀୟ ରିପୋର୍ଟ ନାମରେ ରାଜ୍ୟବାସୀଙ୍କୁ ଭୁଆଁ ବୁଲାଉଛନ୍ତି
- ରାଜ୍ୟ ସଭାପତିଙ୍କ ନିକଟରେ ଦଳର ମହିଳା ନେତ୍ରୀ ଅସୁରକ୍ଷିତ
- ନିଜ ଅଞ୍ଚଳରେ ସ୍ମାର୍ଟ କ୍ଲାସଟିଏ କରି ନାହାନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ

■ ଭୁବନେଶ୍ୱର, ୨୪।୪ (ସମିସ): ଓଡ଼ିଶା ବିଜେପି ନେତାମାନେ ଯେତେବେଳେ ନିର୍ବାଚନ ହାରୁଥିବା ସୂଚନା ପାଆନ୍ତି, ନିର୍ବାଚନ ଫଳାଫଳ ସେମାନଙ୍କ ବିରୋଧରେ ଯାଉଥିବା ଅନୁଭବ କରନ୍ତି; ସେତେବେଳେ ସେମାନେ ବିନା କୌଣସି ଆଧାରରେ ମିଛ, ଭିତ୍ତିହୀନ ଓ ନିରାଧାର ଅଭିଯୋଗ ଆଣନ୍ତି। ଏହା ରାଜ୍ୟ ବିଜେପି ନେତାମାନଙ୍କର ପୁରୁଣା ଅଭ୍ୟାସ। ୨୦୧୯ରେ ପରାଜିତ ହେବାକୁ ଯାଉଛନ୍ତି ବୋଲି ସୂଚନା ପାଇବା ପରେ ରାଜ୍ୟ ବିଜେପି ପକ୍ଷରୁ ଏପରି ତଥାକଥିତ ଚାର୍ଜସିଟ୍ ଅଣା ଯାଇଥିଲା; ୨୦୨୪ ନିର୍ବାଚନରେ ସେମାନେ ଅତ୍ୟନ୍ତ ଦୟନୀୟ ଭାବରେ ହାରିବାକୁ ଯାଉଛନ୍ତି ବୋଲି ଜାଣି ଅନୁରୂପ ଚାର୍ଜସିଟ୍ ନାମରେ କେବଳ ଭିତ୍ତିହୀନ ଓ କପୋଳକଳ୍ପିତ କାହାଣୀର ଅବତାରଣା କରିଛନ୍ତି ବୋଲି କହିଛନ୍ତି ବିଜେଡି ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର।

ଲେଖାଶ୍ରୀ କହିଛନ୍ତି ଯେ ମହିଳା ସୁରକ୍ଷା ନେଇ ରାଜ୍ୟ ବିଜେପିର ଯେଉଁ ନେତାମାନେ ଓଡ଼ିଶାକୁ ସମାଲୋଚନା କରୁଛନ୍ତି, ସେତେବେଳେ ବିଜେପି ଶାସିତ ରାଜ୍ୟ କଥା ସମ୍ଭବତଃ ଭୁଲି ଯାଇଛନ୍ତି। ବିଜେପି ଶାସିତ ରାଜ୍ୟଗୁଡ଼ିକରେ ମହିଳା ବିରୋଧୀ ହିଂସା ଓ ଅପରାଧ ହାର ଓଡ଼ିଶା ତୁଳନାରେ ବହୁ ଅଧିକ। ▸ପୃଷ୍ଠା-୧୧

**ସକାଳୁ ସକାଳୁ ପୁଞ୍ଜାପାଇ ଗ୍ରାମରେ ହତ୍ୟା, ଅଭିଯୁକ୍ତ ଗିରଫ**

# ପଛରୁ ଡାକି ଟାଙ୍ଗିଆରେ ହାଣିଦେଲା

■ ରାୟଗଡ଼ା, ୨୪।୪ (ସମିସ): ସକାଳୁ ସକାଳୁ ପୁଞ୍ଜାପାଇ ଗ୍ରାମରେ ଘଟିଯାଇଛି ଏକ ହତ୍ୟାକାଣ୍ଡ। 'କୁଆଡ଼େ ଯାଉଛୁ ବୋଲି ପଚାରି' ପଛପଟୁ ଡାକି ଟାଙ୍ଗିଆରେ ହାଣି ହତ୍ୟା କରିବା ଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ରାୟଗଡ଼ା ଥାନା କୁମ୍ଭିକୋଟା ଫାଣ୍ଡି ଅଧୀନସ୍ଥ ପୁଞ୍ଜାପାଇ ଗ୍ରାମରେ। ରାୟଗଡ଼ା ଥାନା ପୁଲିସ ଘଟଣାସ୍ଥଳରୁ ଅଭିଯୁକ୍ତକୁ ଗିରଫ କରିଥିବାବେଳେ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ନିମନ୍ତେ ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିବା ରାୟଗଡ଼ା ଥାନା ଅଧିକାରୀ କମଳକାନ୍ତ ବସନ୍ତ କୁମାର କହଁର ପ୍ରକାଶ କରିଛନ୍ତି। ମୃତକ ଜଣକ ହେଲେ ପୁଞ୍ଜାପାଇ ଗ୍ରାମର ଲାଛା ମାଣ୍ଡାଙ୍ଗି(୫୨) ଏବଂ ଗିରଫ ଅଭିଯୁକ୍ତ ହେଲେ ଉକ୍ତ ଗ୍ରାମର ମଦନ ମାଣ୍ଡାଙ୍ଗି(୩୫)। ହତ୍ୟା ଘଟଣାକୁ ନେଇ ମୃତକ ଲାଛା ମାଣ୍ଡାଙ୍ଗିଙ୍କ ୧୯ବର୍ଷର ପୁଅ ବିବନ୍ତ ମାଣ୍ଡାଙ୍ଗି ଏ ନେଇ ରାୟଗଡ଼ା ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି।

ମିଳିଥିବା ସୂଚନା ପ୍ରକାରେ, ବୁଧବାର ସକାଳେ ଲାଛା ନିଜ ଭଣଜା ସୁଶୀଳ ମେଲାକା ଓ ଭଣଜା ବୋହୂଙ୍କୁ ନେଇ ଚେରମୂଳି ଔଷଧ ଆଣିବା ପାଇଁ ପିସକାଡାଙ୍ଗୁ ଗ୍ରାମକୁ ଯାଉଥିଲେ। ପୁଞ୍ଜାପାଇ ଗ୍ରାମ ନିକଟରେ ଥିବା କଡୁରୁବନ୍ଧା ରାସ୍ତା ଦେଇ ଯାଉଥିବା ସମୟରେ ପୂର୍ବରୁ ଲୁଚି ରହିଥିବା ପୁଞ୍ଜାପାଇ ଗ୍ରାମର ମଦନ ମାଣ୍ଡାଙ୍ଗି ଆସି ଲାଛାଙ୍କୁ କୁଆଡ଼େ ଯାଉଛୁ ▸ପୃଷ୍ଠା-୧୧

## କନୌଜରୁ ଲଢ଼ିବେ ଅଖିଳେଶ



ଲକ୍ଷ୍ନୌ, ୨୪।୪ (ଏଜେନ୍ସି): ସମାଜବାଦୀ ପାର୍ଟି (ଏସ୍‌ପି) ମୁଖ୍ୟ ଅଖିଳେଶ ଯାଦବ କନୌଜରୁ ସଂସଦୀୟ ନିର୍ବାଚନ ଲଢ଼ିବାକୁ ନିଷ୍ପତ୍ତି ନେଇଛନ୍ତି। ସେ ଗୁରୁବାର ଦ୍ୱିପହରରେ ପ୍ରାର୍ଥୀପତ୍ର ଦାଖଲ କରିବେ। ଏହା ପୂର୍ବରୁ ଦୁଇ ଦିନ ଥଲେ ଅଖିଳେଶ ନିଜ ପୁତୁରା ତେଜ ପ୍ରତାପଙ୍କୁ ଏହି ଆସନରୁ ପ୍ରାର୍ଥୀ କରିଥିଲେ। ତେବେ ତାଙ୍କୁ ସ୍ଥାନୀୟ ନେତାମାନେ ତୀବ୍ର ବିରୋଧ କରିଥିଲେ। ଏହାକୁ ଦେଖି ଅଖିଳେଶ ନିଜେ ମୈଦାନକୁ ଓହ୍ଲାଇବାକୁ ନିଷ୍ପତ୍ତି ନେଇଥିଲେ। ଏସ୍‌ପି ପକ୍ଷରୁ ଆନୁଷ୍ଠାନିକ ଭାବେ ଏହି ଘୋଷଣା କରାଯାଇଛି।

## ରାଲିରେ ଚେତା ହରାଇଲେ ଗଡ଼କରୀ



ମୁମ୍ବାଇ, ୨୪।୪ (ଏଜେନ୍ସି): ମହାରାଷ୍ଟ୍ର ଯବତମାଲରେ ଏକ ନିର୍ବାଚନୀ ରାଲିକୁ ସମ୍ବୋଧନ କରୁଥିବା ସମୟରେ କେନ୍ଦ୍ରମନ୍ତ୍ରୀ ନିତିନ ଗଡ଼କରୀ ଚେତା ହରାଇ ପଡ଼ି ଯାଇଛନ୍ତି। ଏହାର ଭିଡିଓ ଭାଇରାଲ ହେବାରେ ଲାଗିଛି। ଏଥିରେ ଅଭିଭାଷଣ ଦେଉଥିବା ସମୟରେ ଗଡ଼କରୀ ପଡ଼ି ଯାଉଥିବା ଦେଖାଯାଉଛି। ଏହି ସମୟରେ ଅନ୍ୟ ନେତାମାନେ ତାଙ୍କୁ ଧରି ପକାଉଛନ୍ତି। ତାଙ୍କୁ ତୁରନ୍ତ ହସ୍ପିଟାଲକୁ ନିଆଯାଇଥିଲା। ଚିକିତ୍ସା ମିଳିବାର କିଛି ସମୟ ପରେ ପୁଣି ଗଡ଼କରୀ ମଞ୍ଚକୁ ଫେରି ଅଭିଭାଷଣ ଦେଇଥିଲେ। ଏବେ ସେ ସୁସ୍ଥ ଥିବା କହିଛନ୍ତି। ସେ ଏନ୍‌ଡିଏର ଶିବସେନା ପ୍ରାର୍ଥୀ ରାଜଶ୍ରୀ ପାଟିଲଙ୍କ ସମର୍ଥନରେ ଏହି ରାଲି କରିଥିଲେ। ଏହି ଘଟଣାର କିଛି ସମୟ ପରେ ଗଡ଼କରୀ କହିଛନ୍ତି ଯେ ପ୍ରବଳ ଗରମ ଯୋଗୁଁ ସେ ଅଣନିଶ୍ୱାସୀ ହୋଇ ପଡ଼ିଥିଲେ। କିନ୍ତୁ ଏବେ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି। ଏହା ପୂର୍ବରୁ ୨୦୧୮ ରେ ଅହମଦନଗରରେ ଏକ କାର୍ଯ୍ୟକ୍ରମରେ ସାମିଲ ହୋଇ ଗଡ଼କରୀ ଚେତା ହରାଇ ଥିଲେ।

■ ବିଜେପି ଦେଇ ନ ଥିଲା ଟିକଟ

## ହୃଦ୍‌ଘାତରେ ସାଂସଦ ରାଜବୀରଙ୍କ ପରଲୋକ



ହାଥରସ, ୨୪।୪ (ଏଜେନ୍ସି): ଉତ୍ତର ପ୍ରଦେଶ ହାଥରସର ବିଜେପି ସାଂସଦ ରାଜବୀର ଦିଲେରଙ୍କ ପରଲୋକ ହୋଇଛି। ସେ ବୁଧବାର ହୃଦ୍‌ଘାତରେ ପ୍ରାଣ ହରାଇଛନ୍ତି। ଅଲିଗଡ଼ର ଏକ ଘରୋଇ ଡାକ୍ତରଖାନାରେ ତାଙ୍କ ଚିକିତ୍ସା ଚାଲିଥିଲା। ଚଳିତ ଥର ବିଜେପି ତାଙ୍କ ଟିକଟ କାଟି ଦେଇଥିଲା। ଦିଲେରଙ୍କ ବଦଳରେ ଅନୁପ ବାଲ୍ମିକୀଙ୍କୁ ପ୍ରାର୍ଥୀ କରାଯାଇଥିଲା। ଏହାକୁ ନେଇ ଦିଲେର ଚିନ୍ତିତ ଥିଲେ। ସୂଚନାଯୋଗ୍ୟ ଯେ ସେ ସାଂସଦ ହେବା ପୂର୍ବରୁ ଅଲିଗଡ଼ର ଇଗଲାସ ବିଧାନସଭା କ୍ଷେତ୍ରର ବିଧାୟକ ଥିଲେ। ତାଙ୍କ ଛବିରେ କୌଣସି ଦାଗ ଲାଗି ନ ଥିଲା। ଟିକଟ କଟିବା ସତ୍ତ୍ୱେ ବି ସେ ଦଳ ପାଇଁ କାମ କରୁଥିଲେ। ସେ ଦୁଇ ଦିନ ତଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଲିଗଡ଼ ଜନସଭାରେ ସାମିଲ ହୋଇଥିଲେ। ହାଥରସ ଏବଂ ଅଲିଗଡ଼ରେ ଅନୁଷ୍ଠିତ ଦଳୀୟ କାର୍ଯ୍ୟକ୍ରମରେ ସାମିଲ ହେଉଥିଲେ। ମେ' ୭ ରେ ଏହି ଆସନରେ ମତଦାନ ହେବ।

## ଦ୍ୱିତୀୟ ପର୍ଯ୍ୟାୟ ମତଦାନ: ୮୮ ଆସନରେ ପ୍ରଚାର ଶେଷ

ନୂଆଦିଲ୍ଲୀ, ୨୪।୪ (ଏଜେନ୍ସି): ଲୋକସଭା ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ମତଦାନ ଶୁକ୍ରବାର ଅନୁଷ୍ଠିତ ହେବାକୁ ଯାଉଛି। ଏହି ପର୍ଯ୍ୟାୟରେ ମଧ୍ୟପ୍ରଦେଶ, ଉତ୍ତର ପ୍ରଦେଶ, ବିହାର, ରାଜସ୍ଥାନ ସହିତ ୧୩ ରାଜ୍ୟର ୮୮ ଆସନରେ ମତଦାନ ହେବ। ଏଥିପାଇଁ ବୁଧବାର ସନ୍ଧ୍ୟାରୁ ପ୍ରଚାର ଶେଷ ହୋଇଛି। ୪୮ ଘଣ୍ଟାର ନିରବତା ଅବଧି ଆରମ୍ଭ ହୋଇଛି। ଏହି ପର୍ଯ୍ୟାୟରେ କେରଳର ହାଇଭୋଲ୍‌ଟେଜ ସିଟ୍ ୱାୟନାଡ଼ ଏବଂ ତିରୁଅନନ୍ତପୁରମରେ ମତଦାନ ହେବ। ୱାୟନାଡ଼ରେ ତ୍ରିକୋଣୀୟ ମୁକାବିଲା ହେବ। ଏଠାରୁ କଂଗ୍ରେସ ନେତା ରାହୁଲ ଗାନ୍ଧୀ, ବିଜେପିର କେ ସୁରେନ୍ଦ୍ରନ ଏବଂ ସିପିଆଇର ଅନି ରାଜାଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ। ସେହିପରି ତିରୁଅନନ୍ତପୁରମରେ କେନ୍ଦ୍ରମନ୍ତ୍ରୀ ରାଜୀବ ଚନ୍ଦ୍ରଶେଖର ଏବଂ କଂଗ୍ରେସ ସାଂସଦ ଶଶୀ ଥରୁରଙ୍କ ମଧ୍ୟରେ ମୁକାବିଲା ହେବ। ଏମାନଙ୍କ ବ୍ୟତୀତ ବିଜେପିର ହେମା ମାଳିନୀ (ମଥୁରା), ଅରୁଣ ଗୋଭିଲ (ମିରଟ), ଓମ୍ ବିର୍ଲା (କୋଟା), ତେଜସ୍ୱୀ ସୂର୍ଯ୍ୟା (ବେଙ୍ଗାଲୁରୁ ସାଉଥ), ନବନୀତ ରାଣା (ଅମରାବତୀ) ଏବଂ କଂଗ୍ରେସର ଭୂପେଶ ବଘେଲ (ରାଜନନ୍ଦନଗାଁଓ)ଙ୍କ ଭାଗ୍ୟ ପରୀକ୍ଷା ହେବ।

ଭିଭିପାଟ୍ ମାମଲାର ରାୟ ସଂରକ୍ଷିତ ରଖିଲେ ସୁପ୍ରିମକୋର୍ଟ

# ନିର୍ବାଚନକୁ ନିୟନ୍ତ୍ରଣ କରିପାରିବୁନି

ନୂଆଦିଲ୍ଲୀ, ୨୪।୪ (ଏଜେନ୍ସି)

କେବଳ ଇଭିଏମର କାର୍ଯ୍ୟକାରିତା ଉପରେ ସନ୍ଦେହ ଯୋଗୁଁ ସୁପ୍ରିମକୋର୍ଟ ନିର୍ବାଚନକୁ ନିୟନ୍ତ୍ରଣ କରିପାରିବେ ନାହିଁ। ଏ ନେଇ ନିର୍ଦ୍ଦେଶ ମଧ୍ୟ ଜାରି କରିପାରିବେ ନାହିଁ। ଇଲେକ୍‌ଟ୍ରୋନିକ ଭୋଟିଂ ମେସିନ (ଇଭିଏମ) ର ଭୋଟ ଏବଂ ଭୋଟର ଭେରିଫାଏବୁଲ ପେପର ଅଡିଟ ଟ୍ରେଲ (ଭିଭିପାଟ) ସ୍ଲିପ୍‌ର ଶହେ ପ୍ରତିଶତ ଯାଞ୍ଚ ଦାବି ଉପରେ ଦାଏର ଆବେଦନର ରାୟକୁ ରାୟ ସଂରକ୍ଷିତ ରଖି ସୁପ୍ରିମକୋର୍ଟ ଏହି ଟିପ୍ପଣୀ ଦେଇଛନ୍ତି। ନିର୍ବାଚନ ଫଳାଫଳକୁ ପ୍ରଭାବିତ କରିବା ପାଇଁ ଏହି ସବୁ ଉପକରଣକୁ ବ୍ୟବହାର କରାଯାଇପାରେ ବୋଲି ଆବେଦନରେ ଦାବି କରାଯାଇଥିଲା। ୪୨ ମିନିଟ୍ ପର୍ଯ୍ୟନ୍ତ ମାମଲାର ଶୁଣାଣି କରି ଜଷ୍ଟିସ ସଞ୍ଜୀବ ଖନ୍ନା ଏବଂ ଜଷ୍ଟିସ ଦୀପଙ୍କର ଦତ୍ତାଙ୍କ ଖଣ୍ଡପୀଠ କହିଥିଲେ ଯେ କୋର୍ଟ ଇଭିଏମ୍‌ର ଫାଇଦା ଉପରେ ସନ୍ଦେହ ପ୍ରକଟ କରୁଥିବା ଏବଂ ବାଲାଟ ପେପର ସପକ୍ଷରେ ମତ ଦେଉଥିବା ଲୋକଙ୍କ ବିଚାର ପ୍ରକ୍ରିୟାକୁ ବଦଳାଇପାରିବେ ନାହିଁ। ନିର୍ବାଚନ କମିଶନ (ଇସି)ଙ୍କୁ ପଚରା ଯାଇଥିବା ପ୍ରଶ୍ନର ସ୍ୱତଃ ଅବଧାରଣା ନେଇଥିଲେ। କୋର୍ଟ ଇସି ଅଧିକାରୀଙ୍କୁ ଇଭିଏମର କାର୍ଯ୍ୟପ୍ରଣାଳୀ ସମ୍ବନ୍ଧିତ ୫ଟି ପ୍ରଶ୍ନ ପଚାରି ଥିଲେ। ଇଭିଏମରେ ଲାଗିଥିବା ମାଇକ୍ରୋକଣ୍ଟ୍ରୋଲରକୁ ପୁଣିଥରେ ପ୍ରୋଗ୍ରାମ କରାଯାଇପାରିବ କି ବୋଲି ପଚାରି ଥିଲେ।



ତଥ୍ୟ ପାଇଁ ନିର୍ବାଚନ କମିଶନଙ୍କୁ ଭରସା କରିବାକୁ ପଡ଼ିବ

କୋର୍ଟ ଲୋକଙ୍କ ବିଚାର ପ୍ରକ୍ରିୟାକୁ ବଦଳାଇପାରିବେ ନାହିଁ

ଏହାର ଉତ୍ତର ଦେଇ ବରିଷ୍ଠ ଉପ-ନିର୍ବାଚନ କମିଶନର ନୀତେଶ କୁମାର ବ୍ୟାସ କହିଥିଲେ ଯେ ନିର୍ମାଣ ସମୟରେ କେବଳ ଏହାକୁ ଥରୁଟିଏ ପ୍ରୋଗ୍ରାମ କରାଯାଇଥାଏ। ଏହାକୁ ଇଭିଏମର ତିନୋଟି ୟୁନିଟି ବାଲାଟ, ଭିଭିପାଟ ଏବଂ କଣ୍ଟ୍ରୋଲ ୟୁନିଟରେ ଲଗା ଯାଇଥାଏ। ଦ୍ୱିତୀୟ ଥର ଏହାକୁ ପ୍ରୋଗ୍ରାମ କରାଯାଇପାରିବ ନାହିଁ। ସେହିପରି ଆସୋସିଏସନ ଫର ଡେମୋକ୍ରାଟିକ ରିଫର୍ମ୍ସ (ଏଡିଆର) ପକ୍ଷରୁ ବରିଷ୍ଠ ଓକିଲ ପ୍ରଶାନ୍ତ ଭୂଷଣ କହିଥିଲେ ଯେ ଇସିଙ୍କ ଅଧିକାରୀ ସମ୍ପୂର୍ଣ୍ଣ ଭାବେ ଠିକ୍ ନୁହଁନ୍ତି। ସେ ଏକ ଘରୋଇ ସଂଗଠନର ରିପୋର୍ଟ ଉଲ୍ଲେଖ କରି ମାଇକ୍ରୋକଣ୍ଟ୍ରୋଲରକୁ ପୁଣିଥରେ ପ୍ରୋଗ୍ରାମ କରାଯାଇପାରିବ ବୋଲି କହିଥିଲେ। ନିର୍ବାଚନୀ ଚିହ୍ନ ଥିବା ସ୍ଥାନରେ ଅନ୍ୟ ପ୍ରୋଗ୍ରାମକୁ ସହଜରେ ଅପଲୋଡ କରାଯାଇପାରିବ। ତେଣୁ ଇଭିଏମର ସ୍ୱଚ୍ଛତା ଉପରେ ଥିବା ସମସ୍ତ ସନ୍ଦେହକୁ ଦୂର କରାଯିବା ଉଚିତ।

ଏହା ଉପରେ ଜଷ୍ଟିସ ଖନ୍ନା କହିଥିଲେ ଯେ କୋର୍ଟଙ୍କୁ ଇସିଙ୍କ ତଥ୍ୟ ଏବଂ ସୂଚନାକୁ ଭରସା କରିବାକୁ ହେବ। ଯଦି ଆପଣ କୌଣସି ଜିନିଷକୁ ନେଇ ଭ୍ରମରେ ଅଛନ୍ତି ତେବେ କୋର୍ଟ କୌଣସି ସହାୟତା କରିପାରିବେ ନାହିଁ। ଆପଣଙ୍କ ଚିନ୍ତା କରିବାର ଶୈଳୀକୁ କୋର୍ଟ ବଦଳାଇ ଦେଇପାରିବେ ନାହିଁ। ସେହିପରି ଜଷ୍ଟିସ ଦତ୍ତା କହିଥିଲେ ଯେ କୋର୍ଟ ସନ୍ଦେହ ଆଧାରରେ ନିର୍ଦ୍ଦେଶ ଜାରି କରିପାରିବେ କି? ଆପଣ ଯେଉଁ ରିପୋର୍ଟର ଉଲ୍ଲେଖ କରୁଛନ୍ତି, ସେଥିରେ ଇଭିଏମରେ ଏ ପର୍ଯ୍ୟନ୍ତ ଜାଲିଆତିର କୌଣସି ମାମଲା ସାମ୍ନାକୁ ଆସିନାହିଁ ବୋଲି କୁହାଯାଇଛି। କୋର୍ଟ ନିର୍ବାଚନକୁ ନିୟନ୍ତ୍ରଣ କରିପାରିବେ ନାହିଁ। ଅନ୍ୟ ସାମ୍ବିଧାନିକ ସଂସ୍ଥାକୁ ମଧ୍ୟ ଆୟତ୍ତରେ ରଖିପାରିବେ ନାହିଁ। ଯଦି ଇଭିଏମରେ କିଛି ଭୁଲ୍ ହେଉଛି ତେବେ ଆଇନକୁ ଧ୍ୟାନରେ ରଖନ୍ତୁ ବୋଲି ସୁପ୍ରିମକୋର୍ଟ କହିଛନ୍ତି।

## ସୁପ୍ରିମକୋର୍ଟ ଗଲେ ରାଜ୍ୟ ସରକାର

ପଶ୍ଚିମବଙ୍ଗ ସରକାର କୋଲକାତା ହାଇକୋର୍ଟଙ୍କ ରାୟ ବିରୋଧରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ୨୦୧୬ରେ ହୋଇଥିବା ୨୪, ୬୪୦ ଶିକ୍ଷକ ନିଯୁକ୍ତି ରଦ୍ଦ କରିବା ନିର୍ଦ୍ଦେଶକୁ ବିରୋଧ କରିଛନ୍ତି। ଆସ୍ଥା ଶର୍ମାଙ୍କ ମାଧ୍ୟମରେ ଏହି ଆବେଦନ ଦାଏର କରାଯାଇଛି। ଆବେଦନରେ କୁହାଯାଇଛି ଯେ ବିଦ୍ୟାଳୟଗୁଡ଼ିକରେ ନୂଆ ଶିକ୍ଷା ବର୍ଷ ଆରମ୍ଭ ହେବାକୁ ଯାଉଛି। ତେଣୁ ଡବ୍ଲ୍ୟୁବିଏସ୍‌ଏସ୍‌ସି ନୂଆ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିବା ପର୍ଯ୍ୟନ୍ତ ଶିକ୍ଷକ ସଙ୍କଟ ସୃଷ୍ଟି ହେବ। ଏହା ପୂର୍ବରୁ ଗତ ୨୨ ତାରିଖରେ ଜଷ୍ଟିସ ଦେବାଙ୍ଗସୁ ବସାକ ଏବଂ ଜଷ୍ଟିସ ସବର ରସିଦିଙ୍କ ଖଣ୍ଡପୀଠ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାକୁ ବେଆଇନ ଦର୍ଶାଇ ରଦ୍ଦ କରିଦେଇଥିଲେ।

## ପତଞ୍ଜଳି ବିଜ୍ଞାପନ ମାମଲା; ପୁଣି କ୍ଷମା ପ୍ରାର୍ଥନା କଲେ ରାମଦେବ, ବାଲକୃଷ୍ଣ

ପତଞ୍ଜଳି କମ୍ପାନୀର ବିଭ୍ରାନ୍ତିକର ବିଜ୍ଞାପନ ପ୍ରସାରଣ ପ୍ରସଙ୍ଗରେ ଏହାର ଦୁଇ ପ୍ରମୁଖ ପୃଷ୍ଠପୋଷକ ବାବା ରାମଦେବ ଏବଂ ନିର୍ଦ୍ଦେଶକ ଆଚାର୍ଯ୍ୟ ବାଲକୃଷ୍ଣ ପୁଣିଥରେ କ୍ଷମା ପ୍ରାର୍ଥନା କରିଛନ୍ତି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ପତଞ୍ଜଳି କମ୍ପାନୀ ପକ୍ଷରୁ ଉଭୟ ବିଭିନ୍ନ ଖବର କାଗଜରେ ୬୭ରୁ ଅଧିକ ବିଜ୍ଞାପନ ଦେଇ କ୍ଷମା ପ୍ରାର୍ଥନା କରିଥିଲେ। କିନ୍ତୁ କ୍ଷମା ପ୍ରାର୍ଥନାର ଲେଖାର ଆକାରକୁ ନେଇ ଗତକାଲି ସୁପ୍ରିମକୋର୍ଟ ପ୍ରଶ୍ନ ଉଠାଇବା ସହିତ ବିଜ୍ଞାପନର ଆକାର ଯେତିକି ବଡ଼ ଥିଲା କ୍ଷମା ପ୍ରାର୍ଥନାର ଆକାର ସେତିକି ବଡ ଥିଲା କି ନାହିଁ ବୋଲି ପଚାରିଥିଲେ। ଏହାକୁ ଦୃଷ୍ଟିରେ ରଖି ରାମଦେବ ଏବଂ ଆଚାର୍ଯ୍ୟ ବାଲକୃଷ୍ଣ ବୁଧବାର ବିଭିନ୍ନ ଖବର କାଗଜରେ ପୁଣି ବଡ଼ ଆକାରରେ ଲେଖା ପ୍ରକାଶ କରି କ୍ଷମା ପ୍ରାର୍ଥନା କରିଛନ୍ତି।

## ଆଇଏମ୍‌ଏ, ଏଫ୍‌ଏମ୍‌ସିଜି କମ୍ପାନୀଙ୍କ ଉପରେ ବର୍ଷିଲେ

ଭ୍ରମାତ୍ମକ ବିଜ୍ଞାପନ ଦେଇ ପତଞ୍ଜଳି କମ୍ପାନୀ ଆଧୁନିକ ଚିକିତ୍ସା ବ୍ୟବସ୍ଥା ବିରୋଧରେ ଅପପ୍ରଚାର ଚଳାଇଛି ବୋଲି ଭାରତୀୟ ମେଡିକାଲ ସଂଘ(ଆଇଏମଏ) ଯେଉଁ ମାମଲା ରୁଜୁ କରିଥିଲା ତାହାର ଶୁଣାଣି ପରିପ୍ରେକ୍ଷୀରେ ସର୍ବୋଚ୍ଚ ନ୍ୟାୟାଳୟ ପତଞ୍ଜଳି କମ୍ପାନୀକୁ ଭର୍ତ୍ସନା କରିବା ସହିତ ଆଇଏମଏ ଉପରେ ମଧ୍ୟ ବର୍ଷିଛନ୍ତି। ଯେଉଁ ସଂଘ ପତଞ୍ଜଳି କମ୍ପାନୀ ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରିଛି ସେହି ସଂଘ ପ୍ରତି ଆଉ ଚାରୋଟି ଅଙ୍ଗୁଳି ରହିଛି ତାହା ଭୁଲିବା ଉଚିତ ନୁହେଁ ବୋଲି ସର୍ବୋଚ୍ଚ ନ୍ୟାୟାଳୟ ଆଇଏମଏକୁ ଦୃଷ୍ଟିରେ ରଖି କହିଛନ୍ତି। ଏହି ସଂଘ ତାହାର କାର୍ଯ୍ୟଶୈଳୀକୁ ଠିକ୍ ଭାବେ ପରିଚାଳନା କରିବା ସହିତ ସଂଘ ସଦସ୍ୟ ଥିବା ସମସ୍ତ ଏଲୋପାଥିକ ଡାକ୍ତରମାନେ ଯେଭଳି ଠିକ୍ ଆଭିମୁଖ୍ୟ ନେଇ କାର୍ଯ୍ୟ କରନ୍ତି ତାହାକୁ ନିଶ୍ଚିତ କରିବାକୁ କହିଛନ୍ତି। ଏହି ଡାକ୍ତରମାନେ ଅଧିକାଂଶ ସମୟରେ ଚିକିତ୍ସା ବେଳେ ରୋଗୀଙ୍କୁ ଅନାବଶ୍ୟକ ଔଷଧ ପାଇଁ ଚିଠା ଲେଖି ଅଯଥା ଖର୍ଚ୍ଚାନ୍ତ କରାଉଥିବାରୁ ସର୍ବୋଚ୍ଚ ନ୍ୟାୟାଳୟ କ୍ଷୋଭ ପ୍ରକାଶ କରିବା ସହିତ ଏହି ଧାରା ତୁରନ୍ତ ବନ୍ଦ ହେବା ଦରକାର ବୋଲି କହିଛନ୍ତି। ସେହିପରି ଏଫଏମସିଜି କମ୍ପାନୀଙ୍କ ପ୍ରତି ମଧ୍ୟ ସୁପ୍ରିମକୋର୍ଟ କଡ଼ା ଆଭିମୁଖ୍ୟ ରଖି କହିଛନ୍ତି ଯେ,ଏହି କମ୍ପାନୀଗୁଡିକ ଅଧିକାଂଶ ସମୟରେ ଭ୍ରମାତ୍ମକ ବିଜ୍ଞାପନ ଦେଉଛନ୍ତି। ଯାହାଦ୍ୱାରା ଏହିସବୁ କମ୍ପାନୀଙ୍କ ଉତ୍ପାଦ ବ୍ୟବହାର କରି ବିଶେଷକରି ଶିଶୁ, ସ୍କୁଲ ଯାଉଥିବା ପିଲା ଏବଂ ବୟସ୍କ ଲୋକ ମଧ୍ୟ ଅସୁବିଧାରେ ପଡୁଛନ୍ତି। ଏହି ଉତ୍ପାଦ ବ୍ୟବହାର କରିବା ଦ୍ୱାରା ସେମାନଙ୍କ ସ୍ୱାସ୍ଥ୍ୟ ପ୍ରଭାବିତ ହେଉଛି। ତେଣୁ ଏଫଏମସିଜି କ୍ଷେତ୍ରରେ କାର୍ଯ୍ୟ କରୁଥିବା ଡାକ୍ତରମାନେ ଏ ଦିଗରେ ସଚେତନ ହେବାକୁ ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି। ଏ ଦିଗରେ ତର୍ଜମା କରିବାକୁ ସୁପ୍ରିମକୋର୍ଟ ସବୁ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ଲାଇସେନ୍ସ କର୍ତ୍ତୃପକ୍ଷଙ୍କୁ ପକ୍ଷ କରିଥିଲା ବେଳେ ବିଭିନ୍ନ ସ୍ତରରେ ପ୍ରକାଶ କରାଯାଉଥିବା ଭ୍ରମାତ୍ମକ ବିଜ୍ଞାପନ ରୋକିବା ଦିଗରେ ଗତ ତିନି ବର୍ଷ ମଧ୍ୟରେ କି ପଦକ୍ଷେପ ନିଆଯାଇଛି ସେ ସମ୍ପର୍କରେ ସତ୍ୟପାଠ ଦାଖଲ କରିବାକୁ କେନ୍ଦ୍ର ମନ୍ତ୍ରାଳୟକୁ ନିର୍ଦ୍ଦେଶ ଦେଇଛନ୍ତି।

# ପୁଣି କଂଗ୍ରେସର ଚିନ୍ତା ବଢ଼ାଇଲେ ସାମ୍ ପିତ୍ରୋଡା

ନୂଆଦିଲ୍ଲୀ,୨୪।୪(ଏଜେନ୍ସି)

କଂଗ୍ରେସର ନିର୍ବାଚନୀ ଇସ୍ତାହାର 'ନ୍ୟାୟ ପତ୍ର'କୁ ନେଇ ଆରମ୍ଭ ହୋଇଥିବା ରାଜନୈତିକ ବିବାଦ ଏବେ ଆହୁରି ଜୋର ଧରିଛି। ସାମାଜିକ ସ୍ତରରେ ଲୋକମାନଙ୍କ ଆର୍ଥିକ ସମତୁଲତାକୁ ଗୁରୁତ୍ୱ ଦେଇ ଦଳ ନିଜ ନିର୍ବାଚନୀ ଘୋଷଣା ପତ୍ରରେ ଯେଉଁ ଆଭିମୁଖ୍ୟ ରଖିଥିଲା ସେ ସମ୍ପର୍କରେ ରାହୁଲ ଗାନ୍ଧୀ ହାଇଦରାବାଦ୍‌ରେ ଏକ ନିର୍ବାଚନୀ ସଭାରେ ଯାହା କହିଥିଲେ ତାହାକୁ ବିଜେପି ନିଶାଣ କରିଥିଲା। ରାହୁଲଙ୍କ ମନ୍ତବ୍ୟକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରାଜନୈତିକ ଚାଲ ଖେଳିଥିଲେ। କଂଗ୍ରେସ କ୍ଷମତାକୁ ଆସିଲେ ଯେଉଁମାନଙ୍କ ଅଧିକ ଧନ ସମ୍ପତ୍ତି ରହିଛି ସେମାନଙ୍କ ଠାରୁ ସମ୍ପତ୍ତି ନିଆଯାଇ ଦୁର୍ବଳ ଶ୍ରେଣୀଙ୍କୁ ଦେବାକୁ ଦଳ ମସୁଧା କରିଛି ବୋଲି ମୋଦୀ କହିଥିଲେ। କେବଳ ସେତିକି ନୁହେଁ; କଂଗ୍ରେସ ଏହି ସମ୍ପତ୍ତି ଏକ ନିର୍ଦ୍ଦିଷ୍ଟ ବର୍ଗ ଏବଂ ଦେଶରେ ବେଆଇନ ଭାବେ ରହୁଥିବା ଲୋକଙ୍କ ଭିତରେ ବାଣ୍ଟିଦେବାକୁ ଚାହୁଁଛି ବୋଲି ମୋଦୀ କହିବା ପରେ ରାଜନୈତିକ ସ୍ତରରେ ବିବାଦ ତେଜିଥିଲା। କିନ୍ତୁ ଏହି ପ୍ରସଙ୍ଗରେ ପୁଣି ଘିଅ ଢାଳିଛନ୍ତି କଂଗ୍ରେସର ଦରିଆ ପାରି ସାଂଗଠନିକ ମୁଖ୍ୟ ସାମ୍ ପିତ୍ରୋଡା। ଆମେରିକା ଭଳି ଭାରତରେ ଉତ୍ତରାଧିକାରୀ ଟିକସ(ଇନ୍‌ହେରିଟାନ୍ସ ଟ୍ୟାକ୍ସ) ଆରମ୍ଭ ହେବା ଉଚିତ ବୋଲି ପିତ୍ରୋଡା କହିବା ପରେ ଏହାକୁ ବିଜେପି ପୁଣିଥରେ ନିଶାଣ କରିଛି। ଉଲ୍ଲେଖଯୋଗ୍ୟ ଯେ, ଆମେରିକାରେ ଜଣେ ଯେଉଁ ପରିମାଣ ସମ୍ପତ୍ତିର ଅଧିକାରୀ ହୋଇଥାଆନ୍ତି ମୃତ୍ୟୁ ପରେ ସଂପୃକ୍ତ ବ୍ୟକ୍ତିଙ୍କ ସମ୍ପତ୍ତି ମୂଲ୍ୟର ଅନ୍ୟୂନ ୫୫ ପ୍ରତିଶତ ସରକାରୀ ଖାତାକୁ ଟିକସ ଭାବେ ଚାଲି ଯାଇଥାଏ। ଭାରତରେ ମଧ୍ୟ ଏହି ବ୍ୟବସ୍ଥା ଆରମ୍ଭ ହେବା ଉଚିତ ବୋଲି ପିତ୍ରୋଡା କହିବା ପରେ କଂଗ୍ରେସର ପ୍ରକୃତ ଉଦ୍ଦେଶ୍ୟ ଧରାପଡ଼ିଯାଇଛି ବୋଲି ବିଜେପି କହିଛି। ଏହାକୁ ପ୍ରସଙ୍ଗ କରି ପ୍ରଧାନମନ୍ତ୍ରୀ ମୋଦୀ କଂଗ୍ରେସକୁ ନିଶାଣ କରି ବର୍ଷିବା ପରେ କଂଗ୍ରେସର ସମସ୍ୟା ବଢିଯାଇଛି। ତେବେ ପିତ୍ରୋଡାଙ୍କ ମନ୍ତବ୍ୟ ବ୍ୟକ୍ତଗତ ଏବଂ ଏହାସହିତ ଦଳ କୌଣସି ଆଭିମୁଖ୍ୟ ରଖି ନାହିଁ ବୋଲି କଂଗ୍ରେସ କହିବା ସହିତ ଏହି ପ୍ରସଙ୍ଗରୁ ନିଜକୁ ଦୂରେଇ ରଖିଛି।



ଉତ୍ତରାଧିକାର ଟିକସ ମନ୍ତବ୍ୟକୁ ନେଇ ନିଶାଣକଲା ବିଜେପି

ପିତ୍ରୋଡାଙ୍କ ମନ୍ତବ୍ୟ ଠାରୁ ଦୂରେଇଲା କଂଗ୍ରେସ

## ସୁପ୍ରିମକୋର୍ଟ ଗଲେ ହେମନ୍ତ ସୋରେନ

ନୂଆଦିଲ୍ଲୀ, ୨୪।୪ (ଏଜେନ୍ସି): ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେ ଝାଡ଼ଖଣ୍ଡ ହାଇକୋର୍ଟଙ୍କ ବିରୋଧରେ ଏହି ଆବେଦନ କରିଛନ୍ତି। ଇଡିର ଗିରଫକୁ ବିରୋଧ କରି ସେ ଦାଏର କରିଥିବା ଆବେଦନ ଉପରେ ହାଇକୋର୍ଟ ନିଷ୍ପତ୍ତି ଶୁଣାଉ ନାହାନ୍ତି ବୋଲି କହିଛନ୍ତି। ସୋରେନଙ୍କ ଓକିଲ କପିଲ ସିବଲ ଜଷ୍ଟିସ ସଞ୍ଜୀବ ଖନ୍ନା ଏବଂ ଜଷ୍ଟିସ ଦୀପାଙ୍କର ଦତ୍ତାଙ୍କ ଖଣ୍ଡପୀଠକୁ କହିଛନ୍ତି ଯେ ହାଇକୋର୍ଟ ତାଙ୍କ ଆବେଦନ ଉପରେ ଫେବୃଆରୀ ୨୮ ରେ ରାୟ ସଂରକ୍ଷିତ ରଖିଥିଲେ। କିନ୍ତୁ ଏ ପର୍ଯ୍ୟନ୍ତ କୌଣସି ନିଷ୍ପତ୍ତି ଦିଆଯାଇ ନାହିଁ।

# ନିର୍ବାଚନୀ ବଣ୍ଡ ସ୍କିମ୍‌ର ଏସ୍‌ଆଇଟି ତଦନ୍ତ ଦାବି

ନୂଆଦିଲ୍ଲୀ, ୨୪।୪(ଏଜେନ୍ସି)

ନିର୍ବାଚନୀ ବଣ୍ଡ(ଇବି) ସ୍କିମରେ 'ଦିଅ ଓ ନିଅ' ବା କ୍ୱିଡ୍ ପ୍ରୋ କ୍ୱୋ'ର ଅନେକ ପ୍ରମାଣ ରହିଥିବାରୁ ନ୍ୟାୟିକ ତଦାରଖରେ ତାହାର ଯାଞ୍ଚ୍ ପାଇଁ ଆଦେଶ ଦିଆଯାଉ ଓ ଏହି ଯାଞ୍ଚ୍ କରିବାକୁ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସଆଇଟି) ଗଢ଼ାଯାଉ ପ୍ରାର୍ଥନା କରି ସୁପ୍ରିମକୋର୍ଟରେ ଏକ ପିଟିସନ୍ ବିଶିଷ୍ଟ ଆଡଭୋକେଟ୍ ପ୍ରଶାନ୍ତ ଭୂଷଣଙ୍କ ଦ୍ୱାରା ଗତ ୧୮ ତାରିଖରେ ଫାଇଲ୍ ହୋଇଛି। ନନ୍-ପ୍ରଫିଟ୍ ଅନୁଷ୍ଠାନ କମନ୍ କଜ୍ ଓ ସେଣ୍ଟର ଫର୍ ପବ୍ଲିକ୍ ଇଣ୍ଟେରେଷ୍ଟ ଲିଟିଗେସନ୍(ସିପିଆଇଏଲ) ପକ୍ଷରୁ ପ୍ରଶାନ୍ତ ଭୂଷଣ ଏହି ପିଟିସନ୍ ଦାଖଲ କରିଛନ୍ତି। ଅନ୍ୟୂନ ୨୦ଟି କମ୍ପାନୀ ଓ ବ୍ୟବସାୟିକ ପ୍ରତିଷ୍ଠାନ ସେମାନେ ବ୍ୟବସାୟ ଆରମ୍ଭ କରିବାର ତିନି ବର୍ଷ ନପୁରୁଣୁ ରାଜନୈତିକ ଦଳଙ୍କୁ ୧୦୦ କୋଟିରୁ ଅଧିକ ଟଙ୍କାର ଇବି ଦେଇଛନ୍ତି ଯାହା କମ୍ପାନୀ ଆଇନର ଧାରା ୧୮୨(୧) ଅନୁଯାୟୀ ଅସିଦ୍ଧ। ଅଧିକାଂଶ କର୍ପୋରେଟ୍ ଦାତା ନିଜ ବ୍ୟାବସାୟିକ/ଆର୍ଥିକ ଫାଇଦା ପାଇଁ କିମ୍ବା ସିବିଆଇ/ଇଡି/ଇନକମ୍ ଟ୍ୟାକ୍ସ ଭଳି କେନ୍ଦ୍ରୀୟ ଯାଞ୍ଚ୍ ଏଜେନ୍ସିଙ୍କ କାର୍ଯ୍ୟାନୁଷ୍ଠାନ ଭୟରେ ରାଜନୈତିକ ଦଳଙ୍କୁ କ୍ୱିଡ୍ ପ୍ରୋ କ୍ୱୋ'ର ଲବି କରି ଇବି ଦେଇଛନ୍ତି। ଏଥିରେ ରାଜନୈତିକ ଦଳ, କର୍ପୋରେଟସ୍, ଉଚ୍ଚପଦସ୍ଥ ସରକାରୀ କାର୍ଯ୍ୟକର୍ତ୍ତା ସଂପୃକ୍ତ ଅଛନ୍ତି। ସମ୍ବିଧାନର ଧାରା ୧୪ ଯାହା ନାଗରିକଙ୍କୁ ସମାନତା ଓ ସମାନ ସୁରକ୍ଷାର ଗ୍ୟାରେଣ୍ଟି ଦିଏ ଓ ଧାରା ୨୧ ଯାହା ଜୀବନ ଓ ମୁକ୍ତିର ଗ୍ୟାରେଣ୍ଟି ଦିଏ-ଏହି ଉଭୟ ଧାରାର ଘୋର ଉଲ୍ଲଂଘନ ହୋଇଛି। ନୀତି, ସିଦ୍ଧାନ୍ତ ଓ ନିୟନ୍ତ୍ରଣ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବାକୁ ସରକାରଙ୍କୁ ମନାଇବା ପାଇଁ ଇବି ଦିଆଯାଇଛି। ଲକ୍ଷାଧିକ କୋଟି ଟଙ୍କାର କଣ୍ଟ୍ରାକ୍ଟ ଦିଆଯାଇଛି ଓ କଣ୍ଟ୍ରାକ୍ଟ ପାଇଥିବା ସଂସ୍ଥା/କମ୍ପାନୀ/କର୍ପୋରେଟ୍ ପ୍ରତିବଦଳରେ ଦେଇଛନ୍ତି ସହସ୍ରାଧିକ କୋଟି ଟଙ୍କାର ଇବି ଯାହା ବିଶୁଦ୍ଧ ଲାଞ୍ଚ। ନିମ୍ନ ମାନର ଔଷଧ ବିକ୍ରିକୁ ଅନୁମତି ଦିଆଯାଇ ନିୟୁତ ନିୟୁତ ଲୋକଙ୍କ ଜୀବନକୁ ବିପଦାପନ୍ନ କରାଯାଇଛି ଓ ନିମ୍ନ ମାନର ଔଷଧ ନିର୍ମାତା କମ୍ପାନୀ କ୍ଷମତାରେ ଥିବା ଓ ନଥିବା ବିଭିନ୍ନ ରାଜନୈତିକ ଦଳକୁ ଇବି ଦେଇଛି ଯେପରିକି କୌଣସି ଦିଗରୁ ଆପତ୍ତି ଉଠିବ ନାହିଁ। ପ୍ରୋଟାକ୍ସନ ମନି ଭାବେ ଇବି ଦିଆଯାଇଛି। କ୍ଷତିରେ ଚାଲୁଥିବା ଓ ଅସ୍ତିତ୍ୱ ନଥିବା କମ୍ପାନୀ ମଧ୍ୟ ଇବି ଦେଇଛି। ଇବି ସ୍କିମକୁ ଦେଶର ଏପରିକି ବିଶ୍ୱର ସବୁଠାରୁ ବଡ଼ ଆକାରର ସ୍କାମ୍ ବୋଲି ଅନେକ ବିଶିଷ୍ଟ ବ୍ୟକ୍ତି ମତ ଦେଉଛନ୍ତି।

ଏହି ପ୍ରକାଣ୍ଡ ଦୁର୍ନୀତିରେ ସରକାରୀ ଯାଞ୍ଚ ଏଜେନ୍ସିଙ୍କ ସଂପୃକ୍ତି ଥିବାରୁ ସେମାନଙ୍କ ଦ୍ୱାରା ତଦନ୍ତ କରାଇଲେ ତଦନ୍ତ ନିରପେକ୍ଷ ନହୋଇ ଦିଗଭ୍ରଷ୍ଟ ହେବା ଆଶଙ୍କା ରହୁଛି। ତେଣୁ ଇବି ସ୍କିମ୍ ତଦନ୍ତ ପାଇଁ ଏସଆଇଟି ଗଠନ ହିଁ ସର୍ବୋତ୍ତମ ଉପାୟ। ୨ଜି ଓ କୋଇଲା ଘୋଟାଲାରେ ଯାଞ୍ଚ୍ ପାଇଁ ଏସଆଇଟି ଗଠିତ ହୋଇଥିଲା ଓ ନ୍ୟାୟିକ ତଦାରଖରେ ତଦନ୍ତ ହୋଇଥିଲା। ଇବି ସ୍କିମ୍ ଯାଞ୍ଚ୍ ପାଇଁ ଅନୁରୂପ ଏସଆଇଟି ଗଢ଼ାଯାଇ ନ୍ୟାୟିକ ତଦାରଖରେ ତଦନ୍ତ ପାଇଁ ଆଦେଶ ଦେବାକୁ ପିଟିସନରେ ନିବେଦନ କରାଯାଇଛି।




- ସୁପ୍ରିମକୋର୍ଟ ଗଲା ସିପିଆଇଏଲ୍
- ଦୁର୍ନୀତିରେ ସରକାରୀ ଯାଞ୍ଚ ଏଜେନ୍ସିଙ୍କ ସଂପୃକ୍ତି ଅଭିଯୋଗ

■ ଅଜିତ ପାୱାରଙ୍କ ପତ୍ନୀଙ୍କୁ ବଡ଼ ଆଶ୍ୱସ୍ତି ଦେଲା ଇଓଡବ୍ଲ୍ୟୁ

## ୨୫ ହଜାର କୋଟିର ଦୁର୍ନୀତି ମାମଲାରେ କ୍ଲିନ୍‌ଚିଟ୍



ମୁମ୍ବାଇ, ୨୪।୪ (ଏଜେନ୍ସି): ମହାରାଷ୍ଟ୍ର ଉପ-ମୁଖ୍ୟମନ୍ତ୍ରୀ ଅଜିତ ପାୱାର ଏବଂ ତାଙ୍କ ପତ୍ନୀ ତଥା ଏନ୍‌ଡିଏର ବାରାମତୀ ସାଂସଦ ପ୍ରାର୍ଥୀ ସୁନେତ୍ରା ପାୱାରଙ୍କୁ ବଡ଼ ଆଶ୍ୱସ୍ତି ମିଳିଛି। ମହାରାଷ୍ଟ୍ର ଷ୍ଟେଟ କୋଅପରେଟିଭ ବ୍ୟାଙ୍କ (ଏମଏସସିବି) ସମ୍ବନ୍ଧିତ ୨୫ ହଜାର କୋଟି ଟଙ୍କାର ଦୁର୍ନୀତି ମାମଲାରେ ମୁମ୍ବାଇ ପୁଲିସର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ତାଙ୍କୁ କ୍ଲିନ୍‌ଚିଟ୍ ଦେଇଛି। ଗତ ଜାନୁଆରୀରେ ଏହି ମାମଲାର କ୍ଲୋଜର ରିପୋର୍ଟ ଦାଖଲ କରାଯାଇଥିଲା। ଏହା ଏବେ ସାମ୍ନାକୁ ଆସିଛି। ଇଓଡବ୍ଲ୍ୟୁ ପକ୍ଷରୁ କୁହାଯାଇଛି ଯେ ଏମ୍‌ଏସ୍‌ସିବି ମାମଲାରେ ସୁନେତ୍ରା ଏବଂ ତାଙ୍କ ସ୍ୱାମୀଙ୍କ ସମ୍ବନ୍ଧିତ କାରବାରରେ କୌଣସି ଆପରାଧିକ କାର୍ଯ୍ୟ କରାଯାଇ ନାହିଁ। ଋଣ ଦେବା ପ୍ରକ୍ରିୟାରେ କିମ୍ବା ଅଜିତ ପାୱାରଙ୍କ ଝାଡ଼େଶ୍ୱରୀ ସୁଗାର ମିଲ୍ ବିକ୍ରି କରିବାରେ ବ୍ୟାଙ୍କର କୌଣସି କ୍ଷତି ହୋଇନାହିଁ ବୋଲି କୁହାଯାଇଛି। ସୂଚନାଯୋଗ୍ୟ ଯେ ଅଜିତ ପାୱାର ନିଜ ଦାଦା ଶରଦ ପାୱାରଙ୍କ ବିରୋଧରେ ବିଦ୍ରୋହ କରି ଏନ୍‌ସିପିର କିଛି ନେତାଙ୍କୁ ଧରି ମହାରାଷ୍ଟ୍ରର ସରକାରୀ ମେଣ୍ଟରେ ସାମିଲ ହୋଇଥିଲେ। ଏବେ ସୁନେତ୍ରା ଏନ୍‌ଡିଏ ଟିକଟରୁ ନିଜ ନଣନ୍ଦ ତଥା ଶରଦଙ୍କ ଝିଅ ସୁପ୍ରିୟା ସୁଲେଙ୍କ ବିରୋଧରେ ମୈଦାନକୁ ଓହ୍ଲାଇଛନ୍ତି। ଏହି କ୍ଲୋଜର ରିପୋର୍ଟ ବିରୋଧୀଙ୍କୁ ଅଧିକ ଶକ୍ତି ଦେଇଛି। ବିଜେପି କେନ୍ଦ୍ରୀୟ ଏଜେନ୍ସି ଏବଂ ପୁଲିସ ବାହିନୀକୁ ବ୍ୟବହାର କରି ବିରୋଧୀ ଦଳ ନେତାଙ୍କୁ ନିଶାଣ କରୁଥିବା ଅଭିଯୋଗ ହୋଇଆସୁଛି। ମାତ୍ର ବିଜେପିରେ ସାମିଲ ହେଉଥିବା ନେତାମାନଙ୍କ ମାମଲାର ତଦନ୍ତକୁ ବିଳମ୍ବିତ କରାଯାଉଛି କିମ୍ବା କ୍ଲିନ୍‌ଚିଟ୍ ଦିଆଯାଉଛି।

**ରୂପାନ୍ତରଣର ଅମୃତ ସ୍ପର୍ଶ**

# ଗଞ୍ଜାମ ଜିଲ୍ଲାରେ ବିକାଶର ଜୟଯାତ୍ରା

- ମା' ତାରାତାରିଣୀ ପୀଠରୁ ଆରମ୍ଭ ହୋଇଥିଲା ରୂପାନ୍ତରଣ କାର୍ଯ୍ୟକ୍ରମ
- ୫୦୦୦ କୋଟିର ଜଳସେଚନ, ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟାନ୍ୱୟନ
- ୧.୮୪ ଲକ୍ଷ ଏକର ଜମିକୁ ଜଳ ଯୋଗାଇବ ୧୩୦୦ କୋଟିର ପ୍ରକଳ୍ପ
- ୨୭୦୦୦ କୋଟିରେ ଗୋପାଳପୁରରେ ଗ୍ରୀନ୍ ଆମୋନିଆ ପ୍ରକଳ୍ପ
- 'ସମୃଦ୍ଧିର ମାର୍ଗ' ହେବ ବ୍ରହ୍ମପୁର-ଜୟପୁର ବିଜୁ ଏକ୍ସପ୍ରେସ ୱେ
- ସ୍ୱାସ୍ଥ୍ୟ କ୍ରୀଡ଼ା ଭିତ୍ତିଭୂମିକୁ ଗୁରୁତ୍ୱ, ବଦଳୁଛି ଶିକ୍ଷା ଓ ପର୍ଯ୍ୟଟନ କ୍ଷେତ୍ର ସ୍ୱରୂପ

**ଭୁବନେଶ୍ୱର, ୨୪।୪(ସମିସ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ସବୁ ଅଞ୍ଚଳର ସମବିକାଶକୁ ପ୍ରାଧାନ୍ୟ ଦେଇ ଆସିଛନ୍ତି। ଗଞ୍ଜାମ ଜିଲ୍ଲାରୁ ଆରମ୍ଭ ହୋଇଥିବା ରୂପାନ୍ତରଣ ଧାରା ସମଗ୍ର ରାଜ୍ୟକୁ ପରିବ୍ୟାପ୍ତ ହୋଇଛି। ଗଞ୍ଜାମର ସର୍ବାଙ୍ଗୀଣ ବିକାଶ ସବୁବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରାଥମିକତା ରହିଥିବା ବେଳେ ଏହା ତୃଣମୂଳ ସ୍ତରରେ ମଧ୍ୟ ପ୍ରତିଫଳିତ ହୋଇଛି। ମା' ତାରାତାରିଣୀଙ୍କ ପୀଠରୁ ରାଜ୍ୟ ସରକାର ନିଜର ରୂପାନ୍ତରଣ ଯାତ୍ରା କରିଥିଲେ, ଏହା ଓଡ଼ିଶାର କୋଣ ଅନୁକୋଣରେ ଜାରି ରହିଛି। ରୂପାନ୍ତରିତ ଓଡ଼ିଶାର ଜୟଯାତ୍ରାରେ ଗଞ୍ଜାମ ଅନ୍ୟତମ ଅଗ୍ରଣୀ ଜିଲ୍ଲା ହୋଇଥିବା ବେଳେ ଆଗାମୀ ଦିନରେ ଏହା ବିକାଶର ଶ୍ରେଷ୍ଠ ସୋପାନକୁ ଛୁଇଁବ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

ଗମନାଗମନଠାରୁ ଆରମ୍ଭ କରି ଶିକ୍ଷା, ସ୍ୱାସ୍ଥ୍ୟ, ଭିତ୍ତିଭୂମି ନିର୍ମାଣ ଓ ପର୍ଯ୍ୟଟନ କ୍ଷେତ୍ରରେ ଗଞ୍ଜାମ ଆହୁରି ପ୍ରଗତି ହାସଲ କରିବ ସେ ନେଇ ମୁଖ୍ୟମନ୍ତ୍ରୀ ସଦା ତତ୍ପର ଅଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ମାର୍ଗଦର୍ଶନରେ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ନେତୃତ୍ୱରେ ଗଞ୍ଜାମର ନବନିର୍ମାଣ ଜାରି ରହିଛି। ରାଜ୍ୟବ୍ୟାପୀ ପ୍ରମୁଖ ଧର୍ମପୀଠ ଏବଂ ପର୍ଯ୍ୟଟନସ୍ଥଳର ରୂପାନ୍ତରଣ ପାଇଁ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେଇଥିବା ବେଳେ ଏହା ଗଞ୍ଜାମରୁ ହିଁ ଅୟମାରମ୍ଭ ହୋଇଥିଲା। ଜିଲ୍ଲାରେ ଯେପରି ଜଳସେଚନକୁ ଅଧିକରୁ ଅଧିକ ବଳ ମିଳିପାରିବ ସେନେଇ ମୁଖ୍ୟମନ୍ତ୍ରୀ କ୍ରମାଗତ ଭାବେ କାମ କରି ଆସୁଛନ୍ତି। ଜିଲ୍ଲାରେ ବର୍ତ୍ତମାନ ୫ ହଜାର କୋଟି ଟଙ୍କା ମୂଲ୍ୟରେ ଜଳସେଚନ, ପାନୀୟ ଜଳ ପ୍ରକଳ୍ପ ଜାରି ରହିଛି। ସୋରଡ଼ା ବ୍ଲକରେ ପିପଳପଙ୍କ ଡ୍ୟାମ, ଧରାକୋଟ ବ୍ଲକରେ ଜାନିଭିଲ୍ଲୀ ବ୍ୟାରେଜ ଏବଂ ଦିଗପହଣ୍ଡି ବ୍ଲକରେ ଛେଳିଗଡ଼ ଜଳସେଚନ ପ୍ରକଳ୍ପ ଜିଲ୍ଲାର ଜଳସେଚନ ବ୍ୟବସ୍ଥାକୁ ଏକ ସମ୍ପୂର୍ଣ୍ଣ ନୂଆ ରୂପ ଦେବାକୁ ଯାଉଛି। ପ୍ରାୟ ୧୩୦୦ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ଉପରୋକ୍ତ ପ୍ରକଳ୍ପ ଦ୍ୱାରା ଜିଲ୍ଲାର ପ୍ରାୟ ୧.୮୪ ଲକ୍ଷ ଏକର ଜମିକୁ ଜଳ ଯୋଗାଇବ। କେବଳ ଜଳସେଚନ ନୁହେଁ, ପିଇବା ପାଣିକୁ ମଧ୍ୟ ସମାନ ଭାବରେ ଗୁରୁତ୍ୱ ଦେଉଛନ୍ତି ରାଜ୍ୟ ସରକାର। ଜିଲ୍ଲାରେ ମେଗା ପାଇପ ପାଣି ଜଳଯୋଗାଣ ପ୍ରକଳ୍ପରେ ୭୭୦ କୋଟି ଟଙ୍କା ଖର୍ଚ୍ଚ କରାଯାଇଥିବା ବେଳେ ଏହାଦ୍ୱାରା ୬ ବ୍ଲକର ଜନସାଧାରଣ ଉପକୃତ ହେବାକୁ ଯାଉଛନ୍ତି।

ଗତ ଫେବ୍ରୁଆରୀରେ ମୁଖ୍ୟମନ୍ତ୍ରୀ ଗୋପାଳପୁରଠାରେ ଗ୍ରୀନ୍ ଆମୋନିଆ ଏବଂ ଗ୍ରୀନ ହାଇଡ୍ରୋଜେନ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଆମୋନିଆ ପ୍ରକଳ୍ପରେ ୨୭୦୦୦ କୋଟି ଟଙ୍କା ଓ ଗ୍ରୀନ୍ ହାଇଡ୍ରୋଜେନ ପ୍ରକଳ୍ପରେ ୮୦୦୦ କୋଟି ଟଙ୍କା ନିବେଶ ହେବ। ଯାହାଦ୍ୱାରା ହଜାର ହଜାର ସଂଖ୍ୟାରେ ଯୁବକ ଯୁବତୀଙ୍କୁ ନିଯୁକ୍ତି ମିଳିପାରିବ। ସେହିପରି ସ୍ୱାସ୍ଥ୍ୟସେବାକୁ ଗୁରୁତ୍ୱ ଦେଇ ଶୀତଳପଲ୍ଲୀଠାରେ ୨୦୦ ଶଯ୍ୟା ବିଶିଷ୍ଟ ସୁପର ସ୍ପେଶିଆଲିଟି ହସ୍ପିଟାଲକୁ ମଧ୍ୟ ମୁଖ୍ୟମନ୍ତ୍ରୀ ଲୋକାର୍ପିତ କରିଛନ୍ତି। କ୍ରୀଡ଼ା କ୍ଷେତ୍ରରେ ଗଞ୍ଜାମ ଜିଲ୍ଲାରୁ ଅନ୍ତର୍ଜାତୀୟସ୍ତରର କ୍ରୀଡ଼ାବିତ୍ ବାହାରି ଥିବାବେଳେ କ୍ରୀଡ଼ା ଭିତ୍ତିଭୂମିକୁ ସମାନ ଭାବେ ଗୁରୁତ୍ୱ ଦିଆଯାଇ ଆସୁଛି। ଜିଲ୍ଲାର ଦିଗପହଣ୍ଡି ଏନଏସିରେ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମ ନିର୍ମାଣାଧୀନ ରହିଛି ଓ ଅନ୍ୟ ସ୍ଥାନଗୁଡ଼ିକରେ ମଧ୍ୟ କ୍ରୀଡ଼ା ବିକାଶ ପାଇଁ ଇନ୍‌ଡ଼ୋର ଷ୍ଟାଡ଼ିଅମ ନିର୍ମାଣ ଚାଲିଛି। ଶେରଗଡ଼କୁ ମଧ୍ୟ ନିକଟରେ ମୁଖ୍ୟମନ୍ତ୍ରୀ ଏନଏସିର ମାନ୍ୟତା ଦେଇଛନ୍ତି।

ସୁଦୃଢ଼ ଗମନାଗମନ ବ୍ୟବସ୍ଥା ରାଜ୍ୟ ସରକାରଙ୍କ ସବୁବେଳେ ପ୍ରାଥମିକତା ଥିବାବେଳେ ଗଞ୍ଜାମ ଏ କ୍ଷେତ୍ରରେ ଅଗ୍ରାଧିକାର ପାଇଛି। ବିଜୁ ଏକ୍ସପ୍ରେସ ୱେ ଗମନାଗମନ କ୍ଷେତ୍ରରେ ରାଜ୍ୟରେ ଅଭୂତପୂର୍ବ ପରିବର୍ତ୍ତନ ଆଣିଥିବା ବେଳେ ସ୍ଥାନୀୟ ଅଞ୍ଚଳର ସାମାଜିକ-ଅର୍ଥନୈତିକ-ସାଂସ୍କୃତିକ ବିକାଶରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିଛି। ରାଜ୍ୟ ସରକାର ବିଜୁ ଏକ୍ସପ୍ରେସ ୱେ ନିର୍ମାଣ ଆରମ୍ଭ କରିଥିବା ବେଳେ ଏହା ଗଞ୍ଜାମର ବ୍ରହ୍ମପୁରରୁ ଜୟପୁରକୁ ଯୋଡ଼ିବ। ମୋଟ ୩୦୫ କୋଟି ଟଙ୍କାରେ ଏହି ଏକ୍ସପ୍ରେସ ୱେ ନିର୍ମାଣ ହେବାକୁ ଥିବାବେଳେ ଏଥିପାଇଁ ୭୦୦୦ କୋଟି ଟଙ୍କା ଖର୍ଚ୍ଚ ହେବ। ଏହି ରାଜପଥ ଗଞ୍ଜାମ ସହ ସମ୍ପୂର୍ଣ୍ଣ ଦକ୍ଷିଣ ଓଡ଼ିଶାର ସମୃଦ୍ଧିର ମାର୍ଗରେ ପରିଣତ ବୋଲି କୁହାଯାଉଛି। କେବଳ ଏତିକି ନୁହେଁ ଜିଲ୍ଲାବ୍ୟାପୀ ସ୍କୁଲ, କଲେଜର ରୂପାନ୍ତରଣ, ମା ବୁଢ଼ିଠାକୁରାଣୀ ପୀଠଠାରୁ ଆରମ୍ଭ କରି ବିଭିନ୍ନ ପର୍ଯ୍ୟଟନସ୍ଥଳୀର ଉନ୍ନତିକରଣକୁ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟକାରୀ କରୁଛନ୍ତି ରାଜ୍ୟ ସରକାର। ଯାହା ଜିଲ୍ଲାର ବିକାଶ ପ୍ରକ୍ରିୟାକୁ ଆଗାମୀ ଦିନରେ ଏକ ନୂଆ ଦିଗନ୍ତ ପ୍ରଦାନ କରିବାକୁ ଯାଉଛି ବୋଲି ସ୍ଥାନୀୟ ଜନସାଧାରଣ ମତବ୍ୟକ୍ତ କରିଛନ୍ତି।

**ଅକ୍ଷୟ ତୃତୀୟା, ଚନ୍ଦନ ଯାତ୍ରା ନୀତି ନିର୍ଘଣ୍ଟ**

# ଅପରାହ୍ନ ୪ଟାରେ ରଥଖଳାକୁ ଆଜ୍ଞାମାଳ ବିଜେ

**ପୁରୀ,୨୪।୪(ସମିସ):** ଆସନ୍ତା ମେ ୧୦ ତାରିଖରେ ପବିତ୍ର ଅକ୍ଷୟ ତୃତୀୟା। ଏହି ଦିନଠାରୁ ଆରମ୍ଭ ହେବ ମହାପ୍ରଭୁଙ୍କ ତିନିରଥ ନିର୍ମାଣ ଏବଂ ଚନ୍ଦନ ଯାତ୍ରା। ଏହା ପରେ ପରେ ନୀଳାଦ୍ରି ମହୋଦୟାଷ୍ଟମୀ, ନୃସିଂହ ଜନ୍ମ ଓ ଭଉଁରୀ ଅନୁଷ୍ଠିତ ହେବ। ଏହିସବୁ ନୀତିକାନ୍ତି କିପରି ଶୃଙ୍ଖଳିତ ଭାବେ ସମ୍ପନ୍ନ କରାଯିବ ସେଥିଲାଗି



ବୁଧବାର ଅନୁଷ୍ଠିତ ହୋଇଥିଲା ଛତିଶା ନିଯୋଗ ବୈଠକ। ଅପରାହ୍ନରେ ନୀଳାଦ୍ରି ଭକ୍ତ ନିବାସରେ ଅନୁଷ୍ଠିତ ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀରବିକ୍ରମ ଯାଦବ ଅଧ୍ୟକ୍ଷତା କରିଥିଲେ। ଏଥିରେ ଅକ୍ଷୟ ତୃତୀୟା, ଚନ୍ଦନ ଯାତ୍ରା, ଭଉଁରୀ ଯାତ୍ରା, ନୀଳାଦ୍ରି ମହୋଦୟାଷ୍ଟମୀ, ନୃସିଂହ ଜନ୍ମ ନୀତି ନିର୍ଘଣ୍ଟ ହୋଇଛି।

**ରାତି ୩ଟାରେ ଫିଟିବ ଦ୍ୱାର**

ମେ ୧୦ ତାରିଖ ଅକ୍ଷୟ ତୃତୀୟା। ଏହି ଦିନଠାରୁ ମହାପ୍ରଭୁଙ୍କ ତିନିରଥ ନିର୍ମାଣ ଅନୁକୂଳ ସହ ଚନ୍ଦନ ଯାତ୍ରା ବି ଆରମ୍ଭ ହେବ। ବାହାର ଚନ୍ଦନ ୨୧ ଦିନ ଏବଂ ଭିତର ଚନ୍ଦନ ୨୧ ଦିନ ଅନୁଷ୍ଠିତ ହେବ। ବାହାର ଚନ୍ଦନ ଯାତ୍ରାରେ ନରେନ୍ଦ୍ର ପୁଷ୍କରିଣୀରେ ପଞ୍ଚମହାଦେବଙ୍କ ସହ ଜଳକ୍ରୀଡ଼ା କରିବେ ମହାପ୍ରଭୁ। ଛତିଶା ନିଯୋଗ ବୈଠକରେ ଏ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଛି। ନୀତିକାନ୍ତି କିପରି ଶୃଙ୍ଖଳିତ ରହିବ ତାହା ଉପରେ ଆଲୋଚନା ପରେ ଚୂଡ଼ାନ୍ତ କରାଯାଇଛି। ନିର୍ଘଣ୍ଟ ସମୟରେ ଯେପରି ନୀତିକାନ୍ତି ସମ୍ପନ୍ନ ହେବ ସେଥିଲାଗି ସେବାୟତଙ୍କ ସହଯୋଗ ଲୋଡ଼ିଥିଲା ମନ୍ଦିର ପ୍ରଶାସନ। ସମସ୍ତେ ସହମତି ପ୍ରକାଶ କରିଥିଲେ। କେବଳ ସେବାୟତ ନୁହଁନ୍ତି ଶ୍ରୀମନ୍ଦିର ଅଧିକାରୀ ଏବଂ କର୍ମଚାରୀ ସମସ୍ତେ ନୀତିକାନ୍ତି ପ୍ରତି ସତର୍କ ରହିବା ଲାଗି ନିଷ୍ପତ୍ତି ହୋଇଛି।

ଅକ୍ଷୟ ତୃତୀୟା ଲାଗି ପୂର୍ବ ରାତି ୩ଟାରେ ଦ୍ୱାର ଫିଟି ଭିତର ଶୋଧ ହେବା ପରେ ଭୋର ୪ଟାରେ ମଙ୍ଗଳ ଆଳତି ହେବ। ଏହାପରେ ଅନ୍ୟାନ୍ୟ ନୀତି ଚାଲିବ। ସକାଳ ସାଢ଼େ ୭ଟାରୁ ୯ଟା ମଧ୍ୟରେ ସକାଳ ଧୂପ (କେବଳ କୋଠଭୋଗ), ପୂର୍ବାହ୍ନ ୧୦ଟାରେ ଯାତ୍ରାଙ୍ଗୀ ମହାସ୍ନାନ ହେବ। ଅପରାହ୍ନ ୧ଟାରେ ଦକ୍ଷିଣୀ ଘର ଭୋଗ ଶେଷ, ୧ଟାରୁ ସାଢ଼େ ୨ଟା ମଧ୍ୟରେ ମଧ୍ୟାହ୍ନ ଧୂପ (କେବଳ କୋଠଭୋଗ), ୩ଟାରେ ଦ୍ୱାଦଶ ଯାତ୍ରା ବନ୍ଦାପନା, ସାଢ଼େ ୩ଟାରେ ବିମାନକୁ ଦିଅଁ ବିଜେ କରିବେ। ଅପରାହ୍ନ ୪ଟାରେ ରଥ ଆଜ୍ଞାମାଳ ବିଜେ ଓ ବିମାନ ଉଠିବା, ସନ୍ଧ୍ୟା ୬ଟାରେ ସନ୍ଧ୍ୟା ଆଳତି, ସାଢ଼େ ୬ରୁ ରାତି ୮ଟା ମଧ୍ୟରେ ସନ୍ଧ୍ୟାଧୂପ(କେବଳ କୋଠଭୋଗ), ରାତି ୯ଟା ୧୫ରେ ଆଳଟଲାଗି, ୧୦ଟାରେ ପଣାଭୋଗ, ୧୦ଟାରେ ଚନ୍ଦନ ଠାକୁରଙ୍କ ବାହୁଡ଼ା ବିଜେ, ସାଢ଼େ ୧୦ଟାରେ ମଇଲମ ଓ ଚନ୍ଦନଲାଗି, ସାଢ଼େ ୧୧ରେ ବଡ଼ସିଂହାର ବେଶ, ରାତି ୧୨ରେ ବଡ଼ସିଂହାର ଭୋଗ ହୋଇ ରାତି ସାଢ଼େ ୧୨ଟାରେ ରାତ୍ର ପହୁଡ଼ ହେବାକୁ ସ୍ଥିର ହୋଇଛି। ସେହିପରି ସାଧାରଣ ଦିନରେ ଚନ୍ଦନଯାତ୍ରା ପାଇଁ ପ୍ରତିଦିନ ପ୍ରାତଃ ୪ଟାରେ ଦ୍ୱାର ଫିଟି ନୀତିକାନ୍ତି ଚାଲିବ। ଅପରାହ୍ନ ସାଢ଼େ ୩ଟାରେ ଚନ୍ଦନକୁ ଦିଅଁ ବିଜେ, ୩ଟା ୪୫ରେ ବିମାନ ଉଠିବା, ରାତି ୧୧ଟାରେ ଚନ୍ଦନ ଠାକୁର ବାହୁଡ଼ା ବିଜେ ଏବଂ ରାତି ୧ଟାରେ ରାତ୍ର ପହୁଡ଼ ହେବ। ସେହିପରି ବୈଠକରେ ମେ ୧୫ ତାରିଖରେ ପଡୁଥିବା ନୀଳାଦ୍ରୀ ମହୋଦୟାଷ୍ଟମୀ, ମେ ୨୨ ନୃସିଂହ ଜନ୍ମ ଏବଂ ମେ ୨୯ ତାରିଖ ଭଉଁରୀ ଯାତ୍ରା ଉପରେ ଆଲୋଚନା କରାଯାଇ ନୀତି ନିର୍ଘଣ୍ଟ ହୋଇଛି।

ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏସ୍‌ପି ପିନାକ ମିଶ୍ର, ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁଙ୍କ ସମେତ ପରିଚାଳନା କମିଟିର ସେବାୟତ ପ୍ରତିନିଧି ଏବଂ ଛତିଶା ନିଯୋଗ କର୍ମକର୍ତ୍ତା ଯୋଗଦେଇଥିଲେ।

**ସୁନ୍ଦରମ୍ ଫାଇନାନ୍ସରେ ୧.୭୪ କୋଟି ଠକେଇ ଘଟଣା**

# ଦୋଷୀ ସାବ୍ୟସ୍ତ ହେଲେ ଦୁଇ ଭାଇ

**ଭୁବନେଶ୍ୱର,୨୪।୪(ସମିସ):** ସୁନ୍ଦରମ୍ ଫାଇନାନ୍ସରେ ୧.୭୪ କୋଟି ଟଙ୍କା ଠକେଇ ଘଟଣାରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଦ୍ୱାରା ଗିରଫ ହୋଇଥିବା ଦୁଇ ଭାଇ ଶଶିକାନ୍ତ ସାହୁ ଓ ଶ୍ରୀକାନ୍ତ ସାହୁଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଛି। ଶଶିକାନ୍ତଙ୍କୁ ୭ବର୍ଷ ଜେଲଦଣ୍ଡ ସହ ୩ଲକ୍ଷ ଟଙ୍କା ଜରିମାନା ଦେବା ଲାଗି ରାୟରେ ଉଲ୍ଲେଖ ରହିଛି। ଅନୁରୂପ ଭାବେ ଶ୍ରୀକାନ୍ତଙ୍କୁ ୫ବର୍ଷ ଜେଲଦଣ୍ଡ ସହ ୨ଲକ୍ଷ ଜରିମାନା ଦେବାକୁ କୁହାଯାଇଛି। ଜରିମାନା ଅନାଦେୟ କ୍ଷେତ୍ରରେ ଉଭୟ ଭାଇଙ୍କୁ ଅଧିକ ଦୁଇବର୍ଷ ଲେଖାଏଁ

**ବଡ଼ଭାଇକୁ ୭ ବର୍ଷ ଓ ସାନଭାଇକୁ ୫ବର୍ଷ ଜେଲ୍**

କାରାଦଣ୍ଡାଦେଶର ଆଦେଶ ଦିଆଯାଇଛି। ବୁଧବାର ବାଲେଶ୍ୱର ଓପିଆଇଡି କୋର୍ଟ ଦୁଇଭାଇଙ୍କୁ ଦୋଷୀ ସାବ୍ୟସ୍ତ କରି ଏହି ରାୟ ଶୁଣାଇଛନ୍ତି।

ଇଓଡବ୍ଲ୍ୟୁ ଠାରୁ ମିଳିଥିବା ସୂଚନା ମୁତାବକ, ଶ୍ରୀକାନ୍ତ ଜାଲ୍ କାଗଜପତ୍ରରେ ୨୦୧୮-୨୦୧୯ ମସିହାରେ କରତାର ହାରଭେଷ୍ଟ ନାମକ ଏକ ସଂସ୍ଥାର ୧୧ଜଣ କର୍ମଚାରୀଙ୍କ ନାଁରେ ପାଖାପାଖି ୧.୭୪ କୋଟି ଟଙ୍କାର ଋଣ ପାଇଁ ଆବେଦନ କରିଥିଲେ। ସୁନ୍ଦରମ୍ ଫାଇନାନ୍ସର କାର୍ଯ୍ୟନିର୍ବାହୀ ତଥା ବଡଭାଇ ଶଶିକାନ୍ତ ଏହି ଆବେଦନକୁ ମଞ୍ଜୁର କରିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ଏହି ଋଣକୁ କେହି ଶୁଝି ନ ଥିଲେ। ଶଶିକାନ୍ତ ହିଁ ଜାଲ୍ କାଗଜପତ୍ର ପ୍ରସ୍ତୁତ କରି ଏଭଳି ଠକେଇ କରିଥିବା ତଦନ୍ତରୁ ଜଣାପଡ଼ିଥିଲା। ଏଥିରେ ତାଙ୍କର ଆଉ ଦୁଇ ଭାଇ ଶ୍ରୀକାନ୍ତ ଓ ସୁନନ୍ଦ ସହଯୋଗ କରିଥିଲେ। ଏ ନେଇ ସଂସ୍ଥା ପକ୍ଷରୁ ଅଭିଯୋଗ କ୍ରମେ ଇଓଡବ୍ଲ୍ୟୁ ୨୦୧୯ ନଭେମ୍ବର ୩୦ ତାରିଖରେ ଭଦ୍ରକରୁ ଦୁଇଭାଇଙ୍କୁ ଗିରଫ କରିଥିଲା। ପରେ ଉଭୟଙ୍କ ନାମରେ କୋର୍ଟରେ ଚାର୍ଜସିଟ୍ ଦାଖଲ କରାଯାଇଥିଲା। ଏହି ମାମଲାର ବିଚାର କରି ସାକ୍ଷୀ ଓ ଅନ୍ୟାନ୍ୟ ଦସ୍ତାବିଜ ଆଧାରରେ ଦୁଇଭାଇଙ୍କୁ ଦୋଷୀ ସାବ୍ୟସ୍ତ କରି କୋର୍ଟ ଏହି ରାୟ ପ୍ରକାଶ କରିଛନ୍ତି।

ଏହି ମାମଲାକୁ ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରୋସିକ୍ୟୁଟର ପ୍ରଣବ କୁମାର ପଣ୍ଡା ପରିଚାଳନା କରୁଥିବା ବେଳେ ତଦନ୍ତକାରୀ ଅଧିକାରୀ ଭାବେ ଇଓଡବ୍ଲ୍ୟୁର ପୂର୍ବତନ ଡିଏସ୍‌ପି ଗଣେଶ ଚନ୍ଦ୍ର ପ୍ରଧାନ ଓ ଇନ୍ସପେକ୍ଟର ସ୍ୱର୍ଣ୍ଣଲତା ପାଣିଗ୍ରାହୀ ରହିଥିଲେ।

# କ୍ରୀଡ଼ାଙ୍ଗନ କ୍ଲବ୍‌ରେ ଯୋଡ଼ିହେବ ଆଉ ୫ଟି ପାଠ୍ୟକ୍ରମ

**ଭୁବନେଶ୍ୱର, ୨୪।୪(ସମିସ):** କ୍ରୀଡ଼ା ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ପାଠ ପଢ଼ା ଯାଉଛି। ସେମାନଙ୍କ ଦକ୍ଷତା ଏବଂ କୌଶଳର ବିକାଶ କରାଯାଉଛି। କ୍ରୀଡ଼ାଙ୍ଗନ କ୍ଲବ୍ ମାଧ୍ୟମରେ ଛାତ୍ରଛାତ୍ରୀମାନେ ନିଜେ ନିଷ୍ପତ୍ତି ନେବା ସହ ଦୃଢ଼ ମତ ପ୍ରକାଶ କରିବା ଉପରେ ଗୁରୁତ୍ୱ ଦିଆଯାଉଛି। ଚଳିତ ବର୍ଷଠାରୁ କ୍ରୀଡ଼ାଙ୍ଗନ କ୍ଲବ୍‌କୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ଆଉ ପାଞ୍ଚଟି ପାଠ୍ୟକ୍ରମ ସଂଯୋଗ କରାଯିବ। ଏ ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବିଚାରବିମର୍ଶ ଆରମ୍ଭ ହୋଇଛି। ସୂଚନା ଅନୁଯାୟୀ, କ୍ରୀଡ଼ାଙ୍ଗନ କ୍ଲବ୍‌ରେ ପୂର୍ବରୁ ନେତୃତ୍ୱ ନେବା, ଆତ୍ମ ସଚେତନତା, ସହଯୋଗିତା, ସମୟ ପରିଚାଳନା ଏବଂ ସମସ୍ୟା ସମାଧାନ ପରି ୫ଟି ପାଠ୍ୟକ୍ରମ ଥିଲା। ଏଥିରେ ଆତ୍ମ ପରିଚାଳନା, ଦୃଢ଼ତା, ନିଷ୍ପତ୍ତି ନେବା, ସୃଜନଶୀଳତା ଓ ସହଯୋଗିତା ପରି ଆଉ ୫ଟି ପାଠ୍ୟକ୍ରମକୁ ସାମିଲ କରାଯିବ। ଫଳରେ ଛାତ୍ରଛାତ୍ରୀମାନଙ୍କ ନେତୃତ୍ୱ ନେବାର ଦକ୍ଷତା ବୃଦ୍ଧି ପାଇବ। ନିଜ ସାମର୍ଥ୍ୟ ଏବଂ ଦୁର୍ବଳତା ଜାଣିବା ସହ ଭବିଷ୍ୟତ ନିର୍ମାଣ କରିବା ନେଇ ସଚେତନ ହୋଇପାରିବେ। ଏହାସହ ବୃତ୍ତିଗତ ଜୀବନରେ ଛାତ୍ରଛାତ୍ରୀଙ୍କୁ ସଫଳ କରିବା ପାଇଁ ବିଭାଗ ଯୋଜନା ପ୍ରସ୍ତୁତ କରୁଛି।

# ଫେକ୍ ଅନ୍‌ଲାଇନ୍ କୋର୍ସ ନେଇ ସତର୍କ କଲା ୟୁଜିସି

**ଭୁବନେଶ୍ୱର,୨୪।୪(ସମିସ):** ମନଇଚ୍ଛା ଖୋଲୁଛନ୍ତି ଫେକ୍ ଅନ୍‌ଲାଇନ୍ କୋର୍ସ। ଛାତ୍ରଛାତ୍ରୀଙ୍କୁ ପ୍ରଲୋଭିତ କରିବା ପରି ଅଫର ମଧ୍ୟ ଦେଉଛନ୍ତି। ଉଚ୍ଚଶିକ୍ଷାରେ ଥିବା କୋର୍ସର ସମୟସୀମାକୁ ସଂକ୍ଷିପ୍ତ କରି ଦେଉଛନ୍ତି। ବିଶେଷ କରି ବିବିଏ ଓ ଏମ୍‌ବିଏ କୋର୍ସରେ ଏପରି କରାଯାଉଛି। ୧୦ ଦିନିଆ ଏମ୍‌ବିଏ କୋର୍ସ ପରି ଏକ ଅଫର ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି) ନଜରକୁ ଆସିବା ପରେ ଉଦ୍‌ବେଗ ପ୍ରକାଶ କରିଛି। ଉଚ୍ଚଶିକ୍ଷା ପ୍ରତିଷ୍ଠାନଗୁଡ଼ିକ ମଧ୍ୟ କୌଣସି ମଧ୍ୟ ଅନ୍‌ଲାଇନ୍ କୋର୍ସ ଖୋଲିବା ପାଇଁ ୟୁଜିସିର ଅନୁମତି ବାଧ୍ୟତାମୂଳକ ବୋଲି ଦର୍ଶାଇଛି। ଛାତ୍ରଛାତ୍ରୀଙ୍କୁ ସତର୍କ କରିବା ପାଇଁ ଅନ୍‌ଲାଇନ୍ କୋର୍ସ କରିବାକୁ ଅନୁମତି ନେଇଥିବା ଉଚ୍ଚଶିକ୍ଷା ପ୍ରତିଷ୍ଠାନଗୁଡ଼ିକର ଏକ ତାଲିକା ଜାରି କରିଛି। ନାମଲେଖା ପ୍ରକ୍ରିୟା ଆରମ୍ଭ କରିବା ପୂର୍ବରୁ ବୈଧତା ସୁନିଶ୍ଚିତ କରିବାକୁ ପରାମର୍ଶ ଦେଇଛି।

# ସରକାରୀ କର୍ମଚାରୀଙ୍କୁ ବିଜେପି ନେତାଙ୍କ ନାଲି ଆଖି

- ନିର୍ବାଚନ କମିସନଙ୍କ ନାଁ ନେଇ ଦେଉଛନ୍ତି ବଦଳି ଧମକ
- ଦୃଢ଼ ପ୍ରତିବାଦ ସହ କାର୍ଯ୍ୟାନୁଷ୍ଠାନ ଦାବି କଲା ବିଜେଡି
- ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ

**ଭୁବନେଶ୍ୱର,୨୪।୪(ସମିସ):** ରାଜ୍ୟର ସରକାରୀ କର୍ମଚାରୀମାନଙ୍କୁ ବାରମ୍ବାର ଧମକ ଦିଆଯାଉଛି। ବିଜେପି ନେତା ଓ ପ୍ରାର୍ଥୀ ହୋଇଥିବା କିଛି ବ୍ୟକ୍ତିବିଶେଷ ନିର୍ବାଚନ କମିସନଙ୍କ ନାଁ ନେଇ ସରକାରୀ କର୍ମଚାରୀଙ୍କୁ ଧମକ ଦେଉଛନ୍ତି। ସେମାନଙ୍କୁ ନିର୍ବାଚନରେ ସହଯୋଗ ନ କଲେ ନିର୍ବାଚନ କମିଶନଙ୍କ ନିକଟରେ ଅଭିଯୋଗ କରି ବଦଳି ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦେଉଛନ୍ତି। ଏହି ଘଟଣା ବାରମ୍ବାର ଘଟିବା ପରେ ପୁଣିଥରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଫେରାଦ ହୋଇଛି ବିଜେଡି। ଦଳର ଏକ ପ୍ରତିନିଧିମଣ୍ଡଳୀ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଘଟଣାର ପ୍ରତିବାଦ ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।



ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ବିଜେଡି କରିଥିବା ଅଭିଯୋଗ ଅନୁସାରେ ସରକାରୀ ଅଧିକାରୀଙ୍କୁ ବିଜେପି ପ୍ରାର୍ଥୀ ଓ ବିଜେପି ନେତାମାନେ ଧମକାଉଛନ୍ତି। କେତେବେଳେ ଫୋନ ଯୋଗେ ବିଡିଓ, ତହସିଲଦାର ଓ ପୁଲିସକୁ ଧମକ ଦିଆଯାଉଛି ତ ପୁଣି କେଉଁଠି ଖୋଲା ମଞ୍ଚରେ ସେମାନଙ୍କୁ ଧମକ ଦିଆଯାଉଛି। ଜାତୀୟ ନିର୍ବାଚନ କମିସନଙ୍କ ନାଁ ନେଇ ଧମକ ଦେଇ ନିର୍ବାଚନରେ ବିଜେପି ପାଇଁ କାମ କରିବାକୁ ସରକାରୀ କର୍ମଚାରୀଙ୍କ ଉପରେ ଚାପ ପକାଯାଉଛି। ନ ହେଲେ ଅଧିକାରୀମାନଙ୍କୁ ବଦଳିର ଭୟ ଦେଖାଯାଉଛି। ଏହାଦ୍ୱାରା ସରକାରୀ ଅଧିକାରୀଙ୍କ ମନୋବଳ ଭାଙ୍ଗିବା ସହ ସେମାନଙ୍କ ଉପରରେ ନିର୍ବାଚନ ପରିଚାଳନା ଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରିବାରେ ଚାପ ସୃଷ୍ଟି ହେଉଛି। ତେଣୁ ମୁଖ୍ୟ ନିର୍ବାଚନ ଅଧିକାରୀ ଏହା ବିରୋଧରେ ଦୃଢ ପଦକ୍ଷେପ ଗ୍ରହଣ କରିବାକୁ ବିଜେଡି ଦାବି କରିଛି। ନିର୍ବାଚନ ସମୟରେ ସରକାରୀ ଅଧିକାରୀ ଖୁବ ବ୍ୟସ୍ତ ଥାନ୍ତି। ଆଦର୍ଶ ଆଚରଣ ବିଧିର ସୁରକ୍ଷା ସହ ରାଜ୍ୟର ପରିଚାଳନା ଓ ଆର୍ଥିକ ସ୍ଥିତି ଠିକ ରଖିବାର ଗୁରୁ ଦାୟିତ୍ୱ ନିର୍ବାହ କରିଥାନ୍ତି ସରକାରୀ ଅଧିକାରୀ। ହେଲେ ବିଜେପି ସେମାନଙ୍କୁ ନିର୍ବାଚନୀ ଅସ୍ତ୍ର କରିବା ଅତ୍ୟନ୍ତ ନିନ୍ଦନୀୟ ବୋଲି ବିଜେଡି କହିଛି।

ପରାଜୟ ଭୟରେ ଗୋଟାଏ ପରେ ଗୋଟାଏ ଭୁଲ କରି ଚାଲିଛି ବିଜେପି। ଆଇନ ଉଲ୍ଲଂଘନ କରିବା ଯେପରି ବିଜେପିର ଅଭ୍ୟାସରେ ପରିଣତ ହେଲାଣି। ନିର୍ବାଚନ ନିୟମକୁ ନ ମାନି ପିଲାମାନଙ୍କୁ ବିଜେପି ରାଲିରେ ବ୍ୟବହାର କରୁଥିବାର ବିଭିନ୍ନ ନଜିର ରହିଛି। ଯାହାର ପ୍ରମାଣ ସହ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପାଖରେ ପୂର୍ବରୁ ବିଜେଡି ଉପସ୍ଥାପନ କରିଛି। ଏପରିକି କେନ୍ଦ୍ର ସରକାରଙ୍କ ଅଫିସକୁ ବି ରାଜନୈତିକ ପ୍ଲାଟଫର୍ମ ଭାବେ ବିଜେପି ବ୍ୟବହାର କରିବାକୁ ପଛାଉ ନ ଥିବା ଦେଖିବାକୁ ମିଳୁଛି।




## ଆସିକା ଲୋକସଭା ଆସନ

# ବଢୁଛି ବିଜେଡି ଭୋଟହାର, ଉନ୍ମୁକ୍ତ ହେଉଛି ବିଜୟ ଦ୍ୱାର

### ଲୋକସଭା ଓ ୫ ବିଧାନସଭାରେ ମହିଳା ପ୍ରାର୍ଥୀଙ୍କୁ ପ୍ରାଧାନ୍ୟ

**ବ୍ରହ୍ମପୁର,୨୪।୪(ସମିସ):** ରାଜ୍ୟର ଏକ ଚର୍ଚ୍ଚିତ ଲୋକସଭା କ୍ଷେତ୍ର ହେଉଛି ଆସିକା। ବିଜୁ ଜନତା ଦଳର ଅଭେଦ୍ୟ ଗଡ଼ ଭାବେ ପରିଚିତ ଏହି ଲୋକସଭା କ୍ଷେତ୍ର ପ୍ରତିଟି ନିର୍ବାଚନରେ ଚର୍ଚ୍ଚାକୁ ଆସିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ବିଜୁ ଜନତା ଦଳ



ବ୍ୟାନରରେ ଯେକୌଣସି ବ୍ୟକ୍ତି ଏଠାରେ ନିର୍ବାଚନ ଲଢ଼ିଲେ ତାଙ୍କ ବିଜୟ ଦ୍ୱାର ଏକପ୍ରକାର ଉନ୍ମୁକ୍ତ ହୋଇରହିଥାଏ। ଚଳିତ ନର୍ବାଚନରେ ମଧ୍ୟ ଏଠାରେ ବିଜୁ ଜନତା ଦଳର ଭୋଟ ବ୍ୟବଧାନ ବଢ଼ିବ ବୋଲି ରାଜନୈତିକ ବଡ଼ପଣ୍ଡାମାନେ ମତ ଦେଇଛନ୍ତି। କାରଣ ଏଠାକାର ୭ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ମଧ୍ୟରୁ ୫ଟିରେ ବିଜୁ ଜନତା ଦଳ ମହିଳା ପ୍ରାର୍ଥୀ ଦେଇଥିବା ବେଳେ ଲୋକସଭା ପ୍ରାର୍ଥୀ ମଧ୍ୟ ମହିଳାଙ୍କୁ ଦିଆଯାଇଛି। ଅନ୍ୟପକ୍ଷରେ ହିଞ୍ଜିଳିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସିଧାସଳଖ ନିର୍ବାଚନ ଲଢୁଛନ୍ତି। ଏହାର ପ୍ରଭାବ ସମଗ୍ର ଲୋକସଭା ଉପରେ ପଡ଼ିବ। ଆସିକା, ସାନଖେମୁଣ୍ଡି, ସୋରଡ଼ା, ପୋଲସରା, କବିସୂର୍ଯ୍ୟନଗର, ଖଲ୍ଲିକୋଟ ଓ ହିଞ୍ଜିଳି



ବିଧାନସଭା କ୍ଷେତ୍ରକୁ ନେଇ ଗଠିତ ହୋଇଛି ଆସିକା ଲୋକସଭା କ୍ଷେତ୍ର। ଏଠାରେ ସମୁଦାୟ ୧୬ ଲକ୍ଷ ୧୨ ହଜାର ୪୦୩ ଜଣ ଭୋଟର ରହିଛନ୍ତି। ଚଳିତ ନିର୍ବାଚନରେ ବିଜୁ ଜନତା ଦଳ ଜଣେ ଉଚ୍ଚଶିକ୍ଷିତା ଓ ଅଭିଜ୍ଞ ଚେହେରା ରଞ୍ଜିତା ସାହୁଙ୍କୁ ଆସିକା ଲୋକସଭାରେ ପ୍ରାର୍ଥୀ କରିଛି। ଅନୁରୂପ ଭାବେ କବିସୂର୍ଯ୍ୟନଗରରେ ଲତିକା ପ୍ରଧାନ, ଆସିକାରେ ମଞ୍ଜୁଳା ସ୍ୱାଇଁ, ଖଲ୍ଲିକୋଟରେ ସୂର୍ଯ୍ୟମଣି ବୈଦ୍ୟ, ସୋରଡ଼ାରେ ସଂଘମିତ୍ରା ସ୍ୱାଇଁ ଓ ସାନଖେମୁଣ୍ଡିରେ ସୁଲକ୍ଷଣା ଗୀତାଞ୍ଜଳି ଦେବୀଙ୍କୁ ପ୍ରାର୍ଥୀ କରାଯାଇଛି। ହିଞ୍ଜିଳିରେ ମୁଖ୍ୟମନ୍ତ୍ରୀ ଓ ପୋଲସରାରେ ଶ୍ରୀକାନ୍ତ ସାହୁ ପ୍ରାର୍ଥୀ ହୋଇଛନ୍ତି। ଉପରୋକ୍ତ ମହିଳା ପ୍ରାର୍ଥିନୀମାନେ ରାଜନୀତିରେ ଅଭିଜ୍ଞ ହୋଇଥିବା ବେଳେ ଏମାନଙ୍କ ମଧ୍ୟରୁ ମଞ୍ଜୁଳା



ସ୍ୱାଇଁ, ଲତିକା ପ୍ରଧାନ ଓ ସୂର୍ଯ୍ୟମଣି ବୈଦ୍ୟ ସେମାନଙ୍କ ବିଧାନସଭା କ୍ଷେତ୍ରରେ ବିଧାୟିକା ରହିଛନ୍ତି। ମହିଳାଙ୍କୁ ଆଧାର କରି ଏଠାରେ ବିଜେଡିର ଭୋଟହାର ବୃଦ୍ଧି ପାଉଥିବା ବେଳେ ଅନ୍ୟପଟେ ବିଜେପି ଓ କଂଗ୍ରେସ ଅନେକ ସ୍ଥାନରେ ମହିଳାଙ୍କୁ ଅଣଦେଖା ମଧ୍ୟ କରିଛି। ଆସିକା ଲୋକସଭାରେ ବିଜେପି ଅନୀତା ଶୁଭଦର୍ଶିନୀଙ୍କୁ ପ୍ରାର୍ଥୀ କରିଥିବା ବେଳେ କଂଗ୍ରେସ ଦେବକାନ୍ତ ଶର୍ମାଙ୍କୁ ପ୍ରାର୍ଥୀ କରିଛି। ସେହିଭଳି ଏହି ଲୋକସଭା ଅନ୍ତର୍ଗତ ବିଭିନ୍ନ ବିଧାନସଭା ଆସନରେ କଂଗ୍ରେସ ଓ ବିଜେପି ମହିଳା ପ୍ରାର୍ଥୀ ଦେବାରେ ପଛୁଆ ରହିଛନ୍ତି। ବିଜେପିରୁ ଗୋଟିଏ ବି ବିଧାନସଭା ଆସନରେ ମହିଳା ପ୍ରାର୍ଥୀ ଦିଆଯାଇ ନଥିବା ଚର୍ଚ୍ଚା ହେଉଛି। ଗତ ସାଧାରଣ ନିର୍ବାନରେ ବିଜୁ ଜନତା ଦଳର ପ୍ରାର୍ଥିନୀ ସ୍ୱୟଂ ସହାୟିକା ଗୋଷ୍ଠୀର ଜଣେ ସଦସ୍ୟା ପ୍ରମିଳା ବିଷୋୟୀ ଏଠାରେ ୨ ଲକ୍ଷରୁ ଉର୍ଦ୍ଧ୍ୱ ଭୋଟରେ ବିଜୟୀ ହୋଇଥିଲେ। ଏହି କ୍ରମରେ ସେ ସମୁଦାୟ ୫ଲକ୍ଷ ୫୨ ହଜାର ୩୬୪ ଖଣ୍ଡ ଭୋଟ ପାଇଥିବା ବେଳେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେପିର ଅନୀତା ଶୁଭଦର୍ଶିନୀ ୩ ଲକ୍ଷ ୪୬ ହଜାର ୨୪୯ ଖଣ୍ଡ ଭୋଟ ପାଇଥିଲେ। କଂଗ୍ରେସ ଓ ସିପିଆଇ ଦ୍ୱାରା ଦିଆଯାଇଥିବା ପ୍ରାର୍ଥୀ ରାମକୃଷ୍ଣ ପଣ୍ଡା ସମୁଦାୟ ୫୯ ହଜାର ୮୮୯ ଭୋଟ ପାଇବାରେ ସକ୍ଷମ ହୋଇଥିଲେ। ଚଳିତଥର ସମୀକରଣ ବଦଳିଥିବା ବେଳେ ବିଜୁ ଜନତା ଦଳ ଓ କଂଗ୍ରେସ ଏଠାରେ ପ୍ରାର୍ଥୀ ପରିବର୍ତ୍ତନ କରିଛନ୍ତି। କବିସୂର୍ଯ୍ୟ ନଗର ନିର୍ବାଚନ ମଣ୍ଡଳୀରେ ବିଜୁ ଜନତା ଦଳ ଏକତରଫା ବିଜୟ ସହିତ ସାଂସଦ ପ୍ରାର୍ଥୀ ରେକର୍ଡ ସଂଖ୍ୟକ ଭୋଟ ପାଇବେ ବୋଲି କର୍ମୀ ମହଲରୁ ପ୍ରକାଶ। ସେହିଭଳି ଆସିକା ବିଧାନସଭା ଓ ପୋଲସରାରେ ମଧ୍ୟ ବିଜୁ ଜନତା ଦଳର ସାଂସଦ ପ୍ରାର୍ଥିନୀ ବିପୁଳ ଭୋଟ ପାଇବେ। ଏହି ତୁଳନାରେ ବିଜେପି ଓ କଂଗ୍ରେସ ପଛରେ ପଡ଼ିଯାଇଥିବା ଲକ୍ଷ୍ୟ କରାଯାଇଛି।

# ମହିଳା ହେବେ ମଙ୍ଗୁଆଳ; ଇତିହାସ ରଚିବ ବାଲେଶ୍ୱର

**ବାଲେଶ୍ୱର, ୨୪।୪(ସମିସ):** ରାଜନୀତିରେ ମହିଳାମାନଙ୍କ ପ୍ରତିନିଧିତ୍ୱରେ ବାଲେଶ୍ୱରର ଭୂମିକା ସେତେ ଉଲ୍ଲେଖଯୋଗ୍ୟ ନୁହେଁ। ୧୯୫୨ରୁ ୨୦୧୯ ମସିହା ପର୍ଯ୍ୟନ୍ତ ବାଲେଶ୍ୱର ଲୋକସଭା ଆସନରୁ କୌଣସି ମହିଳା ସାଂସଦ ନିର୍ବାଚିତ ହୋଇନଥିବା ବେଳେ ଜିଲ୍ଲାର ୮ଟି ବିଧାନସଭା ଆସନରୁ ମହିଳା ବିଧାୟିକାଙ୍କ ପ୍ରତିନିଧିତ୍ୱ ଅତ୍ୟନ୍ତ ନଗଣ୍ୟ। ତେବେ ୨୦୨୪ ସାଧାରଣ ନିର୍ବାଚନରେ ମହିଳା ପ୍ରାର୍ଥୀଙ୍କ ଉପରେ ବେଶ୍ ଗୁରୁତ୍ୱ ଦେଇ ବିଜେଡି ବିରୋଧୀ ବିଜେପି ଓ କଂଗ୍ରେସକୁ ଅକଳରେ ପକାଇଛି। ଲୋକସଭା ସହ ୩ ବିଧାନସଭା ଆସନରେ ବିଜେଡି ମହିଳାମାନଙ୍କୁ ପ୍ରାର୍ଥୀ କରିଛି। ଉଭୟ ବିଜେପି ଓ କଂଗ୍ରେସ ଦଳ ଏବେ ସୁଦ୍ଧା କୌଣସି ମହିଳା ପ୍ରାର୍ଥୀଙ୍କୁ ସୁଯୋଗ ଦେଇନଥିବା ବେଳେ

- ଲୋକସଭା ଓ ୩ ବିଧାନସଭା ଆସନରେ ବିଜେଡିର ମହିଳା ପ୍ରାର୍ଥୀ
- ଜିଲ୍ଲାରେ ମହିଳା ଭୋଟରଙ୍କ ସଂଖ୍ୟା ୯ ଲକ୍ଷ ୨୧ ହଜାରରୁ ଉର୍ଦ୍ଧ୍ୱ

ବିଜେଡି ମହିଳା ଭୋଟରଙ୍କୁ ସୁଯୋଗ ଦେଇ ଏକ ପ୍ରକାର ସୁବିଧାଜନକ ସ୍ଥିତିରେ ରହିଛି।

ବାଲେଶ୍ୱର ଜିଲ୍ଲାର ୮ଟି ବିଧାନସଭା ଆସନରେ ମୋଟ୍ ୧୮ଲକ୍ଷ ୭୮ହଜାର୨୩୪ ଭୋଟରଙ୍କ ମଧ୍ୟରୁ ୯ଲକ୍ଷ ୨୧ହଜାର ୮୯୬ ମହିଳା ଭୋଟର ରହିଛନ୍ତି। ଯାହାକି ଜିଲ୍ଲାରେ ମୋଟ୍ ୪୯% ମହିଳା ଭୋଟର ରହିଥିବା ଦର୍ଶାଉଛି। ବିଜୁ ଜନତା ଦଳ ବାଲେଶ୍ୱର ଲୋକସଭା ଆସନରୁ ମହିଳା ପ୍ରାର୍ଥୀ ଭାବେ ଲେଖାଶ୍ରୀ ସାମନ୍ତସିଂହାରଙ୍କୁ ନିର୍ବାଚନୀ ମଇଦାନକୁ ଓହ୍ଲାଇଥିବା ବେଳେ ସାତ ଗୋଟି ବିଧାନସଭା ଆସନ ମଧ୍ୟରୁ ୩ ଆସନରେ ମହିଳାଙ୍କୁ ପ୍ରାର୍ଥୀ କରିଛି। ବସ୍ତାରୁ ସୁବାସିନୀ ଜେନା, ଅନୁସୂଚିତ ଜାତି ପାଇଁ ସଂରକ୍ଷିତ ରେମୁଣା ବିଧାନସଭା ଆସନରୁ ସ୍ୱୟଂ ସହାୟିକା ଗୋଷ୍ଠୀର ନେତୃତ୍ୱ ନେଇ ସରପଞ୍ଚ ନିର୍ବାଚିତ ହୋଇଥିବା ବିଦ୍ୟାସ୍ମିତା ମହାଲିକଙ୍କୁ ଦଳ ସୁଯୋଗ ଦେଇଛି। ସେହିଭଳି ବାଲେଶ୍ୱର ଲୋକସଭା ଅଧୀନରେ ଆସୁଥିବା ମୟୂରଭଞ୍ଜ ଜିଲ୍ଲାର ଅନୁସୂଚିତ ଜାତି ପାଇଁ ସଂରକ୍ଷିତ ବଡ଼ସାହି ନିର୍ବାଚନ ମଣ୍ଡଳୀରୁ ଅନସୂୟା ପାତ୍ରଙ୍କୁ ଦଳ ପ୍ରାର୍ଥୀ କରିଛି।

୧୯୫୧ରୁ ୨୦୧୯ ମସିହା ମଧ୍ୟରେ ବିଧାନସଭା ନିର୍ବାଚନରେ ବାଲେଶ୍ୱର ସଦର, ବସ୍ତା, ଜଳେଶ୍ୱର, ନୀଳଗିରି ଓ ସିମୁଳିଆ ଭଳି ଗୁରୁତ୍ୱପୂର୍ଣ୍ଣ କେହିବି ମହିଳା ବିଧାୟିକା ନିର୍ବାଚିତ ହୋଇନାହାନ୍ତି। କେବଳ ଭୋଗରାଇ ନିର୍ବାଚନ ମଣ୍ଡଳୀରୁ ଡା. କମଳା ଦାସ ୧୯୯୦ରୁ ୨୦୦୪ ମସିହା ପର୍ଯ୍ୟନ୍ତ ବିଧାୟିକା ଭାବେ ବିଜୁ ଜନତା ଦଳ ଓ ବିଜୁ








ଜନତା ଦଳରୁ ତିନି ଥର ନିର୍ବାଚିତ ହୋଇଥିବା ବେଳେ ୧୯୮୫ ମସିହାରେ କଂଗ୍ରେସରୁ ଉମାରାଣୀ ପାତ୍ର ନିର୍ବାଚିତ ହୋଇଥିଲେ। ୨୦୦୯ରୁ ୨୦୧୯ ପର୍ଯ୍ୟନ୍ତ ବିଧାନସଭା ନିର୍ବାଚନରେ ରେମୁଣା ଓ ବଡ଼ସାହି ବିଧାନସଭା ଆସନରୁ କେହିବି ମହିଳା ପ୍ରାର୍ଥୀ ନିର୍ବାଚିତ ହୋଇନାହାନ୍ତି। କେବଳ ୧୯୯୫ ମସିହା ଉପ-ନିର୍ବାଚନରେ ଇନ୍ଦୁରାଣୀ ମହାପାତ୍ର ସୋର ବିଧାନସଭା ଆସନରୁ ନିର୍ବାଚିତ ହୋଇଥିଲେ। ତେବେ ୨୦୨୪ ସାଧାରଣ ନିର୍ବାଚନ ମହିଳା ପ୍ରାର୍ଥୀଙ୍କୁ ଉଭୟ ଲୋକସଭା ଓ ବିଧାନସଭା ଆସନ ଗୁଡ଼ିକରୁ ବିଜେଡି ମହିଳା ପ୍ରାର୍ଥୀଙ୍କୁ ନିର୍ବାଚନୀ ମଇଦାନକୁ ଓହ୍ଲାଇ ଏକ ଐତିହାସିକ ଅଧ୍ୟାୟ ଯୋଡ଼ିବାକୁ ଯାଉଛି।

## ଛେଣ୍ଡିପଦା ବିଧାନସଭା କ୍ଷେତ୍ର

# ଶକ୍ତି ପ୍ରଦର୍ଶନ କଲେ ପ୍ରଣବ ପ୍ରକାଶ ଓ ସୁଶାନ୍ତ

**ଛେଣ୍ଡିପଦା,୨୪।୪(ସମିସ):** ଚଳିତ ସାଧାରଣ ନିର୍ବାଚନକୁ ନେଇ ବିଜୁ ଜନତା ଦଳ ପକ୍ଷରୁ ଛେଣ୍ଡିପଦା ଜଗନ୍ନାଥ ମନ୍ଦିର ସମ୍ମୁଖ ପଡ଼ିଆରେ ଶକ୍ତି ପ୍ରଦର୍ଶନ କରିଛନ୍ତି ବିଜେଡି ସାଂଗଠନିକ ସମ୍ପାଦକ ତଥା ସମ୍ବଲପୁର ଲୋକସଭା ଆସନରୁ ବିଜେଡି ପ୍ରାର୍ଥୀ ହୋଇଥିବା ପ୍ରଣବ ପ୍ରକାଶ ଦାସ ଓ ବିଧାୟକ ପ୍ରାର୍ଥୀ ସୁଶାନ୍ତ ବେହେରା। ନିର୍ବାଚନ ମଣ୍ଡଳୀର ପ୍ରାୟ ୩୪ଟି ପଞ୍ଚାୟତର ୩୦ହଜାରରୁ ଅଧିକ କର୍ମୀ ଏଥିରେ ଯୋଗ ଦେଇଥିଲେ। ପ୍ରଥମେ ଛେଣ୍ଡିପଦା ସଦର ମହାକୁମାରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନ କରିବା ପରେ ଆୟୋଜିତ ନିର୍ବାଚନ ସଭାରେ ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନା ସମ୍ପର୍କରେ ଆଲୋକପାତ କରିବା ସହିତ ଆଗାମୀ ନିର୍ବାଚନରେ ସାଂସଦ ପାର୍ଥୀ ପ୍ରଣବ ପ୍ରକାଶ ଦାସ (ବବି ଭାଇ) ଓ ଛେଣ୍ଡିପଦାରୁ ବିଧାୟକ ସୁଶାନ୍ତ ବେହେରାଙ୍କୁ ବିପୁଳ ଭୋଟ ଦେଇ ବିଜୟୀ କରିବା ପାଇଁ ନିବେଦନ କରିଥିଲେ। ଏହା ପରେ ଶ୍ରୀ ଦାସ ବିଗତ ୧୦ ବର୍ଷଧରି ଥିବା କେନ୍ଦ୍ରମନ୍ତ୍ରୀ ଓ ବିଜେପି ସାଂସଦ ଛେଣ୍ଡିପଦା ଅଞ୍ଚଳର କେଉଁ ଉନ୍ନତିମୂଳକ କାର୍ଯ୍ୟ କରିଛନ୍ତି ବୋଲି ପ୍ରଶ୍ନ କରିବା ସହିତ ଛେଣ୍ଡିପଦା ଅଞ୍ଚଳ ଦେଇ ଯାଇଥିବା ଜାତୀୟ ରାଜପଥ ନେଇ ପ୍ରଶ୍ନ କରିଥିଲେ। ମୁଖ୍ୟମନ୍ତ୍ରୀ ଓଡ଼ିଶାକୁ ତାଙ୍କ ପରିବାର ବୋଲି ଭାବିବା ସହିତ ଅଞ୍ଚଳର ବିକାଶ ପାଇଁ ସର୍ବଦା ଉଦ୍ୟମ କରିଥାନ୍ତି। ବିଏସକେୱାଇ କାର୍ଡ ଓ ମହିଳା ସଶକ୍ତିକରଣ ଆଦି ଅନେକ ଉନ୍ନୟନମୂଳକ କାର୍ଯ୍ୟ କରି ଆସିଛନ୍ତି। ତେଣୁ ମୁଖ୍ୟମନ୍ତ୍ରୀଙ୍କ ହାତ ମୁଠାକୁ ଟାଣକରିବା ପାଇଁ




ଯୋଡ଼ିଶଙ୍ଖରେ ଭୋଟ ଦେବା ପାଇଁ କର୍ମୀମାନଙ୍କୁ ସେ ନିବେଦନ କରିଥିଲେ। ଏହି ନିର୍ବାଚନୀ ସଭାରେ ସହପର୍ଯ୍ୟବେକ୍ଷକ କୁନୁବିହାରୀ ଦାସ ମଞ୍ଚ ପରିଚାଳନା କରିଥିବା ବେଳେ ବିଜୁ ଜନତା ଦଳର କାର୍ଯ୍ୟକାରୀ ସଭାପତି ପ୍ରଦୀପ କୁମାର ସାହୁ, ଛେଣ୍ଡିପଦା ବ୍ଲକ ବିଜୁ ଜନତା ଦଳର ସଭାପତି ଶରତ ଗଡ଼ନାୟକ, ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ ସଞ୍ଜୟ ଅଗ୍ରୱାଲ, ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ ନେପୁ ଦାସ, ରୋଶନା ସାହୁ, ବ୍ଲକ ଅଧ୍ୟକ୍ଷା ସୁମିତ୍ରା ସାହୁ, ଜିଲ୍ଲା ପରିଷଦ ଭାନୁପ୍ରିୟା ପ୍ରଧାନ, ମହିଳା ବ୍ଲକ ସଭାପତି ତୃପ୍ତି ମଞ୍ଜରୀ ଗଡ଼ନାୟକ, ବ୍ଲକ ଉପାଧ୍ୟକ୍ଷା ଝରଣା ସ୍ୱାଇଁ, ଜୋନ ପର୍ଯ୍ୟବେକ୍ଷ ଅମ୍ବିକା ବେହେରା, ସନ୍ତୋଷ ସାହୁ, ଟାଙ୍ଗୀର ସରପଞ୍ଚ ଅମରେଶ ନାଥ, ଜନ୍ମେଜୟ ମାଝୀ, ବାବୁଲି ପ୍ରଧାନ, ରାମଚନ୍ଦ୍ର ବେହେରା, ଲୋସନ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀର ବିଜେଡି କର୍ମୀମାନେ ବିପୁଳ ସମର୍ଥନ ସହ ସହଯୋଗ କରିଥିଲେ।

- କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ କଲେ ଟାର୍ଗେଟ
- ଯୋଡ଼ିଶଙ୍ଖରେ ଭୋଟଦେବାକୁ ନିବେଦନ

# ପ୍ରଜାତନ୍ତ୍ରରେ ରାଜ ପରିବାର ଦାୟାଦ

### ୨ ଲୋକସଭା, ୧୦ ବିଧାନସଭାରେ ପ୍ରାର୍ଥୀ

**ଭୁବନେଶ୍ୱର,୨୪।୪(ସମିସ):** ସାରା ଦେଶରେ ସାଧାରଣ ନିର୍ବାଚନୀର ମାହୋଲ ଭିତରେ ଓଡ଼ିଶାରେ ନିର୍ବାଚନୀ ଉଷ୍ମତା ଜାରି ରହିଛି। ରାଜ୍ୟରେ ସାଧାରଣ ନିର୍ବାଚନ ସହ ରାଜ୍ୟ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ଏଥିପାଇଁ ରାଜ୍ୟର ୩ ପ୍ରମୁଖ ରାଜନୈତିକ ଦଳ ବିଜେଡି, ବିଜେପି ଓ କଂଗ୍ରେସ ଅଳ୍ପ କିଛି ଆସନକୁ ବାଦ ଦେଇ ପ୍ରାୟ ସବୁ ଆସନରେ ସେମାନଙ୍କ ପ୍ରାର୍ଥୀ ତାଲିକା ଘୋଷଣା କରିସାରିଛନ୍ତି। ତେବେ ଘୋଷିତ ପ୍ରାର୍ଥୀ ତାଲିକାରେ ସବୁ ଦଳରୁ ବିଭିନ୍ନ ରାଜପରିବାରର ଦାୟାଦ ସାମିଲ ହୋଇଛନ୍ତି।

- ଗାଁ ଗାଁ ବୁଲି ଭୋଟ୍ ମାଗୁଛନ୍ତି ରାଜା ସାହେବ ଓ ରାଜକୁମାର
- ରାଜନୀତିରେ ସକ୍ରିୟ ରହିଛନ୍ତି ରାଜପରିବାର ମହିଳା ସଦସ୍ୟା

ସ୍ୱାଧୀନତା ପୂର୍ବରୁ ଓଡ଼ିଶାର ବହୁ ରାଜପରିବାର ରାଜ୍ୟର ବିଭିନ୍ନ ଅଂଶରେ ସେମାନଙ୍କ ଶାସନ ଜାରି ରଖିଥିଲେ। ସ୍ୱାଧୀନତା ପରେ ରାଜତନ୍ତ୍ର ଶେଷ ହୋଇ ପ୍ରଜାତନ୍ତ୍ର ଆରମ୍ଭ ହୋଇଥିଲା। ଯେଉଁଥିରେ ଅନେକ ରାଜା ଓ ରାଜପରିବାର ସଦସ୍ୟମାନେ ପ୍ରଜାତନ୍ତ୍ରରେ ସାମିଲ୍ ହୋଇ ଲୋକଙ୍କ ହାତରେ ସେମାନଙ୍କୁ ଚୟନ କରିବାର ଅଧିକାର ଦେଇଥିଲେ। ସେବେଠାରୁ ଓଡ଼ିଶାର ବହୁ ରାଜପରିବାର ପ୍ରତ୍ୟକ୍ଷ ରାଜନୀତି ସହ ଜଡ଼ିତ ହୋଇଛନ୍ତି।

ଚଳିତ ୨୦୨୪ ନିର୍ବାଚନରେ ବର୍ତ୍ତମାନ ସୁଦ୍ଧା ବିଭିନ୍ନ ରାଜପରିବାରର ୧୨ ଜଣ ଦାୟାଦ ମଇଦାନକୁ ଓହ୍ଲାଇଛନ୍ତି। ୨ ଟି ଲୋକସଭା ଓ ୧୦ ଟି ବିଧାନସଭା ଆସନ ୧୨ ଜଣ ସଦସ୍ୟ ୩ ଦଳରୁ ପ୍ରାର୍ଥୀ ହୋଇସାରିଛନ୍ତି। ଏଥିରେ ବିଜେଡିରୁ ୮,








ବିଜେପିରୁ ୩ ଓ କଂଗ୍ରେସରୁ ଜଣେ ରହିଛନ୍ତି। ଓଡ଼ିଶା ରାଜନୀତିରେ ଏକ ବଡ଼ ଭୂମିକା ଗ୍ରହଣ କରି ଆସିଥିବା ବଲାଙ୍ଗୀର ରାଜପରିବାରରୁ ଚଳିତ ନିର୍ବାଚନରେ ପୁଣି ଥରେ ଏକାଧିକ ବ୍ୟକ୍ତି ପ୍ରାର୍ଥୀ ହୋଇଛନ୍ତି। ବଲାଙ୍ଗୀର ଲୋକସଭା ଆସନରେ ସଙ୍ଗୀତା କୁମାରୀ ସିଂହଦେଓ ବିଜେପିରୁ ନିର୍ବାଚନ ଲଢୁଛନ୍ତି। ସେହିପରି ତାଙ୍କ ସ୍ୱାମୀ ତଥା ପାଟଣାଗଡ଼ ରାଜା କନକବର୍ଦ୍ଧନ ସିଂହଦେଓ ଚଳିତ ଥର ପୁଣି ଥରେ ପାଟଣାଗଡ଼ରୁ ପ୍ରାର୍ଥୀ ହୋଇଛନ୍ତି। ସେହିପରି ବଲାଙ୍ଗୀର ରାଜପରିବାରର ସଦସ୍ୟ ତଥା ଅନଙ୍ଗ ଉଦୟ ସିଂହଦେଓଙ୍କ ପୁଅ କଳିକେଶ ନାରାୟଣ ସିଂହଦେଓ ବିଜେଡିରୁ ବଲାଙ୍ଗୀର ବିଧାନସଭା ପାଇଁ ପ୍ରାର୍ଥୀ ହୋଇଛନ୍ତି। କଳାହାଣ୍ଡି ରାଜପରିବାରର ବୋହୂ ମାଳବିକା ଦେଓ କଳାହାଣ୍ଡି ଲୋକସଭା ଆସନ ପାଇଁ ବିଜେପି ପ୍ରାର୍ଥୀ ହୋଇଥିବା ବେଳେ ବାମଣ୍ଡା ରାଜପରିବାରର ବୋହୂ ତଥା ଦେବଗଡ଼ ରାଣୀ ବିଧାନସଭା ପ୍ରାର୍ଥୀ ହୋଇଛନ୍ତି। ଅନୁଗୁଳରୁ ଚଳିତ ଥର ପାରିକୁଦ ରାଜପରିବାର ସଦସ୍ୟା ତଥା ପୂର୍ବତନ ମନ୍ତ୍ରୀ ରଜନୀକାନ୍ତ ସିଂହଙ୍କ ପତ୍ନୀ ସଂଯୁକ୍ତା ସିଂହଙ୍କୁ ବିଜେଡି ପ୍ରାର୍ଥୀ କରିଛି। ଜୟପାଟଣା ରାଜପରିବାର ସଦସ୍ୟ ପୁଷ୍ପେନ୍ଦ୍ର ସିଂହଦେଓ ବିଜେଡିରୁ ଧର୍ମଗଡ଼ ବିଧାନସଭା ପ୍ରାର୍ଥୀ ହୋଇଛନ୍ତି। ଆଳି ରାଜା ପ୍ରତାପ ଦେବ୍ ବିଜେଡିରୁ ବିଧାନସଭା ପ୍ରାର୍ଥୀ ହୋଇଥିବା ବେଳେ ସାନଖେମୁଣ୍ଡି ବିଧାନସଭା ଆସନ ପାଇଁ ଧରାକୋଟ୍‌ର ରାଜା ସୁଲକ୍ଷଣା ଗୀତାଞ୍ଜଳି ଦେବୀ ବିଜେଡିରୁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସେହିପରି ଚିକିଟି ଆସନରୁ ଚଳିତ ଥର ପୂର୍ବତନ ମନ୍ତ୍ରୀ ଉଷା ଦେବୀଙ୍କ ପୁଅ ତଥା ଚିକିଟି ରାଜପରିବାର ସଦସ୍ୟ ଚିନ୍ମୟାନନ୍ଦ ସ୍ୱରୂପ ଦେବ ବିଜେଡି ପ୍ରାର୍ଥୀ ହୋଇ ଭୋଟ୍ ଭିକ୍ଷା କରୁଛନ୍ତି। ଅନୁରୂପ ଭାବରେ ଦଶପଲ୍ଲା ରାଜପରିବାର ସଦସ୍ୟ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ବିଜେପିରୁ ନୟାଗଡ଼ ଆସନରୁ ବିଧାନସଭା ପ୍ରାର୍ଥୀ ହୋଇଛନ୍ତି। ଅନ୍ୟପଟେ କଂଗ୍ରେସରୁ ଜଣେ ମାତ୍ର ରାଜପରିବାର ସଦସ୍ୟା ଭାବେ ଢେଙ୍କାନାଳ ରାଜପରିବାର ସଦସ୍ୟ ସସ୍ମିତା ସିଂହଦେଓ ଢେଙ୍କାନାଳ ବିଧାନସଭା ଆସନରୁ କଂଗ୍ରେସରୁ ପ୍ରାର୍ଥୀ ଭାବରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି।

## ସକ୍ରିୟ ହେଲେଣି ବିଭିନ୍ନ ଦଳର ଛାତ୍ର ଓ ଯୁବ ସଂଗଠନ

# ନଜରରେ ୮ ଲକ୍ଷ ନୂଆ ଭୋଟର

**ଭୁବନେଶ୍ୱର, ୨୪।୪(ସମିସ):** ନିର୍ବାଚନ ପାଇଁ ସବୁ ଦଳ ଅଙ୍କ କଷା ଆରମ୍ଭ କରି ଦେଇଥିବା ବେଳେ ଯୁବ ଭୋଟରଙ୍କ ଉପରେ ରହିଛି ସମସ୍ତଙ୍କ ଆଖି। ଚଳିତ ଥର ସର୍ବାଧିକ ଯୁବ ଭୋଟରଙ୍କ ନାମ ମତଦାତା ତାଲିକାରେ ସ୍ଥାନ ପାଇଛି। ଚଳିତ ନିର୍ବାଚନରେ ଏହି ବୟସର ପ୍ରାୟ ୮ ଲକ୍ଷ ନୂଆ ଭୋଟର ନିଜ ମତାଧିକାର ସାବ୍ୟସ୍ତ କରିବେ। ତେଣୁ ୧୮-୧୯ ବର୍ଷ ମଧ୍ୟରେ ଥିବା ଏହି ଭୋଟରଙ୍କୁ ନିଜ ଆଡ଼କୁ କରିବା ପାଇଁ ବିଭିନ୍ନ ରାଜନୈତିକ ଦଳ ପ୍ରସ୍ତୁତି ଚଳାଇଛନ୍ତି।

ରାଜ୍ୟରେ ଏଥର ୩.୩୪ ଲକ୍ଷ ଭୋଟର ମତଦାନ କରିବେ। ସେମାନଙ୍କ ମଧ୍ୟରୁ ୧୮-୧୯ ବର୍ଷର ନୂଆ ଭୋଟରଙ୍କ ହାର ୨.୩୯ ପ୍ରତିଶତ। ସାଧାରଣତଃ ଛାତ୍ରଛାତ୍ରୀ ଥିବା ନୂଆ ଭୋଟରଙ୍କ ସମର୍ଥନ ନିର୍ବାଚନରେ ବଡ଼ ପ୍ରଭାବ ପକାଇବ। ରାଜ୍ୟର ତିନି ପ୍ରମୁଖ ରାଜନୈତିକ ଦଳ ବିଜେଡି, ବିଜେପି ଏବଂ କଂଗ୍ରେସ୍ ନିଜ ଛାତ୍ର ଓ ଯୁବ ସଂଗଠନ ଜରିଆରେ ଯୁବ ଭୋଟରଙ୍କ ସମର୍ଥନ ଯୋଗାଡ଼ ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି। ଏଥିରେ ଆଗରେ ରହିଛି ଛାତ୍ର ବିଜେଡି ଓ ଯୁବ ବିଜେଡି। ନିର୍ବାଚନର ବହୁ ପୂର୍ବରୁ ବିଜେଡି ନିଜ ଛାତ୍ର ଓ ଯୁବ ସଂଗଠନକୁ ନେଇ ପ୍ରସ୍ତୁତି ଆରମ୍ଭ କରିଛି। ଏକ ବଡ଼ ରଣନୀତି ସ୍ୱରୂପ ରାଜ୍ୟର ଉଚ୍ଚଶିକ୍ଷା କ୍ଷେତ୍ରରେ ବ୍ୟାପକ ଉନ୍ନତି ଆଣିବା ଲକ୍ଷ୍ୟରେ ଛାତ୍ରଛାତ୍ରୀମାନଙ୍କ ଠାରୁ ପ୍ରସ୍ତାବ ଆହ୍ୱାନ କରିଛି ବିଜୁ ଛାତ୍ର ଜନତା ଦଳ। ଏଥିପାଇଁ ଜିଲ୍ଲା ସ୍ତରରେ ସ୍ୱତନ୍ତ୍ର ଭାବେ କର୍ମଶାଳା ଆୟୋଜନ କରାଯାଉଛି। ସେଥିରୁ ସୁଚିନ୍ତିତ ପ୍ରସ୍ତାବଗୁଡ଼ିକୁ ଦଳ ନିଜର ନିର୍ବାଚନୀ ଇସ୍ତାହାରରେ ସ୍ଥାନ ଦେବା ପାଇଁ ଯୋଜନା କରିଛି। କ୍ଷମତାକୁ ଆସିଲେ ସେ ସବୁ ପ୍ରସ୍ତାବକୁ କାର୍ଯ୍ୟକାରୀ କରାଯିବ ବୋଲି ବିଜେଡି କହିଛି। ସେହିପରି ଛାତ୍ର ବିଜେଡି ରାଜ୍ୟ ଓ ଜିଲ୍ଲା ସ୍ତରରେ କର୍ମଶାଳା ଆୟୋଜନ କରି ତୃଣମୂଳ ସ୍ତରରେ ସଂଗଠନକୁ ସୁଦୃଢ଼ କରିଛି। ଛାତ୍ର ବିଜେଡିର ପ୍ରତ୍ୟେକ କର୍ମକର୍ତ୍ତା ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତାବହ ଭାବେ ଛାତ୍ର ସମାଜ ପାଖରେ ପହଞ୍ଚି ନୂଆ ଓଡ଼ିଶା ସଶକ୍ତ ଓଡ଼ିଶା ନିର୍ମାଣ ପାଇଁ ସମର୍ଥନ ଜୁଟାଇବା ଆରମ୍ଭ କରିଛନ୍ତି। ରାଜ୍ୟସ୍ତରୀୟ ନେତୃତ୍ୱ ପୂରା ପ୍ରକ୍ରିୟା ଉପରେ ନଜର ରଖି ଜିଲ୍ଲାସ୍ତରରେ ସମନ୍ୱୟ ରକ୍ଷା କରୁଛନ୍ତି। ଆଗାମୀ ୧୦ ବର୍ଷରେ ଓଡ଼ିଶା ଏକ ସୁବର୍ଣ୍ଣ ସମୟ ଦେଖିବାକୁ ଯାଉଥିବା ବେଳେ ସେଥିରେ ଯୁବଶକ୍ତିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିବ। ସେଥିପାଇଁ ରାଜ୍ୟ ସରକାର ଛାତ୍ର ବୃତ୍ତି ଠାରୁ ଆରମ୍ଭ କରି ନବୀନ ଓଡ଼ିଶା ମ୍ୟାଜିକ କାର୍ଡକୁ ସମୃଦ୍ଧିର ପାସପୋର୍ଟ ଭାବେ ଛାତ୍ର ସମାଜ ପାଖରେ ପହଞ୍ଚାଇଛନ୍ତି। ଉଚ୍ଚ ଓ ବୈଷୟିକ ଶିକ୍ଷାନୁଷ୍ଠାନର କାୟାକଳ୍ପ ସହିତ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଓଡ଼ିଶାର ଛାତ୍ର ସମାଜକୁ ବଳ ଯୋଗାଉଛି। ତେଣୁ ନୂଆ ଭୋଟରଙ୍କ ସମର୍ଥନ ପାଇବା ବିଜେଡି ପାଇଁ କଷ୍ଟକର ହେବ ନାହିଁ ବୋଲି ମତ ପ୍ରକାଶ ପାଇଛି।

- ସମର୍ଥନ ଯୋଗାଡ଼ରେ ଯୁବ ଓ ଛାତ୍ର ବିଜେଡି
- ଛାତ୍ରଛାତ୍ରୀଙ୍କ ପାଇଁ ପରିବର୍ତ୍ତନ ଆଣିଛି 'ନୂଆ-ଓ'

ନୂଆ ଭୋଟର ବିଶେଷକରି ୧୮ ବର୍ଷରୁ ଅଧିକ ଛାତ୍ରଛାତ୍ରୀଙ୍କୁ ଆକୃଷ୍ଟ କରିବା ଉଦ୍ୟମରେ ବିଜେପି ଓ କଂଗ୍ରେସ୍ ମଧ୍ୟ ନିଜକୁ ପ୍ରସ୍ତୁତ କରିଛନ୍ତି। ଉଭୟ ଦଳ ନିଜ ରାଜ୍ୟ କାର୍ଯ୍ୟାଳୟରେ ୱାର୍ ରୁମ୍ ପ୍ରତିଷ୍ଠା କରି ପୂରା ପ୍ରଚାର ପ୍ରକ୍ରିୟା ନିୟନ୍ତ୍ରଣ କରୁଛନ୍ତି। ବିଜେପିର ଛାତ୍ର ସଂଗଠନ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ଭାରତ ସରକାରଙ୍କର ଛାତ୍ର କଲ୍ୟାଣକାରୀ ଯୋଜନା ଜରିଆରେ ନୂଆ ଭୋଟରଙ୍କ ନିକଟତର ହେବାକୁ ଉଦ୍ୟମ ଚଳାଇଛି। ଉଚ୍ଚଶିକ୍ଷାନୁଷ୍ଠାନରେ କାର୍ଯ୍ୟକଳାପ ବୃଦ୍ଧି ପାଇଛି। ଅପରପକ୍ଷେ ଛାତ୍ର କଂଗ୍ରେସ୍‌ର ରାଜ୍ୟ ସଭାପତି ୟାସିର୍ ନୱାଜଙ୍କୁ ଭୁବନେଶ୍ୱର ଲୋକସଭା ଆସନରୁ ପ୍ରାର୍ଥୀ କରି ଛାତ୍ର ସମାଜକୁ ଏକ ବାର୍ତ୍ତା ଦେବାକୁ ଚାହିଁଛି। ତେବେ ନୂଆ ତଥା ଯୁବ ଭୋଟରଙ୍କ ନିକଟତର ହେବା ପାଇଁ ସବୁ ରାଜନୈତିକ ଦଳର ବଡ଼ ଅସ୍ତ୍ର ହେଉଛି ସାମାଜିକ ଗଣମାଧ୍ୟମ। ଫେସ୍‌ବୁକ, ଇନଷ୍ଟାଗ୍ରାମ୍, ୟୁଟ୍ୟୁବ୍ ରିଲ୍ସ ଏବଂ ଏକ୍ସର ବ୍ୟାପକ ବ୍ୟବହାର ଆରମ୍ଭ ହୋଇଗଲାଣି। ଛାତ୍ର ଓ ଯୁବ ସଂଗଠନ ସାମାଜିକ ଗଣମାଧ୍ୟମରେ ନିଜ ନିଜ ଦଳର ତଥା ପ୍ରାର୍ଥୀଙ୍କ ପ୍ରଚାର ଚଳାଇଛନ୍ତି। ମନଲୋଭା ପୋଷ୍ଟିଂ ଜରିଆରେ ଭୋଟରଙ୍କୁ ନିଜ ଆଡ଼କୁ ଆଣୁଛନ୍ତି।

# ହିଞ୍ଜିଳିରୁ ଶଙ୍ଖନାଦ













## ସଶକ୍ତ ଓଡ଼ିଶା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଆଶୀର୍ବାଦ

ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନୀ ପ୍ରଚାର ସଭାରେ ହିଞ୍ଜିଳି ବ୍ଲକ ଅଧ୍ୟକ୍ଷା ସରସ୍ୱତୀ ସେଠୀ ସ୍ୱାଗତ ଭାଷଣ ପ୍ରଦାନ କରି ରେକର୍ଡ଼ ସଂଖ୍ୟକ ଭୋଟରେ ବିଜୁ ଜନତା ଦଳକୁ ଜିତାଇ ଆଣିବାକୁ କର୍ମୀ ମାନଙ୍କୁ ଆହ୍ୱାନ ଦେବା ସହିତ ମୁଖ୍ୟମନ୍ତ୍ରୀଙ୍କୁ ଆଶୀର୍ବାଦ କରି ସଶକ୍ତ ଓଡ଼ିଶା ଗଠନରେ ଭାଗିଦାରୀ ହେବାକୁ କହିଥିଲେ। ଏଣୁ ଶଙ୍ଖ ଚିହ୍ନକୁ କେହି ଭୁଲିବେ ନାହିଁ। ଯୋଡ଼ି ଶଙ୍ଖରେ ମୋହର ମାରିବାକୁ ସେ ନିବେଦନ କରିଥିଲେ।

## ହୁଳହୁଳି, କରତାଳିରେ ପ୍ରକମ୍ପିତ ହିଞ୍ଜିଳି

ମୁଖ୍ୟମନ୍ତ୍ରୀଙ୍କ ହିଞ୍ଜିଳି ଜନସଭାରେ ହୁଳହୁଳି ଓ କରତାଳିରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହୋଇଛି। ବିଜୁ ବାବୁଙ୍କ ଡାକରାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସାକାର କରିବାରେ ସଫଳ ହୋଇଛନ୍ତି। ଏଣୁ ଯୋଡ଼ି ଶଙ୍ଖ ହିଁ ବିକାଶର ଏକମାତ୍ର ରାସ୍ତା ବୋଲି କର୍ମୀମାନେ ମତବ୍ୟକ୍ତ କରିଛନ୍ତି।

## ଜନ ସମୁଦ୍ର ହିଁ ନବୀନଙ୍କ ପ୍ରତି ଭଲପାଇବାର ପରିଚୟ

ହିଞ୍ଜିଳି ସଭାରେ ଜନସମୁଦ୍ର ପରିଲକ୍ଷିତ ହୋଇଛି। ଆଉ ଏହି ଜନଗଣ ନବୀନଙ୍କ ପ୍ରତି ଥିବା ଭଲପାଇବାର ମୁକସାକ୍ଷୀ ବୋଲି ବିଜୁ ଜନତା ଦଳର ରାଜ୍ୟ ସମ୍ପାଦକ ଦେବାନନ୍ଦ ମହାପାତ୍ର କହିଛନ୍ତି। ଭାରତୀୟ ଜନତା ପାର୍ଟି ବ୍ୟବସାୟୀ ପାର୍ଟି। ବିକାଶକୁ ହଜମ କରିପାରୁନାହାନ୍ତି ବୋଲି ସେ କହିଛନ୍ତି।

## ଭୋଟ ଭିକ୍ଷା କଲେ ସାଂସଦ ପ୍ରାର୍ଥିନୀ ରଞ୍ଜିତା ସାହୁ

ହିଞ୍ଜିଳି ପ୍ରଚାର ସଭାରେ ଆସିକା ସାଂସଦ ପ୍ରାର୍ଥୀ ରଞ୍ଜିତା ସାହୁ ନିଜ ପାଇଁ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲାଗି ଭୋଟ ଭିକ୍ଷା କରିଛନ୍ତି। ବିକାଶର ପ୍ରଗତି ଆଗକୁ ନେବାକୁ ହେଲେ ଯୋଡ଼ି ଶଙ୍ଖକୁ ଭୋଟ ଦେବାକୁ ସେ କହିଛନ୍ତି। ବିଗତ ୨୪ବର୍ଷରେ ଓଡ଼ିଶାରେ ଶିକ୍ଷା, ସ୍ୱାସ୍ଥ୍ୟ, ପରିବହନ ଆଦିରେ ବହୁବିଧ ବିକାଶ ହୋଇଥିବା ସେ କହିଛନ୍ତି।

## ଗଞ୍ଜାମରୁ ଆରମ୍ଭ ହୁଏ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରତିଟି ଶୁଭ କାର୍ଯ୍ୟ ଗଞ୍ଜାମ ଓ ହିଞ୍ଜିଳିରୁ ଆରମ୍ଭ ହୁଏ। ସ୍କୁଲ ରୂପାନ୍ତରିକରଣ, ମନ୍ଦିର ରୂପାନ୍ତରିକରଣ, ଆମ ହସ୍ପିଟାଲ ଆଦି ବହୁ କାର୍ଯ୍ୟ ଗଞ୍ଜାମ ଜିଲ୍ଲାରୁ ଆରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ଏହି ଜିଲ୍ଲାକୁ ବେଶ ଭଲପାଆନ୍ତି। ସେ ଏହି ଜିଲ୍ଲାକୁ ଶ୍ରେଷ୍ଠ ଜିଲ୍ଲା ଭାବେ ପରିଗଣିତ କରିଛନ୍ତି ବୋଲି ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ କହିଛନ୍ତି।

## ମା'ଙ୍କ ଅଭାବ ପୂରଣ କରିଛନ୍ତି ମୁଖ୍ୟମନ୍ତ୍ରୀ

ମା' ମାନଙ୍କୁ ସ୍ୱାବଲମ୍ବୀ କରିବା ସହିତ ସେମାନଙ୍କ ଅଭାବ ପୂରଣ କରିଛନ୍ତି ମୁଖ୍ୟମନ୍ତ୍ରୀ। ତାଙ୍କୁ ଷଷ୍ଠଥର ଲାଗି ଆଶୀର୍ବାଦ କରି ସଶକ୍ତ ଓଡ଼ିଶା ଓ ବିଶ୍ୱ ରେକର୍ଡ଼ କରିବାରେ ସମସ୍ତେ ଆଶୀର୍ବାନ କରନ୍ତୁ ବୋଲି ଆସିକା ସାଂସଦ ପ୍ରମିଳା ବିଷୋୟୀ କହିଛନ୍ତି। ଓଡ଼ିଶାରେ ସୁଖର ଲହରି ଦେଖାଦେଇଛି। ମାତୃ ଗର୍ଭରୁ ମୃତ୍ୟୁ ଯାଏଁ ଥିବା ଯୋଜନା ସଶକ୍ତ ଓଡ଼ିଶାର ପରିଚୟ ବୋଲି ସେ କହିଛନ୍ତି।

## କାର୍ତ୍ତିକ ପାଣ୍ଡିଆନଙ୍କ ପ୍ରତି ଅକୁଣ୍ଠ ଭଲପାଇବା

ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ସମୟରେ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନଙ୍କ ପ୍ରତି ଲୋକଙ୍କ ଆକୁଣ୍ଠ ଭଲପାଇବା ଦେଖିବାକୁ ମିଳିଛି। କାର୍ଯ୍ୟକ୍ରମ ସମୟରେ ବହୁ ମହିଳା ଓ ଯୁବପିଢ଼ି ଶ୍ରୀ ପାଣ୍ଡିଆନଙ୍କ ସହ ହାତ ମିଳେଇବା ଓ ସେଲ୍‌ଫି ନେବାକୁ ଉତ୍ସାହ ପ୍ରକାଶ କରିଥିଲେ। ସେହିଭଳି ପ୍ରିୟ ପ୍ରତିନିଧିଙ୍କୁ ନିକଟରେ ପାଇଁ ସମସ୍ତଙ୍କ ମନରେ ନୂଆ ଉନ୍ମାଦନା ଦେଖାଦେଇଥିଲା।

# ଶିମିଳିପାଳରେ ପୁଣି ୨୪ଟି ଫାୟାର ପଏଣ୍ଟ ଚିହ୍ନଟ

**ବାରିପଦା, ୨୪।୪(ସମିସ):** ଏସିଆ ମହାଦେଶର ଦ୍ୱିତୀୟବୃହତ୍ ଜୈବମଣ୍ଡଳ ଶିମିଳିପାଳ ଅଭୟାରଣ୍ୟରେ ପୁଣି ଲାଗିଲା ନିଆଁ। ଅସହ୍ୟ ଗ୍ରୀଷ୍ମ ପ୍ରବାହ ସହ ତାପମାତ୍ରାର ପାରଦ ବୃଦ୍ଧି ଯୋଗୁଁ ଅଭୟାରଣ୍ୟ ଜଳିବାରେ ଲାଗିଛି। ମଙ୍ଗଳବାର ଶୂନ୍ୟ ବନାଗ୍ନି ସ୍ଥିତି ହୋଇଛି। ଉକ୍ତ ବନାଗ୍ନି ସ୍ଥିତି ନିୟନ୍ତ୍ରଣ ନିୟୋଜିତ ବନ କର୍ମଚାରୀ ସମେତ ଓଡ୍ରାଫ ଟିମ, ଅଗ୍ନିଶମ ବାହିନୀ ମାନେ ଫାୟାର ପଏଣ୍ଟ ମାନଙ୍କରେ ପହଞ୍ଚି ବନାଗ୍ନି ସ୍ଥିତି ନିୟନ୍ତ୍ରଣ କରିଛନ୍ତି। ଫାୟାର ଲାଇନ ସୃଷ୍ଟି କରିବା ସହ ବନାଗ୍ନିକୁ ରୋକିବା ପ୍ରୟାସ ଫଳରେ ସ୍ଥିତି ନିୟନ୍ତ୍ରଣ ହୋଇଛି। ନିଆଁ ଲାଗିବାର କିଛି ସମୟ ମଧ୍ୟରେ ଲିଭାଇବା ପାଇଁ ବନ ବିଭାଗ କର୍ମଚାରୀଙ୍କ ଉଦ୍ୟମ ଫଳରେ ବନାଗ୍ନି ସମ୍ପୂର୍ଣ୍ଣ ଆୟତ୍ତ ହୋଇଛି। ତେବେ ଗରମ ସମେତ ବନାଗ୍ନି ଫଳରେ ଶିମିଳିପାଳ ଅଭୟାରଣ୍ୟରେ ବନ୍ୟଜନ୍ତୁ ଗରମ ତାତିରେ ଆଉଟ ପାଉଟ ହେଉଛନ୍ତି। ପ୍ରତିଦିନ କ୍ରମଶଃ ତାପମାତ୍ରା ବୃଦ୍ଧି ପାଇବା ସହ ବନାଗ୍ନି ସ୍ଥିତି ମଧ୍ୟ ବଢ଼ିବାରେ ଲାଗିଛି। ଜଙ୍ଗଲର ତଳେ ଶୁଖିଲା



ଥିବାବେଳେ ବୁଧବାର ପୁଣି ୨୪ଟି ଫାୟାର ପଏଣ୍ଟ ଚିହ୍ନଟ ହୋଇଛି। ଏ ନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ଡ. ପ୍ରକାଶ ଚାନ୍ଦ ଗୋଗିନେନି ସୂଚନା ଦେଇଛନ୍ତି। ଅଭୟାରଣ୍ୟରେ ଚିହ୍ନଟ ହୋଇଥିବା ୨୪ଟି ଫାୟାର ପଏଣ୍ଟ ମଧ୍ୟରୁ ଉତ୍ତର ବନଖଣ୍ଡରେ ୮ଟି ଏବଂ ଦକ୍ଷିଣ ବନଖଣ୍ଡରେ ୧୨ଟି ସ୍ଥାନରେ ଫାୟାର ପଏଣ୍ଟ ଚିହ୍ନଟ ହୋଇଛି। ଏଥିସହିତ କରଞ୍ଜିଆରେ ୨ଟି ଏବଂ ବାରିପଦା ଓ ରାଇରଙ୍ଗପୁର ବନଖଣ୍ଡରେ ଗୋଟିଏ ଲେଖାଏଁ ସ୍ଥାନରେ ଫାୟାର ପଏଣ୍ଟ ଚିହ୍ନଟ ପତ୍ର ପଡ଼ିଥିବାରୁ ଅଗ୍ନି ସଂଯୋଗ ଯୋଗୁଁ ନିଆଁ ଲାଗିବା ସହ ଖୁବଶୀଘ୍ର ବ୍ୟାପିବାରେ ଲାଗିଥାଏ। ଦୀର୍ଘଦିନ ହେବ ବର୍ଷା ହୋଇ ନ ଥିବାରୁ ତାତି ବଢ଼ିବାରେ ଲାଗିଛି। ବନ ବିଭାଗ କର୍ମଚାରୀ ଦିନରାତି ଏକ କରି ବ୍ଲୋୟର ମେସିନ ଜରିଆରେ ଫାୟାର ଲାଇନ ସୃଷ୍ଟି ସହ କିପରି ଶିମିଳିପାଳ ଅଭୟାରଣ୍ୟରେ ବନାଗ୍ନି ରୋକାଯିବ ସେ ନେଇ ଉଦ୍ୟମ ଜାରି ରଖିଛନ୍ତି। ବନାଗ୍ନିକୁ ସମ୍ପୂର୍ଣ୍ଣଭାବେ ରୋକିବା ନିମନ୍ତେ ଜିଲ୍ଲା ପ୍ରଶାସନ, ସ୍ୱୟଂ ସହାୟକ ଗୋଷ୍ଠୀ ଓ ସ୍ଥାନୀୟ ଜନପ୍ରତିନିଧିଙ୍କ ସହାୟତାରେ ବ୍ୟାପକ ସଚେତନତା ସୃଷ୍ଟି କରାଯାଉଛି।

## ଶାନ୍ତିପୂର୍ଣ୍ଣ ନିର୍ବାଚନ ନେଇ ସହରରେ ରାତ୍ରିକାଳୀନ ଯାଞ୍ଚ କଡ଼ାକଡ଼ି

# ଆନ୍ତଃରାଜ୍ୟ ସଂଯୋଗ ରାସ୍ତାରେ ପୁଲିସ ପହରା ଜାରି





**ବାରିପଦା, ୨୪।୪(ସମିସ)**

ସାଧାରଣ ନିର୍ବାଚନ ୨୦୨୪କୁ ଶାନ୍ତିପୂର୍ଣ୍ଣ ଭାବେ ପରିଚାଳନା କରିବା ପାଇଁ ଜିଲ୍ଲା ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି। ମୟୂରଭଞ୍ଜ ଜିଲ୍ଲାକୁ ସଂଯୋଗ କରୁଥିବା ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡର ସୀମାନ୍ତବର୍ତ୍ତୀ ସ୍ଥାନରେ ଜିଲ୍ଲା ପୁଲିସ ପକ୍ଷରୁ ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହୋଇସାରିଥିବା ବେଳେ ବାରିପଦା ସହରରେ କଡାକଡି ଯାଞ୍ଚ ଆରମ୍ଭ କରାଯାଇଛି। ଏସ୍‌ପି ଏସ. ସୁଶ୍ରୀଙ୍କ ନିର୍ଦ୍ଦେଶକ୍ରମେ ବାରିପଦା ଟାଉନ ଥାନାଧିକାରୀ ସୁମିତ ସୋରେନଙ୍କ ନେତୃତ୍ୱରେ ରାତ୍ରିକାଳୀନ ଯାଞ୍ଚ ଆରମ୍ଭ ହୋଇଛି। ସହରକୁ ପ୍ରବେଶ ଓ ପ୍ରସ୍ଥାନ ସ୍ଥାନ ଯଥା ପାଲବଣି, ଦାରୋଗାଡାହି, ମୁର୍ଗାବାଡ଼ି, କୃଷ୍ଣଚନ୍ଦ୍ର ଗୋଲେଇ, ସତ୍ୟସାଇ ଛକ ଆଦି ବହୁ ସ୍ଥାନରେ ପୁଲିସ ନାକା କରି ଯାଞ୍ଚ କରୁଛି। ଜିଲ୍ଲା ପୁଲିସ ସମେତ ସିଆଇଏସଏଫ ଯବାନ ମଧ୍ୟ ଯାଞ୍ଚକୁ ତନ୍ନତନ୍ନ କରୁଛନ୍ତି। ବିଶେଷକରି ଆନ୍ତଃରାଜ୍ୟ ଅପରାଧୀଙ୍କ ଗତିବିଧି ଉପରେ ନଜର ରଖିବା, ନିର୍ବାଚନ ସମୟରେ ବେଆଇନ ଟଙ୍କା, ମାରଣାସ୍ତ୍ର ଓ ମାଦକ ଦ୍ରବ୍ୟ ଚାଲାଣ ରୋକିବା ନେଇ ଯାଞ୍ଚ କରାଯାଉଛି। ଯାଞ୍ଚ ସମୟରେ ମଦ୍ୟପାନ କରି ଗାଡି ମୋଟର ଚଳାଚଳ କରୁଥିବା ବ୍ୟକ୍ତିଙ୍କ କ୍ଷେତ୍ରରେ ପୁଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଉକ୍ତ ଯାଞ୍ଚ ପ୍ରକ୍ରିୟା ନିର୍ବାଚନ ପର୍ଯ୍ୟନ୍ତ ପ୍ରତିଦିନ ଜାରି ରହିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି। ଏଥିସହିତ ମୟୂରଭଞ୍ଜ ଜିଲ୍ଲାର ସୀମାନ୍ତ କରଞ୍ଜିଆ, ରାଇରଙ୍ଗପୁର, ରରୁଆଁ, ତିରିଂ, ଶୁଳିଆପଦା, ମୋରଡ଼ା, ଝାରପୋଖରିଆ ଓ ରାସଗୋବିନ୍ଦପୁର ଆଦି ପୁଲିସ ଦ୍ୱାରା ମଧ୍ୟ ଯାଞ୍ଚକୁ କଡାକଡି କରାଯାଉଛି। ପୁଲିସ ପକ୍ଷରୁ ଏଥିପାଇଁ ପ୍ରମୁଖ ୧୦ଟି ଆନ୍ତଃରାଜ୍ୟ ପ୍ରବେଶପଥ ତନଖି ପୋଷ୍ଟ ସହିତ ୨୨ଟି ଅସ୍ଥାୟୀ ପୁଲିସ ଚେକ ପୋଷ୍ଟ କାର୍ଯ୍ୟ କରୁଛି। ଏଥିସହ ଅନ୍ୟାନ୍ୟ ଆନ୍ତଃରାଜ୍ୟ ସଂଯୋଗ ରାସ୍ତାରେ ପୁଲିସ ପ୍ରହରା ଜାରି ରହିଛି। ଅସାମାଜିକ କାର୍ଯ୍ୟକଳାପ, ରାଜ୍ୟ ସୀମାପାର ଆଦି ବାବଦରେ ପଡୋଶୀ ପୁଲିସଙ୍କ ସହ ସୂଚନା ଆଦାନ ପ୍ରଦାନ ମଧ୍ୟ ହେଉଛି। ଜିଲ୍ଲାବ୍ୟାପୀ ନାକା କରି ପୁଲିସ ପକ୍ଷରୁ ଦିନରାତି ଯାଞ୍ଚ ପ୍ରକ୍ରିୟା କରିବା ସହ ନିର୍ବାଚନ ସମୟରେ ଲୋକଙ୍କୁ ପ୍ରଲୋଭିତ କରିବାକୁ ରୋକିବାକୁ କାର୍ଯ୍ୟ କରିବ। ପଡୋଶୀ ସୀମାନ୍ତବର୍ତ୍ତୀ ପୁଲିସ ସହାୟତାରେ ସୀମାରେ ଥିବା ଚେକ ପୋଷ୍ଟଗୁଡିକରେ ନିର୍ବାଚନ ନେଇ କଡାକଡି ଯାଞ୍ଚ ପ୍ରକ୍ରିୟା ଜାରି ରହିବ ବୋଲି ଏସ୍‌ପି କହିଛନ୍ତି।

## ମଧୁବନ ଅଞ୍ଚଳରୁ କିନ୍ନରଙ୍କ ମୃତଦେହ ଉଦ୍ଧାର

**ବାରିପଦା, ୨୪।୪(ସମିସ):** ବାରିପଦା ଟାଉନ ଥାନା ଅନ୍ତର୍ଗତ ମଧୁବନ ଅଞ୍ଚଳରୁ ବୁଧବାର ସକାଳୁ ଜଣେ କିନ୍ନରଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତ କିନ୍ନର ଜଣକ ହେଉଛନ୍ତି ମଲ୍ଲି। ସେ ଶୁନଗଡ଼ିଆ ଅଞ୍ଚଳରେ ରହୁଛନ୍ତି। ମଧୁବନ ଅଞ୍ଚଳର ଗ୍ୟାରେଜ ଛକ ନିକଟରେ ମଧୁବନ ମିନି ଷ୍ଟାଡିୟମ ପାଚେରୀକୁ ଲାଗି ବୁଧବାର ସକାଳୁ ମଲ୍ଲିର ମୃତଦେହ ପଡ଼ିଥିବାର ନେଇ ସ୍ଥାନୀୟ ଲୋକମାନେ ଦେଖିବାକୁ ପାଇଥିଲେ। ଏନେଇ ସଙ୍ଗେ ସଙ୍ଗେ ପୁଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ପୁଲିସ ପହଞ୍ଚି ପାରିପାର୍ଶ୍ୱିକ ସ୍ଥିତ ଅନୁଧ୍ୟାନ କରି ମୃତଦେହ ଉଦ୍ଧାର କରି ଶବ ବ୍ୟବଚ୍ଛେଦ ନିମନ୍ତେ ପିଆରଏମ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲକୁ ପଠାଇଥିଲା। ମୃତକଙ୍କ ନାକରୁ ଫେଣ ବାହାରୁଥିବାର ସ୍ଥାନୀୟ ଲୋକ ଦେଖିଥିଲେ। ମଲ୍ଲି ଉକ୍ତ ଅଞ୍ଚଳରେ ବହୁ ଦିନ ହେବ ବୁଲାବୁଲି କରୁଥିଲେ। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବା ବେଳେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ବାରିପଦା ଟାଉନ ଥାନା ଅଧିକାରୀ ସୁମିତ କୁମାର ସୋରେନ ସୂଚନା ଦେଇଛନ୍ତି। ଏହାକୁ ନେଇ ବାରିପଦା ଟାଉନ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୁଲିସ ତଦନ୍ତ ଆରମ୍ଭ କରିଛି।

## ଘର ସମ୍ମୁଖରୁ ବୋଲେରୋ ଚୋରି

**ବାରିପଦା, ୨୪।୪(ସମିସ):** ବାରିପଦା ଟାଉନ ଥାନା ଅନ୍ତର୍ଗତ ଅମ୍ବିକା ସାହିରେ ବିଳମ୍ବିତ ରାତିରେ ଜଣେ ଚାଳକଙ୍କ ଘର ସମ୍ମୁଖରୁ ଏକ ବୋଲେରୋ ଚୋରି ହୋଇଛି। ଏ ନେଇ ବାରିପଦା ଟାଉନ ଥାନାରେ ଚାଳକ ମୋହନ କୁମାର କୁଆଁରବାବୁ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଅମ୍ବିକା ସାହି ଅଞ୍ଚଳର ଧରିତ୍ରୀ ଦାସଙ୍କ ବୋଲେରୋକୁ ମୋହନ ପ୍ରତିଦିନ ପରି ମଙ୍ଗଳବାର କାମ ସରିବା ପରେ ଅମ୍ବିକା ସାହି ସ୍ଥିତ ଘର ସମ୍ମୁଖରେ ରଖିଥିଲେ। ଏହାପରେ ସେ ରଘୁନାଥପୁର ସ୍ଥିତ ପେଟ୍ରୋଲ ଟାଙ୍କିକୁ ଯାଇଥିଲେ। ରାତି ପ୍ରାୟ ୧୨.୩୦ବେଳକୁ ଫେରିବା ବେଳକୁ ବୋଲେରୋଟି ଥିଲା; କିନ୍ତୁ ବୁଧବାର ଗାଡିଟିକୁ ଦେଖିବାକୁ ପାଇ ନ ଥିଲେ। ବହୁ ଖୋଜାଖୋଜି କରିବା ପରେ ମଧ୍ୟ ବୋଲେରୋ ନ ପାଇବାରୁ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ଅଭିଯୋଗକ୍ରମେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ରୋଟାରୀ ହେରିଟେଜ୍‌ର ମେଧା ଅନ୍ୱେଷଣ

**ବାରିପଦା, ୨୪।୪(ସମିସ):** ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ପ୍ରତିଭାକୁ ପରିପ୍ରକାଶ କରିବା ପାଇଁ ରୋଟାରୀ କ୍ଲବ ହେରିଟେଜ ତରଫରୁ କୁଳିଅଣା ବ୍ଲକ ଭଞ୍ଜଭୂମି ବାଳିକା ଉଚ୍ଚ ବିଦ୍ୟାଳୟରେ ଛାତ୍ରୀଙ୍କ ମଧ୍ୟରେ ଏକ ମେଧା ଅନ୍ୱେଷଣ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତରେ ବିଦ୍ୟାଳୟର ୪୩ ଜଣ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ତନ୍ମଧ୍ୟରୁ ସୁନନ୍ଦିତା ନାଏକ (ନବମ ଶ୍ରେଣୀ) ପ୍ରଥମ, ବନ୍ଦନା ମୁଖି (ନବମ ଶ୍ରେଣୀ) ଦ୍ୱିତୀୟ ଓ ଲକ୍ଷ୍ମୀପ୍ରିୟା ସୋରେନ (ଦଶମ ଶ୍ରେଣୀ) ତୃତୀୟ ସ୍ଥାନ ଅଧିକାର କରିଛନ୍ତି। କାର୍ଯ୍ୟକ୍ରମରେ କ୍ଲବ ତରଫରୁ ସଭାପତି ରୋଟାରିଆନ ଶୈବାଳକାନ୍ତ ନାୟକ, ଆଇପିପି ସନ୍ତୋଷ କାସ୍ତ, ପିପି ଅନିରୁଦ୍ଧ ପୃଷ୍ଟି, ପ୍ରଦୀପ ନାୟକ, ଅମିତାଭ ପଟ୍ଟନାୟକ ଓ ସଭ୍ୟ ପ୍ରୟାସ ଶତପଥୀ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ପ୍ରଧାନ ଶିକ୍ଷୟିତ୍ରୀ ସୁଗନ୍ଧା ପାତ୍ରଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବନବିହାରୀ ପରିଡ଼ା ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ସହ ଟ୍ରଫି ପ୍ରଦାନ କରିଥିଲେ। ରୋଟାରିଆନ ଶ୍ରୀ ପଟ୍ଟନାୟକ ଓ ଶ୍ରୀ ଶତପଥୀ ଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ଶିକ୍ଷକ ବିଳାସ ସାହୁ, ନିମାଇଁ ପାଲ, ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ଦାସ, ସୁମତୀ ପ୍ରଧାନ, ଚିତ୍ତରଞ୍ଜନ ପଣ୍ଡା ଏବଂ କର୍ମଚାରୀ ନିରଞ୍ଜନ କବି ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।




## ଏମ୍‌ପିସି କଲେଜରେ ଆଭିମୁଖ୍ୟ ସଭା

**ବାରିପଦା, ୨୪।୪(ସମିସ):** ବୁଧବାର ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ଅଧ୍ୟୟନ କେନ୍ଦ୍ର ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟରେ ଏକ ଆଭିମୁଖ୍ୟ ସଭା ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ର. ପ୍ରମୋଦ ଚନ୍ଦ୍ର ସାହୁ ସଭାରେ ଅଧ୍ୟକ୍ଷତାରେ କରି କହିଥିଲେ ଯେ, ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ କିପରି ସମସ୍ତଙ୍କ ପାଇଁ ଉପାଦେୟ, ଶିକ୍ଷା ପାଇଁ ସେ ବୟସର ବାଧକ ନୁହେଁ ଏବଂ ତାର ଇ-ଶିକ୍ଷା କିପରି ସୁବିଧା ହୋଇଛି, ମେଧାବୃତ୍ତି ଓ ଉଚ୍ଚଶିକ୍ଷା ନିମନ୍ତେ ବାଟ ଫିଟାଇଛି ସେ ସମ୍ପର୍କରେ ମତପୋଷଣ କରିଥିଲେ। କାର୍ଯ୍ୟକ୍ରମକୁ ସଂଯୋଜନା ଓ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବିଷୟରେ ଆଲୋଚନା କରିଥିଲେ ଅଧ୍ୟୟନ କେନ୍ଦ୍ରର ସଂଯୋଜକ ଡ. ଦୀପକ କୁମାର ବେହେରା। ସମାଜରେ ଶିକ୍ଷାର୍ଥୀଙ୍କ ନିଜର ପରିଚୟ ତିଆରି କରିବାରେ ଓଏସଓୟୁ କିପରି ସହାୟକ ହୋଇଛି ସେ ନେଇ ଆଲୋକପାତ କରିଥିଲେ। ସଭାରେ ବହୁ କାଉନସେଲର ଓ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ସହାୟକ ଅର୍ଜୁନ କୁମାର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।




## ନିଜସ୍ୱ ଖର୍ଚ୍ଚରେ ଉନ୍ନୟନମୂଳକ କାମକରି ଚର୍ଚ୍ଚାରେ କ୍ଷିତୀଶ ମହାନ୍ତ

ମୋରଡ଼ା, ୨୪।୪(ସମିସ): ଯେଉଁ କାମକୁ ପଞ୍ଚାୟତ ପ୍ରଶାସନ କରିବା କଥା ସେହି କାର୍ଯ୍ୟକୁ ନିଜସ୍ୱ ଅର୍ଥରେ କରୁଛନ୍ତି ମୟୂରଭଞ୍ଜ ଜିଲ୍ଲା ମୋରଡ଼ା ବ୍ଲକ ଅନ୍ତର୍ଗତ ଚିତ୍ରଡାର କ୍ଷୀତିଶଚନ୍ଦ୍ର ମହାନ୍ତ। ସେ ଏବେ ବିଜୁ ଜନତା ଦଳର ୩୯ ନମ୍ବର ଜୋନ କୋର୍ଡିନେଟରଭାବେ କାର୍ଯ୍ୟ କରୁଛନ୍ତି। ଆସନ୍ତା ମେ ୪ତାରିଖରେ ଚିତ୍ରଡା ବାବା ଚିତ୍ରେଶ୍ୱର ପୀଠରେ ଭକ୍ତାମାନେ ଉଡାପର୍ବ ନିମନ୍ତେ ପ୍ରବେଶ କରିବେ। ତେବେ ଚିତ୍ରଡାରେ ଦେଶୁଆ ଭକ୍ତା ୧୩ଜଣ ରହୁଥିବା ବେଳେ ମାନସିକ କରିଥିବା ଭକ୍ତା ଅନେକ ଥାନ୍ତି। ଉଡାପର୍ବ ପାଇଁ ୪ ତାରିଖରୁ ଆରମ୍ଭ ହୋଇ ୧୨ ତାରିଖରେ କଣ୍ଟା ପାଟ, ୧୩ତାରିଖରେ ନିଆଁ ପାଟ ଏବଂ ୧୪ ତାରଖ ରେ ଉଡାପର୍ବ ପାଳନ କରାଯିବ। ଦୀର୍ଘ ୧୦ ଦିନ ଧରି ଭକ୍ତାମାନେ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଗାଧୋଇ ମହାଦେବଙ୍କୁ ପ୍ରତ୍ୟେକ ଦିନ ପୂଜାର୍ଚ୍ଚନା କରି ମନ୍ଦିରକୁ ଫେରିବେ। ଚଳିତବର୍ଷ ସେହି ଭକ୍ତାଘାଟର ପୁନରୁଦ୍ଧାର ପାଇଁ କାହାରି ନଜର ପଡ଼ି ନଥିବାବେଳେ ଆଜି ସକାଳୁ ଶ୍ରୀ ମହାନ୍ତ ଜେସିବି ଆଣି ପଙ୍କୋଦ୍ଧାର କରିଥିଲେ। ଆଗକୁ ମଧ୍ୟ କାର୍ଯ୍ୟ ଜାରି ରଖିବେ ବୋଲି ସେ କହିଛନ୍ତି।



## ଦୁଇ ବିଧାୟକ ପ୍ରାର୍ଥୀଙ୍କ ନାମ ଘୋଷଣାକଲା ଆପ୍

**ବାରିପଦା, ୨୪।୪(ସମିସ):** ଆମ ଆଦମୀ ପାର୍ଟି (ଆପ୍) ପକ୍ଷରୁ ମୟୂରଭଞ୍ଜ ଜିଲ୍ଲାର ଦୁଇଟି ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି। ମୋରଡ଼ା ନିର୍ବାଚନ ମଣ୍ଡଳୀ ପାଇଁ ଶଙ୍କର୍ଷଣ ମିଶ୍ର ଓ ଉଦଳା ପାଇଁ ରାଜକିଶୋର ମାରାଣ୍ଡିଙ୍କ ନାମ ଘୋଷଣା କରାଯାଇଛି। ଏ ନେଇ ଆମ ଆଦମୀ ପାର୍ଟିର ରାଜ୍ୟ ସଭାପତି ନିଶିକାନ୍ତ ମହାପାତ୍ର ନାମ ଘୋଷଣା କରିଛନ୍ତି। ଶଙ୍କର୍ଷଣ ମିଶ୍ର ଆମ ଆଦମୀ ପାର୍ଟିର ଜିଲ୍ଲା ସଭାପତି ରହିଥିବା ବେଳେ ଉଭୟ ପ୍ରଥମ ଥର ପାଇଁ ବିଧାୟକ ପଦ ପାଇଁ ରାଜନୈତିକ ମଇଦାନରେ ଅବତୀର୍ଣ୍ଣ ହୋଇଛନ୍ତି। ଉଭୟଙ୍କୁ ପ୍ରତିନିଧିତ୍ୱ କରିବା ପାଇଁ ସୁଯୋଗ ପ୍ରଦାନ କରିଥିବାରୁ ସେ ରାଷ୍ଟ୍ରୀୟ ସଭାପତି ଅରବିନ୍ଦ କେଜରିୱାଲ, ରାଜ୍ୟ ସଭାପତି ନିଶିକାନ୍ତ ମହାପାତ୍ର, ଜିଲ୍ଲା ପ୍ରଭାରୀ ଜୟସୂର୍ଯ୍ୟ କାନୁନଗୋ ପ୍ରମୁଖଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଆଗକୁ ମୟୂରଭଞ୍ଜ ଜିଲ୍ଲାର ୯ଟି ବିଧାନସଭା ଆସନ ମଧ୍ୟରୁ ଅବଶିଷ୍ଟ ପାଇଁ ଦଳ ପକ୍ଷରୁ ପ୍ରାର୍ଥୀ ଘୋଷଣା କରାଯିବ ବୋଲି ଜିଲ୍ଲା ସଭାପତି ଶ୍ରୀ ମିଶ୍ର କହିଛନ୍ତି।

## ଅଂଶୁଘାତଜନିତ ଅସୁସ୍ଥତା; ଡାକ୍ତରଖାନାରେ ୧୦ ଭର୍ତ୍ତି

**ବାରିପଦା, ୨୪।୪(ସମିସ):** ରାଜ୍ୟର ଉତ୍ତପ୍ତ ସହର ଭାବେ ବାରିପଦା ସହର ପରିଗଣିତ ହୋଇ ସାରିଲାଣି। ହେଲେ ବୁଧବାର ସହରର ତାପମାତ୍ରା ୪୨.୫ ଡିଗ୍ରୀ ରେକର୍ଡ କରାଯାଇଛି। ଅସହ୍ୟ ତାତି ଓ ଗୁଳୁଗୁଳିରେ ଲୋକେ ଆଉଟ ପାଉଟୁ ହେଉଥିବା ବେଳେ ଅଂଶୁଘାତଜନିତ ୧୦ ଜଣ ଚିକିତ୍ସିତ ହେଉଥିବା ସୂଚନା ମିଳିଛି। ଜିଲ୍ଲାରେ ଅଂଶୁଘାତ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ତେବେ ସମସ୍ତଙ୍କ ସ୍ୱାସ୍ଥ୍ୟବସ୍ଥା ଭଲ ରହିଥିବା ସୂଚନା ମିଳିଛି। ଅସହ୍ୟ ତାତି ଓ ଗୁଳୁଗୁଳି ଜାରି ରହିଥିବା ବେଳେ ଆଗକୁ ବୃଦ୍ଧି ପାଇବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ତେଣୁ ଜରୁରୀ କାମ ନ ଥିଲେ ଦିନ ୧୧ଟା ପରେ ଘରୁ ବାହାରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ବାରଣ କରାଯାଇଛି।

## ଦ୍ୱାରଶୁଣୀ ଘାଟିରେ ଟ୍ରକ୍ ଦୁର୍ଘଟଣା; ଅଳ୍ପକେ ବର୍ତ୍ତିଲେ ଚାଳକ

**ବାଙ୍ଗିରିପୋଷି, ୨୪।୪(ସମିସ):** ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ୪୯ ନମ୍ବର ଜାତୀୟ ରାଜପଥ ଦ୍ୱାରଶୁଣୀ ଘାଟି ରାସ୍ତାରେ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ପାଇପ୍ ବୋଝେଇ ଟ୍ରକ ଓହ୍ଲାଉଥିବା ବେଳେ ଭାରସାମ୍ୟ ହରାଇ ପାହାଡରେ ଧକ୍କା ଦେଇଥିଲା। ଟ୍ରକଟିରେ ଥିବା ସମସ୍ତ ପାଇପ୍ ଗୁଡକ ରାସ୍ତା ଉପରେ ଏଣେତେଣେ ବିଛାଡି ହୋଇ ରହିଥିଲା ବେଳେ ଅଳ୍ପକେ ଚାଳକ ଜଣକ ବର୍ତ୍ତି ଯାଇଛନ୍ତି। ଫଳରେ ଅନ୍ୟ ଗାଡି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ତେବେ ପୁଲିସ ବିଭାଗ ପକ୍ଷରୁ ସେହି ଗାଡିକୁ ପଡ଼ିଥିବା ପାଇପକୁ ରାସ୍ତାରୁ ହଟାଇବା ପାଇଁ ଦିନ ତମାମ କ୍ରେନ ସାହାଯ୍ୟରେ ଚେଷ୍ଟା କରିଥିଲେ ମଧ୍ୟ ରାସ୍ତାରୁ ସମ୍ପୂର୍ଣ୍ଣ ହଟାଇ ପାରି ନ ଥିଲେ। ଦିନତମାମ ପୁଲିସ ପ୍ରଶାସନକୁ ପ୍ରଚଣ୍ଡ ରୌଦ୍ରତାପରେ ନାକେଦମ ହେବାକୁ ପଡ଼ିଥିଲା। ଘାଟିରାସ୍ତାରେ ଉଭୟ ପାର୍ଶ୍ୱରେ ବସ ଓ ଟ୍ରକ ଲମ୍ବା ଲାଇନରେ ଠିଆ ହୋଇ ରହିଥିଲା। ଗୋଟିଏ ଗାଡି ପାର ହେବା ପାଇଁ ଦୀର୍ଘ ୩ ଘଣ୍ଟାରୁ ଅଧିକ ସମୟ ଲାଗୁଥିଲା। ଅପରାହ୍ନ ୧.୩୦ ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା।



## ବାରିପଦା ସହରକୁ ତାତିରୁ ମୁକ୍ତି ପାଇଁ ଭଞ୍ଜସେନାର ଦାବିପତ୍ର

# ‘ଉନ୍ନତିମୂଳକ କାମ ନାଁରେ ଗଛକଟା ନ ଯାଉ’

**ବାରିପଦା, ୨୪।୪(ସମିସ):** ଉତ୍ତପ୍ତ ସହର ବାରିପଦାରେ ତାତିରୁ ସାଧାରଣ ଜନତାଙ୍କୁ ନିସ୍ତାର ଦେବା ପାଇଁ ବୁଧବାର ‘ଭଞ୍ଜସେନା’ ପକ୍ଷରୁ ପୌର କାର୍ଯ୍ୟନିର୍ବାହୀ ଅଧିକାରିଣୀ ଡ. ମଧୁସ୍ମିତା ସାମନ୍ତ ରାୟଙ୍କୁ ୩ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିସହ ଏହାର ଏକକିତା ନକଲ ମୟୂରଭଞ୍ଜ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଦାବିପତ୍ରରେ ଦର୍ଶାଯାଇଛି ଯେ, ଚଳିତ ଗ୍ରୀଷ୍ମ ଋତୁରେ ଖରାର ପ୍ରକୋପ ଅତ୍ୟଧିକ ଅନୁଭୂତ ହେଉଥିବା ଯୋଗୁଁ ଜିଲ୍ଲା ସଦର ମହକୁମା ବାରିପଦା ସହର ଆଜି ବିଶ୍ୱର ୧୦ଟି ଉତ୍ତପ୍ତ ସହର ମଧ୍ୟରୁ ଅନ୍ୟତମ ଭାବେ ପରିଗଣିତ ହୋଇଛି। ଯାହାର ପ୍ରମୁଖ କାରଣ ହେଉଛି ଯେ, ବାରିପଦା ସହର ମଧ୍ୟରେ ରାଜାରାଜୁଡା ଅମଳରୁ ରହିଆସିଥିବା ଅଧିକାଂଶ ସରକାରୀ ଓ ବ୍ୟକ୍ତିଗତ, ଜଳାଶୟ ଅଥବା ପୋଖରୀଗୁଡିକୁ ବ୍ୟବସାୟୀକରଣ ଉଦ୍ଦେଶ୍ୟରେ ହେଉ କିମ୍ବା ଅନ୍ୟ କୌଣସି କାରଣ ଯୋଗୁଁ ପୋତି ଦିଆଯାଇଛି। ସରକାରୀ ବେସରକାରୀ କୋଠାବାଡି ନିର୍ମାଣ ପାଇଁ ସହର ମଧ୍ୟରେ ଥିବା ବହୁ ଗଛ କାଟି ଦିଆଗଲାଣି। ଆଉ ଗୋଟିଏ ପ୍ରମୁଖ କାରଣ ହେଲା ଦୀର୍ଘଦିନ ଧରି ସହର ମଧ୍ୟରେ ସୌନ୍ଦର୍ଯ୍ୟକରଣ ନାମରେ ପୌରପରିଷଦ ପକ୍ଷରୁ କାର୍ଯ୍ୟ ଚାଲିଥିବା ୭ଟି ପୋଖରୀରେ ପାଣି ସ୍ତର ହ୍ରାସ ପାଇଛି। ଫଳରେ ସହରରେ ତାତିର ପ୍ରଭାବ ଅନୁଭୂତ ହେଉଛି। ବାରିପଦା ମ୍ୟୁନିସିପାଲିଟି ଦ୍ୱାରା ଚାଲିଥିବା ୭ଟି ପୋଖରୀକୁ ଲାଗି ଗୋଟିଏ ବୋରିଂ (ଗଭୀର ନଳକୂପ) ଅର୍ଥାତ ୭ଟି ସ୍ଥାନରେ ବୋରିଂ ଯୁଦ୍ଧକାଳୀନ ଭିତ୍ତିରେ ଖୋଳି ପ୍ରତିଦିନ ପୋଖରୀକୁ ହଜାର ହଜାର ଲିଟର ପାଣି ଛଡ଼ାଯାଉ। ଯଦ୍ଦ୍ୱାରା ପୋଖରୀ ଗୁଡ଼ିକର ଜଳସ୍ତର ବୃଦ୍ଧି ପାଇବ ଏବଂ ଗ୍ରୀଷ୍ମର ପ୍ରଭାବ ବହୁମାତ୍ରାରେ କମିଯିବ ଅନ୍ୟଥା ଯେକୌଣସି ଉପାୟରେ ପୋଖରୀଗୁଡିକରେ ଜଳସ୍ତର ବୃଦ୍ଧି କରାଯାଉ। ଗତ ୫/୭ ବର୍ଷ ମଧ୍ୟରେ ବିଭିନ୍ନ କାରଣରୁ ପୋତି ଦିଆଯାଇଥିବା ଜଳାଶୟ ବା ପୋଖରୀଗୁଡିକୁ ଖୋଜି ପୁନଶ୍ଚ କାର୍ଯ୍ୟକ୍ଷମ କରାଯାଉ। କାରଣ ଜଳାଶୟ ପୋତିବା ବେଆଇନ କାର୍ଯ୍ୟ। ସେହିପରି ଉନ୍ନତିମୂଳକ କାର୍ଯ୍ୟ ନାମରେ ଗଛ କଟା ବନ୍ଦ କରାଯାଉ। ଏହିସବୁ ଦାବି ଯୁଦ୍ଧକାଳୀନ ଭିତ୍ତିରେ ଅର୍ଥାତ ଆଗାମୀ ୪୮ ଘଣ୍ଟା ମଧ୍ୟରେ ପଦକ୍ଷେପ ଗ୍ରହଣ ନ କରନ୍ତି ତାହାହେଲେ ସଂଗଠନ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବ ବୋଲି ଭଞ୍ଜସେନା ପକ୍ଷରୁ ଚେତାବନୀ ଦିଆଯାଇଛି। ଦାବିପତ୍ର ଦେବା ସମୟରେ ଭଞ୍ଜସେନା ସମର୍ଥିତ ମୟୂରଭଞ୍ଜ ଲୋକସଭାର ସ୍ୱାଧୀନ ପ୍ରାର୍ଥୀ ତଥା ସଂଗଠନର ଜିଲ୍ଲା ଆଦିବାସୀ ଶାଖା ସଭାପତି ବାଜୁନ ହାଁସଦା, ଓବିସି ଶାଖା ସଭାପତି ରାକେଶ ବେହେରା, ଜିଲ୍ଲା ଉପସଭାପତି ରାକେଶ ମହାନ୍ତିଙ୍କ ସମେତ ବହୁ ସଂଗଠନ କର୍ମକର୍ତ୍ତା ଉପସ୍ଥିତ ଥିଲେ।





## ଭତ୍ତା ଦାବିରେ ଭିନ୍ନକ୍ଷମ ବୃନ୍ଦାବନଙ୍କ ଧାରଣା

କପ୍ତିପଦା, ୨୪।୪(ସମିସ): କପ୍ତିପଦା ବ୍ଲକ ବଡବିଶୋଳ ପଞ୍ଚାୟତ ଭାଲୁବସା ଗ୍ରାମର ଭିନ୍ନକ୍ଷମ ବୃନ୍ଦାବନ ନାଏକ ଭତ୍ତା ପାଇଁ ଦରଖାସ୍ତ ଦେଇଥିଲେ ମଧ୍ୟ ତାଙ୍କୁ ଏ ଯାଏ ମିଳିନାହିଁ। ତେଣୁ ସେ ସାମାଜିକ



ସୁରକ୍ଷା ଅଧିକାରୀଙ୍କ ଅଫିସ ଆଗରେ ଧାରଣା ଦେଇଛନ୍ତି। ଦୀର୍ଘ ୧୮ ମାସ ହେଲା ଭିନ୍ନକ୍ଷମ ପ୍ରମାଣପତ୍ର ପାଇବା ପାଇଁ ଦୌଡି ଦୌଡି ନୟାନ୍ତ ହେବାପରେ ମଧ୍ୟ କୌଣସି ଫଳ ମିଳୁନାହିଁ। ଅଧିକାଂଶ ସମୟରେ ଅଫିସରେ ତାଲା ଝୁଲୁଥିବାବେଳେ ଦୀର୍ଘଦିନଧରି ସାମାଜିକ ସୁରକ୍ଷା ଅଧିକାରୀ ପଦ ଖାଲି ପଡ଼ିଛି। ଫଳରେ ବହୁ ଯୋଗ୍ୟ ହିତାଧିକାରୀ କୌଣସି ଅଧିକାରୀଙ୍କୁ ନ ପାଇ ନିରାଶରେ ଫେରୁଛନ୍ତି। ଗତ ଡିସେମ୍ବରରୁ କଳାକାରମାନେ ବିଭିନ୍ନ ପଞ୍ଚାୟତରେ ଲୋକକଳା ପ୍ରଦର୍ଶନ ମାଧ୍ୟମରେ ସରକାରୀ ଯୋଜନା ସମ୍ପର୍କରେ ସଚେତନତା କରିଥିଲେ। ଏକ ସପ୍ତାହ ମଧ୍ୟରେ ସମସ୍ତଙ୍କୁ ପାରିଶ୍ରମିକ ମିଳିବ କହି ଦୀର୍ଘ ୪ମାସ ପରେ ଅନେକ ତୁମ୍ବିତୋଫାନ ପରେ ଏପ୍ରିଲ ୨୦ତାରିଖରେ ପାରିଶ୍ରମିକ ପାଇଛନ୍ତି। ବୃନ୍ଦାବନଙ୍କ ଭଳି ବହୁ ଭିନ୍ନକ୍ଷମ ତଥା ବୁଢାବୁଢ଼ୀ ହତାଶ ହେଉଛି। ଜଣେ କିରାଣୀ ନିଯୁକ୍ତ ହୋଇଥିଲେ ମଧ୍ୟ ଅଧିକାଂଶ ସମୟରେ ବିଡ଼ିଓଙ୍କ କାର୍ଯ୍ୟାଳୟରେ କାମ କରୁଛନ୍ତି। ଜଣେ ମହିଳା ଓ ଜଣେ ଡାଟା ଅପରେଟରଙ୍କୁ ନେଇ ଅଫିସ ଚାଲୁଛି। ଫଳରେ ଲୋକେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଖବର ପାଇ ବିଡ଼ିଓ ସିଦ୍ଧେଶ୍ୱର ନାଯକ ପହଞ୍ଚି ଘଟଣାସ୍ଥଳରେ ପହଞ୍ଚି ବୃନ୍ଦାବନଙ୍କୁ ଭିନ୍ନକ୍ଷମ ଭତ୍ତା ଓ ଘର ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

## ଆକ୍ରମଣକାରୀଙ୍କୁ ଅର୍ଥ ଦଣ୍ଡାଦେଶ

ମୋରଡ଼ା, ୨୪।୪(ସମିସ): ଗତ ୨୦୧୮ ମସିହାର ଏକ ଆକ୍ରମଣ ଘଟଣାକୁ ବିଚାର କରି ଅଭିଯୁକ୍ତକୁ ଅର୍ଥ ଦଣ୍ଡ ଶୁଣାଇଛନ୍ତି ମୋରଡ଼ା ଜେଏମଏଫସି କୋର୍ଟର ବିଚାରପତି ସିପ୍ରା ପ୍ରିୟଦର୍ଶିନୀ ସାହୁ। ସୂଚନାଯୋଗ୍ୟ ଯେ ମୟୂରଭଞ୍ଜ ଜିଲ୍ଲା ମୋରଡ଼ା ଥାନା ଅଧୀନ ଝିଙ୍କିରିଆ ଗ୍ରାମର କାଳିପଦ ପାତ୍ର ଘରେ ଶୋଇଥିବା ସମୟରେ ସେହି ଗ୍ରାମର ବଳରାମ ଗିରି ଆକ୍ରମଣ କରିବା ସହିତ ତାଙ୍କୁ ଜୀବନରୁ ମାରିଦେବାର ଧମକ ଦେଇଥିଲେ। ଏ ନେଇ କାଳିପଦ ମୋରଡ଼ା ଥାନାରେ ଏକ ମାମଲା ୨୦୧୮ ମସିହାରେ ରୁଜୁ କରିଥିଲେ। ଅଭିଯୁକ୍ତଙ୍କ ବିରୋଧରେ ସମସ୍ତ ସାକ୍ଷ୍ୟ ପ୍ରମାଣ ପାଇବା ପରେ ବଳରାମକୁ ଦୁଇ ହଜାର ଟଙ୍କା ଅର୍ଥ ଦଣ୍ଡ ଶୁଣାଇଛନ୍ତି କୋର୍ଟ। ଉକ୍ତ ଅର୍ଥକୁ ଅଭିଯୋଗକାରୀଙ୍କୁ କ୍ଷତିପୂରଣ ଆକାରରେ ପ୍ରଦାନ କରାଯାଇଥିବା ଜଣାପଡ଼ିଛି। ସରକାରୀ ଓକିଲ ସମ୍ବିତ ଦାସ ମାମଲା ପରିଚାଳନା କରିଥିଲେ।

## ନିର୍ମାଣ ଶ୍ରମିକଙ୍କୁ ମେଡିକାଲ କିଟ୍ ପ୍ରଦାନ

ବେତନଟୀ, ୨୪।୪(ସମିସ): ବେତନଟୀ ବ୍ଲକ ଅଧୀନ ବିଭିନ୍ନ ସ୍ଥାନରେ ନିର୍ମାଣାଧୀନ ସୁବର୍ଣ୍ଣରେଖା କେନାଲ କାମରେ ଶହଶହ ଶ୍ରମିକ ନିୟୋଜିତ ଥିବାବେଳେ ଦହିକୋଟିଠାରେ ଆଜି ବାରିପଦାସ୍ଥିତ ରୋଟାରୀ ହେରିଟେଜ୍ ପକ୍ଷରୁ ସେମାନଙ୍କୁ ମେଡିକାଲ କିଟ୍ ପ୍ରଦାନ କରାଯାଇଛି। ବାରିପଦା ରୋଟାରୀ ହେରିଟେଜ୍ କ୍ଲବର ସଭାପତି ଶୈବାଳକାନ୍ତ ନାୟକଙ୍କ ନେତୃତ୍ୱରେ କ୍ଲବର ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା ଏବଂ ସଦସ୍ୟମାନେ ଦହିକୋଟୀଠାରେ ନିର୍ମାଣାଧୀନ ସୁବର୍ଣ୍ଣରେଖା କେନାଲ କାର୍ଯ୍ୟରେ ନିୟୋଜିତ ଶ୍ରମିକଙ୍କୁ ସାକ୍ଷାତ କରିଥିଲେ। ଏଥିସହିତ ସେମାନଙ୍କୁ ପ୍ରାଥମିକ ଚିକିତ୍ସା ସମ୍ବଳିତ ମେଡିକାଲ ଟିକ୍ ପ୍ରତ୍ୟେକଙ୍କୁ ପ୍ରଦାନ କରିଥିଲେ। ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ସମୟରେ ନିର୍ମାଣ ଶ୍ରମିକମାନେ କିଭଳି ସତର୍କତାର ସହିତ କାମ କରିବେ ଏବଂ କାମ ସମୟରେ ଆହତ ହେଲେ ପ୍ରାଥମିକ ଚିକିତ୍ସା ନିମନ୍ତେ ମେଡିକାଲ କିଟ୍ସ କିଭଳି ଭାବରେ ବ୍ୟବହାର କରିପାରିବେ ସେନେଇ ରୋଟାରୀଆନ ଡ. ଚନ୍ଦ୍ରମୋହନ ସିଂ ପରାମର୍ଶ ଦେଇଥିଲେ। ଏହି ଅବସରରେ କ୍ଲବ ପକ୍ଷରୁ ସମ୍ପାଦକ ନଳିନୀ କୁମାର ଚୌଧୁରୀ, ଆଇପିପି ସନ୍ତୋଷ କୁମାରକାସ୍ତ, ପିପିଅନିରୁଦ୍ଧପୃଷ୍ଟି, ଦେବଦତ୍ତମହାନ୍ତି, ପ୍ରଦୀପନାୟକ, ପ୍ରକାଶ ମହାପାତ୍ର, ଇଂ. ରାଜେଶ ପଢ଼ିଆରୀ ପ୍ରମୁଖ ଉପସ୍ଥିତ ଥିଲେ।

### ସାରସକଣାରେ ଡା. ଦେବାଶିଷ ମାରାଣ୍ଡିଙ୍କ ପ୍ରଚାର ଆରମ୍ଭ

# ଯୋଡ଼ି ଶଙ୍ଖରେ ଭୋଟ ଦେବାକୁ ଆହ୍ୱାନ

ସାରସକଣା/ଜାମଶୋଳା, ୨୪।୪(ସମିସ): ସାରସକଣା ବିଧାନସଭା ନିର୍ବାଚନ ପାଇଁ ବୁଧବାରଠାରୁ ପ୍ରଚାର ଆରମ୍ଭ କରିଛନ୍ତି ବିଜେଡି ପ୍ରାର୍ଥୀ ଡା. ଦେବାଶିଷ ମାରାଣ୍ଡିଙ୍କ ସଂଧ୍ୟା ସମୟରେ ସାରସକଣା ବ୍ଲକ ଛକରୁ ଶହ ଶହ ଶହ ଯୁବଛାତ୍ର ଓ ମହିଳା ଗହଣରେ ସେ ମନ୍ଦିରରେ ପହଞ୍ଚି ଶ୍ରୀ ଜଗନ୍ନାଥଙ୍କୁ ଦର୍ଶନ କରି ମହାପ୍ରଭୁଙ୍କ ଆଶୀର୍ବାଦ କାମନା କରିଥିଲେ। ସେଠାରୁ ବିଜୁ ଜନତା ଦଳୀୟ କାର୍ଯ୍ୟାଳୟରେ ଜନସମାବେଶରେ କାର୍ଯ୍ୟକ୍ରମ ଯୋଗ ଦେଇଥିଲେ। ସାରସକଣା ବିକାଶ ଚିତ୍ର ହେବ ବେଲି ପ୍ରସ୍ତୁତି ହେଇଥିଲେ। ଦେବାଶିଷ ମାରାଣ୍ଡିଙ୍କ ସାଂଗଠନିକ କାର୍ଯ୍ୟଦକ୍ଷତା ଓ ଲୋକପ୍ରିୟତା ରହିଛି। ପ୍ରଚାରରେ ବିଜେଡି ବହୁତ ଆଗରେ ରହିଛି। ଅଦ୍ୟାବଧି ଦେବାଶିଷଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିବା ପାଇଁ ୧୭ଟି ପଞ୍ଚାୟତରୁ ବହୁତ ମାତ୍ରରେ କର୍ମକର୍ତ୍ତା ଯୋଗଦେଇଥିଲେ। ଗତ ପଞ୍ଚାୟତ ନିର୍ବାଚନରେ ବିଜେଡି ପ୍ରାର୍ଥୀମାନେ ବିପୁଳ ଭୋଟରେ ବିଜୀୟ ହେବା ସହିତ ସାରସକଣା ବ୍ଲକର ୨ଟି ଜୋନ ଜିଲ୍ଲା ପରିଷଦ ସଦସ୍ୟ ଏବଂ ବ୍ଲକ ଅଧ୍ୟକ୍ଷା ଓ ଉପାଧ୍ୟକ୍ଷ ପଦ ମଧ୍ୟ ବିଜେଡି ଅକ୍ତିଆରରେ ରହିଛି। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ନବୀନ ଓଡ଼ିଶା ସଂଯୋଜକ ଅମରେନ୍ଦ୍ର କର (ଜୁଲୁ ନାନା), ନିର୍ବାଚନ ମଣ୍ଡଳୀ ସଂଯୋଜକ ଦେବାଶିଷ ମହାନ୍ତି, ରାଜ୍ୟସଭା ସାଂସଦ ମମତା ମାହାନ୍ତ ଓ ବ୍ଲକ ସଭାପତି ଓ ମହିଳା ସଭାପତି, ବ୍ଲକ ସଂଯୋଜକ, ଜନ୍ ସଂଯୋଜକ, ଯୁବ ସଭାପତି, ଛାତ୍ର ସଭାପତି, ସବୁ ପଞ୍ଚାୟତ ସଭାପତି, ଆଗଧାଡିର କର୍ମୀ ଓ କର୍ମକର୍ତ୍ତା, ବିଜୁପ୍ରେମୀ, ମହିଳା ଓ ପୁରୁଷ ସମେତ ହଜାର ହଜାର ଜନସାଧାରଣ ଉପସ୍ଥିତ ଥିଲେ। ଏହି ନିର୍ବାଚନମଣ୍ଡଳୀରେ ବିଜେଡିର ସାଂଗଠନିକ ଦକ୍ଷତା ରହିଥିବାରୁ କର୍ମୀମାନେ ଉତ୍ସାହିତ ଅଛନ୍ତି।




## ସାନବିଶୋଳ ଓ ନୂଆସାହିରେ ତ୍ରିନାଥ ଗୋସାଇଁଙ୍କ ବାର୍ଷିକ ଉତ୍ସବ



କପ୍ତିପଦା, ୨୪।୪(ସମିସ): କପ୍ତିପଦା ବ୍ଲକ ସାନବିଶୋଳଠାରେ ତ୍ରିନାଥ ଗୋସାଇଁଙ୍କ ୧୪ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ସୋନ ନଦୀରୁ ଘଟ ଉତ୍ତୋଳନକରି ଉପଚାରରେ ପୂଜା ହୋମକର୍ମ ସମାପ୍ତ ହୋଇଛି। କର୍ତ୍ତାଭାବେ ବୈଦ୍ୟନାଥ ଦଣ୍ଡପାଟ, ରବୀନ୍ଦ୍ର ବେହେରା ଓ ସ୍ୱର୍ଣ୍ଣମଣୀ ବେହେରା କାର୍ଯ୍ୟ ତୁଲାଇଥିଲେ। ପୂଜକ ଭାବେ କର୍ମକାଣ୍ଡବିତ ପଣ୍ଡିତ ନାରାୟଣ କର ଓ ଜୟପ୍ରକାଶ କର ପୂଜାକାର୍ଯ୍ୟ ସମାପନ କରିଥିଲେ। ରାତ୍ରିରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ସେହିଭଳି ବଡଖଲାଡି ପଞ୍ଚାୟତ ନୂଆସାହି ଜଟେଶ୍ୱରଙ୍କ ପୀଠରେ ୭୨ତମ ତ୍ରିନାଥ ମେଳା ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କର୍ତ୍ତାଭାବେ ଅଭିମନ୍ୟୁ ମଣ୍ଡଳ ଓ ମନ୍ଦିରର ପ୍ରତିଷ୍ଠିତ ପୂଜକ ଯଦୁନାଥ ଶତପଥୀ ପୂଜାକାର୍ଯ୍ୟ ତୁଲାଇଥିଲେ। ମନ୍ଦିର ପରିଚାଳନା କମିଟିର ସଭ୍ୟ ଓ ଦୋକାନୀମାନେ ସହଯୋଗ କରିଥିଲେ।

## ଆଶାକର୍ମୀଙ୍କ ଅକାଳ ବିୟୋଗ

ବେତନଟୀ, ୨୪।୪(ସମିସ): ବେତନଟୀ ଡାକ୍ତରଖାନାରେ କାର୍ଯ୍ୟରତ ଆଶାକର୍ମୀ କସ୍ତୁରୀ ପଣ୍ଡା (୫୫)ଙ୍କ ସୋମବାର ସକାଳେ ଆକସ୍ମିକ ମୃତ୍ୟୁ ଘଟିଛି। ସେ ସକାଳ ସାଢେ ୮ଟାରେ ପୂଜାକରୁଥିବା ସମୟରେ ହଠାତ୍ ଚେତାଶୂନ୍ୟ ହୋଇ ତଳେ ପଡ଼ିଯାଇଥିଲେ। ସଙ୍ଗେ ସଙ୍ଗେ ବେତନଟୀ ଡାକ୍ତରଖାନା ନିଆଯାଇଥିଲା; ହେଲେ ଅବସ୍ଥା ଗୁରୁତର ଥିବାରୁ ବାରିପଦା ଜିଲ୍ଲାମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରୁ କଟକ ବଡଡାକ୍ତରଖାନା ନେବା ବାଟରେ ବେତନଟୀଠାରେ ମୃତ୍ୟୁବରଣ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ଏକମାତ୍ର ପୁଅ ପ୍ରମୋଦ ମୁଖାଗ୍ନି ଦେଇଥିଲେ। ମୃତ୍ୟୁଶଯ୍ୟା ନିକଟରେ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ।

### ବିଦ୍ୟୁତ୍ ବିଭାଗର ଉପଭୋକ୍ତାଙ୍କୁ ଶୋଷଣ ଅଭିଯୋଗ

# ୧୪ ବର୍ଷ ପରେ ବି ପୋତା ହେଲାନି ଖୁଣ୍ଟ

କୁଆମରା, ୨୪।୪(ସମିସ): କ୍ଷୁଦ୍ର ଶିଳ୍ପ ନିମନ୍ତେ ଜଣେ ଉପଭୋକ୍ତା ୧୪ ବର୍ଷ ହେବ ସଂଯୋଗ ପାଇଁ ବିଦ୍ୟୁତ୍ ଖୁଣ୍ଟ ବସାଇବା ପାଇଁ ୧୪ ହଜାର ଟଙ୍କା ଜମା କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ତାହା ହୋଇପାରିନାହିଁ। କୁଆମରା ବଜାର ସଂଲଗ୍ନ ଅବସରପ୍ରାପ୍ତ ଶିକ୍ଷକ ଅନାଦି ବିନ୍ଧାଣୀ ଏକ କ୍ଷୁଦ୍ର ଶିଳ୍ପ ନିମନ୍ତେ ତାଙ୍କ ଘର ନିକଟକୁ ବିଦ୍ୟୁତ ଖୁଣ୍ଟ ପାଇଁ ଆବେଦନ କରିଥିଲେ। ବିଭାଗ ପକ୍ଷରୁ ତଦନ୍ତ ପରେ ଖୁଣ୍ଟ ପାଇଁ ଟଙ୍କା ଜମା କରିବାକୁ କୁହାଯାଇଥିଲା। ପରେ ଶ୍ରୀ ବିନ୍ଧାଣୀ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟରେ ଅନସୂୟା ବିନ୍ଧାଣିଙ୍କ ନାମରେ ୨୦୧୦ ମସିହା ଜୁଲାଇ ୨୬ ତାରିଖରେ ଖୁଣ୍ଟି ପାଇଁ ୧୪ ହଜାର ୪୮୬ ଟଙ୍କା ଜମା କରିଥିଲେ। ଯାହାର ରସିଦ ନମ୍ବର ୯୪୪୦୧୫। ତେବେ ଅର୍ଥ ଜମା କରିବାର ୧୪ ବର୍ଷ ବିତିଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଖୁଣ୍ଟ ବସାଇବା ପାଇଁ ବିଭାଗ ନାଁ ଗନ୍ଧ ଧରୁନଥିବା ଶ୍ରୀ ବିନ୍ଧାଣି ଅଭିଯୋଗ କରିଛନ୍ତି। ସେ ଉଦଳା ବିଦ୍ୟୁତ ବିଭାଗ କାର୍ଯ୍ୟନିର୍ବାହୀ ଅଧିକାରୀ, ମାଣତ୍ରୀ କନିଷ୍ଠ ଯନ୍ତ୍ରୀଙ୍କ ନିକଟକୁ ବାରମ୍ବାର ଦୌଡି ଅଭିଯୋଗ କରି ଆସୁଥିଲେ କେବଳ ପ୍ରତିଶ୍ରୁତି ଏବଂ ଆଶ୍ୱାସନା ମିଳିଛି ବୋଲି ସେ କହିଛନ୍ତି। ଟଙ୍କା ଜମା କରିବା ମଧ୍ୟରେ ତିନି ଜଣ କନିଷ୍ଠ ଯନ୍ତ୍ରୀଙ୍କ ଏଠାରୁ ବଦଳି ହେଲାଣି; ତଥାପି ତାଙ୍କର ଖୁଣ୍ଟ ପୋତାଯାଇନାହିଁ। ଏ ନେଇ କନିଷ୍ଠ ଯନ୍ତ୍ରୀଙ୍କୁ ପଚାରିବାରୁ ସେ ଜାଣି ନଥିବା କହିଛନ୍ତି। ଏଥିପ୍ରତି ତୁରନ୍ତ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ନଦେଲେ ସେ ବାଧ୍ୟହୋଇ ଅଦାଲତରେ ଆଶ୍ରୟ ନେବେ ବୋଲି କହିଛନ୍ତି।

## ମା’ କୀଚକେଶ୍ୱରୀ ମନ୍ଦିରକୁ ସମାଜସେବୀଙ୍କ ୧୦୦ ଫୁଟର କାର୍ପେଟ୍ ପ୍ରଦାନ

ଖିଚିଂ, ୨୪।୪(ସମିସ): ମୟୂରଭଞ୍ଜ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା’ କୀଚକେଶ୍ୱରୀଙ୍କ ପବିତ୍ର ପୀଠ ହେଉଛି ଖିଚିଂ। ଏଠାରେ ବର୍ଷତମାମ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ଏବେ ଜିଲ୍ଲାର ସର୍ବୋଚ୍ଚ ତାପମାତ୍ରା ହାରାହାରି ୪୫ଡିଗ୍ରୀ ରହି ରାଜ୍ୟର ସବୁଠାରୁ ଉତ୍ତପ୍ତ ସ୍ଥାନ ପାଲଟିଛି। ପ୍ରବଳ ଗ୍ରୀଷ୍ମ ପ୍ରବାହ ସତ୍ତ୍ୱେ ପ୍ରତ୍ୟହ ଏଠାରେ ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହେଉଛି। ତେବେ ମୁଖ୍ୟ ଫାଟକରୁ ମନ୍ଦିର ପର୍ଯ୍ୟନ୍ତ ଚଟାଣ ସକାଳ ୯ଟା ପରେ ଅତ୍ୟଧିକ ଉତ୍ତପ୍ତ ହେଉଥିବାରୁ ଚାଲି ଚାଲି ଯିବାକ କଷ୍ଟକର ହେଉଛି। ଏହି ସମସ୍ୟାକୁ ଉପଲବ୍ଧି କରି ନିକଟରେ କେନ୍ଦୁଝର ଜିଲ୍ଲାର ଜନୈକ ସମାଜସେବୀ ବିପିନ ବିହାରୀ ପୁହାଣ ୧୦୦ ଫୁଟ ଲମ୍ବ ବିଶିଷ୍ଟ ଗୋଟିଏ କାର୍ପେଟ ପ୍ରଦାନ କରିଛନ୍ତି। ଆଉ ଅବଶିଷ୍ଟ ଜାଗା ପାଇଁ ମନ୍ଦିର ଟ୍ରଷ୍ଟ ଗୁରୁତ୍ୱ ଦେବାକୁ ଜନସାଧାରଣରେ ମତପ୍ରକାଶ ପାଇଛି।



## ମହୁଲିଆରେ ଆନ୍ତର୍ଜାତିକ ପ୍ରତିମୂର୍ତ୍ତି ସଫେଇ ଓ ସଂରକ୍ଷଣ ଦିବସ

ବେତନଟୀ, ୨୪।୪(ସମିସ): ବେତନଟୀ ଉପକଣ୍ଠ ମହୁଲିଆଠାରେ ‘ଆମେ ମୟୂରଭଞ୍ଜିଆ’ର ଆହ୍ୱାନକ୍ରମେ ଶିମିଳିପାଳ ଇକୋ ଫ୍ରେଣ୍ଡସ ଏବଂ ମା’ ସବଳା ବିଶ୍ୱକଲ୍ୟାଣ ସେବାସମିତି ପକ୍ଷରୁ ମିଳିତ ଭାବରେ ଆନ୍ତର୍ଜାତିକ ପ୍ରତିମୂର୍ତ୍ତି ସଫେଇ ଓ ସଂରକ୍ଷଣ ଦିବସ ପାଳିତ ହୋଇଯାଇଛି। ଶିମିଳିପାଳ ଇକୋ ଫ୍ରେଣ୍ଡସର ସଭାପତି ଡ. ରମାକାନ୍ତ ମହାନ୍ତଙ୍କ ସଂଯୋଜନା ଏବଂ ମହୁଲିଆ ସ୍କୁଲର ଇକୋ କ୍ଲବ ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀ ଭାରତୀ ମହାନ୍ତଙ୍କ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ଶ୍ରୀରାମଚନ୍ଦ୍ରଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଯୋଗବିଭାଗର ଅତିଥି ଅଧ୍ୟାପିକା ମାମିନା ମହାନ୍ତ ମୁଖ୍ୟଅତିଥି ଏବଂ ମୁଖ୍ୟବକ୍ତା ଭାବେ ଓଡ଼ିଶା ଲାଇଭଟିଭି ନିର୍ଦ୍ଦେଶକ କବି ମନୋଜ ମହାନ୍ତ ଯୋଗ ଦେଇଥିଲେ। ଏହି ଅବସରରେ ମହୁଲିଆ ନିର୍ମଳଛକରେ ଥିବା ଜାତିର ଜନକ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିକୁ ପରିଷ୍କାର ପରିଚ୍ଛନ୍ନ କରିବା ସହିତ ପୂଜାର୍ଚ୍ଚନା କରିଥିଲେ। ଏଥିରେ ଲକ୍ଷ୍ମୀମଣି ମହାନ୍ତ, ଶକୁନ୍ତଳା ମହାନ୍ତ, ଲଳିତା ମହାନ୍ତ, ମୀନା ମହାନ୍ତ, ଅହଲ୍ୟା ମହାନ୍ତ, ମଞ୍ଜୁଳା ମହାନ୍ତ, ସାଗର ମହାନ୍ତ, ଜ୍ୟୋତ୍ସ୍ନା ମହାନ୍ତ, ଦେବସ୍ମିତା ମହାନ୍ତ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଶେଷରେ ବେତନଟୀ କଲେଜ ଛାତ୍ରସଂସଦର ପ୍ରାକ୍ତନ ଛାତ୍ରନେତା ରତିକାନ୍ତ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ଚମ୍ପାଝରରେ ମାଗଣା ଚକ୍ଷୁ ପରୀକ୍ଷା ଶିବିର




ଠାକୁରମୁଣ୍ଡା, ୨୪।୪(ସମିସ): ମଙ୍ଗଳବାର ଚମ୍ପାଝର ବଙ୍ଗଳା ପଡ଼ିଆରେ ଭିଜନ ସ୍ପ୍ରିଂ ଫାଉଣ୍ଡେସନ, ଫ୍ୟୁଚର ଷ୍ଟାର ସ୍ପୋର୍ଟସ ଏକାଡେମୀ ଓ ମୟୂରଭଞ୍ଜ ଫାଉଣ୍ଡେସନର ମିଳିତ ଆନୁକୂଲ୍ୟରେ ଏକ ମାଗଣାରେ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଛି। ସକାଳ ୮ଟାରୁ ସଂଧ୍ୟା ୬ଟା ପର୍ଯ୍ୟନ୍ତ ଚାଲିଥିଲା। ଶିବିରରେ ୨୦୦ରୁ ଅଧିକ ଲୋକଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ପରେ ଚକ୍ଷୁ ରୋଗୀଙ୍କୁ ୮୦ ଟଙ୍କାରେ ଚଷମା ପ୍ରଦାନ କରାଯାଇଥିଲା। ଡାକ୍ତର ଅରୁଣ କୁମାର, ଅନିଲ ଡ଼ାନିଏଲ୍, ଜଗତପାଲ ଓ ଦିନେଶ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରିଥିଲେ। ଆଜିର ଏହି କାର୍ଯ୍ୟକ୍ରମକୁ ଚମ୍ପାଝର ତ୍ରିଶକ୍ତି ଯୁବ କ୍ଲବର ସନମୟ କୁମାର, ରଶ୍ମିରଞ୍ଜନ ମହାନ୍ତ, ଦାରା ସିଂ ମହାନ୍ତ, ଅଜୟ ବେହେରା, ଲଲାଟେନ୍ଦୁ ମହାନ୍ତ, ରତିରଞ୍ଜନ ହିନ୍ଦୁଆର ପ୍ରମୁଖ ସହଯୋଗ କରିଥିଲେ।

## ଫାଶି ଦେଇ ମହିଳାଙ୍କ ଆତ୍ମହତ୍ୟା; ସ୍ୱାମୀ ଅଟକ

ବହଳଦା, ୨୪।୪(ସମିସ): ମଦ୍ୟପ ସ୍ୱାମୀ ସବୁବେଳେ ଝଗଡ଼ା କରିବା ସହିତ ମଦ ପାଇଁ ପଇସା ମାଗିବାରୁ ଅତିଷ୍ଠ ହୋଇ ଶେଷରେ ସ୍ତ୍ରୀ ଆତ୍ମହତ୍ୟା କରିଛନ୍ତି। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ବହଳଦା ଥାନା ଅନ୍ତର୍ଗତ କୁଲଗି ଗାଁରେ। ରାତିରେ ସ୍ୱାମୀ-ସ୍ତ୍ରୀ ଗୋଟିଏ କୋଠରୀରେ ଥିବାବେଳେ ସ୍ତ୍ରୀ କିଭଳି ବେକରେ ଫାଶୀ ଲଗାଇ ଆତ୍ମହତ୍ୟା କଲେ ସେ ନେଇ ମହିଳାଙ୍କ ପିତା ଗୋରୁମୋହିଷଣୀ ଥାନା ଦୁବଲାବେଡା ଗାଁର ରତନ ହାଁସଦା ବହଳଦା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କ ଝିଅକୁ ତଣ୍ଟିଚିପି ହତ୍ୟା କରିବା ପରେ ଆତ୍ମହତ୍ୟାର ରୂପ ଦିଆଯାଇଛି ବୋଲି ସେ ଅଭିଯୋଗ କରିଛନ୍ତି। ସୂଚନା ଅନୁସାରେ, ବହଳଦା ଥାନା ଅଧୀନ କୁଲଗି ଗାଁର ଖେଲାରାମ ଟୁଡୁ ଗୋରୁମୋହିଷାଣୀ ଥାନା ଦୁବଲାବେଡାର ରତନ ହାଁସଦାଙ୍କ ଝିଅ ଗଙ୍ଗା (୨୩)ଙ୍କୁ ୫ ବର୍ଷ ପୂର୍ବେ ବିବାହ କରିଥିଲେ। ତାଙ୍କର ୪ ବର୍ଷର ଝିଅ ଅଛି। ମଦ ଓ ପାରିବାରିକ କଳହ ଆତ୍ମହତ୍ୟାର କାରଣ ହୋଇଥାଇ ପାରେ ବୋଲି ପୁଲିସ ଅନୁମାନ କରୁଛି। ପୁଲିସ ଖବର ପାଇ ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି। ବାରିପଦାରୁ ସାଇଣ୍ଟିଫିକ ଟିମ ମଧ୍ୟ ପହଞ୍ଚି ତଦନ୍ତ କରିଛନ୍ତି। ପୁଲିସ ସ୍ୱାମୀ ଖେଲାକୁ ଅଟକ ରଖି ପଚରାଉଚୁରା କରୁଛି। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ସତ୍ୟତା ଜଣାପଡ଼ିବ ବୋଲି ପୁଲିସ କହିଛି।

## ଓଲଟିଲା ଆମ୍ବୁଲାନ୍ସ; ଦୁଇ ଆହତ

ବେତନଟୀ, ୨୪।୪(ସମିସ): କାଠପାଳ ସ୍ପିନିଂମିଲ୍ ଉପକଣ୍ଠ ନୟାପୁରୁଷତ୍ତୋମପୁରଠାରେ ରୋଗୀ ଛାଡି ଫେରୁଥିବା ଏକ ଆମ୍ବୁଲାନ୍ସ ଦୁର୍ଘଟଣାଗ୍ରସ୍ତ ହୋଇ ଓଲଟି ପଡ଼ିଛି। ଫଳରେ ଚାଳକ ସାମାନ୍ୟ ଆହତ ହୋଇଥିବା ବେଳେ ଅନ୍ୟଜଣେ ଗୁରୁତର ହୋଇଥିବା ଜଣାପଡ଼ିଛି। ମଙ୍ଗଳବାର ରାତିରେ କଟକରୁ ରୋଗୀନେଇ ଟାଟାରେ ପହଞ୍ଚି ପୁଣି ଫେରିବା ପରେ ନୟାପୁରୁଷତ୍ତୋମପୁର ଠାରେ ୧୮ ନଂ ଜାତୀୟରାଜପଥ ପାର୍ଶ୍ୱ ମାଇଲଷ୍ଟୋନରେ ଧକ୍କାଦେଇ ଓଲଟି ପଡ଼ିଥିଲା।

## ମହିଳାଙ୍କୁ ଅସଦାଚରଣ; ଅଭିଯୁକ୍ତ ଗିରଫ

ବେତନଟୀ, ୨୪।୪(ସମିସ): ବେତନଟୀ ଥାନାଇଲାକାରେ ଜଣେ ମହିଳାଙ୍କୁ ଅସଦାଚରଣ କରିବା ଅଭିଯୋଗରେ ପୁଲିସ ଫେରାର ଥିବା ଅଭିଯୁକ୍ତକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଉଛି ବେତନଟୀଥାନା କୃଷ୍ଣଚନ୍ଦ୍ରପୁର ଫାଣ୍ଡିଅଧିନ ଧାନଶୋଳ ଗ୍ରାମର ସ୍ୱର୍ଗତ ଶୀର ଭକ୍ତାର ପୁଅ ସେଣ୍ଟେ ଭକ୍ତା (୩୫)। ଗତ ୧୯ ତାରିଖ ସନ୍ଧ୍ୟାରେ ସ୍ୱାମୀଙ୍କ ଅନୁପସ୍ଥିତିରେ ଅଭିଯୁକ୍ତ ସେଣ୍ଟ ଘରକୁ ଯାଇ ଅସଦାଚରଣ କରିଥିଲା। ପ୍ରତିବାଦ କରିବାକୁ ଏକ ଲୁହାଛଡରେ ପୀଡିତାଙ୍କ ସ୍ୱାମୀଙ୍କୁ ଆକ୍ରମଣକରି ଲହୁଲୁହାଣ କରିଦେଇଥିଲା। ଏନେଇ ଅଭିଯୋଗ ହେବା ପରେ ପୁଲିସ ତଦନ୍ତ ଆରମ୍ଭ କରିଥିଲା। ଶେଷରେ ଫେରାର ଅଭିଯୁକ୍ତ ସେଣ୍ଟକୁ ବୁଧବାର ଗିରଫକରି କୋର୍ଟଚାଲାଣ କରିଛି ପୁଲିସ।

### ତହସିଲର ନିଷ୍କ୍ରିୟତା ପାଇଁ ଗଢ଼ି ଉଠୁଛି ବେଆଇନ ଇଟାଭାଟି

# ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ନିଆଁ ଓ ଧୂଆଁରେ ଲୋକେ କଳବଲ

ବୈଶିଙ୍ଗା, ୨୪।୪(ସମିସ): ବେତନଟୀ ତହସିଲ ଅଧୀନ ପାଟଳିପୁରା ପଞ୍ଚାୟତର ବିଭିନ୍ନ ସ୍ଥାନ ତଥା ବୈଶିଙ୍ଗା-ମାଣତ୍ରୀ ରାସ୍ତା ପାର୍ଶ୍ୱରେ ଏକାଧିକ ବେଆଇନ ଇଟାଭାଟି ଗଢିଉଠିଛି। ଏବେ ପ୍ରବଳ ଗ୍ରୀଷ୍ମ ପ୍ରବାହରେ ଇଟା ପୋଡା ଯାଉଥିବାରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ବେତନଟୀ ଅଞ୍ଚଳରେ କିଛି ଦିନ ହେବ ତାପମାତ୍ରା ୪୦ରୁ ଅଧିକ ରହୁଥିବାରୁ ଇଟାଭାଟିରୁ ନିର୍ଗତ ନିଆଁ ପ୍ରକୋପରେ ଅସ୍ୱାଭାବିକ ଭାବେ ସ୍ଥାନୀୟ ଅଞ୍ଚଳରେ ତାପମାତ୍ରା ବୃଦ୍ଧି ପାଇଛି। ଫଳରେ ସାଧାରଣ ଜନଜୀବନ ପ୍ରଭାବିତ ହେଉଛି। ପ୍ରଚଣ୍ଡ ରୌଦ୍ରତାପ ସାଙ୍ଗକୁ ଇଟାଭାଟି ନଆଁ ଝାସ ଓ ଧୂଆଁ ଅଞ୍ଚଳବାସୀଙ୍କୁ ଅସ୍ତବ୍ୟସ୍ତ କରିଦେଉଛି। ରାଜସ୍ୱ ବିଭାଗର କୌଣସି କଟକଣାକୁ ଖାତିର ନ କରି ଏହି ଅଞ୍ଚଳରେ ବେଆଇନ ଭାବେ ବ୍ୟବସାୟୀମାନେ ଇଟାଭାଟି ଚଳାଇଥିବା ଅଭିଯୋଗ ହୋଇଆସୁଛି। ଅନ୍ୟପଟେ ତହସିଲ ପ୍ରଶାସନର ଉଦାସୀନତା ଯୋଗୁଁ ବେଧଡ଼କ ଭାବେ ଇଟାପୋଡ଼ା ଚାଲିଛି। ସରକାରଙ୍କ ରାଜସ୍ୱ ଆଇନ ଯେତେ କୋଠର ହେଉଛି ସମପରିମାଣରେ ତୃଣମୂଳ ସ୍ତରରେ ରାଜସ୍ୱ ସଂଗ୍ରହ ଆଇନକୁ ଜଳାଞ୍ଜଳି ଦିଆଯାଯାଉଥିବା ଅଭିଯୋଗ ହେଉଛି। ଜଳ ଜମି ଜଙ୍ଗଲ ଗ୍ରାମ ପରିବେଶ ସୁରକ୍ଷାକୁ ସରକାରଙ୍କ ପକ୍ଷରୁ ଗୁରୁତ୍ୱ ଦିଆଯାଉଥିବା ବେଳେ ବେତନଟୀ ତହସିଲ ଅଞ୍ଚଳରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ବେତନଟୀ ତହସିଲ ଅଧୀନ ପାଟୁଳିପୁରା ପଞ୍ଚାୟତରେ ସଠିକ ପରିବେଶ ମଞ୍ଜୁରୀ ନ ଥାଇ ମଧ୍ୟ ଏକାଧିକ ବେଆଇନ ଇଟାଭାଟି ଗଢ଼ି ଉଠିଥିଲା ବେଳେ ରାଜସ୍ୱ ବିଭାଗ କିଂକର୍ତ୍ତବ୍ୟ ବିମୂଢ଼ ଅବସ୍ଥାରେ ରହିଛି। ବେଆଇନ ଇଟାଭାଟି ମାଲିକଙ୍କ ଦବଦବା ସମ୍ମୁଖରେ ତହସିଲ ପ୍ରଶାସନ ନାଚାର। ସରକାରଙ୍କ ରାଜସ୍ୱ ଆଇନ ମୁତାବକ ଉପର ଇଟାଭାଟି ସମ୍ପୂର୍ଣ୍ଣ ବେଆଇନ ହୋଇଥିବା ବେଳେ ଚିମିନିଭାଟି ପାଇଁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଶ୍ରମବିଭାଗର ମଞ୍ଜୁରୀ ପରିବେଶ ପ୍ରମାଣପତ୍ର ମାଇନିଂପ୍ଲାନ ପ୍ରମାଣପତ୍ର ଏବଂ ଜାନବସତି, ମଠ ମନ୍ଦିର ବିଦ୍ୟାଳୟ ସ୍ୱାସ୍ଥ୍ୟକେନ୍ଦ୍ର ଠାରୁ ନିର୍ଦ୍ଧାରିତ ଦୂରରେ ଇଟାଭାଟି ପାଇଁ ନିୟମ ଥିଲା ବେଳେ ସେସବୁକୁ ଖୋଲାଖୋଲି ଉଲ୍ଲଂଘନ କରାଯାଉଛି। ସେହିଭଳି ନଦୀ କୂଳରେ ଇଟାଭାଟି ପାଇଁ ନିର୍ଦ୍ଦେଶ ନ ଥିଲେ ମଧ୍ୟ ବେଆଇନଭାବେ ଚାଲିଛି। ବେତନଟୀ ତହସିଲ ଅନ୍ତର୍ଗତ ବୁଡାବଳଙ୍ଗ ନଦୀକୂଳିଆ ଗ୍ରାମ ପାଟଳିପୁରା ଓ କାଠପାଳ ଅଞ୍ଚଳର ରାସ୍ତା ପାର୍ଶ୍ୱରେ ବେଆଇନଭାବେ ଚିମିନି ଇଟାଭାଟି ଗଢି ଉଠିଛି। ତେବେ ବାଲେଶ୍ୱରରେ ଗଢି ଉଠିଥିବା ଏକାଧିକ ଇଟାଭାଟିକୁ ବେଆଇନ ଦର୍ଶାଇ ଜିଲ୍ଲା ପ୍ରଶାସନ ବନ୍ଦ କରିଥିବାବେଳେ ମୟୂରଭଞ୍ଜ ଜିଲ୍ଲାରେ ସରକାରୀ ଆଇନ କାମକରୁନାହିଁ। ଏ ନେଇ ତହସିଲ ପ୍ରଶାସନ କୌଣସି ପଦକ୍ଷେପ ନେଉ ନ ଥିବାରୁ ପ୍ରଶ୍ନବାଚୀ ସୃଷ୍ଟିକରିଛି। ସୂଚନା ଅନୁଯାୟୀ ବେତନଟୀ ତହସିଲ ଅଧୀନ ଉକ୍ତ ଅଞ୍ଚଳରେ ଜଳବାୟୁ ପରିବେଶ ସମେତ ଆବଶ୍ୟକୀୟ ପଞ୍ଜିକରଣ ପ୍ରମାଣ ନଥାଇ ଚିମିନିଭାଟି ଚାଲିଥିବା ବେଳେ ସେଥିପ୍ରତି ମଧ୍ୟ ଅଙ୍କୁଶ ନାହିଁ। ବେଆଇନ ଇଟାଭାଟିରୁ ରୟାଲିଟି ଜରିମାନା ଜଳଭୂମିକର ଇଟାପ୍ରତି ଥିବା ଟ୍ୟାକ୍ସ ଅତି ସ୍ୱଳ୍ପ ପରିମାଣରେ ଓ ତାହା ଇଟାଭାଟି ମାଲିକଙ୍କ ଦୟାରେ ନିର୍ଭର କରୁଛି। ଗୋଟିଏ ପଟେ ପରିବେଶ ପ୍ରଦୂଷଣ ସହ ଏତେ ମାତ୍ରାରେ ବେଆଇନ ଇଟାଭାଟି ଅଞ୍ଚଳରେ ଅସ୍ୱାଭାବିକ ତାପମାତ୍ରା ବୃଦ୍ଧି କରୁଥିବା ବେଳେ ଧୂଆଁରେ ଜନଜୀବନ ପ୍ରଭାବିତ ହେଉଛି। ଅନ୍ୟପଟେ ତହସିଲ ପ୍ରଶାସନର ଉଦାସୀନତା ଯୋଗୁଁ ବେଧଡ଼କ ଭାବେ ଇଟାପୋଡ଼ା ଚାଲିଛି।



■ ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲାରେ ନିୟମ ଅଲଗା

ଛାୟାଗୀତି

# ଯା'ରେ ଗୀତ ଦୋଳି ଉଡ଼ି ଯା'



ସୂର୍ଯ୍ୟ ଦେଓ

**ଓଡ଼ିଆ ସିନେ ଧାରାର ପ୍ରଥମ ଓ ଦ୍ୱିତୀୟ ଫର୍ଦ୍ଦରେ ଲୋକ-ଭାଷା, ଗୀତ ଓ କଳ୍ପନାର ଯେଉଁ ପ୍ରୟୋଗ ହୋଇଛି, ସେ ବୈଚିତ୍ର୍ୟକୁ ଆସନ୍ତୁ ତିନିଭାଗ କରିବା ଏବଂ ଅବୋଧ, ନିବିଡ଼ ଓ ସାଙ୍କେତିକ ସମ୍ପର୍କର ଭୂମିକୁ ଦେଖିବା । ଆମ ସିନେଗୀତି କେତେ ଚକ୍‌ମକ୍ ଓ ଉଜ୍ଜ୍ୱଳ ଥିଲା ତାହାକୁ ଜାଣିବା ପାଇଁ ପଚିଶ ବର୍ଷର ସମୟଏକାଠି ହୋଇଛି । ସମୟଧାରା ହେଉଛି ୧୯୪୮ ରୁ ୧୯୭୩ ମସିହା । ଓଡ଼ିଆ ସିନେମାର ପୁନର୍ନିର୍ମାଣ ହେଲା ୧୯୪୯ ମସିହାରେ, ସେଠୁ ୨୫ ବର୍ଷଯାଏ ପ୍ରଲମ୍ବିତ ହୋଇଛି ଏହି ଗୀତ ଦୋଳିର ଉଡ଼ାଣ !**

୧୯୪୮ ମସିହାରେ ମୁକ୍ତିପ୍ରାପ୍ତ 'ଲଳିତା'ରୁ ଆରମ୍ଭ ହୁଏ ଓଡ଼ିଆ ସିନେମାର ଦ୍ୱିତୀୟ ଫର୍ଦ୍ଦ । ପ୍ରଥମ ସିନେମା 'ସୀତା ବିବାହ' ଓ ତାହାର ୧୨ ବର୍ଷ ପରେ ଯାଇ ଲଳିତା । ଗୀତିଛାୟାର ପୂର୍ବ ଶୃଙ୍ଖଳାରେ ଏହି ସମ୍ବନ୍ଧରେ ଚର୍ଚ୍ଚା ହୋଇଛି । ସେହି କ୍ରମରେ ଆପଣ ଜାଣନ୍ତି ଯେ , ଏହି ଫର୍ଦ୍ଦରୁ ହିଁ ଓଡ଼ିଆ ସିନେ ଗୀତରେ ଛାଟି ହୋଇଯାଏ ବିଶୁଦ୍ଧ ଲୋକ ପରମ୍ପରା । ଗୌର ଗୋସ୍ୱାମୀଙ୍କ ସଂଗୀତ ନିର୍ଦ୍ଦେଶନା, କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କ ଗୀତ ରଚନା ଓ ସୁମତୀ ଦେବୀଙ୍କ ଗାୟନରୁ ଲୋକ ବୋଲି ଓ ଲୋକ କଳାର ଛିଟା 'ଆରେ ସଖୀ ବସନ୍ତ ଫେରି ଅନା/ ଯେବେ ଫୁଲ ମନ କଲୁ ଚୋରୀ' ଗୀତ ହୋଇ ଆସିଥିଲା ।' ଓଡ଼ିଆ ଲୋକ କଳ୍ପନା ପରମ୍ପରାର ବାହୁନା ଗୀତକୁ ଯଦି ଆପଣ ମନେପକେଇବେ ତେବେ ଏହି ଛନ୍ଦକୁ ନିଶ୍ଚୟ ଧରିନେବେ । ସଂଯୋଗ ଦେଖନ୍ତୁ, 'ଲଳିତା'ର ଏହି ଗୀତର ସଂଯୋଜନା ଥିଲା ଧିମା; କିନ୍ତୁ ଗୀତ ରଚନାରେ ଥିଲା ଲୋକବୋଲିର ଛାଞ୍ଚ । ସେମିତି 'ଲଳିତା'ର ପରବର୍ତ୍ତୀ ସିନେମା 'ଶ୍ରୀଜଗନ୍ନାଥ'ରେ ମଧ୍ୟ ସେହି ବାହୁନା ଛାଞ୍ଚ କେମିତି ଗୀତକୁ ଆସିଥିଲା ଦେଖନ୍ତୁ : "ମହୁଆ ମୂଳକ ପୁଲକ ତୁଟାଇ ହାଟ ଲେଉଟାଣି ଅଳି/ ନଫେରେ କି ଆଉ ଫୁଲରାଣୀ ପୀରତି ସଉଦା କରି ।" ଏହି ଗୀତ ବି ଶୁଦ୍ଧ ଲୋକ ଛାଞ୍ଚର ଗୀତ । ଏଠି ସ୍ୱାଭାବିକ ଭାବରେ ପ୍ରଶ୍ନ ଉଠୁଛି: "ଲୋକ ଛାଞ୍ଚର ଗୀତ ବା ଲୋକଗୀତ କାହାକୁ କହିବା?" ଉତ୍ତର ହେଉଛି: "ଲିଖିତ ସାହିତ୍ୟଠାରୁ ଲୋକଗୀତ ଆହୁରି ପୁରୁଣା । ଲୋକାୟତରୁ ଏହା ଆସିଛି ।"

କେତେବେଳେ ଆନନ୍ଦରେ ତ କେତେବେଳେ ଶୋକର ଆତିଶଯ୍ୟରେ, କେତେବେଳେ ପର୍ବପର୍ବାଣିର ଆବଶ୍ୟକତାରେ ତ କେବେ କାମଦାମରେ ଉତ୍ସାହରେ ଯେଉଁ ଗୀତ ସବୁ ମୁହେଁ ମୁହେଁ ରଚନା ହୋଇଯାଏ, ବୋଲା ହୋଇଯାଏ, ସେସବୁ ଲୋକଗୀତ । ସମୟ କ୍ରମେ ବୋଲିବା ଲୋକଙ୍କ ଦ୍ୱାରା ମୂଳଗୀତ ଲେଖା ପରିବର୍ତ୍ତିତ ହୋଇଯାଏ, କିନ୍ତୁ ଗଠନ ଓ ଭାବର ଛାଞ୍ଚ ବଦଳେ ନାହିଁ । ଅତଏବ ଓଡ଼ିଆ ଲୋକଗୀତର ଛାଞ୍ଚ, ଶ୍ରେଣୀକରଣ ଓ ଭାବନିରତାରେ, ଛନ୍ଦି ହୋଇଯାଇଛି ଯେଉଁ ଓଡ଼ିଆ ସିନେଗୀତ, ସେସବୁକୁ ନେଇ ଆସନ୍ତୁ ପରୀକ୍ଷାଗାରକୁ ଯିବା ।

୧୯୫୪ ମସିହାରେ ମୁକ୍ତିଲାଭ କରିଥିବା 'କେଦାର ଗୌରୀ' ସିନେମାର ଅଧିକାଂଶ ଗୀତ ଥିଲା ଲୋକସ୍ୱର ଓ ଲୋକଗୀତ ଆଧାରିତ । ଉଲ୍ଲେଖଯୋଗ୍ୟ ଯେ ଓଡ଼ିଆ ଗୀତର ଦୁଇ ଉଜ୍ଜ୍ୱଳ ତାରକା ବାଳକୃଷ୍ଣ ଦାଶ ଓ ଭୁବନେଶ୍ୱର ମିଶ୍ର ଏହି ସିନେମାରୁ ହିଁ 'ଭୁବନ-କିଶନ' ନାମରେ ଯୋଡ଼ି ବାନ୍ଧିଲେ । "ଦିନ ଯାଏ ରଜନୀ ପାହେନା/ ନାହିଁ ଭାବନା"- ଏହି ଗୀତର ସ୍ୱର ଏବେ ମଧ୍ୟ ଚିହ୍ନରା ଗ୍ରାହକଙ୍କ ପାଖରେ ଅଲିଭା ହୋଇ ରହିଛି । ଅବଶ୍ୟ ଏହାର ସ୍ୱର ଥିଲା ଧିମା ଓ ଛନ୍ଦ ଥିଲା ପାରମ୍ପରିକ ଲୋକ ଛନ୍ଦ । ଭୁବନ-କିଶନ୍‌ଙ୍କ ଯୋଡ଼ିର ଶେଷ ଓ ପରବର୍ତ୍ତୀ ସିନେମା 'ଭାଇ ଭାଇ'ରେ (୧୯୫୬) ମଧ୍ୟ ଥିଲା ଲୋକଗୀତର ଶୁଦ୍ଧ ପ୍ରୟୋଗ । ଶ୍ରମ ଭିତ୍ତିକ ଲୋକଗୀତ 'ହଳିଆ ଗୀତ'ରେ ପ୍ରୟୋଗ 'ଭାଇଭାଇ'ର ଏକ ଗୀତରେ କେମିତି ଆସିଛି ଦେଖନ୍ତୁ : "ରାମ ଯେ ଲଇକ୍ଷଣ ହୋ ଗଲେ ମୃଗ ମାରି... ଘରେ ମୋ ଏକଲା ଷୋହଳ ବୟସୀ/ ମୋ ବିନା ତା' ଦିନ ଅନ୍ଧାରିଆ... ।" ଏଠି ଆପଣଙ୍କୁ କହିରଖେ ଯେ ଦୈହିକ ବଳ ଖଟାଇ କାମଦାମ କରୁଥିବା ଅବସରରେ ହଳିଆ, ଶଗଡ଼ିଆ, ମଇଁଷିଆଳ ପ୍ରଭୃତି ଯେଉଁ ଗୀତ ବୋଲିଥାନ୍ତି ସେସବୁକୁ କର୍ମଗୀତ ପର୍ଯ୍ୟାୟରେ ନିଆଯାଇଛି । ପରିଶ୍ରମର କ୍ଳାନ୍ତି ଭୁଲାଇ କାମଦାମରେ ଉତ୍ସାହ ସୃଷ୍ଟି କରିବା ଗୀତ ସବୁର ଉଦ୍ଦେଶ୍ୟ । 'ଭାଇ ଭାଇ' ଗୀତରେ ପତ୍ନୀଙ୍କୁ ମନେପକାଇ ମନରେ ଉତ୍ସାହ ଆଣିବାର ଛିଟା ଦେଖନ୍ତୁ: "ଲହଡ଼ି ଲୋଟି ଯାଏରେ ସୁନାକ୍ଷେତେ ମୋର/ ଝରୁଛି ମୁକୁତା ମୋହରି ଝାଳରେ/ ସୁନା ସ୍ୱପନେ ଭାଉ ମୋ ଆଖି/ ସୁନାଗୋରୀ ମୋର ମନଲାଖି ।" ସେମିତି 'ମାଟିର ମଣିଷ' (୧୯୬୭)ର ଶ୍ରମଗୀତକୁ ଦେଖନ୍ତୁ 'ରାମ ବିଭା କାଳେ ହୋ ଲଇଖଣ କରେ ଛତି' । ଏହି ଦୁଇ ଓଡ଼ିଆ ସିନେଗୀତରେ ଶ୍ରମଗୀତର ଯେଉଁ ଛାଞ୍ଚ ରଖାଯାଇଛି ସେଥିପାଇଁ ଶ୍ରେୟ ଯିବ ଭୁବନ-କିଶନଙ୍କୁ । ହଁ ! ଭୁବନେଶ୍ୱର ମିଶ୍ର ଏକା ହୋଇ ବି ଏହାର ଶ୍ରେୟ ନେବେ । 'ମାଟିର ମଣିଷ'ର ସଂଗୀତକାର ଥିଲେ ଭୁବନେଶ୍ୱର ମିଶ୍ର । ଭାଇଭାଇର 'ରାମ ଯେ ଲଇକ୍ଷଣ' ଗୀତର ଗୀତିକାର ପର୍ଶୁରାମ ପଟ୍ଟନାୟକ ଥିବାବେଳେ 'ମାଟିର ମଣିଷ'ର 'ରାମ ବିଭା କାଳେ'ର ଗୀତିକାର ଥିଲେ କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ । ଗୀତ ଦୁଇଟିକୁ ଯଥାକ୍ରମେ ଗାଇଥିଲେ ବାଳକୃଷ୍ଣ ଦାଶ ଓ ଅକ୍ଷୟ ମହାନ୍ତି । ୧୯୫୬ର ଗୀତ ଏବଂ ୧୯୬୭ର ଗୀତ, ଏହି ଗୀତ ଦୁଇ ମଧ୍ୟରେ ଫରକ୍‌କୁ ଯଦି ଆପଣ ନିରେଖିବେ, ତେବେ ସଂଗୀତ ଗଠନରେ ବିଶେଷ ତାରତମ୍ୟ ମିଳିବ ନାହିଁ । କିନ୍ତୁ ଗାୟନ ଶୈଳୀରେ ବିଶେଷ ତଫାତ୍‌କୁ ଅନୁଭବ କରିହେବ । 'ଭାଇଭାଇ' ଗୀତରେ 'ଲହର'ର ମାତ୍ରାଧିକ ପ୍ରୟୋଗ ଥିବା ବେଳେ 'ମାଟିର ମଣିଷ'ର ଗୀତରେ ଲହରର ପ୍ରୟୋଗ ଅପେକ୍ଷାକୃତ କମ୍ ରହିଛି । ■



କଲିକତାର 'ଟେକ୍‌ନିସିଆନ୍ ଷ୍ଟୁଡିଓ'ରେ 'ଅଭିନେତ୍ରୀ' ଚଳଚ୍ଚିତ୍ର (୧୯୬୫)ର 'ଅନେକ ଦିନ ପରେ ସେଦିନ ଆସେ' ଗୀତ ରେକର୍ଡିଂ ସମୟରେ ଗାୟିକା ନିର୍ମଳା ମିଶ୍ର ଓ ସଂଗୀତ ନିର୍ଦ୍ଦେଶକ ବାଳକୃଷ୍ଣ ଦାଶ

## ବନ୍ଧୁତାରୁ ଆରମ୍ଭ ସୋନାଲି-ଗୋଲ୍ଡିଙ୍କ ଲଭ୍ ଷ୍ଟୋରୀ

ବଲିଉଡ୍ ପ୍ରେମ କାହାଣୀ



ନବେ ଦଶକର ସୁନ୍ଦରୀ ଅଭିନେତ୍ରୀ ସୋନାଲି ବେନ୍ଦ୍ରେଙ୍କର ଏକଦା ଅନେକ ପ୍ରଶଂସକ ଥିଲେ । ଏପରିକି ରାଜ ଠାକରେ ବି ସୋନାଲିଙ୍କୁ ମନ ଦେଇ ବସିଥିଲେ । କିନ୍ତୁ ସୋନାଲି ଭଲପାଇଥିଲେ ଫିଲ୍ମ ନିର୍ମାତା ଗୋଲ୍ଡି ବହଲଙ୍କୁ ଏବଂ ତାଙ୍କୁ ହିଁ ନିଜ ଜୀବନସାଥୀ ଭାବେ ବାଛିଲେ । ତେବେ ଏ ଦୁହିଁଙ୍କ ପ୍ରେମ କାହାଣୀ ବନ୍ଧୁତାରୁ ହିଁ ଆରମ୍ଭ ହୋଇଥିଲା । ଗୋଲ୍ଡି ଓ ସୋନାଲୀଙ୍କ ପ୍ରଥମ ଦେଖା ୧୯୯୪ ମସିହାର ଫିଲ୍ମ 'ନାରାଜ୍' ସେଟ୍‌ରେ ହୋଇଥିଲା । ପ୍ରଥମ ଦେଖାରେ ହିଁ ଗୋଲ୍ଡି ସୋନାଲିଙ୍କୁ ପ୍ରେମ କରି ବସିଥିଲେ । ଏହାପରେ ପୁଣି ଥରେ 'ଅଙ୍ଗାରେ' ସିନେମାରେ ସୋନାଲି କାମ କରିବା ଜାଣି ସେଥିରେ ଗୋଲ୍ଡି ମହେଶ ଭଟ୍ଟଙ୍କ ସହ ଆସିଷ୍ଟାଣ୍ଟ ନିର୍ଦ୍ଦେଶକ ଭାବେ କାମ କଲେ । ଯଦିଓ ଫିଲ୍ମ ମାମଲାରେ ଗୋଲ୍ଡି ଓ ସୋନାଲିଙ୍କ ଦେଖାସାକ୍ଷାତ ଲାଗି ରହୁଥିଲା, ତଥାପି ପରସ୍ପର ସହ କେହି କଥାବାର୍ତ୍ତା କରୁ ନ ଥିଲେ । ଦୁହିଁଙ୍କ ମଧ୍ୟରେ ମଧ୍ୟସ୍ଥତା ଆରମ୍ଭ କଲେ ଗୋଲ୍ଡିଙ୍କ ଭଉଣୀ ସୃଷ୍ଟି ଆର୍ଯ୍ୟା । ସୃଷ୍ଟି ଦୁହିଁଙ୍କୁ ଗୋଟିଏ ପାର୍ଟିକୁ ନିମନ୍ତ୍ରଣ କଲେ । ପତଳା ସତ୍ତ୍ୱେ ସୋନାଲିଙ୍କ ଖାଦ୍ୟ ଖାଇବାକୁ ନେଇ ଦୁହିଁଙ୍କ ମଧ୍ୟରେ କଥାବାର୍ତ୍ତା ଆରମ୍ଭ ହୋଇଥିଲା । ଏହି ସାକ୍ଷାତରୁ ହିଁ ଦୁହିଁଙ୍କ ମଧ୍ୟରେ ବନ୍ଧୁତା ହେଲା । ତେବେ ସୋନାଲିଙ୍କ ସୁନ୍ଦରତା ଗୋଲ୍ଡିଙ୍କୁ ଆକୃଷ୍ଟ କରିଥିଲା ତାହା ନୁହେଁ, ସୋନାଲିଙ୍କ ବ୍ୟବହାର ଓ ଚାଲି ଚଳଣିରେ ସେ ପ୍ରଭାବିତ ହୋଇଥିଲେ । ଗୋଲ୍ଡି 'ଅଙ୍ଗାରେ' ଫିଲ୍ମ ପାଇଁ ଯେତେବେଳେ ସୋନାଲିଙ୍କ ଘରକୁ ତାଙ୍କ ସହ ଆଲୋଚନା କରିବାକୁ ଯାଇଥିଲେ, ସେତେବେଳେ ସୋନାଲି ପାଣି ଗ୍ଲାସ୍ ଆଣି ଗୋଲ୍ଡିଙ୍କୁ ବଢ଼ାଇ ଥିଲେ । ତାଙ୍କର ଏହି ଆଚରଣରେ ହିଁ ଗୋଲ୍ଡି ଅଧିକ ପ୍ରଭାବିତ ହୋଇଥିଲେ । ପୁଣି ଗୋଲ୍ଡିଙ୍କ ମା' ବି କହିଥିଲେ ସୋନାଲି ଭଳି ଝିଅକୁ ହାତଛଡ଼ା କଲେ ଭଲ ଝିଅ ମିଳିବେ ନାହିଁ । ଏହାପରେ ଗୋଲ୍ଡି ସୋନାଲିଙ୍କୁ ପ୍ରେମ ନିବେଦନ କରିଥିଲେ । ଯଦିଓ ପ୍ରଥମେ ସୋନାଲି ଅରାଜି ନ ଥିଲେ କିନ୍ତୁ ସେ ସମୟ ନେଇଥିଲେ । ୧୯୯୮ରେ ଗୋଲ୍ଡି ସୋନାଲିଙ୍କୁ ନିଜ ମନକଥା କହି ଦେଇ ଥିଲେ ଏବଂ ଏହାର ୪ ବର୍ଷ ପରେ ଦୁହେଁ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ । ଦୁହିଁଙ୍କର ରଣବୀର ନାଁରେ ଗୋଟିଏ ପୁଅ ଅଛି । ■

## ଶ୍ରଦ୍ଧା ବିକିଲେ ଗହଣା



ବଲିଉଡ୍‌ର ଲୋକପ୍ରିୟ ଅଭିନେତ୍ରୀ ଶ୍ରଦ୍ଧା କପୁର କେବଳ ଜଣେ ଉଚ୍ଚକୋଟୀର ଅଭିନେତ୍ରୀ କିମ୍ବା ଡ୍ୟାନ୍ସର ନୁହଁନ୍ତି, ସେ ଜଣେ ଭଲ ସେଲ୍‌ସ ଗାର୍ଲ ବୋଲି ଏବେ ନିଜକୁ ପ୍ରମାଣିତ କରିପାରିଛନ୍ତି । ଶ୍ରଦ୍ଧା ତାଙ୍କ ନିଜସ୍ୱ ଜୁଏଲାରୀ ବ୍ରାଣ୍ଡ ପୁଣେ ଷ୍ଟୋର୍‌ରେ ଗହଣା ବିକ୍ରି କରିଥିବା ଦେଖାଯାଇଛି । ଯାହାର ଭିଡିଓ ସାମାଜିକ ଗଣମାଧ୍ୟମରେ ସେୟାର୍ ହେବା ପରେ ସମସ୍ତଙ୍କ ନଜରକୁ ଆସିଛି । ଭିଡିଓରୁ ଦେଖିବାକୁ ମିଳିଛି, ଶ୍ରଦ୍ଧା କାଜୁଆଲ ଡ୍ରେସ୍‌ରେ ନଜର ଆସିଛନ୍ତି ଏବଂ ଷ୍ଟୋର୍ ବାହାରେ ଛିଡ଼ାହୋଇ ପ୍ରଥମେ ଗ୍ରାହକଙ୍କୁ ସ୍ୱାଗତ କରିଛନ୍ତି । କେବଳ ସେତିକି ନୁହେଁ, ଷ୍ଟୋର୍‌କୁ ଆସିଥିବା ଗ୍ରାହକଙ୍କୁ ଗହଣା ଦେଖାଇବା କାମ କରିଛନ୍ତି । ଏପରିକି କେଉଁ ଗହଣା କେଉଁ ପ୍ରକାର ଡ୍ରେସ୍‌କୁ ମାନିବ, ସେନେଇ ଗ୍ରାହକଙ୍କୁ ଶ୍ରଦ୍ଧା ପରାମର୍ଶ ଦେଇଛନ୍ତି । ଏହାବାଦ୍ ଶ୍ରଦ୍ଧା ନିଜେ ୧୦, ୯୦୦ ଟଙ୍କାର ଗହଣା ବିକ୍ରି କରିଛନ୍ତି । ଅବଶ୍ୟ ଏଭଳି କରିବା ପଛରେ ତାଙ୍କର ଉଦ୍ଦେଶ୍ୟ ଅଛି । ସେ କହିଛନ୍ତି, କୌଣସି ଜିନିଷ ବିକ୍ରି କରିବା ଯେତିକି ସହଜ ଲାଗେ, ବାସ୍ତବରେ ସେମିତି ନୁହେଁ । ■

## ଅଜୟ-ଅନିଲ ଏକାଠି



ବଲିଉଡ୍‌ର ଆଗଧାଡ଼ିର ଅଭିନେତା ଅଜୟ ଦେବଗନ୍ ଆଗାମୀ ସିନେମା 'ଦେ ଦେ ପ୍ୟାର୍ ଦେ -୨'ରେ ନଜର ଆସିବେ । ଏହି ସିନେମାଟି ହେଉଛି ୨୦୧୯ ରେ ମୁକ୍ତିଲାଭ କରିଥିବା 'ଦେ ଦେ ପ୍ୟାର୍'ର ସିକ୍ୱେଲ । ଏଥିରେ କେବଳ ଅଜୟ ନଜର ଆସିବେ ତାହା ନୁହେଁ, ବରଂ ଅନିଲ କପୁରଙ୍କୁ ମଧ୍ୟ ଏଥିରେ ଏକ ଗୁରୁତ୍ୱପୂର୍ଣ୍ଣ ଚରିତ୍ରରେ ଦେଖିବାକୁ ମିଳିବ । ଅନିଲଙ୍କୁ ଫିଲ୍ମ କାହାଣୀ ପସନ୍ଦ ଆସିଛି ଏବଂ ତାଙ୍କଠାରୁ ଏ ନେଇ ସକାରାତ୍ମକ ପ୍ରତିକ୍ରିୟା ମଧ୍ୟ ମିଳିଛି । ଏହି ସିନେମାରେ ଅନିଲ ଓ ଅଜୟଙ୍କ ମଧ୍ୟରେ ଥିବା କମିକ୍‌କୁ ଦେଖିବାକୁ ମିଳିବ । ସେହିପରି ଏହି ଦୁଇଜଣ ନିଜ ଚରିତ୍ରକୁ ନେଇ ଖୁବ୍ ଉତ୍ସାହିତ ଅଛନ୍ତି । ଅନ୍ୟପକ୍ଷରେ ଏହି ରୋମାଣ୍ଟିକ୍ କମେଡି ଫିଲ୍ମରେ ଅଜୟ, ଅନିଲ, ରକୁଲଙ୍କ ବ୍ୟତୀତ ଅନନ୍ୟ କଳାକାରଙ୍କୁ ବି ଦେଖିବାକୁ ମିଳିବ । ତେବେ ସିନେମାର ସୁଟିଂ ଆସନ୍ତା ଜୁନ୍‌ରୁ ଲଣ୍ଡନରେ ଆରମ୍ଭ ହେବ ଏବଂ ୨୦୨୫ ମେ' ପ୍ରେକ୍ଷାଳୟକୁ ଆସିପାରେ । ■

## ମଧ୍ୟାନ୍ତର ବିନା ହୋଇଥିଲା ଏହି ଫିଲ୍ମ

### ୨୮ ଦିନରେ ହୋଇଥିଲା ସୁଟିଂ

ପରଦା ପଛର କାହାଣୀ







ପ୍ରତ୍ୟେକ ଫିଲ୍ମରେ ମଧ୍ୟାନ୍ତର ଥାଏ । ଏହି ସମୟରେ ଦର୍ଶକେ ବ୍ରେକ୍ ନେଇ ପପ୍‌କର୍ଣ୍ଣର ମଜା ନିଅନ୍ତି । କିନ୍ତୁ ୧୯୬୯ରେ ବଲିଉଡ୍‌ର ଦିବଂଗତ ଅଭିନେତା ରାଜେଶ ଖାନ୍ନାଙ୍କର ଏକ ଫିଲ୍ମ ରିଲିଜ୍ ହୋଇଥିଲା, ଯେଉଁଥିରେ ଇଣ୍ଟରଭାଲ୍ ବା ମଧ୍ୟାନ୍ତର ନ ଥିଲା । ତଥାପି ଦର୍ଶକେ ଏହାକୁ ବେଶ୍ ଉତ୍ସାହର ସହ ଦେଖିଥିଲେ । ଫିଲ୍ମରେ ରାଜେଶ ଖାନ୍ନା, ନନ୍ଦା, ବିନ୍ଦୁ, ମଦନପୁରୀ ପ୍ରମୁଖ ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ । ଏଥିରେ ରାଜେଶ ଓ ନନ୍ଦାଙ୍କର ଜୀବନ୍ତ ଅଭିନୟ ଦର୍ଶକଙ୍କ ମନ ଛୁଇଁ ପାରିଥିଲା । ଫିଲ୍ମର କାହାଣୀ ମାତ୍ର ସପ୍ତାହେ ମଧ୍ୟରେ ଲେଖାଯାଇଥିଲା । ରାଜେଶଙ୍କ ଫିଲ୍ମ କ୍ୟାରିୟର୍ ଏହା ତୃତୀୟ ସଫଳ ଫିଲ୍ମ ବୋଲି କୁହାଯାଏ । ଫିଲ୍ମର ନାମ ଥିଲା 'ଇତେଫାକ୍' । ଯଶ୍ ଚୋପ୍ରା ଶେଷ ଥର ପାଇଁ ଏହି ଫିଲ୍ମ ତାଙ୍କ ଭାଇ ବି.ଆର୍ ଚୋପ୍ରାଙ୍କ ବି.ଆର୍ ଫିଲ୍ମସ୍ ପାଇଁ ନିର୍ମାଣ କରିଥିଲେ । ଏହାପରେ ଯଶ୍ ଚୋପ୍ରା ନିଜର ଯଶରାଜ୍ ଫିଲ୍ମସ୍ ନିର୍ମାଣ କରିଥିଲେ । ଯଶ୍ ଚୋପ୍ରା ଏହାପୂର୍ବରୁ ରାଜେଶଙ୍କୁ ନେଇ 'ଦାଗ୍' ଫିଲ୍ମ ନିର୍ମାଣ କରିଥିଲେ । ଯାହା ଏକ ବଡ଼ ହିଟ୍ ସାବ୍ୟସ୍ତ ହୋଇଥିଲା । ଏକ ଘଣ୍ଟା ୪୮ ମିନିଟ୍ ଅବଧିର 'ଇତେଫାକ୍' ଫିଲ୍ମର କାହାଣୀ ସପ୍ତାହେ ମଧ୍ୟରେ ଲେଖାଯାଇଥିଲା । ଯଶ୍ ଚୋପ୍ରା ମାତ୍ର ୨୮ ଦିନରେ ଫିଲ୍ମର ସୁଟିଂ କରିଥିଲେ । ପ୍ରଥମେ ଏହି ଫିଲ୍ମରେ ଶଶୀ କପୁର କାମ କରିବାର ଥିଲା । କୌଣସି କାରଣ ବଶତଃ ସେ ଏଥିରୁ ଓହରି ଯାଇଥିଲେ । ଏହାପରେ ରାଜେଶଙ୍କ ହାତକୁ ଏହି ଫିଲ୍ମ ଆସିଥିଲା । ୧୯୬୯ ରେ ରାଜେଶଙ୍କ ଅଭିନୀତ 'ବନ୍ଧନ', 'ଆରାଧନା' ପରେ 'ଇତେଫାକ୍' ଆସିଥିଲା । ଏହି ତିନୋଟି ଫିଲ୍ମ ବକ୍ସ ଅଫିସ୍‌ରେ ହିଟ୍ ସାବ୍ୟସ୍ତ ହୋଇଥିଲା । ଏହି ଫିଲ୍ମରେ ରାଜେଶ ଓ ନନ୍ଦାଙ୍କ ଯୋଡ଼ିକୁ ମଧ୍ୟ ଦର୍ଶକେ ଖୁବ୍ ପସନ୍ଦ କରିଥିଲେ । ତେବେ ଏହି ଫିଲ୍ମ ସମ୍ପର୍କରେ ଆଉ ଏକ ଖାସ୍ କଥା ହେଉଛି ଏହା ବଲିଉଡ୍‌ର ଚତୁର୍ଥ ଫିଲ୍ମ, ଯେଉଁଥିରେ କୌଣସି ଗୀତ ନଥିଲା । ■



# 'ରଜ ସୁନ୍ଦରୀ' ଆରମ୍ଭ

ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବିଭିନ୍ନ ଚ୍ୟାନେଲରେ ଆରମ୍ଭ ହେବାକୁ ଯାଉଛି ରଜକୁ ନେଇ ରିଆଲିଟି ଶୋ'। ଆଜିଠୁ ଅର୍ଥାତ୍ ଏପ୍ରିଲ ୨୫ରୁ ସିଦ୍ଧାର୍ଥ ଟିଭିରେ ଆରମ୍ଭ ହେବ 'ରଜ ସୁନ୍ଦରୀ ୨୦୨୪।' ଏଥିରେ ଝିଅମାନଙ୍କୁ ପରଖିବା ପାଇଁ ବିଚାରକ ଭାବେ ନଜର ଆସିବେ ଅଭିନେତା ଦୀପକ, ଅଭିନେତ୍ରୀ ରିୟା ଓ ଲିପ୍ସା। ଏହି ଶୋ' ପ୍ରତ୍ୟେକ ଗୁରୁବାରରୁ ରବିବାର ରାତି ୯ଟାରେ ପ୍ରସାରିତ ହେବ।

ସେହିପରି ମେ' ୪ ତାରିଖରୁ ଜି ସାର୍ଥକରେ ରାତି ୯ଟା ୩୦ରେ ଆରମ୍ଭ ହେବ ଲୋକପ୍ରିୟ ରିଆଲିଟି ଶୋ' 'ରଜ କୁଇନ୍ ୨୦୨୪।' ଏହାର ଅଡିସନ୍ ଶେଷ ହୋଇଥିବା ବେଳେ ବିଭିନ୍ନ ସ୍ଥାନରୁ ବଛା ବଛା ପ୍ରତିଯୋଗୀଙ୍କୁ ଏଥିରେ ଦେଖିବାକୁ ମିଳିବ। ଅନ୍ୟପଟେ ତରଙ୍ଗ ମଧ୍ୟ 'କଳିଙ୍ଗ କନ୍ୟା' ନାଁରେ ରଜ ରିଆଲିଟି ଶୋ'କୁ ପରିଚିତ କରାଇବ। ଏହି ଶୋ' ସୁନ୍ଦରତା ନୁହେଁ, ଆତ୍ମବିଶ୍ୱାସକୁ ଗୁରୁତ୍ୱ ଦେବ।

ତେବେ ରଜ କୁଇନ୍ ମଞ୍ଚ ବିଭିନ୍ନ ସ୍ଥାନର ପ୍ରତିଯୋଗୀମାନଙ୍କୁ ସେମାନଙ୍କ ପ୍ରତିଭାକୁ ସାମ୍ନାକୁ ଆଣିବାକୁ ସୁଯୋଗ ପ୍ରଦାନ କରେ। ଅଭିନୟ, ନୃତ୍ୟ, ଗୀତ ଆଦି ପ୍ରତିଭା ସେମାନେ ପ୍ରଦର୍ଶନ କରନ୍ତି। ଯାହାକୁ ଆଧାର କରି ବିଚାରକମାନେ ସେମାନଙ୍କୁ ଶେଷ ପର୍ଯ୍ୟାୟକୁ ମନୋନୀତ କରନ୍ତି। ଅନ୍ୟପଟେ ଏହି ଶୋ'ର କେତେକ ବିଜୟିନୀ ଆଜି ଅଭିନୟ ଦୁନିଆରେ ଲୋକଙ୍କ ହୃଦୟ ଜିଣିବାରେ ସଫଳ ହୋଇଛନ୍ତି। ■

## ସାକ୍ଷାତ୍କାର

# "ମଞ୍ଚ କଳାକାର କେଉଁଠି ହାର୍ ମାନନ୍ତିନି"

**ଧାରା ଶ୍ରାବଣୀ ମହାପାତ୍ର, ଅଭିନେତ୍ରୀ**







ନାଟକ ହେଉଛି ସମାଜର ଦର୍ପଣ। ଦର୍ଶକ ଓ କଳାକାରଙ୍କ ମଧ୍ୟରେ ଏହା ସିଧାସଳଖ ସମ୍ପର୍କ ସ୍ଥାପନା କରେ। ଯାହାକି ସିନେମା, ଧାରାବାହିକ କ୍ଷେତ୍ରରେ ସମ୍ଭବ ହୁଏନି। ଏହି ମଞ୍ଚରେ ଜୀବନ୍ତ ଅଭିନୟ କରି ସେ ପ୍ରଶଂସିତ ହେଉଥିଲେ। ବର୍ତ୍ତମାନ ସୁଦ୍ଧା ସେ ପ୍ରାୟ ୧୦ରୁ ଊର୍ଦ୍ଧ୍ୱ ନାଟକରେ ଅଭିନୟ କରିଛନ୍ତି। ହଠାତ୍ ଦିନେ ଧାରାବାହିକରେ କାମ କରିବାକୁ ଆଗ୍ରହ ପ୍ରକାଶ କରି ସେ ଅଡିସନ୍ ଦେଇଥିଲେ। ଆଉ 'ମାୟା' ଧାରାବାହିକରୁ ତାଙ୍କର ନୂଆ ଯାତ୍ରା ଆରମ୍ଭ ହୋଇଥିଲା। ସେ ଏବେ 'ତୁ ମୋ ଆଖିର ତାରା'ରେ ବର୍ଷା ଚରିତ୍ରରେ ଘରେ ଘରେ ପରିଚିତ। ବହୁପ୍ରତିଭାର ଅଧିକାରିଣୀ ଏହି ଅଭିନେତ୍ରୀ ଜଣକ ହେଉଛନ୍ତି ଜଗତସିଂହପୁର ଜିଲ୍ଲା ରେଢୁଁଆ ଗ୍ରାମର ଧାରା ଶ୍ରାବଣୀ ମହାପାତ୍ର। କେବଳ ଧାରାବାହିକ ନୁହେଁ, ମ୍ୟୁଜିକ୍ ଭିଡିଓ, ଦୁଇଟି ଓଡ଼ିଆ ଫିଲ୍ମ, ଡକ୍ୟୁମେଣ୍ଟାରୀ ଫିଲ୍ମ ଆଦିରେ ସେ ହୃଦୟସ୍ପର୍ଶୀ ଅଭିନୟ କରିସାରିଛନ୍ତି। 'ମାୟା' ଧାରାବାହିକରୁ 'ତୁ ମୋ ଆଖିର ତାରା'ର ସଫଳ ଯାତ୍ରା ବିଷୟରେ ଜାଣିବା ଧାରା ଶ୍ରାବଣୀଙ୍କ ମୁହଁରୁ।

**ମଞ୍ଚରୁ ଧାରାବାହିକ ଅଭିନେତ୍ରୀ ହେବାକୁ କାହିଁକି ମନ ବଳାଇଲେ?**

● ମଞ୍ଚ ହେଉ ବା ଧାରାବାହିକ କି ଫିଲ୍ମ ସବୁଥିରେ ମୋତେ ଅଭିନୟ କରିବାର ଇଚ୍ଛା ଥିଲା। ତେଣୁ ଥିଏଟରରେ କୋର୍ସ କରି ମଞ୍ଚନାଟକ କରୁଥିଲି। ପରେ ଧାରାବାହିକ ପାଇଁ ଅଡିସନ୍ ଦେଇଥିଲି। 'ମାୟା'ରେ କାମ କରିବାକୁ ମୋତେ ସୁଯୋଗ ମିଳିଥିଲା। ପରେ ମୁଁ 'ନୂଆବୋହୂ', 'ବୋହୂ ଆମର ଏନ୍ଆର୍ଆଇ', 'ଜୟ ମା' ଲକ୍ଷ୍ମୀ' ଆଦିରେ କାମ କରିଛି। ଏବେ 'ତୁ ମୋ ଆଖିର ତାରା'ର ବର୍ଷା ଚରିତ୍ରଟି ମୋତେ ଅଧିକ ଦର୍ଶକୀୟ ଆଦୃତି ଦେଇଛି। ଏହାଛଡ଼ା 'ଲାଗେ ପ୍ରେମ ନଜର', 'ତୋ କାହାଣୀରେ ମୁଁ ନାୟିକା' ଦୁଇଟି ଓଡ଼ିଆ ଫିଲ୍ମ, ଡକ୍ୟୁମେଣ୍ଟାରୀ ଫିଲ୍ମ ପ୍ୟାନ୍ ଇଣ୍ଡିଆ 'ସି'ରେ କାମ କରିବାର ସୌଭାଗ୍ୟ ଲାଭ କରିଛି।

**ମଞ୍ଚ ଆଉ ଧାରାବାହିକରେ କାମ କରିବାରେ ଫରକ କ'ଣ?**

● ଉଭୟ ପ୍ଲାଟଫର୍ମରେ ଭିନ୍ନ ମଜା। ମଞ୍ଚରେ ଦର୍ଶକଙ୍କ ସହ କଳାକାରଙ୍କୁ ସିଧାସଳଖ ରହିବାକୁ ହୁଏ। ତାଳି, ଗାଳି ସବୁ ସାଙ୍ଗେ ସାଙ୍ଗେ ମିଳିଯାଏ। ମଞ୍ଚରେ କଳାକାର ଜୀବନ୍ତ ଅଭିନୟ କରି ସାମାଜିକ, ସଂସ୍କୃତି, କଳା, ପୌରାଣିକ, ଐତିହ୍ୟ ଆଦି ସବୁକିଛିକୁ ଦର୍ଶକଙ୍କ ପାଖରେ ପହଞ୍ଚାଇବାକୁ ପ୍ରୟାସ କରେ। ହେଲେ ଧାରାବାହିକ ଏମିତି ଏକ ପ୍ଲାଟ୍ଫର୍ମ, ଯେଉଁଠି କ୍ୟାମେରା ସାମ୍ନାରେ ଏକ କାହାଣୀକୁ ଦେଖାଇବାକୁ ହୁଏ। ପ୍ରତ୍ୟେକ ଦିଗକୁ ଧ୍ୟାନ ଦେବାକୁ ହୁଏ। କିଛି ଭୁଲ୍ ହେଲେ ପୁଣି ଥରେ ଟେକ୍ ଦେଇ ତାକୁ ସଜାଡ଼ିବାର ସୁଯୋଗ ମିଳିଥାଏ।

**ପ୍ରଥମେ କ୍ୟାମେରା ସାମ୍ନାରେ ଡାଇଲଗ୍ କହିବାରେ ଭୟ ଲାଗିନଥିଲା?**

● ପ୍ରଥମ ଥର କ୍ୟାମେରା ସାମ୍ନା କରିବାରେ ମୁଁ ଭୟ କରିନଥିଲି ବରଂ କେମିତି ସଂଳାପ କୁହାଯାଉଛି, କେମିତି ପୋଜ୍‌ରେ ରହିବାକୁ ହେବ ସବୁକୁ ନିରୀକ୍ଷଣ କରିଥିଲି। ଯଦିଓ ଆରମ୍ଭରୁ କ୍ୟାମେରା ସାମ୍ନାରେ ୭ରୁ ୮ଟି ଟେକ୍ ଦେବା ପରେ ମୋର ସିନ୍ ଠିକ୍ ହେଉଥିଲା, ଏବେ ସେସବୁରେ ବହୁ ପରିବର୍ତ୍ତନ ଆସିଛି।

**ନାଟକ ତୁଳନାରେ ଧାରାବାହିକରୁ ପାରିଶ୍ରମିକ ଅଧିକ ମିଳେ କି?**

● ଅନ୍ୟ ରାଜ୍ୟରେ ଟିକେଟ କାଟିଲେ ମଞ୍ଚନାଟକ ଦେଖିବାର ସୁଯୋଗ ମିଳୁଥିବାବେଳେ ଆମ ରାଜ୍ୟରେ ସେହି ବ୍ୟବସ୍ଥା ନାହିଁ। ଯାହାଫଳରେ ମଞ୍ଚ କଳାକାରଙ୍କୁ ଖୁବ୍ କମ୍ ପାରିଶ୍ରମିକ ମିଳେ। ହେଲେ ଧାରାବାହିକରୁ ମିଳୁଥିବା ପାରିଶ୍ରମିକରେ ଜଣେ ସୁରୁଖୁରୁରେ ଚଳିପାରିବ। ଗୋଟେ କଥା, ମଞ୍ଚ ନାଟକକୁ ଜୀବିତ କରିବାକୁ ହେଲେ, କଳାକାରଙ୍କୁ ଗୋଟିଏ ସୂତ୍ରରେ ବାନ୍ଧି ରଖିବା ଜରୁରି। ତେଣୁ ସାଂପ୍ରତିକ ପରିସ୍ଥିତି ଅନୁସାରେ ମଞ୍ଚ କଳାକାରଙ୍କୁ ମଧ୍ୟ ଉଚିତ ପାରିଶ୍ରମିକ ମିଳିବା ଆବଶ୍ୟକ।

**ଅଭିନୟକୁ ଜୀବନ୍ତ କରିବାର କୌଶଳଟି କ'ଣ?**

● ଅଭ୍ୟାସ ବଳରେ ଅଭିନୟ ଜୀବନ୍ତ ହୋଇଥାଏ। ଏହାକୁ ଧ୍ୟାନରେ ରଖି ଯୁବ କଳାକାର କ୍ୟାରିୟର ଗଢ଼ିପାରିବେ। ଯେଉଁମାନେ ମଞ୍ଚରେ ଅଭିନୟ କରନ୍ତି, ସେମାନେ କେଉଁଠି ବି ହାର୍ ମାନନ୍ତିନି। ମାର୍ଜିତ ଓ ଜୀବନ୍ତ ଅଭିନୟ କରି ସାମାଜିକ, ସାଂସ୍କୃତିକ, ପୌରାଣିକ କଳା, ଐତିହ୍ୟ ଆଦି ସବୁକିଛିକୁ ଦର୍ଶକଙ୍କ ପାଖରେ ପହଞ୍ଚାଇବାକୁ ମଞ୍ଚ ପ୍ରୟାସ କରେ।

**ଧାରାଙ୍କ ଡ୍ରିମ୍ ରୋଲ୍?**

● ମୋ ପାଇଁ ସବୁ ରୋଲ୍ ଡ୍ରିମ୍ ରୋଲ। ତେଣୁ ଦର୍ଶକଙ୍କ ଭଲପାଇବା ପାଇଁ ମୋତେ ବିଭିନ୍ନ ଚରିତ୍ରରେ ଭଲ ଅଭିନୟ କରିବାର ଅଛି। ସବୁ ଚରିତ୍ରକୁ ନିଖୁଣ ଫୁଟାଇବା ମୋର ଲକ୍ଷ୍ୟ।

**ସୁଟିଂ ନଥିଲେ କ'ଣ କରନ୍ତି?**

● ପରିବାର ଲୋକ, ସାଙ୍ଗସାଥୀଙ୍କ ସହ ବୁଲାବୁଲି କରେ। ମୁଁ ବହୁତ ଖାଦ୍ୟପ୍ରିୟ, ସିନେମା ଦେଖିବାକୁ ପସନ୍ଦ କରେ, ତେଣୁ ସାଙ୍ଗଙ୍କ ସହ ଗୁପ୍‌ଚୁପ୍ ଖାଇ ମଜା ନିଏ।

**ଧାରା ଶ୍ରାବଣୀ ଏତେ ଫିଟ୍ କେମିତି?**

● ମୁଁ ସର୍ବଦା ଖାଦ୍ୟପେୟକୁ ଅଧିକ ଗୁରୁତ୍ୱ ଦିଏ। ଯେତେ କାର୍ଯ୍ୟ ଥିଲେ ବି ଘରେ ପ୍ରତିଦିନ ବ୍ୟାୟାମ କରେ। ଅବଶ୍ୟ ଧାରାବାହିକରେ ଅଧିକ ସମୟ ଦେବାକୁ ପଡୁଥିବାରୁ ସବୁବେଳେ ଜିମ୍ ଯିବାକୁ ସମୟ ମିଳେନି।

**● ମଞ୍ଚ ନାଟକ ହେଉ କି ଧାରାବାହିକ, ଦର୍ଶକଙ୍କୁ କେମିତି କାହାଣୀ ପସନ୍ଦ?**

ନାଟକ ହେଉ କି ଧାରାବାହିକ, ଯଦି ଠିକ୍ ବିଷୟବସ୍ତୁ ଚୟନ କରି ଏହାକୁ ଉପସ୍ଥାପନା କରାଯିବ, ଦର୍ଶକ ନିଶ୍ଚିତ ଏହାକୁ ଗ୍ରହଣ କରିବେ। କଳାକାର ଚୟନଠାରୁ ଆରମ୍ଭ କରି କାହାଣୀ ଆଦିରେ ଯେପରି ସାଲିସ୍ ନକରାଯାଇ ଏହାକୁ ପ୍ରଭାବଶାଳୀ ଧାରାବାହିକ ବା ନାଟକ କରାଯିବ ସେନେଇ ନାଟ୍ୟ ନିର୍ଦ୍ଦେଶକ, ନାଟ୍ୟସଂସ୍ଥା ତଥା ଧାରାବାହିକ ନିର୍ମାତା ଧ୍ୟାନ ଦେବା ଉଚିତ।

**● ଅଭିନୟରେ କ୍ୟାରିୟର କରିବାକୁ ଚାହୁଁଥିବା ପିଲାଙ୍କୁ କ'ଣ କହିବେ?**

ଆଜିକାଲି ବହୁତ କଳାକାର ଛୋଟ ବେଳୁ କ୍ୟାରିୟର୍ କରୁଛନ୍ତି। ତେଣୁ ଯାହା ପାଖରେ କଳା ଅଛି, ସେ ଆଗକୁ ବଢ଼ିବା ଥୟ। ଏଥିପାଇଁ କଠିନ ପରିଶ୍ରମ, ସମୟାନୁବର୍ତ୍ତୀ ହେବା ଦରକାର। ଏବେ ଅଭିନୟକୁ କ୍ୟାରିୟର୍ କରିବା ପାଇଁ ବିଭିନ୍ନ ପ୍ଲାଟଫର୍ମ ଉପଲବ୍ଧ ହେଲାଣି। ତେଣୁ କଳାକୁ ଉପଯୋଗ କରି ଆଗକୁ ବଢ଼ିହେବ। ■

# ସଙ୍ଗୀତଭିତ୍ତିକ ଚଳଚ୍ଚିତ୍ର 'ଯୋଗିନୀ'



ବିଶିଷ୍ଟ ପ୍ରଜ୍ଞା ତ୍ରିପାଠୀଙ୍କ ଓଡ଼ିଆ ଚଳଚ୍ଚିତ୍ର 'ଯୋଗିନୀ' ମୁକ୍ତି ଲାଭ କରିଛି। ସୁପ୍ରସିଦ୍ଧ କବି ହରପ୍ରସାଦ ଦାସଙ୍କ କବିତା ହେଉଛି ଏହି ଚଳଚ୍ଚିତ୍ରର କାହାଣୀ। ଏଥିରେ ସଂଗୀତ ଓ ନୃତ୍ୟ ମାଧ୍ୟମରେ କାହାଣୀକୁ ବଳିଷ୍ଠ ଭାବେ ଦେଖାଇବାକୁ ଚେଷ୍ଟା କରାଯାଇଛି। ସେହିପରି ସିନେମାରେ ୨୮ ଜଣ ନାୟିକା ଅଛନ୍ତି। ପ୍ରତ୍ୟେକଙ୍କ କାହାଣୀ ପ୍ରତ୍ୟେକଙ୍କଠାରୁ ଭିନ୍ନ। ପରୀକ୍ଷାମୂଳକ ଭାବେ ପ୍ରସ୍ତୁତ ଏହି ସିନେମାର ପ୍ରଯୋଜନାରେ ଲୋକପ୍ରିୟ କଣ୍ଠଶିଳ୍ପୀ ସୁସ୍ମିତା ଦାସ ଥିବା ବେଳେ ସେ ହିଁ ଏହାର ୨୮ଟି ଯାକ ଗୀତରେ କଣ୍ଠଦାନ କରିଛନ୍ତି। ଏଥିରେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଓମ୍ ପ୍ରକାଶ ମହାନ୍ତି। ସେହିପରି ଦଶମ-ଏକାଦଶ ଶତାବ୍ଦୀର ପୃଷ୍ଠଭୂମିରେ ତିଆରି ଏହି ସିନେମାରେ ପୃଥିବୀର ସବୁ ସ୍ତ୍ରୀ ଲୋକଙ୍କ ଭିତରେ ଗୋଟିଏ ଯୋଗିନୀ ଥିବା ସିନେମାଟିକୁ ଦେଖିଲେ ଲାଗୁଛି। ■



# କେଉଁ ଯୋଡ଼ି ଜିତିବ
# ଡିଓଡି: ଡବଲ୍ସ ଲିଗ୍



ଜି ସାର୍ଥକର ଅନ୍ୟତମ ଡ୍ୟାନ୍ସ ରିଆଲିଟି ଶୋ' 'ଡିଓଡି: ଡବଲ୍ସ ଲିଗ୍'କୁ ଏଥର ଦର୍ଶକେ ବେଶ୍ ପସନ୍ଦ କରିଛନ୍ତି। ଏପ୍ରିଲ୍ ୨୮ ତାରିଖ ସନ୍ଧ୍ୟା ୬ଟା୩୦ରେ ଏହାର ଗ୍ରାଣ୍ଡ ଫିନାଲେ ଦେଖିବାକୁ ମିଳିବ। ଗ୍ରାଣ୍ଡ ଫିନାଲେରେ 'ସନ୍ଧ୍ୟା-ସନ୍ଦୀପ', 'ରାଜଲକ୍ଷ୍ମୀ- ଚାରୁ', 'ଏ ଜେ-ମାନିନୀ', 'ସଙ୍ଗୀତ-ରାଗିଣୀ', 'ନେତ୍ରା-ଅଭିନବ', 'ଅମନ-ସାରା', 'ଅଙ୍କିତ-ଧାରା', 'ଅରୁ ଧ୍ରୁବ', 'ମଧୁ-ମାନସ', 'ପ୍ରିୟା-ସରସ୍ୱତୀ', 'ଅମ୍ବିକା-ଭବାନୀ', 'ନୀହାରିକା-ଶ୍ରୀ' ଅଛନ୍ତି। ଏହି ୧୨ଜଣ ଯୋଡ଼ିଙ୍କ ମଧ୍ୟରୁ କେଉଁ ଯୋଡ଼ି 'ଡିଓଡି: ଡବଲ୍ସ ଲିଗ୍'ର ବିଜୟ ମୁକୁଟ ପିନ୍ଧିବେ, ଏହିଦିନ ଜଣାପଡ଼ିବ। ଶୋ'ର ଶେଷ ସନ୍ଧ୍ୟାରେ ପ୍ରତିଯୋଗୀଙ୍କ ଦମ୍‌ଦାର୍ ନୃତ୍ୟ ଓ ମଜାମସ୍ତି ଦର୍ଶକଙ୍କୁ ଭରପୂର ମନୋରଞ୍ଜନର ଖୋରାକ ଯୋଗାଇବ। ତେବେ ଏହି ଶୋ'ର ପ୍ରମୁଖ ଆକର୍ଷଣ କେବଳ ଡ୍ୟାନ୍ସ ନ ଥିଲା ତାହା, ଡ୍ୟାନ୍ସ ସହ ପ୍ରତିଯୋଗୀଙ୍କ ପାଇଁ ଥିବା ଖେଳ ଥିଲା ଅଧିକ ମଜାଦାର। ଏଥିରେ ଦେବାଶିଷ ଏବଂ ହରିହର ବିଚାରପତି ଥିବା ବେଳେ ସୁଜିତ୍ ଓ ଚାନ୍ଦିନୀଙ୍କ ଶୋ' ସଂଚାଳନ ଶୈଳୀ ଶୋ'ଟିକୁ ମନୋରଞ୍ଜନଧର୍ମୀ କରିବାରେ ସଫଳ ହୋଇଛି। ■

## ଟେଲିଭିଜନ ପ୍ରିମିୟର୍

# ମା' ପେଟରୁ ମୁଁ ଜଗତଜିତା



ଏଇ ଏପ୍ରିଲ ୨୮ ତାରିଖ ସନ୍ଧ୍ୟା ୬ଟା ୩୦ରେ ତରଙ୍ଗ ଚ୍ୟାନେଲରେ ନୂଆ ଓଡ଼ିଆ ଚଳଚ୍ଚିତ୍ର 'ମା ପେଟରୁ ମୁଁ ଜଗତଜିତା'ର ଟେଲିଭିଜନ୍ ପ୍ରିମିୟର୍ ହେବ। ଏଥିରେ ମୁଖ୍ୟ ଚରିତ୍ରରେ ନଜର ଆସିବେ ଅଭିନେତ୍ରୀ କୁକିଜ୍ ସ୍ୱାଇଁ। ଏଥିରେ ସେ 'ସୁଭଦ୍ରା' ଚରିତ୍ରରେ ଅଭିନୟ କରିଛନ୍ତି। ସଞ୍ଜୟ ନାୟକଙ୍କ ନିର୍ଦ୍ଦେଶିତ ଏବଂ ରାଜା ନାୟକଙ୍କ ପ୍ରଯୋଜିତ ଏହି ସିନେମାର କାହାଣୀ ଲେଖିଛନ୍ତି ଦିଲୀପ କୁମାର ଦାସ। ଚିତ୍ରନାଟ୍ୟ ଓ ସଂଳାପରେ ସଞ୍ଜୟ ନାୟକ ଥିବା ବେଳେ ଗୀତ ରଚନା କରିଛନ୍ତି ଡ. ନିର୍ମଳ ନାୟକ। ଏଥିରେ ସତ୍ୟଜିତ୍ ପ୍ରଧାନ ଏବଂ ରଶ୍ମିତା ଦାସ କଣ୍ଠଦାନ କରିଛନ୍ତି। କୋରିଓଗ୍ରାଫିରେ ଅଛନ୍ତି ସଞ୍ଜୟ ନାୟକ। ସିନେମାଟି ଭିନ୍ନ ଏକ କାହାଣୀ ଉପରେ ଗତିଶୀଳ। ମୁଖ୍ୟତଃ ମା' ଓ ପିଲାର କାହାଣୀକୁ ଏଥିରେ ସୁନ୍ଦର ଭାବେ ଦୃଶ୍ୟାୟିତ କରାଯାଇଛି। ସେହିପରି ଏଥିରେ ଯେଉଁ ପିଲାଟି କଥା କୁହାଯାଇଛି, ତାହା ପାଖରେ ଐଶ୍ୱରିକ ଶକ୍ତି ଅଛି ଏବଂ ସେ ତା' ମା'କୁ ଗର୍ଭରେ ଥାଇ କିଭଳି ଭାବେ ସୁରକ୍ଷା ଦେଉଛି, ତାହା ସିନେମା ଦେଖିଲେ ଜଣାପଡ଼ିବ। ଫିଲ୍ମରେ କୁକିଜ୍‌ଙ୍କ ବ୍ୟତୀତ ସ୍ୱାଧୀନ, ଗୌରବ, ବୀରେନ୍ ମିଶ୍ର ପ୍ରମୁଖ ଅଭିନୟ କରିଛନ୍ତି। ■

# ବୋଉକୁ ଖୋଜୁଛି ରେଖା



ଏପ୍ରିଲ୍ ୨୨ରୁ ଆରମ୍ଭ ହୋଇଛି ନୂଆ ଧାରାବାହିକ 'ଭାଗ୍ୟ ରେଖା।' ଏଥିରେ 'ରେଖା' ଚରିତ୍ରରେ ନଜର ଆସିଛନ୍ତି ଅଭିନେତ୍ରୀ ସୁମନ ଏବଂ 'ଭାଗ୍ୟ' ଚରିତ୍ରରେ ଅଛନ୍ତି ଅଭିନେତା ଜୟଜିତ୍। ସେହିପରି ରେଖାର ବଡ଼ ଭଉଣୀ ଶିଖା ଚରିତ୍ରରେ ଅଭିନୟ କରିଛନ୍ତି ଶ୍ରାବଣୀ। ଶୋ'ଟି ଏବେ ଭିନ୍ନ ଏକ ମୋଡ଼ ଦେଇ ଗତି କରୁଛି। ଏଥିରେ ରେଖା ନିଜ ବୋଉକୁ ଖୋଜୁଥିବା ବେଳେ ଶିଖା ସେସବୁ କଥା ଚିନ୍ତା ନ କରିବାକୁ କହିଛି। କିନ୍ତୁ ରେଖା ଏବେ ନିଜ ବୋଉକୁ ଖୋଜିବାକୁ ବାହାରିଛି। ରେଖାର ମା' ଚରିତ୍ରରେ ଅଭିନେତ୍ରୀ କାଜଲ ଥିବା ବେଳେ ବାପା ଭୂମିକାରେ ରତନ ମେହେର ଅଭିନୟ କରୁଛନ୍ତି। ଗୋଟିଏ ପଟେ ରେଖା ନିଜ ମା'କୁ ଖୋଜିବା ପାଇଁ ଘରୁ ବାହାରିଥିବା ବେଳେ ସେଥିରେ ସେ ସଫଳ ହେଉଛି କି ନାହିଁ, ସେକଥା ଆଗକୁ ଜଣାପଡ଼ିବ। ■

## ଥିଏଟର ରିଲିଜ୍
୨୬ ଏପ୍ରିଲ୍ ରିଲିଜ୍




### ଅରୋଁ ମେଁ କହାଁ ଦମ୍ ଥା

**ନିର୍ଦ୍ଦେଶକ** : ନୀରଜ ପାଣ୍ଡେ
**ପ୍ରଯୋଜକ** : ଶୀତଲ ଭାଟିଆ, ନରେନ୍ଦ୍ର ହିରାୱତ, କୁମାର ମଙ୍ଗତ ପାଠକ
**କଳାକାର** : ଅଜୟ ଦେବଗନ, ତବୁ




### ତେହରାନ

**ନିର୍ଦ୍ଦେଶକ** : ଅରୁଣ ଗୋପାଳନ୍
**ପ୍ରଯୋଜକ** : ଦୀନେଶ ଭିଜନ
**କଳାକାର** : ଜନ ଆବ୍ରାହମ୍, ମାନୁଷୀ ଛିଲ୍ଲର

### ମେଁ ଲଡେଗା




**ନିର୍ଦ୍ଦେଶକ** : ଗୌରବ ରାଣା
**ପ୍ରଯୋଜକ** : ଅକ୍ଷୟ ଭଗବାନଜୀ, ପିନାକିନ୍ ଭକ୍ତା
**କଳାକାର** : ଆକାଶ ପ୍ରତାପ ସିଂହ, ଅଶ୍ୱଥ ଭଟ୍ଟ

ଗଣତନ୍ତ୍ରରେ ସବୁବେଳେ କ୍ଷମତାସୀନ ଦଳ ପ୍ରଶ୍ନବାଣର ସମ୍ମୁଖୀନ ହୁଏ, ଅପରପକ୍ଷରେ ବିରୋଧୀ ପକ୍ଷ କୌଣସି ପ୍ରସଙ୍ଗରେ ଦାୟିତ୍ୱ ମୁଣ୍ଡାଏ ନାହିଁ।
-ଜର୍ଜ ଅରୱେଲ୍



ସକାଳ THE SAKALA

## ଦେଶର ସାମୁଦାୟିକ ସମ୍ପତ୍ତି ପୁନରାବଣ୍ଟନ ପ୍ରସଙ୍ଗ

# ନିର୍ବାଚନୀ ବିତର୍କରେ ସାମ୍ୟବାଦୀ ବିବାଦ

ସମ୍ପ୍ରତି ନିଦାଘର ପ୍ରଚଣ୍ଡ ତାତିକୁ ଆହୁରି ଉତ୍ତପ୍ତ କରୁଛି ନିର୍ବାଚନର ପରିବେଶ। ବିଭିନ୍ନ ଦଳଙ୍କର ନିର୍ବାଚନ ଇସ୍ତାହାର ଏବଂ ଏହା ଉପରେ ବିରୋଧୀଙ୍କ କଟାକ୍ଷ ତଥା ତର୍ଜମା ପରିବେଶ ଓ ପରିସ୍ଥିତିକୁ ଅଧିକ ଉତ୍ତପ୍ତ ଓ ଉତ୍ତେଜନାପୂର୍ଣ୍ଣ କରିବାରେ ଲାଗିଛି। ଭାରତର ଜନତା ପିଢ଼ି ପରେ ପିଢ଼ି ଦେଖି ଆସୁଛନ୍ତି ଯେ ରାଜନୈତିକ ଦଳଙ୍କ ନିର୍ବାଚନ ଇସ୍ତାହାର ମୋଟାମୋଟି ଏକ ଅସାର ଗଣ୍ଠିଲି। ଯିଏ ହାରିଲା ତା'ର ପ୍ରତିଶ୍ରୁତି ଧୋଇଗଲା; ଯିଏ ଜିତିଲା ସେ ପ୍ରତିଶ୍ରୁତି ଭୁଲି ବା ନିଜକୁ ସୁହାଇଲା ଭଳି ପରିସ୍ଥିତିକୁ ଦେଖି କାମ କଲା। ଏଥର କଂଗ୍ରେସର ନିର୍ବାଚନ ଇସ୍ତାହାର ଓ ତା'ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କଠୋର କଟାକ୍ଷ ଦେଶରେ ମୁଖ୍ୟ ଆଲୋଚ୍ୟ ବିଷୟ ହୋଇଛି। ମୋଦୀ କଂଗ୍ରେସ ଇସ୍ତାହାରକୁ କଦର୍ଥ କରି ଟିପ୍ପଣୀ ଦେଇଛନ୍ତି ବୋଲି ଅଭିଯୋଗ କରି କଂଗ୍ରେସ ନିର୍ବାଚନ ଆୟୋଗଙ୍କ ପାଖରେ ଆପତ୍ତି କରି କାର୍ଯ୍ୟାନୁଷ୍ଠାନ ଦାବି କରିଛି। ତେଣେ କଂଗ୍ରେସ ଇସ୍ତାହାରରେ ସାମୁଦାୟିକ ସମ୍ପତ୍ତିର ପୁନଃବଣ୍ଟନ ପ୍ରସଙ୍ଗ ଯାହା ସ୍ଥାନ ପାଇଛି ସମାନ ପ୍ରସଙ୍ଗରେ ସୁପ୍ରିମକୋର୍ଟର ନ'ଜଣିଆ ପୀଠରେ ଶୁଣାଣି ଆରମ୍ଭ ହୋଇଛି। ଅବଶ୍ୟ ଏହି ଶୁଣାଣି ସହିତ କଂଗ୍ରେସ ନିର୍ବାଚନ ଇସ୍ତାହାରର କେବଳ କାକତାଳୀୟ ସମ୍ପର୍କ ବୋଲି ଧରାଯିବ। ସମ୍ବିଧାନ ଖଣ୍ଡପୀଠରେ ଚାଲିଥିବା ଏହି ମାମଲା ସମ୍ବିଧାନର ଧାରା ୩୯ (ଖ)ର ତର୍ଜମା ପାଇଁ ଉଦ୍ଦିଷ୍ଟ। ସୁପ୍ରିମକୋର୍ଟ ଏହି ମାମଲାରେ ରାଜ୍ୟ ଶାସନ ସମ୍ବନ୍ଧୀୟ ନିର୍ଦ୍ଦେଶାବଳୀ (ଡାଇରେକ୍ଟିଭ ପ୍ରିନ୍ସିପୁଲ୍ସ୍ ଅଫ୍ ଷ୍ଟେଟ୍ ପଲିସି) ରେ ସରକାର ଏକ ସମୁଦାୟ ବା ଗୋଷ୍ଠୀର ସମ୍ବଳ / ସମ୍ପତ୍ତିକୁ ସର୍ବସାଧାରଣଙ୍କ ବୃହତ୍ତର ସ୍ୱାର୍ଥ ପାଇଁ ଅଧିଗ୍ରହଣ କରି ତାହାକୁ ନଥିବା ଲୋକଙ୍କ ମଧ୍ୟରେ ବାଣ୍ଟି ପାରିବେ କି ନାହିଁ ତାହାର ସାମ୍ବିଧାନିକ ଓ ଆଇନଗତ ବୈଧତା ପରଖୁଛନ୍ତି। କିନ୍ତୁ ମନେ ରଖିବାକୁ ହେବ ଯେ ସୁପ୍ରିମକୋର୍ଟର ଏହି ମାମଲା ୧୯୭୭ ମସିହାର ରଙ୍ଗନାଥ ରେଡ୍ଡୀ ମାମଲାରେ ସେତେବେଳ ସୁପ୍ରିମକୋର୍ଟର ରାୟକୁ ନେଇ ଚାଲିଥିବା ଦୀର୍ଘ ଶୁଣାଣି ପ୍ରକ୍ରିୟାର ସଦ୍ୟତମ ଉପସ୍ଥାପନା।

କଂଗ୍ରେସ ଇସ୍ତାହାରରେ ଦୁଇଟି କଥା ସ୍ୱଷ୍ଟ ଉଲ୍ଲେଖ ରହିଛି। ସେଥିରୁ ଗୋଟିଏ ହେଲା ଦଳ କ୍ଷମତାକୁ ଆସିଲେ ସମଗ୍ର ଦେଶରେ ସାମାଜିକ, ଜାତିଗତ ଓ ଅର୍ଥନୈତିକ ଜନଗଣନା କରାଇ କେଉଁ କେଉଁ ବର୍ଗର ନାଗରିକମାନେ ଅର୍ଥନୈତିକ ଅନଗ୍ରସରତାର ଶିକାର ହେଉଛନ୍ତି ତାହାର ଚିହ୍ନଟ କରିବା। ଏହି ଗଣନାର ପରବର୍ତ୍ତୀ ପର୍ଯ୍ୟାୟରେ କଂଗ୍ରେସ ଦଳର ସମ୍ଭାବ୍ୟ ସରକାର ସାମାଜିକ ଓ ସାମୂହିକ ସମ୍ପଦର ସୁଷମ ପୁନରାବଣ୍ଟନ ପାଇଁ ପଦକ୍ଷେପ ନେବ। ତେବେ ଗତ ୨୧ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରାଜସ୍ଥାନର ବଂଶୱାଡ଼ାରେ ଏକ ନିର୍ବାଚନ ସଭାରେ କହିଥିଲେ ଯେ କଂଗ୍ରେସର ନିର୍ବାଚନ ଇସ୍ତାହାର କହୁଛି ଯେ ଏହି ଦଳ କ୍ଷମତାକୁ ଆସିଲେ ହିନ୍ଦୁ ମହିଳାଙ୍କ ସୁନା ଅଳଙ୍କାର, ଏପରିକି ମଙ୍ଗଳସୂତ୍ରକୁ ଛଡ଼ାଇ ନେବ ଏବଂ ଯେଉଁମାନେ ଅନୁପ୍ରବେଶକାରୀ, ଅଧିକ ସନ୍ତାନ ଜନ୍ମ କରୁଛନ୍ତି, ସେମାନଙ୍କ ମଧ୍ୟରେ ତାହା ବାଣ୍ଟିବ। ସମ୍ପତ୍ତି ବା ସମ୍ବଳର ପୁନଃବଣ୍ଟନ ଓ ଜାତିଗତ ତଥା ଅର୍ଥନୈତିକ ସର୍ଭେ କରାଯିବା ଘେନି କଂଗ୍ରେସ ଇସ୍ତାହାରରେ ଯାହା ପ୍ରତିଶ୍ରୁତି ଦିଆଯାଇଛି, ତାହାକୁ ଉପଲକ୍ଷ୍ୟ କରି ପ୍ରଧାନମନ୍ତ୍ରୀ ମୋଦୀ ଏହି କଟାକ୍ଷ କରିଛନ୍ତି। ଏହାର ବିରୋଧ କରି କଂଗ୍ରେସ ପକ୍ଷରୁ କୁହାଯାଇଛି ଯେ ଶାସକ ଏନ୍‌ଡିଏ ଦଳର ନେତାମାନେ ଏହାଦ୍ୱାରା ସାମ୍ପ୍ରଦାୟିକ ଧ୍ରୁବୀକରଣର ଉଦ୍ୟମ କରିଛନ୍ତି। ତେଣେ ବିଜେପି ଦଳ କହିବା ଅନୁସାରେ ସେମାନେ ରାଷ୍ଟ୍ରୀୟ ତଥା ସାମୂହିକ ସମ୍ପଦର ପୁନରାବଣ୍ଟନ କରି ଆମ ଦେଶରେ ଅନୁପ୍ରବେଶକାରୀ ବିଦେଶୀଙ୍କୁ ଦେବା ମାନସିକତା ବିରୁଦ୍ଧରେ କେବଳ ସ୍ୱର ଉତ୍ତୋଳନ କରିଛନ୍ତି।

ତେବେ ମୋଦୀ କ'ଣ କହିଛନ୍ତି ଏବଂ ଏହା ଦୋଷାବହ କି ନୁହେଁ ତାହା ନିର୍ବାଚନ ଆୟୋଗ ସ୍ୱଷ୍ଟ କରିବେ। ତେବେ ଏହି ପ୍ରସଙ୍ଗରେ ରାଜନୀତିକୁ ଆହୁରି ଜଟିଳ କରିଛି କଂଗ୍ରେସ ଦରିଆପାରି ସଂଗଠନ ମୁଖ୍ୟ ସାମ ପିତ୍ରୋଡ଼ାଙ୍କର ଆମେରିକାରେ ଏକ ସଦ୍ୟ ବୟାନ, କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଏ ବିଷୟରେ ରଖିଥିବା ତର୍କ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କର ୨୦୦୬ର ଏକ ପୁରୁଣା ମନ୍ତବ୍ୟ। ସାମ ପିତ୍ରୋଡ଼ା ଏକ ବିଦେଶୀ ଟିଭି ସାକ୍ଷାତକାରରେ କୁଆଡ଼େ କହିଛନ୍ତି ଯେ କଂଗ୍ରେସ କ୍ଷମତାକୁ ଆସିଲେ ଭାରତରେ ଆମେରିକା ଭଳି ସମ୍ପତ୍ତି ଉତ୍ତରାଧିକାର ଟିକସ ଲାଗୁ କରିବ। ଏହାଫଳରେ ଅତିଧନିକ ବର୍ଗର ଲୋକେ ମୃତ୍ୟୁ ସମୟକୁ ଯେଉଁ ସମ୍ପତ୍ତି ଛାଡ଼ି ଯିବେ ତାହା ତାଙ୍କ ଉତ୍ତରାଧିକାରୀମାନଙ୍କ ପାଖକୁ ସମ୍ପୂର୍ଣ୍ଣ ହସ୍ତାନ୍ତରିତ ହେବ ନାହିଁ। ଏଥିରୁ ପ୍ରାୟ ଅର୍ଦ୍ଧେକ ଉତ୍ତରାଧିକାର ଟିକସ ଭାବେ ସରକାରଙ୍କ ରାଜକୋଷରେ ଜମା ହେବ। ଭାରତରେ ଏହାର ପ୍ରବଳ ବିରୋଧ ଆରମ୍ଭ ହେବାରୁ ଶ୍ରୀ ପିତ୍ରୋଡା ସଫେଇ ଦେଇଛନ୍ତି ଯେ ସେ କେବଳ ଆମେରିକାରେ ପ୍ରଚଳିତ ଆଇନର ତର୍ଜମା କରୁଥିଲେ। ପିତ୍ରୋଡ଼ାଙ୍କ ମନ୍ତବ୍ୟ ପରେ କଂଗ୍ରେସଦଳ ତୁରନ୍ତ ଏହି ମତାମତଠାରୁ ନିଜକୁ ଦୂରେଇ ରଖି କହିଛି ଯେ ଏହା ପିତ୍ରୋଡାଙ୍କ ବ୍ୟକ୍ତିଗତ ମନ୍ତବ୍ୟ। ଦଳର ଏଭଳି କିଛି ଯୋଜନା ବା ଉଦ୍ଦେଶ୍ୟ ନାହିଁ।

ସାମୁଦାୟିକ ସମ୍ପତ୍ତିର ପଛୁଆ, ଦଳିତ ଓ ସଂଖ୍ୟାଲଘୁ ବର୍ଗଙ୍କ ମଧ୍ୟରେ ପୁନଃବଣ୍ଟନ ପ୍ରସଙ୍ଗରେ ବରିଷ୍ଠ ନେତା ରାହୁଲ୍ ଗାନ୍ଧୀ ଯାହା କହିଛନ୍ତି, ତାହା ମୁଖ୍ୟତଃ ଏକ ବାମପନ୍ଥୀ ଆଦର୍ଶବାଦର ପରିଚାୟକ। ନିର୍ବାଚନୀ ପରିବେଶରେ ଏହାର ସମୀକ୍ଷା ହୋଇ ଆରୋପ ଓ ପ୍ରତ୍ୟାରୋପ ଏକ ସ୍ୱାଭାବିକ ପ୍ରକ୍ରିୟା। ଏଥିରୁ ସବୁ ରାଜନୈତିକ ଦଳ ଫାଇଦା ଉଠାଇବାକୁ ଚେଷ୍ଟା କରିବା ମଧ୍ୟ ସ୍ୱାଭାବିକ। ଠିକ୍ ଏହି ସମୟକୁ ଉଚ୍ଚତମ ଅଦାଲତରେ ସମ୍ବିଧାନ ଖଣ୍ଡପୀଠରେ ଚାଲିଥିବା ମାମଲା ମଧ୍ୟ ରାଜନୈତିକ ବିମର୍ଶକୁ ଆହୁରି ଉତ୍ତେଜନାମୂଳକ କରୁଛି। ସୁପ୍ରିମକୋର୍ଟରେ ତର୍ଜମାର ମୁଖ୍ୟ ବିନ୍ଦୁ ହେଲା ସମ୍ବିଧାନ ଧାରା ୩୯ (ଖ)ରେ ଥିବା ନିର୍ଦ୍ଦେଶ ଅନୁଯାୟୀ, ସାମୂହିକ ସମ୍ପଦ ଭିତରେ ବ୍ୟକ୍ତିଗତ ଓ ଘରୋଇ ସମ୍ପତ୍ତିକୁ ସାମିଲ୍ କରାଯିବ କି ନାହିଁ। ସୁପ୍ରିମକୋର୍ଟରେ ବିଚାର୍ଯ୍ୟ ମାମଲାର ଫଏସଲାରେ ହୁଏତ ଆହୁରି ଦୀର୍ଘ ସମୟ ଲାଗିପାରେ। ତେବେ ରାଷ୍ଟ୍ରୀୟ ରାଜନୀତିରେ ବର୍ତ୍ତମାନ ମୁଖ୍ୟ ବିରୋଧୀ ଦଳ ଭାବେ ପରିଗଣିତ କଂଗ୍ରେସ ଦଳ ପକ୍ଷରୁ ସାମୁଦାୟିକ ସମ୍ପଦର ପୁନରାବଣ୍ଟନ ବିଷୟକ ଘୋଷଣା ନିର୍ବାଚନ ରାଜନୀତିରେ ଏକ ଅଲୋଡ଼ା ଉଷ୍ଣତା ଆଣିଦେଉଛି। ସମ୍ପ୍ରତି ନାଗରିକତା ସଂଶୋଧନ ଆଇନ ପ୍ରସଙ୍ଗରେ ଯେଉଁ ସରଗରମ ବାଦାନୁବାଦ ଚାଲିଛି ଓ ସଂଖ୍ୟାଲଘୁ ତୁଷ୍ଟୀକରଣର ଯେଉଁ ଆରୋପ-ପ୍ରତ୍ୟାରୋପ ଶୁଣାଯାଉଛି ସେହି ପୃଷ୍ଠଭୂମିରେ ସାମୁଦାୟିକ ସମ୍ପଦ ପୁନରାବଣ୍ଟନ ଭଳି ବିଷୟ ଉଠାଇବାର ଉଦ୍ଦେଶ୍ୟ କେବଳ ନିର୍ବାଚନୀ ରଣନୀତି ବୋଲି ଉଡ଼ାଇ ଦେଇ ହେବ ନାହିଁ।

କିଛି ରାଜନୈତିକ ପ୍ରସଙ୍ଗ ଅତ୍ୟନ୍ତ ସ୍ପର୍ଶକାତର ଓ ବିବାଦୀୟ। କଂଗ୍ରେସ ପାଇଁ ଯାହା ସାମାଜିକ ଓ ଅର୍ଥନୈତିକ ନ୍ୟାୟ, ବିଜେପି ଓ ଅନ୍ୟମାନଙ୍କ ପାଇଁ ତାହା ନାଗରିକଙ୍କ ସମ୍ପତ୍ତି ଅଧିକାର ଛଡ଼ାଇବା ସହିତ ସମାନ ବୋଲି କୁହାଯାଉଛି। କଂଗ୍ରେସ 'ନ୍ୟାୟପତ୍ର'ର ପ୍ରତିଶ୍ରୁତି ସୂଚାଉଛି ଯେ ଏହି ଦଳ କ୍ଷମତାକୁ ଆସିଲେ ଜାତୀୟ ସମ୍ପତ୍ତିର ପୁନଃବଣ୍ଟନ ମୁସଲମାନ ସଂଖ୍ୟାଲଘୁଙ୍କ ପାଇଁ କରିବ। ଆମ ମତରେ ଦେଶର ସମ୍ବଳ ଓ ସମ୍ପତ୍ତି ଉପରେ ସବୁ ନାଗରିକଙ୍କର ସମାନ ଅଧିକାର ରହିଛି। ଏଥିରେ ତୁଷ୍ଟୀକରଣର ଅବକାଶ ନାହିଁ। ସବୁ ମଣିଷର ସମ୍ପତ୍ତି ଅର୍ଜନ ଅଧିକାର ରହିଛି। ଜଣଙ୍କର କଷ୍ଟାର୍ଜିତ ଉପାର୍ଜନ ଓ ସଞ୍ଚୟକୁ ଆଇନ ଦ୍ୱାରା ଛଡ଼ାଇ ନେଇ ନଥିଲାବାଲାକୁ ବାଣ୍ଟିବା ଏବଂ ଦେଶର ଲୋକଙ୍କ ବ୍ୟକ୍ତିଗତ ସମ୍ପତ୍ତିର ସୁମାରି କରିବା ଏକ ବିପଜ୍ଜନକ ବାମପନ୍ଥୀ ବିଚାର।

# ବିସ୍ମୃତ ବନ୍ଦର ଚେଲିତୋଳ



ପଣ୍ଡିତ ଡ. ଅନ୍ତର୍ଯ୍ୟାମୀ ମିଶ୍ର
ଢେଙ୍କାନାଳ, ମୋ: ୮୮୯୫୨୩୦୭୨୨

ବୌଦ୍ଧ ଧର୍ମାବଲମ୍ବୀ ହର୍ଷବର୍ଦ୍ଧନ ଶାସନ କାଳରେ ଅର୍ଥାତ ସପ୍ତମ ଶତାବ୍ଦୀରେ ପ୍ରସିଦ୍ଧ ଚୀନ୍ ପରିବ୍ରାଜକ ହୁଏନ୍‌ସାଂ ଭାରତ ଆସିଥିଲେ। ସେ ଜଣେ ମହାଯାନ ମତବାଦୀ ଥିଲେ ଏବଂ ବୁଦ୍ଧଙ୍କ ଜନ୍ମଭୂମି ଦର୍ଶନ ଓ ବୌଦ୍ଧ ଦର୍ଶନ ଅଧ୍ୟୟନ ତାଙ୍କର ଉଦ୍ଦେଶ୍ୟ ଥିଲା। ସେ ନାଳନ୍ଦା ବିଶ୍ୱବିଦ୍ୟାଳୟରେ ବୌଦ୍ଧ ଦର୍ଶନ ଅଧ୍ୟୟନ ପୂର୍ବକ ପାଣ୍ଡିତ୍ୟ ଅର୍ଜନ କରିଥିଲେ। ଏହାପରେ ହୁଏନ୍‌ସାଂ ଉତ୍ତର ଭାରତର ବିଭିନ୍ନ ସ୍ଥାନ ଭ୍ରମଣ କଲେ ଓ ୬୩୮ ଖ୍ରୀଷ୍ଟାବ୍ଦରେ ଓଡ଼ିଶା ଆସିଥିଲେ। ତାଙ୍କର ବୌଦ୍ଧଧର୍ମର ପ୍ରଜ୍ଞାପୀଠ ଓଡ଼ିଶା ଭ୍ରମଣ ଇତିହାସ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ। ହୁଏନ୍‌ସାଂ ଉତ୍ତର-ଭାରତରୁ ଓଡ଼ିଶା ପଥ ଦେଇ ଦକ୍ଷିଣ-ଭାରତ ଯାତ୍ରା କରିଥିଲେ। ସେ କର୍ଣ୍ଣସୁବର୍ଣ୍ଣ ଅର୍ଥାତ୍ ମୁର୍ଶିଦାବାଦ ଜିଲ୍ଲାର ଗଙ୍ଗାମାଟିଠାରୁ ୨୫୦ କିମି ପଥ ଅତିକ୍ରମ କରି ଉଡ୍ର ବା ଉତ୍କଳ ଦେଶର ରାଜଧାନୀ ଗୁହଦେବପାଟକ ବା ବର୍ତ୍ତମାନର ଯାଜପୁରଠାରେ ପହଞ୍ଚିଥିଲେ। ହୁଏନ୍‌ସାଂଙ୍କ ବର୍ଣ୍ଣନାନୁସାରେ ଉତ୍କଳର ଅଧିକାଂଶ ଲୋକ ବୌଦ୍ଧଧର୍ମାବଲମ୍ବୀ ଥିଲେ ଏବଂ ରାଜ୍ୟରେ ଏକଶତ ବୌଦ୍ଧବିହାର ତଥା ଦଶହଜାର ବୌଦ୍ଧଭିକ୍ଷୁ ରହୁଥିଲେ। ଏତଦ୍‌ଭିନ୍ନ ପ୍ରାୟ ପଚାଶଗୋଟି ହିନ୍ଦୁ ମନ୍ଦିର ରହିଥିଲା ଏବଂ ସକଳ ସମ୍ପ୍ରଦାୟର ବ୍ୟକ୍ତି ଏକତ୍ର ପୂଜା ଉପାସନା କରୁଥିଲେ ବୋଲି ହୁଏନ୍‌ସାଂ ଉଲ୍ଲେଖ କରିଛନ୍ତି। ସେ ଓଡ଼ିଶାର ପ୍ରସିଦ୍ଧ ବୌଦ୍ଧଶିକ୍ଷା କେନ୍ଦ୍ର ତଥା ଅନ୍ତର୍ଜାତୀୟ ଖ୍ୟାତି ଲାଭ କରିଥିବା ପୁଷ୍ପଗିରି ବିହାର ପରିଦର୍ଶନ କରିଥିଲେ। ଉଡ୍ର ଦେଶର ଦକ୍ଷିଣପୂର୍ବ ଦିଗରେ ମହୋଦଧିତୀରରେ ଚେଲିତୋଳ ବା ଚରିତ୍ର ନାମକ ଏକ ନଗରୀର ବର୍ଣ୍ଣନା ହୁଏନ୍‌ସାଂ କରିଛନ୍ତି। ଏହି ବନ୍ଦରନଗରୀ ଆଠ କିମି ପରିବ୍ୟାପ୍ତ ଏକ ସୁରକ୍ଷିତ ନଗରୀ ଥିଲା। ଏହି ନଗରୀରେ ପାଞ୍ଚଗୋଟି ବିଶାଳ ବୌଦ୍ଧବିହାର ଥିଲା ତଥା ଦେଶବିଦେଶରୁ ଅନେକ ବଣିକ ଓ ଯାତ୍ରୀଙ୍କର ଏଠାରେ ସମାଗମ ହେଉଥିଲା। ନଗରୀର ବିପଣୀ ବିଥିକାରେ ବହୁ ଦୁଷ୍ପ୍ରାପ୍ୟ ବସ୍ତ୍ର ମିଳୁଥିବାର ସେ ଉଲ୍ଲେଖ କରିଛନ୍ତି। ସେ ମଧ୍ୟ ଲେଖିଛନ୍ତି ରାତ୍ରିର ନିସ୍ତବ୍ଧ ପ୍ରହରରେ ଏହି ନଗରୀରୁ ପ୍ରାୟ ପାଞ୍ଚ ହଜାର କିମି ଦୂରରେ ଥିବା ସିଂହଳର ବୌଦ୍ଧ ଦନ୍ତସ୍ତୂପ ମଣିର ଉଜ୍ଜ୍ୱଳ ଆଲୋକ ଦିଶୁଥିଲା। ହୁଏନ୍‌ସାଂଙ୍କ ବର୍ଣ୍ଣିତ ଚେଲିତୋଳ ବା ଚରିତ୍ର ବନ୍ଦରର ସ୍ଥାନ ଅଦ୍ୟାବଧି ସଠିକ ଭାବରେ ନିରୂପଣ କରାଯାଇ ପାରିନାହିଁ।

ପ୍ରସିଦ୍ଧ ଅର୍କକ୍ଷେତ୍ର କୋଣାର୍କର ଈଶାନ୍ୟ କୋଣରେ ପ୍ରାୟ ଆଠ କିଲୋମିଟର ଦୂରରେ କୁରୁମ ବୌଦ୍ଧବିହାର ସମ୍ପ୍ରତି 'ଯମଧର୍ମପୀଠ' ନାମରେ ପରିଚିତ। କେମ୍ବ୍ରିଜ ବିଶ୍ୱବିଦ୍ୟାଳୟ ପୁସ୍ତକାଳୟର ଅଭିଲେଖରେ ଏହା ଉଡ୍ରଦେଶର କୁରୁମସ୍ତ୍ରତା ଭାବରେ ଚିହ୍ନିତ। ଗବେଷକଙ୍କ ମତରେ ଏହି ଇତିହାସ ପ୍ରସିଦ୍ଧ ସ୍ଥାନ ହିଁ ହୁଏନ୍‌ସାଂଙ୍କ ବର୍ଣ୍ଣିତ ଚେଲିତୋଳ ବା ଚରିତ୍ର ବନ୍ଦର ନଗରୀ। କୁରୁମ ବୌଦ୍ଧବିହାରର ଭୂଖନନ ପରେ ତାହା ଚେଲିତୋଳ ବୋଲି ସ୍ୱଷ୍ଟ ହୋଇଛି। ୧୯୬୯ ମସିହା ଠାରୁ କୁରୁମ ବୌଦ୍ଧବିହାରର ଭୂଖନନ ଓ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ଆରମ୍ଭ କରାଗଲା। ପ୍ରାଥମିକ ପର୍ଯ୍ୟାୟରେ ଭୂମିସ୍ପର୍ଶ ମୁଦ୍ରାର ବୁଦ୍ଧମୂର୍ତ୍ତି, ଲଳିତାସନରେ ଅବଲୋକିତେଶ୍ୱର ମୂର୍ତ୍ତି, ଯମାରି ମୂର୍ତ୍ତି, ତ୍ରିବିକ୍ରମ ବିଷ୍ଣୁମୂର୍ତ୍ତି, ଟେରାକୋଟା ସିଲ୍ ଓ ଲିପି ଥିବା ମୋହର ଆବିଷ୍କୃତ ହେଲା, ଯେଉଁଥିରୁ ପ୍ରମାଣ ମିଳିଲା ଯେ ଏହି ପୀଠ ମହାଯାନ ପନ୍ଥର ପୀଠ ଥିଲା। ସେତେବେଳକୁ ସ୍ଥାନୀୟ ବ୍ୟକ୍ତିମାନେ ଏକ ଅସ୍ଥାୟୀ ଗୃହରେ ଏହିସବୁ ମୂର୍ତ୍ତିଙ୍କୁ ପୂଜା କରି 'ଯମଧର୍ମପୀଠ' ନାମରେ ନାମିତ କରିସାରିଥିଲେ। ୧୯୭୪-୭୫ ମସିହାରେ ଦ୍ୱିତୀୟ ପର୍ଯ୍ୟାୟ ସର୍ବେକ୍ଷଣ ସମୟରେ ଏକମିଟର ଉଚ୍ଚତା ବିଶିଷ୍ଟ ପ୍ରାଚୀନ ଇଟା ନିର୍ମିତ ୨୯ ମିଟର ଲମ୍ବର କାନ୍ଥ ଦୃଷ୍ଟିଗୋଚର ହେଲା। ଏହି କାନ୍ଥରେ ଚାରିଗୋଟି ଲେଖାଏଁ ଇଟା ବସିଥିଲା। ପରେ ପରେ ଉତ୍ତରପାର୍ଶ୍ୱ ଖୋଳା ହୋଇ ୨୯ ମିଟର ଲମ୍ବର କାନ୍ଥ ବାହାରିଲା। ଏହାପରେ ଚାରିଗୋଟି ପ୍ରକୋଷ୍ଠ ଆବିଷ୍କୃତ ହେଲା ଏବଂ ୨୦ ଫୁଟର ବାରଣ୍ଡା ଦୃଷ୍ଟିଗୋଚର ହେଲା। ୧୯୭୬-୭୭ ମସିହାରେ ତୃତୀୟ ପର୍ଯ୍ୟାୟ ସର୍ବେକ୍ଷଣରେ ପୂର୍ବ ଓ ଦକ୍ଷିଣ ପାର୍ଶ୍ୱର ଭୂଖନନ ହୋଇଥିଲା। ଏଥିରୁ ଦଶମିଟର ଲମ୍ବ ଓ ପ୍ରସ୍ଥ ବିଶିଷ୍ଟ ବର୍ଗାକାର ପ୍ରକୋଷ୍ଠର ସନ୍ଧାନ ମିଳିଲା। ଏହି ପ୍ରକୋଷ୍ଠଟି ପଥର ଓ ଇଟାରେ ନିର୍ମିତ ହୋଇଥିଲା ତଥା ପ୍ରକୋଷ୍ଠରେ ଜଳ ନିଷ୍କାସନ ପ୍ରଣାଳୀ ରହିଥିଲା। ଏହି ପ୍ରକୋଷ୍ଠଟି ପ୍ରଥମେ ପଥରରେ ଓ କିଛି ବର୍ଷ ପରେ ଇଟାରେ ପୁନଃନିର୍ମିତ ହୋଇଥିଲା ବୋଲି ନିର୍ମାଣ ଶୈଳୀ ଅନୁଧ୍ୟାନରୁ ଜଣାପଡ଼ିଲା। ଭୂଖନନରୁ ପୂର୍ବପାର୍ଶ୍ୱ କାନ୍ଥ ୨୯ ମିଟର ଓ ଦକ୍ଷିଣପାର୍ଶ୍ୱ କାନ୍ଥ ୨୦ ମିଟର ରହିଥିବା ଜଣାଗଲା। ଏଥିରୁ ସ୍ୱଷ୍ଟ ଜଣାଗଲା ଏହି ସ୍ଥାନରେ ବିଶାଳ ବୌଦ୍ଧବିହାର ରହିଥିଲା। ସର୍ବେକ୍ଷଣରୁ ବୌଦ୍ଧଧାରିଣୀ ମନ୍ତ୍ର ଖୋଦିତ ଟେରାକୋଟାରେ ଥିବା ଅକ୍ଷରରୁ ଏହା ସପ୍ତମ-ଅଷ୍ଟମ ଶତାବ୍ଦୀର ବୋଲି ଜଣାଗଲା। ସୂଚନାଯୋଗ୍ୟ ଯେ ଏହି ବୌଦ୍ଧ ବିହାରର ଚାରି କିଲୋମିଟର ଦୂରରେ ପ୍ରାଚୀ ନଦୀର ଶାଖା ନଦୀ କାଦୁଆନଦୀ ମୁହାଣରେ ଚିତ୍ରେଶ୍ୱରଠାରେ ପ୍ରାଚୀନ ବତୀଖୁଣ୍ଟ ତଥା ଉତ୍ପଳେଶ୍ୱର ଓ ଚିତ୍ରେଶ୍ୱରୀଙ୍କ ଭଗ୍ନ ମନ୍ଦିର ଥିଲା। ଏଥିରୁ ପ୍ରମାଣ ମିଳିଲା ଯେ ବୌଦ୍ଧବିହାରଠାରୁ ଚାରିକିଲୋମିଟର ପରିବ୍ୟାପ୍ତ ଅଞ୍ଚଳ ଚରିତ୍ରନଗର ବା ଚେଲିତୋଳ ବନ୍ଦର ନଗରୀ ଥିଲା। ଏଣୁ ନିଃସନ୍ଦେହରେ ବ୍ୟକ୍ତ କରାଯାଇପାରେ ଯେ ଚିତ୍ରେଶ୍ୱର ହିଁ ଚିତ୍ରୋତ୍ପଳା ବା ଚେଲିତୋଳ। ଅବଶ୍ୟ ଇତିମଧ୍ୟରେ ଅଞ୍ଚଳଟିର ବ୍ୟାପକ ଭୌଗୋଳିକ ପରିବର୍ତ୍ତନ ହୋଇଯାଇଥିବାରୁ ସମ୍ପୂର୍ଣ୍ଣ ତଥ୍ୟ ଏଯାବତ୍ ମିଳିପାରିନାହିଁ। ପ୍ରାଚୀନ ବତୀଖୁଣ୍ଟିରୁ ବନ୍ଦର ଏବଂ ଚିତ୍ରେଶ୍ୱରୀ ଓ ଉତ୍ପଳେଶ୍ୱରଙ୍କ ନାମରେ ଚିତ୍ରୋତ୍ପଳା ଏକ ପବିତ୍ରନଦୀ ତଥା ପ୍ରାଚୀ ନଦୀର ଶାଖା। ପୌରାଣିକ ମାନ୍ୟତାରେ ଏହି ନଦୀ ଉତ୍ପଳେଶ୍ୱର ଓ ଚିତ୍ରେଶ୍ୱରୀଙ୍କ ମଧ୍ୟଭାଗରେ ପ୍ରବାହିତ। ଏହି ବର୍ଣ୍ଣନା ସହିତ ସ୍ଥାନ ମିଳିଯାଉଛି ତଥା ପୁରାଣ ବର୍ଣ୍ଣିତ ଚିତ୍ରୋତ୍ପଳା ସମ୍ପ୍ରତି ଚନ୍ଦ୍ରଭାଗା ନାମରେ ଖ୍ୟାତ। ଏଥିରୁ ସ୍ୱଷ୍ଟ ପ୍ରମାଣିତ ହେଉଛି, କୁରୁମ ବୌଦ୍ଧବିହାରଠାରୁ ଚିତ୍ରେଶ୍ୱରୀ ପର୍ଯ୍ୟନ୍ତ ଭୂଖଣ୍ଡ ହିଁ ହୁଏନ୍‌ସାଂଙ୍କ ବର୍ଣ୍ଣିତ ଚେଲିତୋଳ। ସେତେବେଳେ ଏହା ବନ୍ଦରନଗରୀ ଭାବରେ ଖ୍ୟାତ ଥିଲା ତଥା ଦେଶ ଓ ବିଦେଶରୁ ବହୁ ବଣିକଙ୍କର ଏଠାକୁ ଆଗମନ ହେଉଥିଲା। ଏହି ସ୍ଥାନରୁ ମିଳିଥିବା କୁଶାଣ ମୁଦ୍ରା, ଯାହାକି ପୁରୀ କୁଶାଣ ମୁଦ୍ରା ନାମରେ ପରିଚିତ, ଉକ୍ତିର ସତ୍ୟତା ପ୍ରତିପାଦନ କରିଥାଏ। ଏହି ମୁଦ୍ରାଗୁଡ଼ିକ କନିଷ୍କ ଓ ହବିଷ୍କଙ୍କ ସମୟରେ ପ୍ରଚଳନ ଥିଲା। ଏଥିରୁ ଅନ୍ୟ ଏକ ପ୍ରମାଣ ମିଳିଥାଏ ଯେ ପ୍ରଥମ ଶତାବ୍ଦୀରେ ମଧ୍ୟ ଏହି ସ୍ଥାନ ବନ୍ଦର ଥିଲା। ମନେହୁଏ, ଏହି ବନ୍ଦର ନଗରୀରେ ପ୍ରଥମେ ହୀନଯାନ ପନ୍ଥାର ବୌଦ୍ଧବିହାର ଥିଲା, ଯାହାକି ଭୌମକର ଯୁଗରେ ମହାଯାନ ପନ୍ଥାର ବୌଦ୍ଧବିହାରରେ ପରିଣତ ହୋଇଥିଲା। ଗବେଷକଙ୍କ ମତରେ ହୁଏନ୍‌ସାଂ ଏଠାରେ ପ୍ରାଚୀନ ବୌଦ୍ଧବିହାର ପରିଦର୍ଶନ କରିଥିଲେ ଏବଂ ତାଙ୍କ ପରେ ଏଗୁଡ଼ିକ ପୁନଃନିର୍ମିତ ହୋଇଥିଲା। ହୁଏନ୍‌ସାଂ ଏଠାରେ ପାଞ୍ଚଗୋଟି ବୌଦ୍ଧବିହାର ଦେଖିଥିଲେ। ବର୍ତ୍ତମାନ ଭୂଖନନରୁ ତିନିଗୋଟି ବୌଦ୍ଧବିହାରର ଅବଶେଷ ମିଳିଛି, ଅନ୍ୟ ଦୁଇଟି ବୌଦ୍ଧବିହାର ଉପରେ ବସ୍ତି ଓ ବିଦ୍ୟାଳୟ ନିର୍ମିତ ହୋଇଥିବାରୁ ଭୂଖନନ ହୋଇପାରିନାହିଁ।

ପ୍ରାଚୀନ ଚେଲିତୋଳ ବନ୍ଦର ଓ ବୌଦ୍ଧବିହାର ଅଞ୍ଚଳରେ ବହୁ ବୌଦ୍ଧ ମୂର୍ତ୍ତି ପରିଦୃଷ୍ଟ ହୋଇଥାଏ। ହୁଏନ୍‌ସାଂ ଏହି ସବୁ ସୁନ୍ଦର ସୁନ୍ଦର ମୂର୍ତ୍ତି ଦେଖିଥିଲେ, କିନ୍ତୁ ବୌଦ୍ଧବିହାରଗୁଡ଼ିକର ପତନ ପରେ ମୂର୍ତ୍ତିଗୁଡ଼ିକ ସ୍ଥାନୀୟ ଲୋକମାନେ ନେଇ ନିଜ ନିଜ ଗ୍ରାମରେ ପୂଜା କରୁଛନ୍ତି। କାକଟପୁର ସନ୍ନିକଟ ଜୀଉନ୍ତି ଗ୍ରାମର ଇଶ୍ୱରବେଢ଼ା ମନ୍ଦିରରେ ତାରା ମୂର୍ତ୍ତି, ମୁଦ୍‌ଗଲ ଗ୍ରାମରେ ଅବଲୋକିତେଶ୍ୱର ମୂର୍ତ୍ତି, ଅମରେଶ୍ୱରୁ ଆନୀତ ତଥା ରାଜ୍ୟ ସଂଗ୍ରହାଳୟରେ ସଂରକ୍ଷିତ ଅବଲୋକିତେଶ୍ୱର ମୂର୍ତ୍ତି, କେନ୍ଦୁଲି ଶାସନରେ ଥିବା ଅବଲୋକିତେଶ୍ୱର ମୂର୍ତ୍ତି, ଫିରିଫିରା ଗ୍ରାମରେ ପୂଜିତା ତାରା ମୂର୍ତ୍ତି, ଚୌରାଶୀ ଗ୍ରାମ ନିକଟରେ ପୂଜିତ ବୈରୀଘଣ୍ଟ ମୂର୍ତ୍ତି, ଅସ୍ତରଙ୍ଗର ମାରିଚୀ ମୂର୍ତ୍ତି, ନୂଆଗାଁ ନିକଟ ଅର୍କବଟର ଜମ୍ଭାଳ ମୂର୍ତ୍ତି ଏବଂ ନିଭରଣ ଗ୍ରାମେଶ୍ୱର ମନ୍ଦିରରେ ଥିବା ଯୋଗାରୂଢ଼ ବୁଦ୍ଧ ମୂର୍ତ୍ତି ପ୍ରଭୃତି ଅନେକ ମୂର୍ତ୍ତି ବୌଦ୍ଧବିହାର ପତନ ପରେ ବିଭିନ୍ନ ଗ୍ରାମରେ ପୂଜା ପାଉଛନ୍ତି। ଚେଲିତୋଳରୁ ଏହିସବୁ ମୂର୍ତ୍ତି ସ୍ଥାନାନ୍ତରିତ ଏବଂ ଏହି ଅଞ୍ଚଳର ବହୁ ମନ୍ଦିରର ବୌଦ୍ଧବିହାର ଇଟା ଓ ପଥରରେ ନିର୍ମିତ। ବିଶେଷତଃ ଜୀଉନ୍ତୀର ଇଶ୍ୱରବେଢ଼ା ମନ୍ଦିର ଓ ନିଆଳି ସନ୍ନିକଟ ପିତାପଡ଼ା ଅଙ୍ଗେଶ୍ୱର ମନ୍ଦିର ପ୍ରାଚୀନ ବୌଦ୍ଧବିହାରର ଇଟା ଓ ବୌଦ୍ଧସ୍ତୂପ ଦ୍ୱାରା ନିର୍ମିତ ବୋଲି ପ୍ରମାଣ ମିଳିଛି। ଏହି ଅଞ୍ଚଳର ବହୁ ହିନ୍ଦୁ ଦେବାଦେବୀ ମୂର୍ତ୍ତି ବୌଦ୍ଧ ଦେବାଦେବୀଙ୍କର ରୂପାନ୍ତରୀକରଣ ବୋଲି ବିଶ୍ୱାସ କରାଯାଏ। ଏପରିକି ଚିତ୍ରେଶ୍ୱରୀ ମୂର୍ତ୍ତିକୁ ବୌଦ୍ଧଦେବୀ ହେରୁକାଙ୍କ ମୂର୍ତ୍ତି ବୋଲି ଗବେଷକମାନେ ମତପ୍ରଦାନ କରନ୍ତି।

ହୁଏନ୍‌ସାଂଙ୍କ ଓଡ଼ିଶା ଭ୍ରମଣ ହେଉଛି ଭୌମକର ରାଜତ୍ୱର ପ୍ରାକ୍ କାଳ। ସେତେବେଳକୁ ଚେଲିତୋଳ ଗୋଟିଏ ଅନ୍ତର୍ଜାତୀୟ ବନ୍ଦର ନଗରୀର ମର୍ଯ୍ୟାଦାରେ ଅଧିଷ୍ଠିତ ଥିଲା ବୋଲି ହୁଏନ୍‌ସାଂଙ୍କ ବର୍ଣ୍ଣନାରୁ ପ୍ରମାଣ ମିଳିଥାଏ। ସେହି ସମୟରେ ଓଡ଼ିଶା ଉପକୂଳରେ ବହୁ ବନ୍ଦର ଥିଲେ ହେଁ ପାଞ୍ଚଗୋଟି ବିଶାଳ ବୌଦ୍ଧବିହାର ଥିବାରୁ ଚେଲିତୋଳ ସ୍ୱତନ୍ତ୍ର ଆସନ ଅଳଙ୍କୃତ କରିଥିଲା। ଭୌମକର ବଂଶର ରାଜନ୍ୟ ବୃନ୍ଦ ବୌଦ୍ଧଧର୍ମାବଲମ୍ବୀ ଥିଲେ ଓ ରାଣୀଗଣ ହିନ୍ଦୁ ଧର୍ମାବଲମ୍ବୀ ଥିଲେ। ସେହି ସମୟ ଥିଲା ଓଡ଼ିଶାର ସୁବର୍ଣ୍ଣଯୁଗ। ହିନ୍ଦୁ ଓ ବୌଦ୍ଧଙ୍କ ମଧ୍ୟରେ ସମନ୍ୱୟ ରହିଥିଲା। ହିନ୍ଦୁମାନେ ବୌଦ୍ଧ ବିହାରରେ ଓ ବୌଦ୍ଧମାନେ ହିନ୍ଦୁ ମନ୍ଦିରରେ ଏକତ୍ର ନିଃସଙ୍କୋଚରେ ଉପାସନା କରୁଥିଲେ। ଭୌମକର ରାଜା ଓ ରାଣୀଗଣ ଚେଲିତୋଳ ବନ୍ଦରନଗରୀ ତଥା ଅଞ୍ଚଳ ପ୍ରତି ସୁଦୃଷ୍ଟି ରଖିଥିଲେ। ଶିବକର ଦେବଙ୍କର ଚୌରାଶୀ ତମ୍ବାପଟ୍ଟା, ଶୁଭାକର ଦେବଙ୍କ ତେରୁଣ୍ଡିଆ ତାମ୍ରଶାସନ ଓ ଭୌମରାଣୀ ନୃଣାଦେବୀଙ୍କ ଅନୁରୋଧକ୍ରମେ ଏହି ଅଞ୍ଚଳର ବ୍ରାହ୍ମଣମାନଙ୍କୁ ଗ୍ରାମଦାନ ପ୍ରଭୃତିରୁ ପ୍ରମାଣିତ ହୁଏ ଯେ ଏହି ଅଞ୍ଚଳଟି ଭୌମକର ରାଜାଙ୍କ ପ୍ରତ୍ୟକ୍ଷ ଶାସନାଧୀନ ଥିଲା। ଭୌମରାଜତ୍ୱରେ ଚୌରାଶୀର ବାରାହୀ ମନ୍ଦିର ସମେତ ଏହି ଅଞ୍ଚଳରେ ବହୁ ହିନ୍ଦୁମନ୍ଦିର ନିର୍ମାଣ ହୋଇଥିଲା। ଭୌମରାଜତ୍ୱରେ ଏହି ଅଞ୍ଚଳରେ ହିନ୍ଦୁ ଓ ବୌଦ୍ଧ ଉଭୟ ଧର୍ମର ବିକାଶ ଘଟିଥିଲା। ଭୌମକର ରାଜା ଓ ରାଣୀଗଣ ଚେଲିତୋଳ ବନ୍ଦରର ଉନ୍ନତି ନିମିତ୍ତ ଯତ୍ନବାନ ଥିଲେ। ସୋମବଂଶ ରାଜତ୍ୱରୁ ଓଡ଼ିଶାରେ ବୌଦ୍ଧଧର୍ମର ପତନ ଘଟିଲା। ଦୁଃଖର ବିଷୟ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ପ୍ରାଚୀ, ଚିତ୍ରୋତ୍ପଳା, କାଦୁଆ ପ୍ରଭୃତି ଏହି ଅଞ୍ଚଳର ନଦୀର ଗତିପଥରେ ବିରାଟ ପରିବର୍ତ୍ତନ ଘଟିଲା। ସୁପ୍ରଶସ୍ତ ଚିତ୍ରୋତ୍ପଳା ଅପ୍ରଶସ୍ତ ଓ ଅଗଭୀର ହୋଇଯିବାରୁ ସେହି ନଦୀ ମୁହାଣରେ ଚେଲିତୋଳ ବନ୍ଦରକୁ ଜାହାଜ ଚଳାଚଳ କରିପାରିଲା ନାହିଁ। ଚେଲିତୋଳ ବନ୍ଦର ନିଜତ୍ୱ ହରାଇଲା। ଏପରିକି ଦଶମ ଶତାବ୍ଦୀରେ ସୋମବଂଶ ରାଜା ପୁରନ୍ଦର କେଶରୀ କୋଣାର୍କରେ ସୂର୍ଯ୍ୟମନ୍ଦିର ନିର୍ମାଣ କରିବା ସମୟକୁ ଚେଲିତୋଳ ବନ୍ଦର ନଗରୀ ଅସ୍ତିତ୍ୱ ହରାଇ ସାରିଥିଲା। ବୌଦ୍ଧଧର୍ମର ପତନ ଘଟିବାରୁ ବୌଦ୍ଧବିହାରଗୁଡ଼ିକ ପରିତ୍ୟକ୍ତ ହୋଇପଡ଼ିଲା। ପରବର୍ତ୍ତୀ ଗଙ୍ଗବଂଶ ରାଜତ୍ୱରେ ଲାଙ୍ଗୁଳା ନରସିଂହଦେବ ବିଶ୍ୱପ୍ରସିଦ୍ଧ କୋଣାର୍କ ମନ୍ଦିର ତ୍ରୟୋଦଶ ଶତାବ୍ଦୀରେ ନିର୍ମାଣ କରିବା ବେଳକୁ ଚେଲିତୋଳର ନାଁ ଲୋକ ଭୁଲିଯାଇଥିଲେ। ପରବର୍ତ୍ତୀ କାଳରେ ଚେଲିତୋଳ ନିଶ୍ଚିହ୍ନ ହୋଇଗଲା ତଥା ବୌଦ୍ଧବିହାରର ଦେବାଦେବୀ ସ୍ଥାନୀୟ ଲୋକମାନେ ନେଇ ନିଜ ନିଜ ଗ୍ରାମରେ ପୂଜା କଲେ।

ସମ୍ପ୍ରତି ଚେଲିତୋଳର ବିସ୍ତୀର୍ଣ୍ଣ ଅଞ୍ଚଳ କୃଷିକ୍ଷେତ୍ରରେ ପରିଣତ ହୋଇଛି। ସ୍ଥାନୀୟ ବ୍ୟକ୍ତିମାନେ ବୌଦ୍ଧବିହାର ଥିବା ଅଞ୍ଚଳରେ ବସ୍ତି ଓ ଅନ୍ୟାନ୍ୟ ଅନୁଷ୍ଠାନ ନିର୍ମାଣ କରିଛନ୍ତି। ବହୁ ବ୍ୟକ୍ତି ଏହି ଅଞ୍ଚଳରେ ଜବରଦଖଲ କରିଥିବାରୁ ପୀଠଟିକୁ ଯାତାୟତରେ ଅସୁବିଧା ହେଉଛି। ଏହି ପରିପ୍ରେକ୍ଷୀରେ ସମଗ୍ର ଅଞ୍ଚଳଟିକୁ ଜବରଦଖଲ ମୁକ୍ତ କରାଯାଇ ଚତୁଃର୍ପାଶ୍ୱରେ ପ୍ରାଚୀର ନିର୍ମାଣ, ଆବିଷ୍କୃତ ମୂର୍ତ୍ତିଗୁଡ଼ିକର ସଂରକ୍ଷଣ, ସଂଗ୍ରହାଳୟ ପ୍ରତିଷ୍ଠା, କ୍ଷେତ୍ରଟିରେ ବୃକ୍ଷରୋପଣ, ପର୍ଯ୍ୟଟକଙ୍କ ନିମିତ୍ତ ସୂଚନାକେନ୍ଦ୍ର ସ୍ଥାପନ ସହିତ ସମଗ୍ର ଅଞ୍ଚଳରେ ସୂଚନା ଫଳକ ଲଗାଯିବା ଜରୁରୀ ମନେହୁଏ। ଏହି କ୍ଷେତ୍ରଟି ବିଶ୍ୱପ୍ରସିଦ୍ଧ କୋଣାର୍କ ମନ୍ଦିର ନିକଟରେ ଅବସ୍ଥିତ ଥିବାରୁ କୋଣାର୍କଠାରୁ ଏହି ସ୍ଥାନକୁ ସୁଦୃଢ଼ ଓ ସୁପ୍ରଶସ୍ତ ରାସ୍ତା ନିର୍ମାଣ କରାଯାଇପାରିଲେ ପର୍ଯ୍ୟଟକମାନେ ସୁବିଧାରେ ଯାତାୟତ କରି ସୁବିଖ୍ୟାତ ଚେଲିତୋଳ ବନ୍ଦର ତଥା କୁରୁମ ବୌଦ୍ଧବିହାର ପରିଦର୍ଶନ କରିପାରିବେ।

# ନ୍ୟାୟିକ ସେବା ପ୍ରାଧିକରଣ: ବନ୍ଦୀଙ୍କ ପାଇଁ ଆଶିଷ



ପୁଷ୍ପମିତ୍ର ମହାପାତ୍ର
କଟକ, ମୋ: ୯୪୩୭୨୨୫୬୮୯

ଆମ ଓଡ଼ିଶାରେ ଅନ୍ୟ ରାଜ୍ୟ ତୁଳନାରେ ବିଭିନ୍ନ ଜେଲରେ ୭୦% ବିଚାରାଧୀନ କଏଦୀ ରହିଛନ୍ତି। ସେମାନଙ୍କ ଭିତରୁ ଅନେକ ଆର୍ଥିକ ଦୃଷ୍ଟିରୁ ଅତ୍ୟନ୍ତ ଗରିବ। ତେଣୁ ମାମଲା ଲଢ଼ିବା ପାଇଁ ସେମାନେ ଓକିଲ ଯୋଗାଡ଼ କରିବା ଅତ୍ୟନ୍ତ କଷ୍ଟକର। ଏଠାରେ ସୂଚନାଥାଉକି ଏହି ବର୍ଗର ଲୋକମାନଙ୍କ ପାଇଁ, ବିଶେଷକରି ଯେଉଁମାନେ ଆର୍ଥିକ ଦୃଷ୍ଟିରୁ ଅନଗ୍ରସର, ସେମାନେ କିପରି ମାଗଣାରେ ଆଇନ ସହାୟତା ପାଇପାରିବେ ସେଥିପାଇଁ ସରକାର ୧୯୮୭ରେ ଏକ ବିଧିବଦ୍ଧ ଆଇନ ପ୍ରଣୟନ କରି 'ଆଇନ ସେବା ପ୍ରାଧିକରଣ'(ଲିଗାଲ ସର୍ଭିସ ଅଥରିଟି)ର ବ୍ୟବସ୍ଥା କରିଛନ୍ତି। ଏହି ଆଇନରେ ଧାରା ୧୨ ଅନୁସାରେ ଗରିବ ଶ୍ରେଣୀର ମହିଳା, ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଲୋକମାନେ ଏହି ସୁବିଧା ପାଇବା ପାଇଁ ହକଦାର। ଏଥିପାଇଁ ପ୍ରତି ଜିଲ୍ଲା ଓ ନ୍ୟାୟାଳୟରେ 'ନ୍ୟାୟିକ ପ୍ରାଧିକରଣ' ବ୍ୟବସ୍ଥା ରହିଛି। ସେଠାରେ ଥିବା ଓକିଲମାନେ ଗରିବ ବିଚାରାଧୀନ କଏଦୀଙ୍କ ମାମଲା ପରିଚାଳନା କରି ସେମାନଙ୍କୁ ଆଇନଗତ ସହାୟତା ଦେବେ। ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି ପ୍ରସଙ୍ଗରେ ଅନେକ ଲୋକ ସଚେତନ ନଥିବାରୁ କଏଦୀମାନେ ଏହାର ସୁବିଧାରୁ ବଞ୍ଚିତ ହେଉଛନ୍ତି। କାରଣ ରାଜ୍ୟର ବିଭିନ୍ନ ଜେଲରେ ବିଚାରାଧୀନ କଏଦୀଙ୍କ ଭିତରେ ଅଧିକାଂଶ ଅଶିକ୍ଷିତ ରହିଥିବାରୁ ଏହି ସୁବିଧା ପ୍ରସଙ୍ଗରେ ସେମାନେ ଜାଣି ପାରୁନାହାନ୍ତି।

ଡିସେମ୍ବର ୨୦୨୩ ସୁଦ୍ଧା ମୋଟ ୧୫୫ଜଣ ବିଚାରାଧୀନ ବନ୍ଦୀ ଜାମିନ ପାଇଥିବା ସତ୍ତ୍ୱେ ସେମାନେ ଜେଲରୁ ମୁକୁଳିବାକୁ ସକ୍ଷମ ହୋଇପାରିନଥିଲେ। ୧୫୫ଜଣଙ୍କ ଭିତରୁ ଯଦିଓ ୧୨୨ ଜଣ ବନ୍ଦୀ ପରବର୍ତ୍ତୀ ସମୟରେ ଜାମିନ ପାଇ ମୁକୁଳିଥିଲେ କିନ୍ତୁ ଅନ୍ୟ ୩୩ ଜଣ ବନ୍ଦୀ ଜାମିନ ମଞ୍ଜୁର ହେବା ପରେ ବି ଜେଲରେ ରହିଛନ୍ତି।



ଏଥିପାଇଁ ଆବଶ୍ୟକ ହେଉଥିବା ଜାମିନ ପାଇଁ ଧାର୍ଯ୍ୟ ସର୍ତ୍ତ ପୂରଣ ନକରି ପାରିବା ଓ ଅନ୍ୟାନ୍ୟ ଆଇନଗତ କାରଣରୁ ଏହି ବନ୍ଦୀମାନେ ଜାମିନ ପାଇଥିବା ସତ୍ତ୍ୱେ କଏଦୀ ଜୀବନ ଜିଉଁଛନ୍ତି। ତେଣୁ ଏହି ପ୍ରସଙ୍ଗରେ ଜିଲ୍ଲା ଆଇନସେବା ପ୍ରାଧିକରଣ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବା ପରେ ଏବେ ଏହି ୩୩ଜଣ ବନ୍ଦୀ ଜେଲରୁ ମୁକୁଳିବାର ସମ୍ଭାବନା ସୃଷ୍ଟି ହୋଇଛି। ୨୦୧୮-୧୯ ଆର୍ଥିକ ବର୍ଷରେ ଓଡ଼ିଶାରେ ୩୫୯୦ ଜଣ ମହିଳା ଏହି ମାଗଣା ଆଇନ ସେବାର ସୁଯୋଗ ନେଇଥିବା ବେଳେ ୯୫୮ ଜଣ ଅନୁସୂଚିତ ଜାତି ଓ ୬୨୧ଜଣ ଅନୁସୂଚିତ ଜନଜାତି ବର୍ଗର ଲୋକ ଏହି ସୁବିଧା ପାଇବାରେ ସକ୍ଷମ ହୋଇଛନ୍ତି। ସେହିପରି ୨୦୧୯-୨୦ ବର୍ଷରେ ୨୬୩୯ଜଣ ମହିଳା ଓ ୭୦୨ ଅନୁସୂଚିତ ଜନଜାତି, ୫୯୨ ଅନୁସୂଚିତ ଜାତି ବର୍ଗର ଲୋକ ଏହି ସେବା ସୁବିଧା ପାଇଛନ୍ତି। ୨୦୨୦-୨୧ରେ ୧୬୮୯ ଜଣ ମହିଳା ଏହି ମାଗଣା ଆଇନ ସେବାର ସୁଯୋଗ ପାଇଥିବା ବେଳେ ୬୬୨ ଜଣ ଅନୁସୂଚିତ ଜାତି, ୪୧୪ ଜଣ ଅନୁସୂଚିତ ଜନଜାତି ବର୍ଗର ଲୋକ ଏହି ସୁବିଧା ପାଇଛନ୍ତି। ୨୦୨୦-୨୧ରେ ୯୩୯ ଜଣ ମହିଳା, ୮୫୧ ଅନୁସୂଚିତ ଜାତି ଓ ୫୫୨ଜଣ ଅନୁସୂଚିତ ଜନଜାତି ବର୍ଗର ଏହି ସେବା ପାଇଛନ୍ତି। ସେହିପରି ୨୦୨୩-୨୪ରେ ୮୦୦ ଜଣ ମାଗଣା ଆଇନ ସେବା ପାଇଛନ୍ତି।

ସରକାରଙ୍କ ତରଫରୁ ରହିଥିବା ଆଇନଗତ ବିଧିବ୍ୟବସ୍ଥା ଅନୁଯାୟୀ ପ୍ରତି ଜିଲ୍ଲା ଓ କୋର୍ଟରେ ଆଇନଗତ ସେବା ପାଇଁ ଓକିଲ ନିଯୁକ୍ତ ହୋଇଛନ୍ତି। ଏହି ଓକିଲମାନେ ଓଡ଼ିଶାର ବିଭିନ୍ନ ଥାନାକୁ ଗସ୍ତ କରି ଆର୍ଥିକ ଅନଗ୍ରସର ଦୃଷ୍ଟିରୁ ଓକିଲ ଦେଇ ପାରୁନଥିବା ଲୋକମାନଙ୍କୁ ଚିହ୍ନଟ କରି ମାଗଣା ଆଇନସେବା ଯୋଗାଇବାର ବ୍ୟବସ୍ଥା କରୁଛନ୍ତି। ଏହି ସୁବିଧା ଅନୁଯାୟୀ ଜଣେ କଏଦୀଙ୍କ ପରିବାର ସଦସ୍ୟ ମଧ୍ୟ ଏହି ଓକିଲମାନଙ୍କ ସହ ଯୋଗାଯୋଗ କରି ମାଗଣା ଆଇନ ସେବା ପାଇପାରିବେ। ସେହିପରି ଯେଉଁ କଏଦୀମାନେ ଜେଲରେ ରହିଛନ୍ତି, ସେମାନେ ମଧ୍ୟ ସେମାନଙ୍କ ଜେଲ ଅଧୀକ୍ଷକଙ୍କ ଜରିଆରେ ଏହି ମାଗଣା ଆଇନ ସେବା ପାଇବାର ବ୍ୟବସ୍ଥା ଅଛି। ଏହି ସେବା ଯୋଗାଇବା ପାଇଁ ସରକାର ଓକିଲମାନଙ୍କୁ ପାରିଶ୍ରମିକ ଦେବାର ବ୍ୟବସ୍ଥା ଅଛି। କଏଦୀ ବା ଅଭିଯୁକ୍ତମାନଙ୍କୁ ଏହି ବ୍ୟବସ୍ଥା ବା ସୁବିଧା ସମ୍ପର୍କରେ ସଚେତନ କରିବା ପାଇଁ ପ୍ରତି ଥାନା ବାହାରେ ଏକ ସୂଚନାଫଳକ ମାରିବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ସମସ୍ତ ଥାନାରେ ସହାୟତାକାରୀ ଆଇନଜୀବୀଙ୍କ ନାମ ସହ ସେମାନଙ୍କ ଫୋନ ନମ୍ବର ମଧ୍ୟ ଉଲ୍ଲେଖ କରାଯିବାର ବ୍ୟବସ୍ଥା କରାଯାଇଛି।

ଭାରତ ପରି ଏକ ବିଶ୍ୱର ସର୍ବବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ରରେ ଅର୍ଥ ଅଭାବରୁ ଏବଂ ସଚେତନତା ଅଭାବରୁ ଜଣେ କଏଦୀ ତା' ମୌଳିକ ଅଧିକାରରୁ ବଞ୍ଚିତ ହେବା ଓ ଆଇନଗତ ସୁବିଧା ନ ପାଇ ବର୍ଷ ବର୍ଷ ଧରି ଜେଲରେ ଶଢ଼ିବା ଅତ୍ୟନ୍ତ ଦୁଃଖଦାୟକ। ତେଣୁ ଏ କ୍ଷେତ୍ରରେ ଆମ ସମସ୍ତଙ୍କର ସଚେତନଧର୍ମୀ ଗୁରୁଦାୟିତ୍ୱ ରହିଛି। ନ୍ୟାୟିକ ସେବା ପ୍ରାଧିକରଣରେ ଅନେକ ଗରିବ ଶ୍ରେଣୀର ଅଭିଯୁକ୍ତ ବା ବିଚାରାଧୀନ କଏଦୀମାନେ ଏହି ସୁଯୋଗ ପାଇବା ନିଶ୍ଚିନ୍ତ ଭାବେ ସେମାନଙ୍କ ପାଇଁ ବରଦାନ। ସେମାନେ ଜେଲରୁ ମୁକୁଳିଲେ ହୁଏତ ନୂଆ ଜୀବନ ସେମାନଙ୍କ ଗତିପଥକୁ ଉତ୍ତମ ରାସ୍ତାରେ ନେଇ ପାରିବାର ସମ୍ଭାବନା ମଧ୍ୟ ସୃଷ୍ଟି କରିପାରିବ।

ସକାଳ THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

## ଭଞ୍ଜନଗର ନାବାଳିକା ଗଣଦୁଷ୍କର୍ମ ମାମଲା

# ଦୁଇ ଅଭିଯୁକ୍ତଙ୍କୁ ୩୦ ବର୍ଷ ଜେଲଦଣ୍ଡ

**ପୀଡ଼ିତାଙ୍କୁ ୧୨ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ନିର୍ଦ୍ଦେଶ**

**୨୦୨୩ରେ କୁଶପଲ୍ଲୀ ଗ୍ରାମରେ ହୋଇଥିଲା ଗଣଦୁଷ୍କର୍ମ**

**ଉଭୟ ଅଭିଯୁକ୍ତଙ୍କ ଡିଏନ୍ଏ ରିପୋର୍ଟ ଥିଲା ପଜିଟିଭ୍**




**ବ୍ରହ୍ମପୁର,୨୪।୪(ସମିସ):** ବ୍ରହ୍ମପୁର ଜିଲ୍ଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକ୍ସୋ କୋର୍ଟରେ ବୁଧବାର ବହୁ ଚର୍ଚ୍ଚିତ ନାବାଳିକା ଗଣଦୁଷ୍କର୍ମ ମାମଲାର ଚୂଡାନ୍ତ ରାୟ ପ୍ରକାଶ ପାଇଛି । ମାମଲାରେ ଉପଯୁକ୍ତ ସାକ୍ଷ୍ୟ ଓ ପ୍ରମାଣ ଆଧାରରେ ବିଚାରପତି ପ୍ରଭାତ କୁମାର ରାଜଗୁରୁ ଦୁଇଜଣ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଉଭୟଙ୍କୁ ୩୦ବର୍ଷ କାରାଦଣ୍ଡରେ ଦଣ୍ଡିତ କରିବା ସହିତ ପ୍ରତ୍ୟେକଙ୍କ ଠାରୁ ୧୦ହଜାର ଟଙ୍କା ଲେଖାଏଁ ଜରିମାନା ଆଦାୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜମିମାନା ଅର୍ଥ ଅନାଦେୟ ଉଭୟ ଅଭିଯୁକ୍ତଙ୍କୁ ଅଧିକ ଏକ ବର୍ଷ ଲେଖାଏଁ ଜେଲଦଣ୍ଡ ଭୋଗିବାକୁ ରାୟରେ ସ୍ପଷ୍ଟ ଉଲ୍ଲେଖ ଥିବା ଜଣାପଡିଛି। ସେହିଭଳି ଅଭିଯୁକ୍ତଙ୍କ ଠାରୁ ଆଦାୟ ଜରିମାନା ଅର୍ଥକୁ ପୀଡ଼ିତା ନାବାଳିକାଙ୍କ ଚିକିତ୍ସା ଖର୍ଚ୍ଚ ବାବଦରେ ପ୍ରଦାନ କରିବାକୁ ରାୟରେ କୁହାଯାଇଛି। ସେହିପରି ପୀଡ଼ିତା ନାବାଳିକାଙ୍କୁ ୧୨ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ କୋର୍ଟ ଜିଲ୍ଲା ଆଇନସେବା ପ୍ରାଧିକରଣ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଦୋଷୀ ସାବ୍ୟସ୍ତ ହୋଇଥିବା ଦୁଇ ଅଭିଯୁକ୍ତ ହେଲେ ଭଞ୍ଜନଗର ଥାନା ଅନ୍ତର୍ଗତ କୁଶପଲ୍ଲୀ ଗ୍ରାମର କନ୍ଧ ଗୌଡ ଓ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଓରଫ ପୁନିଆ।

ସୂଚନା ଅନୁସାରେ ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଥାନା ଅନ୍ତର୍ଗତ କୁଶପଲ୍ଲୀ ଗ୍ରାମରେ ଗତ ୨୦୨୩ ମସିହା ଜାନୁଆରୀ ୧୯ ତାରିଖ ଦିନ ନିଜ ସମ୍ପର୍କୀୟଙ୍କ ଘରେ ରହୁଥିବା ଜଣେ ନାବାଳିକା ବାହାରେ ଥିବା ଖଳାରେ ଧାନଗଦାକୁ ଘୋଡାଇବାକୁ ଯାଇ ସାଇକଲରେ ଘରକୁ ଫେରୁଥିଲେ। ଏହି ସମୟରେ ନାବାଳିକାଙ୍କୁ ଏକୁଟିଆ ଦେଖି ସେହି ଗ୍ରାମର ଦୁଇଜଣ ବ୍ୟକ୍ତି କନ୍ଧ ଗୌଡ଼ ଓ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଓରଫ୍ ପୁନିଆ ନାବାଳିକାଙ୍କୁ ବଳପୂର୍ବକ ଉଠାଇ ନେଇଥିଲେ। ନିକଟରେ ଥିବା ଅନ୍ୟଏକ ଖଳାରେ ତାଙ୍କୁ ଜଣଙ୍କ ପରେ ଜଣେ ଦୁଷ୍କର୍ମ କରିଥିଲେ। ପୀଡିତା ନାବାଳିକା ଜଣକ ଚିତ୍କାର କରିବା ବେଳେ ତାଙ୍କ ପାଟିକୁ ବନ୍ଦ କରିବା ସହ ଏନେଇ କାହାକୁ ସୂଚନା ଦେଲେ ପରିବାର ଲୋକଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଘଟଣାସ୍ଥଳରୁ ଘରକୁ ଫେରିବା ପରେ ପୀଡିତା ସମସ୍ତ ଘଟଣା ନିଜ ପରିବାର ଲୋକଙ୍କୁ କହିଥିଲେ। ପରେ ଭଞ୍ଜନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଘଟଣାର ତଦନ୍ତ କରି ଭଞ୍ଜନଗର ଥାନା ପୁଲିସ ଦୁଇ ଅଭିଯୁକ୍ତ କନ୍ଧ ଓ ପୂର୍ଣ୍ଣଚନ୍ଦ୍ରଙ୍କୁ ଘଟଣା ପରଦିନ ଅର୍ଥାତ୍ ୨୦ତାରିଖରେ ଗିରଫ କରି କୋର୍ଟଚାଲାଣ କରିଥିଲା। ପରେ ଉଭୟଙ୍କ ଡିଏନଏ ଟେଷ୍ଟ କରାଯିବାରୁ ଉଭୟ ଅଭିଯୁକ୍ତଙ୍କରରିପୋର୍ଟ ପଜିଟିଭ ରହିଥିଲା। ଏହି ମାମଲା ବ୍ରହ୍ମପୁର ଜିଲ୍ଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକ୍ସୋ କୋର୍ଟରେ ବିଚାରଣା ଚାଲିଥିବା ବେଳେ ଏଥିରେ ମୋଟ ୧୩ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଗିରଫ ପରଠାରୁ ଉଭୟ ଅଭିଯୁକ୍ତ ବ୍ରହ୍ମପୁର ମଣ୍ଡଳ କାରାଗାରରେ ବିଚାରାଧିନ କଏଦୀ ଭାବେ ଥିଲେ। ବୁଧବାର ମାମଲାର ଚୂଡାନ୍ତ ରାୟ ପ୍ରକାଶ ବେଳେ ଉଭୟଙ୍କୁ କଡା ସୁରକ୍ଷା ମଧ୍ୟରେ କୋର୍ଟରେ ହାଜର କରାଯାଇଥିଲା। ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ନାରାୟଣ ପଣ୍ଡା ମକଦ୍ଦମା ପରିଚାଳନା କରୁଥିଲେ।

# ବାକି ପଇସା ମାଗିବାରୁ ଦୋକାନପୋଡ଼ି

**ଖୋର୍ଦ୍ଧା,୨୪।୪(ସମିସ):** ସଉଦା ବାକିରେ ନେଲା। ପଇସା ମାଗିବାରୁ ରାତିରେ ନିଆଁ ଲଗାଇଦେଲା ଦୁର୍ବୃତ୍ତ। ନିମିଷକ ମଧ୍ୟରେ ଦୋକାନ ଘର, ଆସବାବପତ୍ର ସବୁ ଜଳି ପୋଡ଼ି ପାଉଁଶ ହୋଇଗଲା। ଏମିତି ଏକ ଘଟଣା ଘଟିଛି ଖୋର୍ଦ୍ଧା ଉପକଣ୍ଠ ତଥା ଚନ୍ଦକା ଥାନା ଅନ୍ତର୍ଗତ ମଧୁପୁର ଗାଁରେ। ନିଆଁ ଲଗାଉଥିବାର ଦୃଶ୍ୟ ସିସିଟିଭିରେ କଏଦ ହୋଇଛି।



ସୂଚନା ଅନୁସାରେ, ମଧୁପୁର ଗାଁର ବିପିନ ସ୍ୱାଇଁଙ୍କ ପୁଅ ସଦା ସ୍ୱାଇଁ ମହୁଲ ବଜାରରେ ଥିବା ବୃନ୍ଦାବନ ସାହୁଙ୍କ ଦୋକାନରୁ ୧୨୫ ଟଙ୍କାର ସଉଦା ବାକି ନେଇଥିଲା। ବୃନ୍ଦାବନ ତାକୁ ବାକି ଟଙ୍କା ମାଗିବାରୁ ସନ୍ଧ୍ୟାରେ ଦୋକାନ ପୋଡ଼ି ଦେବାକୁ ସଦା ଧମକ ଦେଇଥିଲା। ସତକୁ ସତ ଗତକାଲି ରାତି ପ୍ରାୟ ୧୧.୪୫ରେ ବୃନ୍ଦାବନଙ୍କ ସଉଦା ଦୋକାନରେ ନିଆଁ ଲଗାଇ ଦେଇଥିଲା ସଦା। ଖବର ପାଇ ଖୋର୍ଦ୍ଧା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଏଥିରେ ବୃନ୍ଦାବନଙ୍କର ପ୍ରାୟ ୫ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ସାମଗ୍ରୀ ପୋଡ଼ି ପାଉଁଶ ହୋଇଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ସଦା ନିଆଁ ଲଗାଉଥିବାର ଦୃଶ୍ୟ ସିସିଟିଭିରେ କଏଦ ହୋଇଥିଲା। ପରେ ସେ ଦୌଡ଼ି ପଳାଇ ଯାଉଥିବା ସମୟରେ ଗ୍ରାମବାସୀଙ୍କ ହାତରେ ଧରାପଡ଼ିଥିଲା। ଖବର ପାଇ ମେଣ୍ଢାଶାଳ ଫାଣ୍ଡି ଅଧିକାରୀ ମଧୁପୁର ଗ୍ରାମରୁ ସଦାକୁ ଗିରଫ କରିଛନ୍ତି।

# ଏରୋସିଟିରେ ଶିରିଡି ସାଇ ମନ୍ଦିର ଉଦ୍‌ଘାଟିତ

**ଭୁବନେଶ୍ୱର, ୨୪।୪(ସମିସ):** ଜାତୀୟ ରାଜଧାନୀ ଦିଲ୍ଲୀ ବିମାନ ବନ୍ଦର ଏରୋସିଟିରେ ଗୁରୁଜୀ ଡକ୍ଟର ଚନ୍ଦ୍ରଭାନୁ ଶତପଥୀଙ୍କ କରକମଳରେ ଶିରିଡି ସାଇ ବାବାଙ୍କ ଏକ ନୂତନ ଭବ୍ୟ ମନ୍ଦିର ଆଜି ଉଦ୍‌ଘାଟିତ ହୋଇଯାଇଛି। ଦେଶର ପ୍ରତିଷ୍ଠିତ ଜିଏମ୍ଆର ଗ୍ରୁପ ପକ୍ଷରୁ ଶିରିଡି ସାଇବାବାଙ୍କ ଏହି ମନ୍ଦିର ନିର୍ମିତ ହୋଇଛି। ଗ୍ରୁପର ଅଧକ୍ଷ ଜି ଏମ୍ ରାଓ ଓ ଜି ବରାଲକ୍ଷ୍ମୀ ପାରମ୍ପରିକ ରୀତିରେ ଦକ୍ଷିଣ ଭାରତୀୟ ମଙ୍ଗଳ ବାଦ୍ୟ ସହ ଗୁରୁଜୀ ଡକ୍ଟର ଶତପଥୀଙ୍କୁ ସ୍ୱାଗତ କରିଥିଲେ।

ଦେଶର ବିଭିନ୍ନ ପ୍ରାନ୍ତରୁ ସହସ୍ରାଧିକ ଭକ୍ତ ଓ ଟ୍ରଷ୍ଟି ଏହି ଉତ୍ସବରେ ଯୋଗ ଦେଇଥିଲେ। ବହୁ ବରିଷ୍ଠ ବ୍ୟୁରୋକ୍ରାଟ ଏବଂ ଜି ଏମ୍ ଆର ଗ୍ରୁପ ର ସଦସ୍ୟ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ ଗତବର୍ଷ ଫେବୃଆରୀ ମାସରେ ଗୁରୁଜୀ ଏହି ମନ୍ଦିରର ଭୂମି ପୂଜା କରିଥିଲେ।

# ଅବଶିଷ୍ଟାଂଶ...

## ହିଞ୍ଜିଳିରୁ ବିଜୟ...

ଚାରିକୋଟି ଓଡ଼ିଶାବାସୀ ତାଙ୍କର ପରିବାର। ଏହି ପରିବାରର ସଦସ୍ୟଙ୍କ କଲ୍ୟାଣ ପାଇଁ ସର୍ବଦା କାମ କରି ଆସିଛି ଓ ଶେଷ ପର୍ଯ୍ୟନ୍ତ କାମ କରି ଚାଲିବି ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ।

ହିଞ୍ଜିଳି ଓ ଶେରଗଡ଼ରେ ଦୁଇଟି ବିଶାଳ ଜନସମାବେଶରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଯୋଡ଼ି ଶଙ୍ଖ ହେଉଛି ଓଡ଼ିଶାର ପରିଚୟ, ଯୋଡ଼ି ଶଙ୍ଖ ହେଉଛି ବିକାଶର ପରିଚୟ। ଓଡ଼ିଶାର ସାଢ଼େ ଚାରି କୋଟି ଲୋକଙ୍କ ଆଶୀର୍ବାଦରେ ବିଜୁ ଜନତା ଦଳ ଚଳିତ ନିର୍ବାଚନରେ ଉଭୟ ବିଧାନସଭା ଓ ଲୋକସଭାରେ ବିପୁଳ ବିଜୟ ହାସଲ କରିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ବିରୋଧୀ ଦଳର ରାଜନୀତିକୁ କଟାକ୍ଷ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବିକାଶ ଆମର ପରିଚୟ ହୋଇଥିବା ବେଳେ, ବିରୋଧୀ ଦଳ ଗୁଡ଼ିକ ସବୁବେଳେ ଅଯଥା ରାଜନୀତି କରୁଛନ୍ତି। ବିକାଶକୁ ବିରୋଧ କରୁଛନ୍ତି, ଅପପ୍ରଚାର କରୁଛନ୍ତି। ଓଡ଼ିଶାବାସୀ ସେମାନଙ୍କ ଅସଲ ରୂପକୁ ଲୋକ ଚିହ୍ନିଛନ୍ତି। ବିକାଶକୁ ବିରୋଧ କରି କେହି କେବେ ସଫଳ ହୋଇ ନାହାନ୍ତି କି ହୋଇ ପାରିବେ ନାହିଁ । ବିଜୁ ଜନତା ଦଳ ରାଜ୍ୟରେ ସବୁବେଳେ ଏକ ନମ୍ବର ଦଳ ହୋଇ ରହିଆସିଛି। ଜନତାଙ୍କ ଆଶୀର୍ବାଦରେ ଏହି ନିର୍ବାଚନରେ ମଧ୍ୟ ପୁଣି ଥରେ ଏକ ନମ୍ବର ହେବ ଓ ବିକାଶର ଯାତ୍ରାକୁ ଆହୁରି ମଜବୁତ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ହିଞ୍ଜିଳିବାସୀଙ୍କୁ ଧନ୍ୟବାଦ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସାଢ଼େ ଚାରି କୋଟି ଓଡ଼ିଶାବାସୀ ହେଉଛନ୍ତି ତାଙ୍କର ପରିବାର। ଏହି ସାଢ଼େ ଚାରି କୋଟି ପରିବାର ସଦସ୍ୟଙ୍କ କଲ୍ୟାଣ ପାଇଁ ମୁଁ ସବୁବେଳେ କାମ କରିଚାଲିଛି ଓ ଶେଷ ପର୍ଯ୍ୟନ୍ତ କରିଚାଲିବି। ହିଞ୍ଜିଳି-ଶେରଗଡ ଆଜି ସାରା ଦେଶରେ ବିକାଶର ଏକ ମଡେଲ ହୋଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ୫-ଟି ରୂପାନ୍ତର ଯାତ୍ରାରେ ହିଞ୍ଜିଳି ଶେରଗଡ଼ବାସୀଙ୍କ ସହଯୋଗର ଉଚ୍ଚ ପ୍ରଶଂସା କରିଛନ୍ତି। ଓଡ଼ିଶାର ଚାଷୀମାନେ, ମିଶନ ଶକ୍ତିର ମା ମାନେ ବିନା ସୁଧରେ ଋଣ ପାଉଛନ୍ତି । ସଶକ୍ତ ଓଡ଼ିଶା ଗଠନ ଦିଗରେ ଏହା ମାଇଲଖୁଣ୍ଟ ସାଜିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ଯୁବଶକ୍ତିକୁ ଓଡ଼ିଶାର ମେରୁଦଣ୍ଡ ବୋଲି ବର୍ଣ୍ଣନା କରିଛନ୍ତି ମୁଖ୍ୟମନ୍ତ୍ରୀ। ଯୁବବର୍ଗଙ୍କ ବିକାଶ ଉପରେ ସେ ଗୁରୁତ୍ୱାରୋପ କରି କହିଛନ୍ତି ଯେ ଆଗାମୀ ଦିନରେ ତାଙ୍କ ସରକାର ରାଜ୍ୟର ବିକାଶରେ ଯୁବଶକ୍ତିର ଉପଯୋଗ ପାଇଁ ସ୍ୱତନ୍ତ୍ର ଯୁବ ବଜେଟ୍ ଆଣିବ । ୨୦୨୪ ରୁ ୨୦୩୪ ଦଶକ ହେବ ଯୁବଶକ୍ତି ପାଇଁ ସୁବର୍ଣ୍ଣ ଯୁଗ। ଯୁବ ବଜେଟରେ ଶିଳ୍ପ, ପୁଞ୍ଜି ବିନିଯୋଗ, ନିଯୁକ୍ତି ତଥା ଦକ୍ଷତା ବିକାଶ ଉପରେ ବିଶେଷ ଫୋକସ ରହିବ। ସେହିପରି ୨୦୨୪ ରୁ ୨୦୩୪ ଓଡ଼ିଶାର ଦଶକ ହେବ ଓ ଓଡ଼ିଶା ତାର କାମ ପାଇଁ ବିଶ୍ୱର ଦୃଷ୍ଟି ଆକର୍ଷଣ କରିବ। ୨୦୩୬ରେ ଯେତେବେଳେ ଓଡ଼ିଶା ଯେତେବେଳେ ସ୍ୱତନ୍ତ୍ର ପ୍ରଦେଶ ଗଠନର ଶହେ ବର୍ଷ ପୂରଣ କରିବ, ସେତେବେଳେ ଆମ ରାଜ୍ୟ ଦେଶର ଏକ ନମ୍ବର ରାଜ୍ୟ ହେବ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଏହି ଅବସରରେ ସାଂସଦ ପ୍ରାର୍ଥୀ ରଞ୍ଜିତା ସାହୁ, ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ସାଂସଦ ପ୍ରମିଳା ବିଶୋଇ ପ୍ରମୁଖ ନିଜ ନିଜ ଅଭିଭାଷଣ ପ୍ରଦାନ କରି ବିଜେଡିକୁ ଆଶୀର୍ବାଦ ଦେବା ନିମନ୍ତେ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି ।

## ଯେଉଁଠୁ ୨୦୧୯ ...

ନିମନ୍ତେ ଫୁଙ୍କିଛନ୍ତି ଶୁଭଶଙ୍ଖ। ଏହା ଏକ ସଂଯୋଗ ହୋଇଥିଲେ ହେଁ ନିର୍ବାଚନମଣ୍ଡଳୀ ସାଧାରଣ ଲୋକେ ଏହାକୁ ମୁଖ୍ୟମନ୍ତ୍ରୀ ଓ ବିଜେଡି ପାଇଁ ଶୁଭ ସଂକେତ ବୋଲି କହିଛନ୍ତି। ମୁଖ୍ୟମନ୍ତ୍ରୀ ୨୦୧୪ ମସିହାରେ ନିଜ ନିକଟତମ ପ୍ରାର୍ଥୀଙ୍କଠାରୁ ପ୍ରାୟ ୭୬୫୯୫ ଭୋଟ ବ୍ୟବଧାନରେ ବିପୁଳ ବିଜୟ ହାସଲ କରିଥିଲେ। ସେହି ବର୍ଷ ବିଜେଡି ୧୪୭ ବିଧାନସଭା ଆସନରୁ ୧୧୭ଟିରେ ବିଜୟ ଲାଭ କରିଥିଲା। ସେହିପରି ୨୦୧୯ ସାଧାରଣ ନିର୍ବାଚନରେ ମୁଖ୍ୟମନ୍ତ୍ରୀ ୬୦୧୬୦ ଭୋଟ ବ୍ୟବଧାନରେ ବିଜୟ ଲାଭ କରିଥିବା ବେଳେ ବିଜେଡି ଖାତାକୁ ୧୧୨ଟି ଆସନ ଯାଇଥିଲା। ଆଜି ସମାନ ପଡ଼ିଆରୁ ମୁଖ୍ୟମନ୍ତ୍ରୀ ପ୍ରଚାର ଆରମ୍ଭ କରିଥିବାରୁ ଆସନ୍ତା ନିର୍ବାଚନରେ ନିଜେ ମୁଖ୍ୟମନ୍ତ୍ରୀ ଏବଂ ବିଜେଡି ବିପୁଳ ବ୍ୟବଦାନରେ ଐତିହାସିକ ବିଜୟ ଲାଭ କରିବେ ବୋଲି ବିଜେଡି ସମର୍ଥକମାନେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

## ମାସ ଶେଷ ଯାଏଁ...

କେବଳ କୋରାପୁଟକୁ ଛାଡିଦେଲେ ୨ ଦିନ ପାଇଁ ବାକି ୨୯ ଜିଲ୍ଲାରେ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। ଆଭ୍ୟନ୍ତରୀଣ ଓଡ଼ିଶାର ୭ଟି ଜିଲ୍ଲାର ସ୍ଥିତି ସାଂଘାତିକ ହୋଇପାରେ ପାଣିପାଗ କେନ୍ଦ୍ର ଆଶଙ୍କା କରିବା ସହ ଏହି ଜିଲ୍ଲାଗୁଡ଼ିକରେ ତାପମାତ୍ରା ୪୫ ଡିଗ୍ରୀ ଟପି ଯାଇପାରେ ବୋଲି କେନ୍ଦ୍ର କହିଛି।

ଚଳିତ ବର୍ଷ ଏପ୍ରିଲ୍ ମାସରେ ଦୁଇଟି ପର୍ଯ୍ୟାୟରେ ୧୧ ଦିନ ଧରି ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ତୃତୀୟ ପର୍ଯ୍ୟାୟରେ ୨୬ ତାରିଖରୁ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି। ଅନ୍ୟପଟେ ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହି ରହିଥିବା ବେଳେ ୧୮ ଜିଲ୍ଲାରେ ଅଂଶୁଘାତର ପ୍ରଭାବ ଦେଖିବାକୁ ମିଳିଛି। ଅଂଶୁଘାତ ଜନିତ ଓ ପ୍ରବଳ ଗରମ ଯୋଗୁଁ ୧୨୪ ଜଣ ଅସୁସ୍ଥ ହୋଇ ବିଭିନ୍ନ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ନେଇ ରାଜ୍ୟ ଜନସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି। ସୁନ୍ଦରଗଡ଼ ଜିଲ୍ଲାରେ ସର୍ବାଧିକ ୩୨ ଜଣ ଅଂଶୁଘାତ ରୋଗୀ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ବେଳେ ଖରାରୁ ବର୍ତ୍ତିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପରାମର୍ଶ ଦେଇଛି।

## ନାବାଳିକା ଦୁଷ୍କର୍ମକାରୀକୁ...

ଜାଣିପାରିଥିଲା। ଏକଥା ପୀଡିତାକୁ ପଚାରିବାରୁ ପିଣ୍ଟୁ ମୁଣ୍ଡା ତା' ସହ ଜୋରଜବରଦସ୍ତ ଶାରୀରିକ ସଂପର୍କ ରଖିଥିବା କଥା ସେ ପ୍ରକାଶ କରିଥିଲା। ଘଟଣା ପ୍ରଘଟ ହେବାରୁ ପିଣ୍ଟୁ ମୁଣ୍ଡା ପଳାଇ ଯାଇଥିଲା। ସେ ପୂର୍ବରୁ ବିବାହିତ ଓ ତା'ର ୩ଟି ପିଲା ମଧ୍ୟ ଅଛନ୍ତି। ଘଟଣା ପ୍ରଘଟ ପରେ ମାଆ ଓ ବାପା ପୀଡ଼ିତାକୁ ଅଙ୍ଗନବାଡି ଦିଦି ମାଧ୍ୟମରେ କେନ୍ଦୁଝରର ଡାକ୍ତରଖାନାକୁ ଆଣିଥିଲେ ଓ ସେଠାରେ ତା'ର ଗୋଟିଏ ଝିଅ ଜନ୍ମ ହୋଇଥିଲା। ଏ ଘଟଣା କେନ୍ଦୁଝରର ଚାଇଲ୍ଡ ଲାଇନର ଗୀତାଞ୍ଜଳୀ ମିଶ୍ର ଜାଣିବା ପରେ ଝିଅକୁ ଥଇଥାନ କରିବା ପରେ କୋର୍ଟ ମାଧ୍ୟମରେ ଗତ ୨୦୧୮ ନଭେମ୍ବର ୧୬ ତାରିଖରେ ଘଟଗାଁ ପୁଲିସ ପାଖରେ ଲିଖିତ ଅଭିଯୋଗ କରିଥିଲେ। ଥାନା କେଶ ନଂ ୩୨୯ ତା.୧୯-୧୧-୨୦୧୮ ରେ ମାମଲା ରୁଜୁ କରି ପୁଲିସ୍ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଥିଲା। ବୁଧବାର ପୋକ୍ସ କୋର୍ଟ କେନ୍ଦୁଝରର ବିଚାରପତି ବିଜୟ କୁମାର ମିଶ୍ର ୨୦ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପିପି ଜ୍ଞାନେନ୍ଦ୍ର ନାଥ ଜେନା କେଶ ପରିଚାଳନା କରୁଥିଲେ।

## ପଛରୁ ଡାକି...

ବୋଲି ପଚାରିଥିଲା। ମଦନକୁ ଦେଖି ଏତେ ସକାଳେ କାହିଁକି ଏଠାକୁ ଆସିଛୁ ବୋଲି କହି ପୁଣି ପିସକାଡାଙ୍କୁ ଅଭିମୁଖେ ଯାଉଥିବାବେଳେ ହଠାତ୍ ମଦନ ନିଜ ପାଖରେ ଥିବା ଧାରୁଆ ଟାଙ୍ଗିଆରେ ଲାଛାଙ୍କୁ ଆକ୍ରମଣ କରିଥିଲା। ଏକାଧିକ ଥର ଟାଙ୍ଗିଆରେ ଚୋଟ ପକାଇଥିବାବେଳେ ଲାଛାଙ୍କ ସାଥିରେ ଥିବା ଭଣଜା ସୁଶୀଳ ଓ ତାଙ୍କ ସ୍ତ୍ରୀ ଲାଛାଙ୍କୁ ଉଦ୍ଧାର କରିବାକୁ ଯିବାବେଳେ ତାଙ୍କୁ ମଧ୍ୟ ହାଣିଦେବାର ଧମକ ଦେଇ ଗୋଡ଼ାଇଥିଲା। ତେବେ ଉଭୟେ ସେଠାରୁ ନିଜ ଜୀବନ ବଞ୍ଚାଇ ପୁଞ୍ଜାପାଇ ଗ୍ରାମକୁ ଆସି ଘଟଣା ସମ୍ପର୍କରେ ଜଣାଇଥିଲେ। ତୁରନ୍ତ ଗ୍ରାମବାସୀ ଘଟଣାସ୍ଥଳକୁ ଯିବା ସହ ସ୍ଥାନୀୟ ପୁଲିସକୁ ସୂଚନା ଦେଇଥିଲେ। ଘଟଣାସ୍ଥଳରେ ପୁଲିସ ଓ ଗ୍ରାମବାସୀ ପହଞ୍ଚିଥିବାବେଳେ ଅଭିଯୁକ୍ତ ମଦନ ସେଠାରେ ହିଁ ଉପସ୍ଥିତ ଥିଲା। ପୁଲିସ ଅଭିଯୁକ୍ତ ମଦନକୁ କାବୁ କରି ଗିରଫ କରିବା ସହ ତା'ଠାରୁ ହତ୍ୟାରେ ବ୍ୟବହୃତ ହୋଇଥିବା ଟାଙ୍ଗିଆକୁ ଜବତ କରିଥିଲା। ପରେ ଫରେନସିକ୍ ଟିମ୍ ପହଞ୍ଚି ଅଧିକ ତଦନ୍ତ କରିଥିବା ନେଇ ଥାନା ଅଧିକାରୀ ଶ୍ରୀ କହଁର ପ୍ରକାଶ କରିଛନ୍ତି। ପୁଞ୍ଜାପାଇ ଗ୍ରାମରେ ଲାଛା ମାଣ୍ଡାଙ୍କ ଜଣେ ଭଦ୍ର ଓ ମେଳାପି ଲୋକ ଭାବେ ପରିଚିତ ଥିବାବେଳେ ଅଭିଯୁକ୍ତ ମଦନ ସାମାନ୍ୟ କଥାକୁ ନେଇ କାହିଁକି ଉତ୍ତ୍ୟକ୍ତ ହୋଇ ହତ୍ୟାକାଣ୍ଡ ଭିଆଇଛି ତାହା ଜଣାପଡ଼ିନାହିଁ। ତେବେ ଗ୍ରାମବାସୀଙ୍କ କହିବାନୁସାରେ, ମଙ୍ଗଳବାର କୌଣସି ଏକ ଜମିଜମା ମାମଲାକୁ ନେଇ ଲାଛା ଓ ମଦନ ମଧ୍ୟରେ କଥା କଟାକଟି ହୋଇଥିଲା।

## 'ଚାର୍ଜସିଟ୍' ବିଜେପି...

ମାତ୍ର ଓଡ଼ିଶାର ଛବିକୁ ମଳିନ କରିବା ଅଭ୍ୟାସର ବଶବର୍ତ୍ତୀ ହୋଇ ରାଜ୍ୟ ବିଜେପି ନେତାମାନେ ନିଜର ସଂକୀର୍ଣ୍ଣ ରାଜନୈତିକ ସ୍ୱାର୍ଥସାଧନ ନିମନ୍ତେ ଅପଚେଷ୍ଟା କରିଛନ୍ତି । ନୂଆଦିଲ୍ଲୀର ଓଡ଼ିଶା ଭବନରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କ କେଳେଙ୍କାରୀ କାହାଣୀ ଓଡ଼ିଶାବାସୀ ଜାଣିଛନ୍ତି । ଯେଉଁଥିପାଇଁ ୨୦୦୮ ମସିହାରେ ତାଙ୍କୁ ମନ୍ତ୍ରିମଣ୍ଡଳରୁ ବହିଷ୍କାର କରାଯାଇଥିଲା। ଏପରି ଜଣେ ବ୍ୟକ୍ତି ଯଦି ଓଡ଼ିଶାରେ ବିଜେପି ସଭାପତି ଦାୟିତ୍ୱ ତୁଲାଇବେ, ତେବେ ଦଳ ମଧ୍ୟରେ ମହିଳା କେତେ ସୁରକ୍ଷିତ ତାହା ଜଣାପଡୁଛି ।

କେନ୍ଦ୍ରୀୟ ସଂସ୍ଥାର ରିପୋର୍ଟ ଅନୁସାରେ ଚାଷୀଙ୍କ ଆୟ ଦ୍ୱିଗୁଣିତ କରିବାରେ ଓଡ଼ିଶା ଦେଶର ଏକମାତ୍ର ରାଜ୍ୟ । ଦେଶର ବେକାରୀ ହାର ଓଡ଼ିଶାରେ ସର୍ବନିମ୍ନ। ମାତ୍ର ରାଜ୍ୟ ବିଜେପି ନେତାମାନେ ମିଛ ତଥ୍ୟ ଦେଇ ଓଡ଼ିଶାର ଛବିକୁ ମଳିନ କରିବାକୁ ଅପଚେଷ୍ଟା କରିଛନ୍ତି, କୃଷି କ୍ଷେତ୍ରରେ ଓଡ଼ିଶାର ସମୃଦ୍ଧ ସଫଳତାକୁ ସମାଲୋଚନା କରିଛନ୍ତି । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନିଜ ଗାଁରେ ଗୋଟିଏ ସ୍ମାର୍ଟ ଶ୍ରେଣୀ ବି କରିବାରେ ବିଫଳ ହୋଇଛନ୍ତି । ମାତ୍ର ଓଡ଼ିଶା ସରକାର ରାଜ୍ୟର ୭ହଜାରରୁ ଊର୍ଦ୍ଧ୍ୱ ସ୍କୁଲର ରୂପାନ୍ତରଣ କରିଛନ୍ତି । ଓଡ଼ିଶାର ହାଇସ୍କୁଲ ଶ୍ରେଣୀଗୃହ ରାଜ୍ୟରେ ଥିବା କେନ୍ଦ୍ରୀୟ ବିଦ୍ୟାଳୟ ଶ୍ରେଣୀଗୃହଠାରୁ ଯଥେଷ୍ଟ ଉନ୍ନତ । ଏହାକୁ କେନ୍ଦ୍ର ସରକାର ସ୍ୱୀକାର କରିଛନ୍ତି । ବିତ୍ତୀୟ ପରିଚାଳନାରେ ଓଡ଼ିଶା ଦେଶର ଶ୍ରେଷ୍ଠ ରାଜ୍ୟରେ ପରିଣତ ହୋଇଛି । ରାଜସ୍ୱ ବଳକା ରାଜ୍ୟ ସହ ଋଣ ପରିଶୋଧ କରି ଶୃଙ୍ଖଳିତ ଆର୍ଥିକ ପରିଚାଳନା ପାଇଁ ଦେଶରେ ପ୍ରଶଂସିତ ହୋଇଛି । ମାତ୍ର ମିଛ ଦସ୍ତାବିଜ ଉପସ୍ଥାପନ କରି ଓଡ଼ିଶାର ଛବିକୁ ରାଜ୍ୟ ବିଜେପି ମଳିନ କରୁଛି । ବିଦ୍ୟୁତିକରଣ କ୍ଷେତ୍ରରେ ମଧ୍ୟ ସମ୍ପୂର୍ଣ୍ଣ ମିଛ କହୁଛି ବିଜେପି । କେନ୍ଦ୍ରର ନିଷ୍ପତ୍ତି ଓ ଅନୁମୋଦନ ବିନା ଗୋଟିଏ ରାଜ୍ୟରୁ ଅନ୍ୟ ରାଜ୍ୟକୁ ବିଦ୍ୟୁତ୍ ଯୋଗାଣ ଅସମ୍ଭବ । ମାତ୍ର ରାଜ୍ୟ ବିଜେପି ନେତାମାନେ ଲୋକଙ୍କୁ ଭୂଆଁ ବୁଲାଇବାକୁ ମିଛ ପରେ ମିଛ କହି ଚାଲିଛନ୍ତି।

ଲେଖାଶ୍ରୀ ପୁଣି କହିଛନ୍ତି ଯେ ନିଜ ସଙ୍କୀର୍ଣ୍ଣ ରାଜନୈତିକ ସ୍ୱାର୍ଥସାଧନ ନିମନ୍ତେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମିଛ ଅଭିଯୋଗ ଆଣିବା ଓ ସମ୍ବେଦନଶୀଳ ପ୍ରସଙ୍ଗକୁ ରାଜନୀତିକରଣ କରିବାରେ ସିଦ୍ଧହସ୍ତ । ଶିଶୁ ବିରୋଧୀ ଅପରାଧ ହେଉ ବା ମହିଳା ହିଂସା ହେଉ, ପ୍ରତ୍ୟେକ କ୍ଷେତ୍ରରେ ସେ କେବଳ ରାଜନୀତି କରି ଆସିଛନ୍ତି। ଏପରି ନେତାଙ୍କୁ ପ୍ରଶ୍ରୟ ଦେଉଥିବା ଦଳ ଅନ୍ୟକୁ ଉପଦେଶ ଦେବାର ନୈତିକତା ହରାଇ ସାରିଛି। ଦଳରେ ଥିବା ସମୟରେ ଏପରି ଭିତ୍ତିହୀନ ଓ ମିଛ କହିବାକୁ ଅନେକ ବିରୋଧ କରୁଥିବା ମୁଁ ଜାଣିଥିଲି। ମାତ୍ର ନିର୍ବାଚନ ପରାଜୟ ନିଶ୍ଚିତ ଥିବାରୁ ଏପରି ମିଛ କହିବା, ଲୋକଙ୍କୁ ଭ୍ରମିତ କରିବା ପାଇ ସେତେବେଳେ ଚାପ ପକାଯାଉଥିଲା । ୨୦୧୯ରେ ରାଜ୍ୟ ବିଜେପି ନେତାମାନେ ପରାଜୟ ନିଶ୍ଚିତ ଯାଣି ଯେଉଁ ପଦ୍ଧତି ଅବଲମ୍ବନ କରୁଥିଲେ, ଏବେ ୨୦୨୪ରେ ତାହାର ପୁନରାବୃତ୍ତି କରୁଛନ୍ତି । ଓଡ଼ିଶାର ବିଜେପି ନେତାମାନେ ଜାଣି ସାରିଛନ୍ତି ଯେ ନିର୍ବାଚନ ଫଳାଫଳ କ'ଣ ହେବ ଓ ସେମାନେ କିପରି ପ୍ରଚଣ୍ଡ ପରାଜୟକୁ ସାମ୍ନା କରିବାକୁ ଯାଉଛନ୍ତି। ତେଣୁ ଅଭ୍ୟାସଗତ ଭାବରେ ସେମାନେ ଏପରି ମିଛ, ଅବାନ୍ତର ଓ ଭିତ୍ତିହୀନ ଅଭିଯୋଗ ଆଣୁଛନ୍ତି । ଯେଉଁଥିପାଇଁ ଓଡ଼ିଶାରେ ବିଜେପି ଆଗକୁ ବଢ଼ିପାରୁ ନାହିଁ ଓ ଲୋକଙ୍କ ବିଶ୍ୱାସ ହରାଉଛି ବୋଲି ଲେଖାଶ୍ରୀ କହିଛନ୍ତି ।

# ପରାଜୟ ଭୟରେ ବିଜେପିର 'ମିଛ ଚାର୍ଜସିଟ୍' ଫନ୍ଦି

**ତୁରନ୍ତ କାର୍ଯ୍ୟାନୁଷ୍ଠାନ ସହ ପ୍ରସାରଣ ବନ୍ଦ ଲାଗି ନିର୍ବାଚନ କମିସନଙ୍କ ଦ୍ୱାରସ୍ଥ ହେଲା ବିଜେଡି**

**ଭୁବନେଶ୍ୱର,୨୪।୪(ସମିସ):** କ୍ରମାଗତ ଭାବେ ସାଧାରଣ ଜନତାଙ୍କ ଦ୍ୱାରା ପ୍ରତ୍ୟାଖ୍ୟାତ ହୋଇ ଆସୁଥିବା ଅନନ୍ୟୋପାୟ ବିଜେପି ମିଥ୍ୟାର ସହାୟତା ନେଇଛି। ପୂର୍ବରୁ ବିଜେପିର ମିଛ ରାଜନୀତି ଉପରୁ ବହୁବାର ପର୍ଦ୍ଦା ଉଠିଛି ଓ ଏବେ ପୁନର୍ବାର ରାଜ୍ୟ ବିଜେପି ଏପରି ଘୃଣ୍ୟ ରାଜନୀତି ଆରମ୍ଭ କରିଛି। ନିର୍ବାଚନ ହାରିବାର ଭୟ ରାଜ୍ୟ ବିଜେପିକୁ ଏବେଠୁ ଘାରିଛି। ତେଣୁ ବ୍ୟତିବ୍ୟସ୍ତ ବିଜେପି ମିଥ୍ୟାର ସାହାରା ନେଇ କଥିତ ଭିତ୍ତିହୀନ ଚାର୍ଜସିଟ୍ ପ୍ରସ୍ତୁତ କରିଛି । ଏହି ଚାର୍ଜସିଟ୍ ନା କୌଣସି ପ୍ରମାଣ ଉପରେ ଆଧାରିତ, ନା ଏହା ପଛରେ କିଛି ସତ୍ୟତା ରହିଛି। ନିର୍ବାଚନ ବେଳେ କେବଳ ମିଥ୍ୟା, ଭ୍ରମାତ୍ମକ, କପୋଳକଳ୍ପିତ ଏବଂ ଆପତ୍ତିଜନକ ତଥ୍ୟ ଉପସ୍ଥାପନ କରି ବଦନାମ କରିବା ଏକମାତ୍ର ଉଦ୍ଦେଶ୍ୟ ବୋଲି ଆଜି ବିଜେଡି ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛି। ଏହା ସହ ରାଜ୍ୟ ବିଜେପି ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ମିଥ୍ୟା ଚାର୍ଜସିଟର ପ୍ରସାରଣକୁ ବନ୍ଦ କରିବାକୁ ଦାବି କରିଛି ।




ବିଜେଡିର ଅଭିଯୋଗ ଅନୁଯାୟୀ, ରାଜ୍ୟ ବିଜେପି ଶାସକ ଦଳ ବିଜେଡି ବିରୋଧରେ ବୁଧବାର ଏକ କଥାକଥିତ ଚାର୍ଜସିଟ୍ ଜାରି କରିଛି। ଏହାର ତଥ୍ୟଗୁଡ଼ିକ ସମ୍ପୂର୍ଣ୍ଣ ଭ୍ରମାତ୍ମକ। ବିଜେଡି ନେତାଙ୍କୁ ବଦନାମ କରିବାକୁ ଏହା ଯୋଜନାବଦ୍ଧ ଆକ୍ରମଣ। ରାଜ୍ୟ ବିଜେପିର ଏଭଳି କାର୍ଯ୍ୟକଳାପ ନିର୍ବାଚନ କମିସନଙ୍କ ଦ୍ୱାରା ଲାଗୁ କରାଯାଇଥିବା ନିର୍ବାଚନ ଆଚରଣବିଧି ଏବଂ ଲୋକ ପ୍ରତିନିଧି ଅଇନ ୧୯୫୧ର ଖୋଲା ଉଲଙ୍ଘନ। ନିର୍ବାଚନରେ ଆସନ୍ନ ପରାଜୟ ଆଶଙ୍କାରେ ରାଜ୍ୟ ବିଜେପି ପକ୍ଷରୁ ବିଜେଡି ନେତାଙ୍କ ବିରୋଧରେ ଏପରି ଭିତ୍ତିହୀନ, ମିଥ୍ୟା ଅଭିଯୋଗ ଅଣାଯାଇଛି। ତେଣୁ ଏହା ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଜେଡି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଦାବି କରିଛି। ଯେଉଁମାନେ ଚାର୍ଜସିଟ୍‌କୁ ପ୍ରକାଶ ଓ ପ୍ରସାରଣ କରିଛନ୍ତି ସେମାନଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ବିଜେପି ଏଭଳି କାର୍ଯ୍ୟକଳାପରୁ ଭବିଷ୍ୟତରେ ଯେପରି ନିବୃତ ରହିବ ସେଦିଗରେ ପଦକ୍ଷେପ ନେବାକୁ କମିସନଙ୍କୁ ଅନୁରୋଧ କରିଛି। ଏହି ପ୍ରତିନିଧି ଦଳରେ ରାଜ୍ୟସଭା ସାଂସଦ ତଥା ବିଜେଡି ସାଧାରଣ ସମ୍ପାଦକ ସସ୍ମିତ ପାତ୍ର, ସାଂସଦ ସୁଲତା ଦେଓ, ପ୍ରିୟବ୍ରତ ମାଝୀ, ସ୍ୱୟମ୍ପ୍ରକାଶ ମହାପାତ୍ର, ମଧୁସ୍ମିତା ନାୟକ ଓ ଇପ୍ସିତା ସାହୁ ପ୍ରମୁଖ ସାମିଲ ଥିଲେ।


**ପୂର୍ବ ତଟ ରେଳପଥ**

Tender Notice No.: 05-KUR- TRD-OT-2024-25, ତାରିଖ : 18.04.2024

କାର୍ଯ୍ୟର ନାମ : ଭଦ୍ରକ (BHC) / ଟିଏସ୍ଏସ୍ (TR-83) ଠାରେ ଥିବା 21.6 ଏମ୍‌ଭିଏ, 132/25 କେଭି ଅଲଷ୍ଟମ ମେକ୍ ପାୱାର ଟ୍ରାନ୍ସଫର୍ମର ସ୍ଥାନରେ, ମେସର୍ସ ଟାଟା ଷ୍ଟିଲ ଲିମିଟେଡ୍/ ହୁଗ୍ଲି ଦ୍ୱାରା ଯୋଗାଇ ଦିଆଯିବାକୁ ଥିବା 21.6/30.24 ଏମ୍‌ଭିଏ 132/27 କେଭି ଏବିବି ମେକ୍ ପାୱାର ଟ୍ରାନ୍ସଫର୍ମରର ପ୍ରତି ସ୍ଥାପନ।

ବିଜ୍ଞାପିତ ମୂଲ୍ୟ : ଟ.9,62,506/-

EMD: ଟ.19,300/-

କାର୍ଯ୍ୟସମାପ୍ତିର ଅବଧି: 90 (ନବେ) ଦିନ

ଟେଣ୍ଡର ବନ୍ଦ ହେବା ତାରିଖ ଏବଂ ସମୟ : ତା.10.05.2024 ଦିନ 1300 ଘଣ୍ଟାରେ

ଟେଣ୍ଡର କାଗଜପତ୍ରର ସମସ୍ତ ବିବରଣୀ ୱେବସାଇଟ୍ www.ireps.gov.in. ରେ ଉପଲବ୍ଧ।

ବରିଷ୍ଠ ମଣ୍ଡଳ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ଟିଆରଡି) ଖୋର୍ଦ୍ଧା ରୋଡ

PR-46/P/24-25

**VEHICLE FOR SALE**

TATA LPT 1815 2023 MODEL, Regn. No - OD-02-CK-1445 in as is where is condition. Contact: M/S Sundaram Finance Limited, NAYAGARH BRANCH. Ph:0675-3299916, MOB - 9437560891 within 7 days.

**VEHICLE FOR SALE**

TATA ULTRA T 18 2022 MODEL, Regn. No - OD-02-CE-7297 in as is where is condition. Contact: M/S Sundaram Finance Limited, NAYAGARH BRANCH, Ph:0675-3299916, MOB - 9437560891 within 7 days

**AFFIDAVIT**

By virtue of an affidavit sworn before the Executive Magistrate, Jashipur, I, Sabitri Hansdah, W/o- Late Binod Hansdah, At: Nuhamalia, PO: Chakidi, PS: Jashipur, Dist: Mayurbhanj declare that I have changed my name from **Sabitri Soren To Sabitri Hansdah.** Henceforth I shall be known as **Sabitri Hansdah** for all purposes.

**OFFICE OF THE SUPERINTENDING ENGINEER** O-04
**RWS&S MECHANICAL DIVISION**
D2/24 MANCHESWAR INDUSTRIAL ESTATE BHUBANESWAR
E-mail: eemrwssbbsr9@gmail.com

**Cancellation of 'e' Procurement Notice No. SEMBBSR/01(3) of 2024-25.**

Due to some technical problem, the 'e' Procurement Notice No. SEMBBSR/01(3) of 2024-25 is hereby cancelled.

Sd/- Superintending Engineer
OIPR-25041/11/0007/2425 RWS&S Mechanical Division, Bhubaneswar

**OFFICE OF THE SUPERINTENDING ENGINEER** O-07
**RWS&S MECHANICAL DIVISION**
D2/24 MANCHESWAR INDUSTRIAL ESTATE BHUBANESWAR
E-mail: eemrwssbbsr9@gmail.com

**Cancellation of 'e' Procurement Notice No. SEMBBSR/01(6) of 2024-25.**

Due to some technical problem, the 'e' Procurement Notice No. SEMBBSR/01(6) of 2024-25 is hereby cancelled.

Sd/- Superintending Engineer
OIPR-25041/11/0001/2425 RWS&S Mechanical Division, Bhubaneswar

Canara Bank | କ୍ଷେତ୍ରୀୟ କାର୍ଯ୍ୟାଳୟ-୧: ଭୁବନେଶ୍ୱର, ଏଫ୍-୪, ୨ୟ ମହଲା, ଇନ୍ଦ୍ରଧନୁ ମାର୍କେଟ, ଆଇଆରସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

**ଡିମାଣ୍ଡ ନୋଟିସ୍**

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଅନ୍ତର୍ଗତ ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ ସୁରକ୍ଷିତ ଋଣଦାତା ଭାବେ କାନାରା ବ୍ୟାଙ୍କ ଦ୍ୱାରା ଜାରିକରାଯାଇଥିବା ଡିମାଣ୍ଡ ନୋଟିସ୍ ଯାହା ଏହାର ନିମ୍ନଲିଖିତ ଶାଖାର ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କ ନିମନ୍ତେ ତାହାର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

| ଆଇଆରସି ଭିଲେଜ ଶାଖା / ଋଣଗ୍ରହୀତାଙ୍କ ନାମ ଓ ଠିକଣା / ଆକାଉଣ୍ଟ ନଂ. | (କ) ଋଣ/ମଞ୍ଜୁରି ଋଣ (ଖ) ଏନପିଏ ତାରିଖ (ଗ)ଡିମାଣ୍ଡ ନୋଟିସ୍ ତାରିଖ | ନିର୍ଦ୍ଧାରିତ ତାରିଖ ସୁଦ୍ଧା ମୋଟ ବକେୟା ପରିମାଣ | ବ୍ୟାଙ୍କରେ ବନ୍ଧକ ଥିବା ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ |
|---|---|---|---|
| ଋଣଗ୍ରହୀତା: ଶ୍ରୀ ବିରେନ ସ୍ୱାଇଁ, ପିତା: ଲିଙ୍ଗରାଜ ସ୍ୱାଇଁ, ଠିକଣା-୧: ୮୭୪, ନଟବର ନଗର, ୨ୟ ଲେନ୍, ଟାଟାବେଞ୍ଚ ସ୍କୋୟାର ନିକଟ, ବ୍ରହ୍ମପୁର ସଦର, ଗଞ୍ଜାମ, ପିନ୍-୭୬୦୦୦୧, ଠିକଣା-୨: ସା/ପୋ: ରୁଗୁମ୍, ଭାୟା: ଧରାକୋଟ, ଥାନା: ବରଗଡ଼, ଜିଲ୍ଲା: ଗଞ୍ଜାମ, ଓଡିଶା-୭୬୧୧୦୭ / ଆକାଉଣ୍ଟ ନଂ.: ୧୬୦୦୦୧୪୦୨୫୫୫ (ଗୃହ ଋଣ) | କ) ଟ.୫୦,୦୦,୦୦୦/- ଖ) ୧୦.୦୩.୨୦୨୪ ଗ) ୨୪.୦୪.୨୦୨୪ | ୨୪.୦୪.୨୦୨୪ ସୁଦ୍ଧା ଟ.୪୦,୫୯,୨୪୩/- + ସୁଧ ଏବଂ ସେବାବଦ ଖର୍ଚ୍ଚ | ଶ୍ରୀ ବିରେନ ସ୍ୱାଇଁଙ୍କ ନାମରେ "ଡିଏନ୍ ହେରିଟେଜ" ନାମକ ବିଲ୍ଡିଂ (୩ ବିଏଚ୍‌କେ)ର ଟାୱାର ନଂ.: ୩ର ବ୍ଲକ୍-୨ର ତଳ ମହଲା (ଟାଇପ୍-୧)ରେ ଥିବା ନିର୍ମାଣଧିନ ବାସୋପଯୋଗୀ ଫ୍ଲାଟ୍ ଯାହାର ପରିମିତ କ୍ଷେତ୍ର: ୧୬୧୫ ବର୍ଗଫୁଟ (ବିକ୍ରୟ ଯୋଗ୍ୟ ଏରିଆ) / ୯୭୦ ବର୍ଗଫୁଟ (କାର୍ପେଟ ଏରିଆ), ୧୧୦ ବର୍ଗଫୁଟ (ବାଲକୋନୀ ଏରିଆ) ସହିତ ପ୍ରକୃଷ୍ୟ ଆଇନ ଅନୁଯାୟୀ ବ୍ୟବହାରଯୋଗ୍ୟ ଅନୁମୋଦିତ ଗୋଟିଏ |

ପାର୍କିଂ ସ୍ଥାନର ସ୍ୱତନ୍ତ୍ର ଅଧିକାର ଏବଂ ବିଲ୍ଡିଂର କମନ୍ ଏରିଆରେ ଚଳପ୍ରଚଳ ଅଂଶ ଯାହାର ମୌଜା: ମଦନପୁର ଏବଂ ଦୁର୍ଗାପୁର ଯାହାକି ମେସର୍ସ ଡିଏନ୍ ହୋମ୍ସ ପ୍ରା. ଲିଃ. ଦ୍ୱାରା ବିକଶିତ, ପ୍ରକଳ୍ପର ମୂଲ୍ୟ: ଟ.୧,୦୪,୯୭,୯୧୧/- (ଫ୍ଲାଟ୍‌ର ମୂଲ୍ୟ: ଟ.୯୩,୭୩,୧୭୫/- + ୧୨% ଜିଏସ୍‌ଟି-ଟ.୧୧,୨୪,୭୩୬/-), ୬ଟି ଖାତା, ୧୮ ଟି ପ୍ଲଟ୍‌ରେ ନିର୍ମିତ ଏହି ପ୍ରକଳ୍ପର ସର୍ବମୋଟ କ୍ଷେତ୍ର: ଏକର୮.୧୫୪ ଡିସିମିଲି, ସମସ୍ତ ପ୍ଲଟ୍‌ର ସ୍ୱତ୍ୱ: ସ୍ଥିତିବାନ, କିସମ: ଘରବାରୀ, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ଫ୍ଲାଟ୍ ନଂ.: ୩୦୦୪, ପୂର୍ବ: ରାସ୍ତା, ପଶ୍ଚିମ: ଫ୍ଲାଟ୍ ନଂ.: ୩୦୦୨

ଆପଣ, ଉପରୋକ୍ତ ଋଣଗ୍ରହୀତା / ଗ୍ୟାରେଣ୍ଟିଦାତା / ବନ୍ଧକଦାତା ଆମର ଉପରଦର୍ଶିତ ଶାଖା ସହ ଚୁକ୍ତିନାମା ଅନୁଯାୟୀ ଉପରୋକ୍ତ ସାରଣୀରେ ଦର୍ଶାଯାଇଥିବା ଋଣ ଏବଂ ତତ୍‌ପରବର୍ତ୍ତୀ ସୁଧ ପଇଠ କରିବାରେ ଅସମର୍ଥ ହୋଇଛନ୍ତି । ଉପରେ ଦର୍ଶାଯାଇଥିବା ସାରଣୀରେ ଉଲ୍ଲେଖିତ ବକେୟା ଦେୟ ବାବଦ ରାଶି ପଇଠ କରିବା ନିମନ୍ତେ କଥିତ ଆଇନ୍ ଅନୁଯାୟୀ ବ୍ୟାଙ୍କ ପକ୍ଷରୁ ନୋଟିସ୍ ଜାରିକରାଯାଇଥିଲା । ଋଣ ପରିଶୋଧରେ ଅନିୟମିତତା ଯୋଗୁଁ ଆପଣଙ୍କ ଆକାଉଣ୍ଟ ଅଣକାର୍ଯ୍ୟକାରୀ ସମ୍ପତ୍ତିରେ ପରିଣତ ହୋଇଛି । ଏତଦ୍‌ଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଅଛି କି ଏହି ନୋଟିସ ପ୍ରକାଶନର ୬୦ ଦିନ ମଧ୍ୟରେ ଆପଣ ସୁରକ୍ଷିତ ଋଣଦାତାଙ୍କ (ବ୍ୟାଙ୍କ) ନିକଟରେ ସମସ୍ତ ବକେୟା ଦେୟ (ଧାର୍ଯ୍ୟ ତାରିଖ ସୁଦ୍ଧା) ସହିତ ସେବାବଦ ଭବିଷ୍ୟତ ସୁଧ ପରିଶୋଧ କରିବେ ଅନ୍ୟଥା ଆମ୍ଭେ ଉପରୋକ୍ତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୪) ଏବଂ ଅନ୍ୟାନ୍ୟ ଧାରା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେବୁ । ଆପଣଙ୍କୁ ଜଣାଇ ଦିଆଯାଉଛି କି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟର ଧାରା ୧୩(୧୩) ନିୟମାବଳୀ ଅନୁସାରେ ଆପଣ ଏହି ନୋଟିସ ପ୍ରାପ୍ତି ପରେ ବ୍ୟାଙ୍କର ଲିଖିତ ସହମତି ବିନା ଉପର ବର୍ଣ୍ଣିତ ସୁରକ୍ଷିତ ସମ୍ପତ୍ତିକୁ ବିକ୍ରି କିମ୍ବା ଲିଜ୍ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ହସ୍ତାନ୍ତରିତ କରିପାରିବେ ନାହିଁ । କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ-୨୦୦୨ ପ୍ରଦତ୍ତ କୌଣସି ବ୍ୟବସ୍ଥାରେ ହସ୍ତକ୍ଷେପ / ବାଧା ପହଞ୍ଚାଇବା ଅପରାଧ ଅଟେ । ଉପରୋକ୍ତ ଜାରି ନୋଟିସ୍‌ଟି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ କିମ୍ବା ବଳବତର ଥିବା ଅନ୍ୟ କୌଣସି ଆଇନ ଅନୁଯାୟୀ ଏହା ଆମ ବ୍ୟାଙ୍କର କୌଣସି ଅଧିକାରକୁ ପ୍ରତିହତ କରିବ ନାହିଁ । ଏହି ନୋଟିସ୍ ଅନୁସାରେ ଦାବୀ କରାଯାଇଥିବା ରାଶି ପରିଶୋଧ କରି ସମସ୍ତ ପ୍ରକାର ଅସୁବିଧାକୁ ପରିହାର କରନ୍ତୁ ଅନ୍ୟଥା ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ଆପଣ ସେବାବଦ ସମସ୍ତ ଖର୍ଚ୍ଚ ଓ ଫଳାଫଳ ନିମନ୍ତେ ଦାୟୀ ରହିବେ । ଉପଧାରା (୨) ରେ ଧାର୍ଯ୍ୟ ସମୟସୀମା ମଧ୍ୟରେ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ବକେୟା ରାଶି ସମ୍ପୂର୍ଣ୍ଣଭାବେ ପୈଠ ନକଲେ ସୁରକ୍ଷିତ ଋଣଦାତା ସୁରକ୍ଷିତ ଋଣରାଶି ଆଦାୟ କରିବା ନିମନ୍ତେ ନିମ୍ନଲିଖିତ ପଦକ୍ଷେପ ମଧ୍ୟରୁ ଗୋଟିଏ କିମ୍ବା ଅଧିକ ଗ୍ରହଣ କରିପାରନ୍ତି। କ) ସୁରକ୍ଷିତ ଋଣରାଶି ଆଦାୟ ନିମନ୍ତେ ଋଣଗ୍ରହୀତାଙ୍କ ସୁରକ୍ଷିତ ସମ୍ପତ୍ତି ଦଖଲ କରିବା ସହିତ ସୁରକ୍ଷିତ ସମ୍ପତ୍ତିକୁ ଲିଜ୍, ଆସାଇନମେଣ୍ଟ କିମ୍ବା ବିକ୍ରୟ କରି ହସ୍ତାନ୍ତରିତ କରିବା ଅଧିକାର ରଖିଛନ୍ତି। ଖ) ସୁରକ୍ଷିତ ଋଣରାଶି ଆଦାୟ ନିମନ୍ତେ ଋଣଗ୍ରହୀତାଙ୍କ ବ୍ୟବସାୟ ପରିଚାଳନାକୁ ଟେକଓଭର କରିବା ସହିତ ଲିଜ୍, ଆସାଇନମେଣ୍ଟ କିମ୍ବା ବିକ୍ରୟ ମାଧ୍ୟମରେ ହସ୍ତାନ୍ତରିତ କରିବା ଅଧିକାର ରହିଛି। ଉଲ୍ଲେଖଯୋଗ୍ୟ କି, ଋଣଗ୍ରହୀତାଙ୍କ ବ୍ୟବସାୟର ଅଧିକାଂଶ ଭାଗ ଋଣପାଇଁ ବନ୍ଧକ ଥିଲେ ଲିଜ୍, ଆସାଇନମେଣ୍ଟ କିମ୍ବା ବିକ୍ରୟ ମାଧ୍ୟମରେ ହସ୍ତାନ୍ତରିତ ଅଧିକାର ପ୍ରୟୋଗ କରାଯାଇପାରିବ।

ତାରିଖ : ୨୪.୦୪.୨୦୨୪, ସ୍ଥାନ : ଭୁବନେଶ୍ୱର — କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ

ମଣିଷର ଜନ୍ମ, ମୃତ୍ୟୁ ଉଭୟ ପ୍ରକୃତି ଦ୍ୱାରା ନିୟନ୍ତ୍ରିତ ଓ ପରିଚାଳିତ । କିନ୍ତୁ ଅନେକ କ୍ଷେତ୍ରରେ ବିଭିନ୍ନ କାରଣ ନେଇ ମଣିଷ ଅପମୃତ୍ୟୁର ଶିକାର ହୋଇଥାଏ । ବିଭିନ୍ନ ଆକସ୍ମିକ ମୃତ୍ୟୁକୁ ଛାଡ଼ିଲେ ସବୁଠାରୁ ଯନ୍ତ୍ରଣାଦାୟକ ଓ ବୀଭତ୍ସ ମୃତ୍ୟୁ ସେତେବେଳେ ପରିଗଣିତ ହୋଇଥାଏ ଯେତେବେଳେ ଜଣେ ବ୍ୟକ୍ତି ଆତ୍ମହତ୍ୟା କରି ନିଜର ବିକୃତ ମାନସିକତାକୁ ପଦାରେ ପକାଇଥାଏ । ସମାଜବିଜ୍ଞାନୀଙ୍କ ମତରେ ପ୍ରତ୍ୟେକ ମଣିଷଙ୍କୁ ସମସ୍ୟା ଦେଇ ଗତି କରିବାକୁ ପଡ଼ିବ । ନକାରାତ୍ମକ ପରିବେଶ ଓ ପରିସ୍ଥିତିକୁ ସାମ୍ନା କରିବାକୁ ହୁଏ । କିନ୍ତୁ ଯେଉଁ ବ୍ୟକ୍ତି କ୍ଷଣିକ ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରି ନ ପାରି ଆତ୍ମହତ୍ୟାକୁ ଆବୋରି ବସେ ସେ ନିଜକୁ ନିଜେ ପରାଜିତ ବୋଲି ପ୍ରମାଣିତ କରିଥାଏ ଓ ନିଜର ବିକୃତ ମାନସିକତାର ପ୍ରମାଣ ଦେଇଥାଏ । ମଣିଷ ସୃଷ୍ଟିର ଶ୍ରେଷ୍ଠ ଜୀବ ହୋଇ କେମିତି ନିଜକୁ ବୁଝିପାରେନି, କାହିଁକି ଆବୋରି ବସେ ଆତ୍ମହତ୍ୟା ଭଳି ନିକୃଷ୍ଟ ପନ୍ଥାକୁ ଏ ସମ୍ପର୍କରେ ଆମର ସ୍ୱତନ୍ତ୍ର ଉପସ୍ଥାପନା ।

ପ୍ରସ୍ତୁତି: ସିଦ୍ଧାର୍ଥ ପଣ୍ଡା

# ଆତ୍ମହତ୍ୟା କାହିଁକି !



## ଓଡ଼ିଶାରେ ଦେଶର ୧୩%

ବିଭିନ୍ନ କାରଣ ପାଇଁ ବ୍ୟକ୍ତି ମାନସିକସ୍ତରରେ ଭାଙ୍ଗିପଡ଼ି ଆତ୍ମହତ୍ୟା କରିବାକୁ ନିଷ୍ପତ୍ତି ନେଇଥାଏ। ସେଥିମଧ୍ୟରୁ ପାରିବାରିକ ସମସ୍ୟା ଏବଂ ଅସୁସ୍ଥତା ଦୁଇଟି ପ୍ରମୁଖ କାରଣ । ମିଳିଥିବା ରିପୋର୍ଟ ମୁତାବକ ପାରିବାରିକ ସମସ୍ୟା ପାଇଁ ୩୧.୭% ଲୋକେ ଆତ୍ମହତ୍ୟା କରୁଥିବାବେଳେ ଅସୁସ୍ଥତା କାରଣରୁ ୧୮.୪% ଲୋକ ଆତ୍ମହତ୍ୟାକୁ ଆପଣେଇ ନେଇଥାନ୍ତି । ସେହିଭଳି ମୋଟ ଆତ୍ମହତ୍ୟାର ୬.୮% କେବଳ ନିଶାସେବନ କାରଣରୁ ହୋଇଥାଏ । ବୈବାହିକ ସମ୍ପର୍କରେ ତିକ୍ତତା ଯୋଗୁଁ ୪.୮%, ପ୍ରେମ ବ୍ୟାପାରକୁ କେନ୍ଦ୍ରକରି ୪.୫%, ଆର୍ଥିକ ସମସ୍ୟା ପାଇଁ ୪.୧%, ବେକାରି ପାଇଁ ୧.୯%, ପରୀକ୍ଷାରେ ଅସଫଳତା ଏବଂ ଅନିଶ୍ଚିତ କ୍ୟାରିଅର୍ ପାଇଁ ୧.୨%, ଆତ୍ମୀୟଙ୍କ ମୃତ୍ୟୁରେ ଆତ୍ମହରା ହୋଇ ୧.୨%, ସମ୍ପତ୍ତିଗତ ଏବଂ ଅନ୍ୟାନ୍ୟ କାରଣ ପାଇଁ ୧.୧% ବ୍ୟକ୍ତି ଆତ୍ମହତ୍ୟାକୁ ଆପଣେଇ ନେଇଥାନ୍ତି । ସେହିପରି ଓଡ଼ିଶାରେ ପାରିବାରିକ ସମସ୍ୟା ଏବଂ ଅସୁସ୍ଥତା କାରଣ ପାଇଁ ୨୦୨୨ ମସିହାରେ ୩୦୩୧ ଜଣ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି । ସେହିପରି ୨୦୨୨ ମସିହାରେ ସାରା ଦେଶରେ ଯେତିକି ଲୋକ ଆତ୍ମହତ୍ୟା କରିଥିଲେ ତା'ର ୧୩.୩% କେବଳ ଓଡ଼ିଶାର ବୋଲି ଜଣାପଡ଼ିଛି ।

## ଆଇନ

ଆତ୍ମହତ୍ୟା ମାନସିକ ସ୍ୱାସ୍ଥ୍ୟ ସହ ପ୍ରତ୍ୟକ୍ଷ ଭାବେ ଜଡ଼ିତ । ମିଳିତ ଜାତିସଂଘର ସ୍ଥାୟୀ ବିକାଶ ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ବୈଶ୍ୱିକ ସ୍ତରରେ ଆତ୍ମହତ୍ୟା ରୋକିବା ବା ଏହାକୁ ହ୍ରାସ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି । ସେହିପରି ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ୨୦୨୨ ମସିହା ନଭେମ୍ବର ୨୧ ତାରିଖରେ ଏନ୍ଏସପିଏସ୍ (ଜାତୀୟ ଆତ୍ମହତ୍ୟା ରୋକିବା ରଣନୀତି) ଘୋଷଣା କରିଥିଲେ । ଏହି ରଣନୀତି ଅନୁଯାୟୀ ୨୦୩୦ ସୁଦ୍ଧା ମୃତ୍ୟୁହାରକୁ ୩୦ ପ୍ରତିଶତକୁ ହ୍ରାସ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି । ଯାହାକୁ ହିତାଧିକାରୀ ଏବଂ ମୁଖ୍ୟସ୍ରୋତ ଗଣମାଧ୍ୟମ ଦ୍ୱାରା ଉଚ୍ଚ ପ୍ରଶଂସା କରାଯାଇଥିଲା ।

## ଦଣ୍ଡନୀୟ ଅପରାଧ



ଭାରତୀୟ ପିଙ୍ଗଳ କୋଡ୍‌ର ଧାରା ୩୦୯ ରେ ସ୍ପଷ୍ଟ ଭାବେ କୁହାଯାଇଛି ଯେ, ଆତ୍ମହତ୍ୟା କରିବା ଏକ ଦଣ୍ଡନୀୟ ଅପରାଧ । ଏହି ଅପରାଧ ପାଇଁ ଦୋଷୀକୁ ବା ଯିଏ ଆତ୍ମହତ୍ୟା ଉଦ୍ୟମ କରିଥାନ୍ତି ତାଙ୍କୁ ଧାରା ୩୦୯ ଅନୁଯାୟୀ ଏକ ବର୍ଷ ସଶ୍ରମ କାରାଦଣ୍ଡ ଏବଂ ଆର୍ଥିକ ଜରିମାନା ଦେବାକୁ ପଡ଼ିବ । ଅନେକ କ୍ଷେତ୍ରରେ ଆତ୍ମହତ୍ୟା ଉଦ୍ୟମ କରିଥିବା ବ୍ୟକ୍ତିଙ୍କ ନାମରେ ଏହି ଦଫାରେ ମାମଲା ରୁଜୁ ହୋଇଥିବା ନଜିର୍ ରହିଛି ।

## ଆତ୍ମହତ୍ୟା ଏକ ବୈଶ୍ୱିକ ବ୍ୟାଧି

ଆତ୍ମହତ୍ୟା ରୋକିବା ପାଇଁ ଅନ୍ତର୍ଜାତୀୟ ସଙ୍ଗଠନ (ଆଇଏଏସପି)ର ବିଶ୍ୱ ଆତ୍ମହତ୍ୟା ପରିସଂଖ୍ୟାନ (ଜିଏସ୍ଏସ୍ ) ତଥ୍ୟ କହେ ପ୍ରତ୍ୟେକ ବର୍ଷ ବିଶ୍ୱରେ ୭ ଲକ୍ଷରୁ ଅଧିକ ଲୋକେ ଆତ୍ମହତ୍ୟା କରିଥାନ୍ତି । ପୁରୁଷଙ୍କ ତୁଳନାରେ ମହିଳା ଏ କ୍ଷେତ୍ରରେ ଅଧିକ । ବିଶ୍ୱର ଅନେକ ସ୍ଥାନରେ ଭିନ୍ନ ଭିନ୍ନ ପଦ୍ଧତିରେ ଲୋକମାନେ ଜୀବନ ହାରିଥାନ୍ତି । ଫାଶୀ ଦେଇ ଝୁଲନ୍ତା ଅବସ୍ଥାରେ ହେଉ ବା ବିଷାକ୍ତ ପଦାର୍ଥ ଖାଇ ଏପରିକି ନିଜକୁ ପୋଡ଼ି ବା ଆତ୍ମଦାହ କରି, ଟ୍ରେନ୍ ଲାଇନରେ ଶୋଇ ବା ଟ୍ରେନ ଆଗକୁ ଆସି ଆତ୍ମହତ୍ୟା କରିଥାନ୍ତି । ଭାରତରେ ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନସିଆରବି) ତଥ୍ୟ ଅନୁଯାୟୀ ପ୍ରତିବର୍ଷ ପ୍ରାୟ ୧ ଲକ୍ଷରୁ ଅଧିକ ଲୋକ ଆତ୍ମହତ୍ୟା କରୁଛନ୍ତି । ୨୦୨୨ ମସିହାରେ ଏନ୍‌ସିଆର୍‌ବି ରିପୋର୍ଟରେ ୧ଲକ୍ଷ ୭୦ ହଜାର ୯୨୪ ଲୋକ ଆତ୍ମହତ୍ୟା କରିଥିବା ତଥ୍ୟ ପ୍ରକାଶ ପାଇଛି । ଯାହା ୨୦୨୧ ମସିହା ତୁଳନାରେ ୪.୨ ପ୍ରତିଶତ ବୃଦ୍ଧି ପାଇଛି । ୨୦୧୮ ମସିହାରେ ୧୦.୨ ଆତ୍ମହତ୍ୟା ହାର ଥିବାବେଳେ ୨୦୨୨ ମସିହାରେ ଏହା ୧୨.୪ ପ୍ରତିଶତ ଥିଲା । ୨୦୧୮ ମସିହାରେ ୧,୩୪,୫୧୬ ଆତ୍ମହତ୍ୟା ରିପୋର୍ଟ ପ୍ରକାଶ ପାଇଥିବାବେଳେ ୨୦୨୨ ମସିହାରେ ଏହା ୧,୭୦,୯୨୪ ଥିଲା । ବିଭିନ୍ନ କାରଣରୁ ଆତ୍ମହତ୍ୟା କରିଥାନ୍ତି ଯେପରିକି - ବୃତ୍ତିଗତ କାରଣ, ଶାରୀରିକ ଅକ୍ଷମତା, ନିସଙ୍ଗତା, ନିର୍ଯାତନା, ପାରିବାରିକ ସମସ୍ୟା, ପରୀକ୍ଷାରେ ଅସଫଳତା, ପ୍ରେମ ବ୍ୟାପାର, ମାନସିକ ଅକ୍ଷମତା, ନିଶାସକ୍ତ, ଆର୍ଥିକ କ୍ଷତି ଓ ରୋଗ ଯନ୍ତ୍ରଣା ପାଇଁ ସେମାନେ ଏଭଳି ଚରମ ନିଷ୍ପତ୍ତି ନେଇଥାନ୍ତି ।



## ମାନସିକ ସ୍ଥିତି ଓ ପରିସ୍ଥିତି



ମାନସିକ ରୋଗ ବିଶେଷଜ୍ଞଙ୍କ କହିବାନୁଯାୟୀ ସାଧାରଣତଃ ଜଣେ ଆତ୍ମହତ୍ୟା କରିବା ପୂର୍ବରୁ ତା'ର ମାନସିକ ସ୍ଥିତି ୪ ପ୍ରକାର ଜଟିଳ ପରିସ୍ଥିତି ଦେଇ ଗତି କରୁଥାଏ । ସେଗୁଡ଼ିକ ହେଲା ଅହଂବାଦ, ପରଶ୍ରୀକାତରତା, ନିରାଶ ଭାବ ଓ ଭାଗ୍ୟବାଦ ।

ଯେତେବେଳେ ମଣିଷ ମନରେ ଅହଂଭାବ ମାତ୍ରାଧିକ ବଢ଼ି ଯାଇଥାଏ, ସେତେବେଳେ ନିଜକୁ ଏକାକୀ ଭାବିଥାଏ । ସେ ନିଜକୁ ଅନ୍ୟମାନଙ୍କ ପାଖରେ ରହିବାକୁ ପସନ୍ଦ କରି ନ ଥାଏ । ତେଣୁ ସେ ଆତ୍ମହତ୍ୟାକୁ ଆପଣେଇ ନେଇଥାଏ ।

ସେହିଭଳି ଆଲଟ୍ରୁଇଷ୍ଟ ବା ପରଶ୍ରୀକାତରତା ବା ସ୍ୱାର୍ଥ ପ୍ରତି ଧ୍ୟାନ ଦେବା ପ୍ରବୃତ୍ତି ସେହିମାନଙ୍କର ଥାଏ, ଯେଉଁମାନେ ଅନ୍ୟର ଶିରୀ ବା ସୁଖ ଓ ଉନ୍ନତିକୁ ଦେଖିପାରନ୍ତି ନାହିଁ । ଓଡ଼ିଆରେ ଏକ ଢଗ ଅଛି 'ଗ୍ରହୀତା ପଛେ ମରୁ, ସଉତୁଣୀ ବିଧବା ହେଉ' । ଏହାର ଅର୍ଥ ହେଉଛି ନିଜ ଜୀବନ ପଛେ ଯାଉ ଅନ୍ୟର ଉନ୍ନତିକୁ ସହ୍ୟ ନ କରିବା ବା ଅନ୍ୟର ଉଚ୍ଚସ୍ଥିତିକୁ ଗ୍ରହଣ ନ କରିବା । ଯେଉଁଥିପାଇଁ ଅନ୍ୟମାନଙ୍କ କ୍ଷତି କରିବାକୁ ଯାଇ ଅନେକ ଆତ୍ମହତ୍ୟା କରନ୍ତି । ବିଶେଷକରି ପ୍ରେମ ବ୍ୟାପାରରେ ହେଉ ଅବା ପରିବାରିକ କ୍ଷେତ୍ରରେ ନିଜର ପାର୍ଟନର୍ ବା ପ୍ରେମିକ/ପ୍ରେମିକାକୁ ସମସ୍ୟାରେ ପକାଇବା ପାଇଁ ଆତ୍ମହତ୍ୟା କରିଥାନ୍ତି । ମାନସିକତା ଥାଏ ମୁଁ ପଛେ ମରିବି ହେଲେ ତାକୁ ଦଣ୍ଡିତ କରିବା ବା କୋର୍ଟକୁ ପଠେଇବି । ଅନେକ କ୍ଷେତ୍ରରେ ଏହି ପ୍ରକାରର ଆତ୍ମହତ୍ୟା ଏକ ଗୋଷ୍ଠୀ ପାଇଁ ବା ଦଳର ସାମୂହିକ ଲାଭ ପାଇଁ ନିଜ ସ୍ୱାର୍ଥକୁ ବଳି ଦେବା ସଦୃଶ ହୋଇଥାଏ । ଯାହାର ବଳିଷ୍ଠ ଉଦାହରଣ ହେଉଛି ଉଗ୍ରବାଦୀ ବା ଆତଙ୍କବାଦୀଙ୍କ କ୍ଷେତ୍ରରେ ଦେଖିବାକୁ ମିଳେ ।

କେତେକ କ୍ଷେତ୍ରରେ ଜଣେ ଆତ୍ମହତ୍ୟା କରିବା ପୂର୍ବରୁ ତା' ମନ ଭିତରେ ଆନୋମିକ ବା ନିରାଶା ଭାବ ସୃଷ୍ଟି ହୋଇଥାଏ । ଏହା ଉଚ୍ଚସ୍ତରର ଚାପ ଏବଂ ହତାଶା କାରଣରୁ ଘଟିଥାଏ । ଅନୋମିକ୍ ଆତ୍ମହତ୍ୟା ପରିସ୍ଥିତିରେ ହଠାତ୍ ଏବଂ ଅପ୍ରତ୍ୟାଶିତ ପରିବର୍ତ୍ତନରୁ ଆସିଥାଏ । ଉଦାହରଣ ସ୍ୱରୂପ, ଯେତେବେଳେ ଜଣେ ବ୍ୟକ୍ତି ଅତ୍ୟଧିକ ଆର୍ଥିକ କ୍ଷତି ଭୋଗନ୍ତି, ପ୍ରେମରେ ବିଫଳ ହୁଅନ୍ତି କିମ୍ବା ନିଜର ଅତି ଆପଣାର ଜିନିଷ ବା ବ୍ୟକ୍ତିଙ୍କୁ ହରାଇଥାନ୍ତି ସେତେବେଳେ ଚାପଗ୍ରସ୍ତ ହୋଇ ବ୍ୟକ୍ତି ଆତ୍ମହତ୍ୟାକୁ ଆପଣେଇଥାଏ । ସେହିଭଳି ଫାଟାଲିଷ୍ଟିକ ବା ଭାଗ୍ୟବାଦୀମାନେ ଆତ୍ମହତ୍ୟାକୁ ଅନେକାଂଶରେ ଆପଣେଇ ନେଇଥାନ୍ତି । ବିଶେଷଭାବେ ପରିବାର ଲୋକଙ୍କ ପାଇଁ ହେଉ କିମ୍ବା ଅନ୍ୟମାନଙ୍କ ପାଇଁ ବାଧ୍ୟବାଧକ ଲକ୍ଷ୍ୟସ୍ଥଳ ସ୍ଥିର କରି ନ ପହଞ୍ଚି ପାରିଲେ ଆତ୍ମହତ୍ୟା କରିବାକୁ ବାଧ୍ୟ ହୋଇଥାଏ । ନିର୍ଯାତନା ଏହି ଆତ୍ମହତ୍ୟାର ଉଦାହରଣ ଅଟେ । ଯେଉଁଠାରେ ସେମାନେ ବିଶ୍ୱାସ କରନ୍ତି ଯେ ଏପରି ଅବସ୍ଥାରେ ରହିବାକୁ ଭାଗ୍ୟ ନିର୍ଦ୍ଧାରଣ କରିଛନ୍ତି । ଏହି ଭାଗ୍ୟ ଉପରେ ବିଶ୍ୱାସ କରୁଥିବା ବ୍ୟକ୍ତି ଏହି ପରିସ୍ଥିତିରୁ ରକ୍ଷା ପାଇବା ପାଇଁ ଆତ୍ମହତ୍ୟା ପନ୍ଥାକୁ ବାଛି ନିଅନ୍ତି ।

## ପାରମ୍ପରିକରୁ ଆଧୁନିକ ଶୈଳୀ



### ସ୍ୱାମୀ ପାଇଁ ଆତ୍ମାହୁତି

ପୂର୍ବ କାଳରେ ସ୍ୱାମୀଙ୍କ ମୃତ୍ୟୁରେ ପତ୍ନୀକୁ ଅଗ୍ନିରେ ବା ପତିର ଚିତାରେ ଝାସ ଦେବାକୁ ପଡୁଥିଲା । ଯାହାକୁ ସତୀଦାହ ପ୍ରଥା କୁହାଯାଉଥିଲା । କିନ୍ତୁ ଏହି ପ୍ରଥା ୧୮୨୯ ମସିହାରେ ରାଜା ରାମମୋହନ ରାୟଙ୍କ ନେତୃତ୍ୱରେ ଏବଂ ଭାରତର ଗଭର୍ଣ୍ଣର ଜେନେରାଲ ଲର୍ଡ ୱିଲିୟମ ବେଣ୍ଟିକ ଏହି ପ୍ରଥାକୁ ବନ୍ଦ କରିଥିଲେ । ସତୀଦାହ ପ୍ରଥାକୁ ବେଆଇନ୍ ଏବଂ ଏହାକୁ ଦଣ୍ଡନୀୟ ଅପରାଧ ଭାବେ ଘୋଷଣା କରିଥିଲେ । ଯଦିବା ଏହାକୁ ବହୁ ମୌଳବାଦୀ ସଂଗଠନ ବିରୋଧ ପ୍ରଦର୍ଶନ କରିଥିଲେ କିନ୍ତୁ ପରବର୍ତ୍ତୀ ସମୟରେ ତାହା ସଫଳତାର ସହ ଉଚ୍ଛେଦ କରାଯାଇଥିଲା ।

### ଜଳ ସମାଧି



ଅନେକ ଦିନ ତଳେ ନିଜକୁ ପଥର ବାନ୍ଧି ଜଳରେ ଆତ୍ମହତ୍ୟା କରିବା ଘଟଣା ରାଜ୍ୟର ପ୍ରମୁଖ ଗଣମାଧ୍ୟମରେ ଖବରମାନ ପ୍ରକାଶ ପାଉଥିଲା । ଗୋଡ଼ହାତରେ ପଥର ବାନ୍ଧି ନଦୀ ତଥା ପୋଖରୀକୁ ଡେଇଁ ପଡ଼ିବା ଭଳି ଘଟଣା ଘଟୁଥିଲା । ଏହି କୌଶଳକୁ ଅନେକ ଲୋକ ଆପଣେଇ ନେଉଥିଲେ । ସାଧାରଣତଃ ପାଣିକୁ ଡେଇଁ ଆତ୍ମହତ୍ୟା କଲାବେଳେ ଲୋକଟି ଜଳରେ ବୁଡ଼ି ଉବୁଟୁବୁ ହେବା ବେଳେ ଯଦି କିଏ ଦେଖୁଥିଲା ତେବେ ତତ୍‌କ୍ଷଣାତ୍ ଉଦ୍ଧାର କରିବାର ନଜିର୍ ମଧ୍ୟ ରହିଛି । ଏଭଳି ଉପାୟରେ ବ୍ୟକ୍ତି ଜଳରେ ସମ୍ପୂର୍ଣ୍ଣ ରୂପେ ବୁଡ଼ି ଯିବା ଦ୍ୱାରା ସ୍ୱଳ୍ପକ୍ଷଣ ମଧ୍ୟରେ ତା'ର ମୃତ୍ୟୁ ଘଟୁଥିଲା ।

### ରେଳ ଧାରଣାରେ ଜୀବନହାନି

ବିଭିନ୍ନ କାରଣ ପାଇଁ ବ୍ୟକ୍ତି ଯେତେବେଳେ ମାନସିକ ଭାରସାମ୍ୟ ହରାଇ ବସେ ସେତେବେଳେ ସେ ରେଳ ଧାରଣାରେ ଆତ୍ମହତ୍ୟା କରିବାର ପଦ୍ଧତିକୁ ଆପଣେଇଥାଏ । ପାରିବାରିକ ବିଶୃଙ୍ଖଳା ବା ନିର୍ଯାତନା ସହି ନ ପାରି ଅନେକେ ଏଭଳି ଯନ୍ତ୍ରଣାଦାୟକ ମୃତ୍ୟୁକୁ ବାଛି ନେଉଥିଲେ । ସେମାନଙ୍କ ମୃତ୍ୟୁ ପରେ ରେଳ ଧାରଣାରେ ଖଣ୍ଡବିଖଣ୍ଡିତ ଶବ ପଡ଼ି ରହୁଥିଲା । ଯାହା ଅତ୍ୟନ୍ତ ବୀଭତ୍ସ ଓ ହୃଦୟବିଦାରକ ଓ ଯନ୍ତ୍ରଣାଦାୟକ ।

### ଫାଶୀ ଦ୍ୱାରା ଆତ୍ମହତ୍ୟା

ଗ୍ରାମାଞ୍ଚଳରେ ସାଧାରଣ ନିଛାଟିଆ ଅଞ୍ଚଳରେ ବା ଜଙ୍ଗଲରେ କେହି ନ ଥିବାର ସୁଯୋଗ ନେଇ ଜୀବନକୁ ତୁଚ୍ଛକରି ଦେଇଥିବା ବ୍ୟକ୍ତି ଆତ୍ମହତ୍ୟା କରିବାକୁ ଆପଣେଇ ନେଇଥାଏ । କେବଳ ଗଛ ଡାଳରେ ନୁହେଁ, ଫ୍ୟାନ ଏପରିକି ପୋଲ ତଳେ ଥିବା ଆଙ୍ଗେଲରେ ରଶି ଲଗାଇ ଲୋକମାନେ ଆତ୍ମହତ୍ୟା କରିବା ଏବେର ନିତିଦିନିଆ ଘଟଣା ହେଇଗଲାଣି । ସହରାଞ୍ଚଳରେ ପାଇଖାନା ରେଲିଂରେ ବିଭିନ୍ନ କାରଣକୁ ନେଇ ମହିଳା, ଛାତ୍ରଛାତ୍ରୀ ଏପରିକି କମ୍ ବୟସର ଯୁବକଯୁବତୀମାନେ ଆତ୍ମହତ୍ୟା କରୁଛନ୍ତି ।

### ହତଭାଗାଙ୍କୁ ବିଷ ହିଁ ଭରସା

ପାରିବାରିକ କଳହ, ସାମାନ୍ୟ ତିକ୍ତତା କାରଣରୁ ଏପରିକି ଚାଷବାସରେ କ୍ଷତି ସହି ଅନେକ ଲୋକ ବିଷ ତଥା କୀଟନାଶକ ଖାଇ ଆତ୍ମହତ୍ୟା କରିଛନ୍ତି । ଚାଷ କ୍ଷେତ୍ରରେ କ୍ଷତିଗ୍ରସ୍ତ ବା ଋଣ ଚାପରେ ବୁଡ଼ି ଅନେକ ଏହି ଭଳି କୌଶଳ ଆପଣେଇ ଥାନ୍ତି । ଆତ୍ମହତ୍ୟା କରୁଥିବା ବ୍ୟକ୍ତି ଜାଣିପାରେ ନାହିଁ ତାଙ୍କର ମୃତ୍ୟୁ ହେବାପରେ ସେମାନଙ୍କ ପରିବାରର ଅବସ୍ଥା କ'ଣ ହେବ? ମାନସିକ ଅବସାଦ, ରୋଗରୁ ମୁକ୍ତି ପାଇବା ପାଇଁ ଅନେକ ନିଜର ହିତାହିତ ଜ୍ଞାନ ଭୁଲିଯାଇ ଅଧିକ ମାତ୍ରାରେ ଔଷଧ ଖାଇ ଦିଅନ୍ତି । ଯାହାର ପ୍ରଭାବ ନିମିଷକ ମଧ୍ୟରେ ଜୀବନ ନେଇଯାଏ । ଯାହା ଜହର ଖାଇ ଆତ୍ମହତ୍ୟା ଶ୍ରେଣୀର । ଯେଉଁମାନେ ଦୀର୍ଘଦିନ ଧରି ରୋଗଯନ୍ତ୍ରଣାରେ ପଡ଼ି କଷ୍ଟ ଭୋଗ କରନ୍ତି ସେମାନେ ଏଭଳି ଆତ୍ମହତ୍ୟା ପନ୍ଥାକୁ ଆପଣେଇ ଥାନ୍ତି ।

### ନିଜକୁ ଗୁଳି



ବିଦେଶରେ ବା ୟୁରୋପୀୟ ରାଷ୍ଟ୍ରଗୁଡ଼ିକରେ ଅନେକ ବ୍ୟକ୍ତି ନିଜକୁ ନିଜେ ଗୁଳିକରି ଆତ୍ମହତ୍ୟା କରିବା ପାଇଁ ଆପଣେଇଥାନ୍ତି । ସେହିଭଳି ସାମରିକ କ୍ଷେତ୍ରରେ ଜଡ଼ିତ ଅନେକ ବ୍ୟକ୍ତି ମଧ୍ୟ ନିଜକୁ ଗୁଳିକରି ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ବାଛି ନିଅନ୍ତି । ଛୁଟି ନ ମିଳିବା ଅବା ପାରିବାରିକ ସମସ୍ୟା କାରଣରୁ ଏପରିକି ଉପରିସ୍ଥ ଅଧିକାରୀଙ୍କ ଚାପ ଫଳରେ କିଛି ଲୋକ ଏଭଳି ଭୁଲ୍ ନିର୍ଣ୍ଣୟ ନେଇ ଯାଆନ୍ତି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଗୁପ୍ତଚର ବୃତ୍ତିରେ ନିୟୋଜିତ ବ୍ୟକ୍ତି ମଧ୍ୟ ଶତ୍ରୁଙ୍କ ହାତରେ ଧରା ପଡ଼ିବା ପୂର୍ବରୁ ଏଭଳି ନିଷ୍ପତ୍ତି ନେଇଥାନ୍ତି । ଅନେକ ତୁଚ୍ଛ ବ୍ୟକ୍ତି ହୀନ ମାନସିକତା ନେଇ ନିଜକୁ ଆତତାୟୀ ସଜାଇ ଅନ୍ୟର କ୍ଷତି ଘଟାଇବା ସହ ନିଜେ ଆତ୍ମଘାତୀ ପାଲଟି ଯାଆନ୍ତି । ସେମାନେ କେବେ ନିଜକୁ ଗୁଳିକରି ଆତ୍ମହତ୍ୟା କରିବା ସହ ନିଜ ଦେହରେ ବୋମା ଖଞ୍ଜି ଆତ୍ମହତ୍ୟାର ପନ୍ଥାକୁ ଆପଣେଇ ଥାନ୍ତି । ଆମର ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କୁ ହତ୍ୟା କରିଥିବା ଏଲ୍‌ଟିଟିଇ ଉଗ୍ରବାଦୀ ଏହି ଶ୍ରେଣୀର ବୋଲି ଗଣାଯାଏ । ନିଜେ ତ ମରନ୍ତି, ତାହା ସହ ଅନେକ ନିରୀହ ଲୋକଙ୍କ ଜୀବନ ମଧ୍ୟ ନେଇ ଯାଆନ୍ତି ।

## ଦୂର ହେଲା ଲୋ-ଭୋଲ୍ଟେଜ ସମସ୍ୟା

# ଉଚ୍ଚ କ୍ଷମତାସମ୍ପନ୍ନ ଟ୍ରାନ୍ସଫର୍ମର ସ୍ଥାପନ କଲା ଟିପିଏନ୍‌ଓଡିଏଲ୍

ବାଲେଶ୍ୱର, ୨୪।୪(ସମିସ):



ଦୂର ହେଲା ଲୋ-ଭୋଲ୍ଟେଜ ସମସ୍ୟା। ପୂରଣ ହେଲା ସାଧାରଣ ଲୋକଙ୍କ ଦାବି। ଅସହ୍ୟ ଗୁଳୁଗୁଳିରେ ଲୋକଙ୍କ ପାଇଁ ଲୋ-ଭୋଲ୍ଟେଜ ଏକ ଗୁରୁତର ସମସ୍ୟା ଦୀର୍ଘ ଦିନ ହେଲା ରହି ଆସିଥିବାବେଳେ ଏହାର ସ୍ଥାୟୀ ସମାଧାନ କରିଛି ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ନର୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏନଓଡିଏଲ)। ଟିପିଏନଓଡିଏଲ ପକ୍ଷରୁ ଲୋ-ଭୋଲ୍ଟେଜ ସମସ୍ୟା ଥିବା ବିଭିନ୍ନ ଅଞ୍ଚଳରେ ଉଚ୍ଚ କ୍ଷମତା ସମ୍ପନ୍ନ ଟ୍ରାନ୍ସଫର୍ମର ସ୍ଥାପନ କରାଯାଇଛି। ଯାଜପୁର ଜିଲ୍ଲା କୁଆଖିଆ ଡିଭିଜନ ଅନ୍ତର୍ଗତ ପାନ୍ତୁରି ଅଞ୍ଚଳର ଥିବା ୧୬ କେଭି ବିଦ୍ୟୁତ ଟ୍ରାନ୍ସଫର୍ମରକୁ ୧୦୦ କେଭିରେ ପରିବର୍ତ୍ତନ କରାଯାଇଥିବାବେଳେ ନେଉଳପୁର ଅଞ୍ଚଳର ୧୦୦କେଭି ବିଦ୍ୟୁତ ଟ୍ରାନ୍ସଫର୍ମରର କ୍ଷମତାକୁ ୨୫୦ କେଭିକୁ ବୃଦ୍ଧି କରାଯାଇଛି। ଅନୁରୂପ ଭାବେ ବାରିପଦା ଅନ୍ତର୍ଗତ ରଘୁନାଥପୁରରେ ୧୦୦ କେଭି ବିଦ୍ୟୁତ ଟ୍ରାନ୍ସଫର୍ମର କ୍ଷମତାକୁ ୨୫୦ କେଭିକୁ ବୃଦ୍ଧି କରାଯାଇଥିବାବେଳେ ଭଦ୍ରକ ସାଉଥ ଡିଭିଜନ ଅନ୍ତର୍ଗତ ଆଖୁଆପଦାରେ ୧୦୦ କେଭି ବିଦ୍ୟୁତ ଟ୍ରାନ୍ସଫର୍ମର କ୍ଷମତାକୁ ୨୫୦ କେଭିକୁ ବୃଦ୍ଧି କରାଯାଇଛି। ସେହିପରି ରାଇରାଙ୍ଗପୁର ଡିଭିଜନ ଅନ୍ତର୍ଗତ ଉପରବେଡ଼ା ଓ କଣ୍ଟାବଣିରେ ଦୁଇଟି ୨୫କେଭି ବିଦ୍ୟୁତ ଟ୍ରାନ୍ସଫର୍ମର କ୍ଷମତାକୁ ୧୦୦ କେଭିକୁ ବୃଦ୍ଧି କରାଯିବା ସହ କେନ୍ଦୁଝର ଜିଲ୍ଲା ଯୋଡ଼ା ଅଞ୍ଚଳର ୧୦୦ କେଭି ବିଦ୍ୟୁତ ଟ୍ରାନ୍ସଫର୍ମରକୁ ପରିବର୍ତ୍ତନ କରି ୨୫୦ କେଭିକୁ ବୃଦ୍ଧି କରାଯାଇଛି। ଏଣିକି ଏହି ଟ୍ରାନ୍ସଫର୍ମରଗୁଡ଼ିକ ଅଧିକ କ୍ଷମତାସମ୍ପର୍ଣ୍ଣ ହେବା ସହ ସ୍ଥାନୀୟ ଅଞ୍ଚଳବାସୀଙ୍କ ଲୋ-ଭୋଲ୍ଟେଜ ସମସ୍ୟା ଦୂର କରିବାରେ ସକ୍ଷମ ହେବ। ଫଳରେ ସ୍ଥାନୀୟବାସିନ୍ଦାଙ୍କ ବହୁ ଦିନର ସମସ୍ୟା ମଧ୍ୟ ଦୂର ହେବ। ଖାଲି ସେତିକି ନୁହଁ, ସୁରକ୍ଷାକୁ ଦୃଷ୍ଟିରେ ରଖି ଟିପିଏନଓଡିଏଲ ପକ୍ଷରୁ ପୂର୍ବରୁ ଥିବା ପୁରୁଣା ବାଡ଼କୁ ପରିବର୍ତ୍ତନ କରାଯାଇ ନୂତନ ପାଚେରୀ ନିର୍ମାଣ କରାଯାଇଛି। ବିଦ୍ୟୁତ ଉପଭୋକ୍ତାମାନଙ୍କୁ ଗୁଣାତ୍ମକ ସେବା ଯୋଗାଇବା ପାଇଁ ଟିପିଏନଓଡିଏଲ ସର୍ବଦା ପ୍ରୟାସରତ ଥିବାବେଳେ ବିଗତ କିଛି ଦିନ ମଧ୍ୟରେ ଭିତ୍ତିଭୂମିଗୁଡିକରେ ଅନେକ ପରିବର୍ତ୍ତନ କରାଯାଇଛି। ଟିପିଏନଓଡିଏଲ ବିଦ୍ୟୁତ ସେବା ବିତରଣ ଜିଲ୍ଲାଗୁଡିକରେ ଉପଭୋକ୍ତାଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ଗ୍ରହଣ କରୁଛି।

## ସଙ୍ଘବଦ୍ଧ ଆକ୍ରମଣରେ ଯୁବକଙ୍କ ମୃତ୍ୟୁ ଘଟଣା

# ଏସ୍‌ପିଙ୍କୁ ଫେରାଦ ହେଲା ଆଦିବାସୀ କୁଡୁମୀ ସମାଜ



ବାରିପଦା, ୨୪।୪(ସମିସ): ମୟୂରଭଞ୍ଜ ଜିଲ୍ଲା ଝାରପୋଖରିଆ ଥାନା ଅନ୍ତର୍ଗତ ବଡଚାଟରା ଗ୍ରାମର ସ୍ୱର୍ଗତ ଡମ୍ବୁରୁ ମହାନ୍ତଙ୍କ ପୁଅ ଗୋପାଳ ମହାନ୍ତ (୧୯)ଙ୍କୁ ୪/୫ଜଣ ଯୁବକ ସଂଘବଦ୍ଧ ଆକ୍ରମଣ କରିବା ଫଳରେ ତାଙ୍କର ମୃତ୍ୟୁ ଘଟିଛି। ପୁଲିସ ଏହି ଘଟଣାରେ ୨ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟମାନେ ଫେରାର ଅଛନ୍ତି। ସେମାନଙ୍କୁ ଗିରଫ ଦାବିରେ ବୁଧବାର ଆଦିବାସୀ କୁଡୁମୀ ସମାଜ ପକ୍ଷରୁ ଏସପିଙ୍କୁ ଭେଟି ଫେରାଦ ଜଣାଇଛନ୍ତି। ଏସପି ଏସ ସୁଶ୍ରୀଙ୍କୁ ବାରିପଦା ସ୍ଥିତ ପୁଲିସ ମୁଖ୍ୟାଳୟରେ ଭେଟି ପ୍ରତିନିଧି ଦଳ ଆଲୋଚନା ପୂର୍ବକ ଦାବିପତ୍ର ପ୍ରଦାନ କରିଛନ୍ତି। ଗତ ୨୨ତାରିଖରେ ବାପ ଛେଉଣ୍ଡ ଗୋପାଳ ମହାନ୍ତ (୧୯)ଙ୍କ ସଙ୍ଘବଦ୍ଧ ଆକ୍ରମଣରେ ମୃତ୍ୟୁ ହୋଇଥିଲା। ଏନେଇ ଗୋପାଳଙ୍କ ମାଆ ସରସ୍ୱତୀ ମହାନ୍ତ ସ୍ଥାନୀୟ ଝାରପୋଖରିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁଯାୟୀ, ତାଙ୍କ ପୁଅକୁ ଏକୁଟିଆ ପାଇ ବଡ଼ଚାଟରା କେନାଲ ଛକ ନିକଟରେ କିଛି ଯୁବକ ସଂଘବଦ୍ଧ ହୋଇ ନିସ୍ତୁକ ମାଡ ମାରିଥିଲେ। ସେ ଆସି କାରଣ ପଚାରିବାରୁ ତାଙ୍କୁ ମଧ୍ୟ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହିତ ଠେଲାପେଲା କରିଥିଲେ। ପରେ ଛକ ନିକଟରେ ଥିବା ଲୋକମାନେ ମା, ପୁଅକୁ ଉଦ୍ଧାର କରିଥିଲେ। ଆକ୍ରମଣରେ ଗୋପାଳଙ୍କ ଛାତିରେ ଯନ୍ତ୍ରଣା ହୋଇଥିଲା। ପରେ ସଙ୍ଗେ ସଙ୍ଗେ ତାଙ୍କୁ ଶୀର୍ଷା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣି ପହଞ୍ଚାଇବା ବେଳକୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଝାରପୋଖରିଆ ପୁଲିସ ମୃତ ଦେହକୁ ଜବତ କରିବା ସହିତ ଏକ ମାମଲା ରୁଜୁକରି ତଦନ୍ତ ଜାରି ରଖିଛି। ତେବେ ଏହି ଘଟଣାରେ ସମ୍ପୃକ୍ତ ଥିବା ଅଭିଜିତ ମହାପାତ୍ର (୨୨) ଓ ବଳରାମ ରଣା (୨୮)କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଅନ୍ୟମାନଙ୍କୁ ତୁରନ୍ତ ଗିରଫ କରିବାକୁ କୁଡୁମୀ ସମାଜ ଏସ୍ପିଙ୍କ ନିକଟରେ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ସଭାପତି ମନୋଜ କୁମାର ମହାନ୍ତ, ଛୋଟଲାଲ ମହାନ୍ତ, ନିରଞ୍ଜନ ମହାନ୍ତ, ସଞ୍ଜୀବ ମହାନ୍ତ, ପରିକ୍ଷିତ ମହାନ୍ତ, ମନୋରଞ୍ଜନ ମହାନ୍ତ, ଧନଞ୍ଜୟ ମହାନ୍ତ, ତ୍ରିଲୋଚନ ମହାନ୍ତ, ଲକ୍ଷ୍ମୀଧର ମହାନ୍ତ, ନଳୀନ ଚନ୍ଦ୍ର ମହାନ୍ତ, ରତିକାନ୍ତ ମହାନ୍ତ, ଆଡଭୋକେଟ ବସନ୍ତ କୁମାର ମହାନ୍ତ, କୃପାସିନ୍ଧୁ ମହାନ୍ତ, ପ୍ରମୋଦ କୁମାର ମହାନ୍ତ, ଭବାନୀ ଶଙ୍କର ମହାନ୍ତ, ସ୍ନେହାଶିଷ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

## ଅଂଶୁଘାତରେ ମହିଳାଙ୍କ ମୃତ୍ୟୁ ଅଭିଯୋଗ

ମୋରଡ଼ା, ୨୪।୪(ସମିସ): ତତଲା କଡେଇରେ ଭାଜି ହେଉଛି ସାମଗ୍ର ରାଜ୍ୟ। ଅସହ୍ୟ ତାତି, ପ୍ରଚଣ୍ଡ ଖରାରେ ଜନଜୀବନ ଅସ୍ତବ୍ୟସ୍ତ। ଗତ ୧୫ ଦିନ ମଧ୍ୟରେ ସକାଳ ସାଢେ ୮ଟା ସୁଦ୍ଧା ୩୫ ଡିଗ୍ରୀ ତାପମାତ୍ରା ଅତିକ୍ରମ କଲାଣି। ଇତି ମଧ୍ୟରେ ମୋରଡା ବ୍ଲକ ଅଞ୍ଚଳରେ ମଧ୍ୟ ତାପ ମାତ୍ରା ୪୬ ଡିଗ୍ରୀ ପାର ହୋଇଛି। ସୂଚନାଯୋଗ୍ୟ ଯେ ମୋରଡ଼ା ବ୍ଲକରେ ଗତ ମଙ୍ଗଳବାର ଗଡ଼ିଗାଁ ପଞ୍ଚାୟତ ଧବଣୀଶୋଳ ଗ୍ରାମର ଲକ୍ଷ୍ମୀଧର ମହାନ୍ତଙ୍କ ସ୍ତ୍ରୀ କୌଶଲ୍ୟା ମହାନ୍ତ ଜଙ୍ଗଲକୁ ଶାଳପତ୍ର ସଂଗ୍ରହ ପାଇଁ ଯାଇଥିବା ବେଳେ ହଠାତ ଚେତାଶୂନ୍ୟ ହୋଇପଡ଼ିଥିଲେ। ଅନ୍ୟ ମହିଳାମାନେ ତାଙ୍କୁ ତୁରନ୍ତ ଉଦ୍ଧାର କରି ପରିବାରକୁ ଖବର ଦେଇଥିଲେ। ପରିବାରେ ଲୋକେ ସଂଗେ ସଂଗେ ବେଟନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ; ହେଲେ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ତହସିଲଦାର ଉତ୍ତମ କୁମାର ଜେନାଙ୍କୁ ଯୋଗାଯୋଗ କରିବାରୁ ସେ ଘଟଣାର ଆରଆଇଙ୍କ ସହିତ ଯାଇ ତଦନ୍ତ କରି ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି କହିଛନ୍ତି।

## ବାଇକ୍ ଚୋରକୁ ନେଇ ପୁଲିସ ନାକେଦମ

ମୋରଡା, ୨୪।୪(ସମିସ): ମୟୂରଭଞ୍ଜ ଜିଲ୍ଲାର ମୋରଡ଼ା ଥାନା ଅଞ୍ଚଳରେ ଦିନକୁ ଦିନ ବାଇକ ଚୋରି ବୃଦ୍ଧି ପାଇବାରେ ଲାଗିଛି। ବାଇକ ଚୋରକୁ ଧରିବା ପାଇଁ ପୁଲିସକୁ ନାକେଦମ ହେବାକୁ ପଡ଼ିଛି। ଗତ ୧୫ତାରିଖ ଦିନ ମଧ୍ୟରେ ଚିତ୍ରଡାର ଶିଳଦା ପୋଲ ନିକଟରୁ ଏକ ବାଇକ ଚୋରୀ ହୋଇଥିବା ବେଳେ ଆଜି ମୋରଡ଼ା ଥାନାରୁ ମାତ୍ର ଏକ କିମି ଦୂରରୁ ୨ଟି ବାଇକ୍ ଚୋରି ହୋଇଛି। ଖୁରୁଣ୍ଟିଆ ଗ୍ରାମର ଗୌରାଙ୍ଗ ବାସ୍କେ ଏବଂ ପୂର୍ଣ୍ଣଚନ୍ଦ୍ର ମହାନ୍ତଙ୍କ ବାଇକ୍‌ଟି ରାସ୍ତା କଡରେ ରଖି ହାଟକୁ ଯାଇଥିଲେ। ସେମାନେ ଫେରିଲା ବେଳକୁ ଦୁଇଟିଯାକ ବାଇକ୍ ଚୋରି ହୋଇଯାଇଛି। ଏ ନେଇ ପୁଲିସରେ ଅଭିଯୋଗ ହେବା ପରେ ତଦନ୍ତ ଜାରି ରହିଛି।

## ଉତ୍କଳମଣି ବେହେରା ଜାତୀୟ ସ୍ତରୀୟ ରେଫେରୀ

ବାରିପଦା, ୨୪।୪(ସମିସ): ସର୍ବଭାରତୀୟ ଫୁଟବଲ ଫେଡେରେସନ ଆନୁକୂଲ୍ୟରେ ମଧ୍ୟପ୍ରଦେଶର ଗ୍ୱାଲିୟରଠାରେ ଅନୁଷ୍ଠିତ ଜାତୀୟ ରେଫେରୀ ପରୀକ୍ଷାରେ ମୟୂରଭଞ୍ଜ ଜିଲ୍ଲାର ଉତ୍କଳମଣି ବେହେରା କୃତକାର୍ଯ୍ୟ ହୋଇଛନ୍ତି। ଉକ୍ତ ପରୀକ୍ଷାରେ ଦେଶର ବିଭିନ୍ନ ରାଜ୍ୟରୁ ମୋଟ ୨୮ ଜଣ ପୁରୁଷ ଓ ମହିଳା କୃତକାର୍ଯ୍ୟ ହୋଇଛନ୍ତି। ମୟୂରଭଞ୍ଜ ଜିଲ୍ଲାର କରଞ୍ଜିଆ ବ୍ଲକ ସ୍ଥିତ ଶରଣଗଡ଼ ଗ୍ରାମର ପାଣ୍ଡୁଚରଣ ବେହେରା ଓ କୁନି ବେହେରାଙ୍କ ତୃତୀୟ ସନ୍ତାନ ଉତ୍କଳମଣି ପାହାଡଭଙ୍ଗା ସ୍ଥିତ ସାଇରାମ ଉଚ୍ଚ ବିଦ୍ୟାଳୟ ଏବଂ କରଞ୍ଜିଆ କଲେଜରୁ ଶିକ୍ଷାଲାଭ କରିଥିଲେ। ଖବର



ପାଇ ଉକ୍ତ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ପ୍ରକାଶ ଥାଉକି ଶ୍ରୀ ବେହେରା ୨୦୧୫ ମସିହାରେ ଜିଲ୍ଲା ସ୍ତରରେ ରେଫରୀ ଭାବେ କାର୍ଯ୍ୟ ଆରମ୍ଭ କରି ୨୦୧୭ ମସିହାରେ ରାଜ୍ୟସ୍ତରୀୟ ଏବଂ ୨୦୨୪ ମସିହାରେ ଜାତୀୟ ସ୍ତରୀୟ ରେଫେରୀ ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ବର୍ତ୍ତମାନ ସେ ମୟୂରଭଞ୍ଜ ରେଫରୀ ସଂଘର ସାଧାରଣ ସମ୍ପାଦକ ଥିବା ବେଳେ କେନ୍ଦୁଝର ଜିଲ୍ଲାର ବଡ଼ବିଲ ସ୍ଥିତ ଜିନ୍ଦଲ ସ୍ପୋର୍ଟସ ହଷ୍ଟେଲରେ ପ୍ରଶିକ୍ଷକ ଭାବେ କାର୍ଯ୍ୟରତ। ଏ ନେଇ ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ଉପ ସଭାପତି ବିବେକାନନ୍ଦ ପଟ୍ଟନାୟକ, ମନୋଜ କୁମାର ସାଓ, ଫୁଟବଲ ସମ୍ପାଦକ ଅମର କୁମାର ସେଠୀଙ୍କ ସମେତ ସମସ୍ତ ସହ ସମ୍ପାଦକ, ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ତଥା ଫୁଟବଲପ୍ରେମୀ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।




### ପରିବା ଚାଷ ଦୁଇ ଭାଇଙ୍କୁ ଦେଇଛି ନିଆରା ପରିଚୟ

# ବର୍ଷକୁ ରୋଜଗାର କରୁଛନ୍ତି ଲକ୍ଷାଧିକ ଟଙ୍କା

ରାମଚନ୍ଦ୍ରପୁର,୨୪।୪(ସମିସ)

ଆଜିକାଲିର ଯୁବପିଢି ଚାକିରି ପଛରେ ଗୋଡାଇ ଚାଷବାସରୁ ମୁହଁ ଫେରେଇ ନେଉଥିବା ବେଳେ ଘସିପୁରା ବ୍ଲକ ମଦନପୁର ପଞ୍ଚାୟତ ଅଭିରାମପୁର ଗ୍ରାମର ଦୁଇ ଭାଇ ପ୍ରଫୁଲ୍ଲ ସାହୁ ଓ ପ୍ରଭାତ ସାହୁ ନିଜ ଜମିରେ ପନିପରିବା ଚାଷ କରି ନିଜେ ସ୍ୱାବଲମ୍ବୀ ହେବା ସହ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ପାହାଡିଆ ଚାଷଜମି ଅନେକ ସମୟରେ ପଡିଆ ପଡୁଥିବା ବେଳେ ଦୁଇ ଭାଇଙ୍କ ଅଦମ୍ୟ ଉତ୍ସାହ ଏକ୍ଷେତ୍ରରେ ସଫଳତା ଆଣି ଦେଇଛି। ଖରା ବର୍ଷା ଶୀତକାକରକୁ ଖାତିର ନକରି ଲୋକଙ୍କ ଚାହିଦା ମୁତାବକ ଋତୁ ଅନୁସାରେ ବିଭିନ୍ନ କିସମର ପନିପରିବା ଚାଷ କରି ନିଜେ ସ୍ୱାବଲମ୍ବୀ ହେବା ସହ ବର୍ଷକୁ ଲକ୍ଷାଧିକ ଟଙ୍କା ରୋଜଗାର କରି ସ୍ଥାନୀୟ ଅଞ୍ଚଳର ଯୁବ ସମାଜ ପାଇଁ ଉଦାହରଣ ସାଜିଛନ୍ତି। ଜାନୁଆରୀ ହେଉ କି ଡିସେମ୍ବର ବର୍ଷର ସବୁ ସମୟରେ ଜାତିଜାତିକା ପନିପରିବା ଉତ୍ପାଦନ କରନ୍ତି। ଆଜିକାଲିର ଅର୍ଦ୍ଧ ଶିକ୍ଷିତ ଯୁବକ ଚାକିରି ନପାଇ ଅଧିକ ରୋଜଗାର ଆଶାରେ ବାହାର ରାଜ୍ୟରେ ଦାଦନ ଖଟିବାକୁ ଅଧିକ ପସନ୍ଦ କରୁଥିବା ବେଳେ ଦୁଇଭାଇଙ୍କ ନିଆରା ପ୍ରୟାସ ଯୁବ ସମାଜ ପାଇଁ ପ୍ରେରଣାର ଉତ୍ସ ପାଲଟିଛି। ସେପଟେ ପାହାଡିଆ ଅଞ୍ଚଳରେ ଜଳସେଚନର ସେପରି ସୁବିଧା ନଥିଲେ ମଧ୍ୟ ନିଜସ୍ୱ ଉଦ୍ୟମରେ ଜଳ ସେଚନର ସୁବିଧା କରିଛନ୍ତି। ଦୁଇ ଭାଇଙ୍କ ସଫଳ ପନିପରିବା ଚାଷ ଦେଖି ଗ୍ରାମରେ ଅନେକ ବ୍ୟକ୍ତି ଏହି ଚାଷ ପ୍ରତି ଆଗଭର ହେବା ସହ ଭଲ ଦିପଇସା ରୋଜଗାର କରି ପାରୁଥିବା ଦେଖିବାକୁ ମିଳୁଛି।



## କାଠବୋଝେଇ ଗାଡ଼ି ଧକ୍କାରେ ମହିଳା ଗୁରୁତର



ବଡ଼ବିଲ,୨୪।୪(ସମିସ): କାଠ ବୋଝେଇ ଗାଡ଼ି ଧକ୍କାରେ ଜଣେ ମହିଳା ଗୁରୁତର ଆହତ ହୋଇଥିବା ଜଣାପଡିଛି। ଆହତ ମହିଳା ହେଲେ ବଡ଼ବିଲ ଦାମୁ ହଟିଂରେ ରହୁଥିବା ରୂପେଶ ମୁଣ୍ଡାଙ୍କ ସ୍ତ୍ରୀ ରୀନା ମୁଣ୍ଡା (୪୫)। ବଡ଼ବିଲ ଥାନା ଅନ୍ତର୍ଗତ କାଠ ଡିପୁ ନିକଟରେ ଆଜି ଦିନ ପ୍ରାୟ ୧୦ ବେଳେ ଜଙ୍ଗଲରୁ ଜାଳେଣି କାଠ ନେଇ ରୀନା ରାସ୍ତା ପାର ହେଉଥଲେ। ଏହି ସମୟରେ କାଠ ଡିପୁରୁ କାଠ ବୋଝେଇ କରି ଏକ କ୍ୟାମ୍ପର ବିପରୀତ ଦିଗରେ ଦ୍ରୁତଗତିରେ ଆସି ରୀନାଙ୍କୁ ଧକ୍କା ଦେଇଥିଲେ। ଫଳରେ ଗୁରୁତୁର ଆହତ ହୋଇଥିଲେ। ପ୍ରଥମେ ତାଙ୍କୁ ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ତାଙ୍କର ଡାହାଣ ହାତ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବା ବେଳେ ଛାତି ଓ ଅଣ୍ଟାରେ ଗଭୀର ଆଘାତ ଲାଗିଛି। ତେବେ ବଡ଼ବିଲ କଲେଜ ନିକଟ ଟ୍ରକ ପାର୍କିଂ ନିକଟରେ ଥିବା ସୁରକ୍ଷା କର୍ମୀ କ୍ୟାମ୍ପରକୁ ଅଟକେଇବାକୁ ବହୁ ଚେଷ୍ଟା କରିଥିଲେ ସୁଦ୍ଧା ଉକ୍ତ ଗାଡିର ଡ୍ରାଇଭର ଦ୍ରୁତ ଗତିରେ ଗାଡ଼ି ନେଇ ପଳାଇଥିଲେ। ତେବେ ଭାରୀଯାନ ଗୁଡିକ ପାର୍କିଂରେ ଗାଡି ନରଖି ରାସ୍ତା କଡରେ ରଖିବା, ଓଭରଟେକିଂ, ବିପରୀତ ଦିଗରେ ଦ୍ରୁତ ଗତି ପ୍ରତି କୌଣସି ପ୍ରକାର ଲଗାମ ଲଗେଇ ପାରୁ ନ ଥିବାରୁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ପରିଚାଳିତ ହେଉଥିବା ବଡ଼ବିଲ ଟ୍ରାଫିକ କଣ୍ଟ୍ରୋଲ ୟୁନିଟ୍‌ର କାର୍ଯ୍ୟଦକ୍ଷତାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି।

## ହତ୍ୟା ଉଦ୍ୟମ କରି ଫେରାରଥିବା ଅଭିଯୁକ୍ତ ଗିରଫ

**ତୁରୁମୁଙ୍ଗା,୨୪।୪(ସମିସ):** କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ପୁଲିସ ୨୦୨୨ ମସିହାରେ ହତ୍ୟା ଉଦ୍ୟମ କରି ଫେରାରଥିବା ଅଭିଯୁକ୍ତକୁ ବୁଧବାର ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଯୁବକ ଜଣକ ହେଉଛନ୍ତି ପାଟଣା ବ୍ଲକ ଖିରେଇଟାଙ୍ଗିରୀ ଗ୍ରାମର ଯତିନ ନାଏକ (୩୨) ଓରଫ ବାବୁ। ଜିଲ୍ଲା କୋର୍ଟରୁ ୱାରେଣ୍ଟ ଥିବାରୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ତୁରୁମୁଙ୍ଗା ଥାନା ଅଧିକାରୀ ଧର୍ମେନ୍ଦ୍ର ଶାନ୍ତି ସୂଚନା ଦେଇଛନ୍ତି।

## ମା' ଗଡ଼ଚଣ୍ଡୀ ୟୁଥ୍ କ୍ଲବ୍ ପକ୍ଷରୁ ଜଳଛତ୍ର ବଣ୍ଟନ



**ହାଟଡ଼ିହୀ,୨୪।୪(ସମିସ):** ଚଳିତ ବର୍ଷର ଅସହ୍ୟ ଗ୍ରୀଷ୍ମପ୍ରବାହ ଯୋଗୁଁ ପଥଚାରୀଙ୍କ ତୃଷ୍ଣା ମେଣ୍ଟାଇବା ଲକ୍ଷ୍ୟରେ ହାଟଡିହୀ ବ୍ଲକ ଜମ୍ବିରା ପଞ୍ଚାୟତର ମା' ଗଡ଼ଚଣ୍ଡୀ ୟୁଥ୍ କ୍ଲବ୍ ପକ୍ଷରୁ ଜଳଛତ୍ର ବଣ୍ଟନ ଆରମ୍ଭ ହୋଇଛି। ଗଡ଼ଚଣ୍ଡି ପୀଠର ମୁଖ୍ୟ ଫାଟକ ସମ୍ମୁଖରେ ଏହି ଜଳଛତ୍ର ଷ୍ଟଲ୍ ଥିବାବେଳେ ମା'ଙ୍କ ଦର୍ଶନ କରିବାକୁ ଆସୁଥିବା ପର୍ଯ୍ୟଟକଙ୍କ ସହ ପ୍ରତିଦିନ ଉକ୍ତ ରାସ୍ତାରେ ଯା'ଆସ କରୁଥିବା ପଥଚାରୀଙ୍କ ତୃଷ୍ଣା ମେଣ୍ଟାଇବା ନିମନ୍ତେ ଗଡ଼ଚଣ୍ଡି ୟୁଥ୍ କ୍ଲବର ସମସ୍ତମାନଙ୍କ ମଧ୍ୟରେ ଭରତ ଚନ୍ଦ୍ର ମଲ୍ଲିକ(ଛବି), ଅଲେଖ ଚନ୍ଦ୍ର ପାତ୍ର, ଗୋପିନାଥ ଜେନା, ଲିଲୁ ପାତ୍ର, ଚତୁର୍ଭୁଜ ସା, ଗଣେଶ୍ୱର ମଲ୍ଲିକ, ବୈଲୋଚନ ପାତ୍ର, ଶଙ୍କର୍ଷଣ ଜେନା, ମୃତ୍ୟୁଞ୍ଜୟ ଜେନା, ମଦନ ପାତ୍ର, ଟୁକୁନା ଦେହୁରୀ, ବିଜୟ ଜେନା, ତୁଷାର ପାତ୍ର, ଦୀପକ ସାହୁ, ନରୋତ୍ତମ ପାତ୍ର, କୃଷ୍ଣଚନ୍ଦ୍ର ପାତ୍ର, ସଞ୍ଜୟ ଜେନା, ସୁଶାନ୍ତ ଜେନା, ଟୁକୁନା ପାତ୍ର, ଠୁସା ଜେନା, ରଞ୍ଜନ ଜେନା, ମୁକ୍ତିକାନ୍ତ ପାତ୍ର ପ୍ରମୁଖ ନିଜସ୍ୱ ପାଣ୍ଠିରୁ ଅର୍ଥ ସଂଗ୍ରହ କରି ଏହି ଜଳଛତ୍ର ଆରମ୍ଭ କରିଛନ୍ତି। ପ୍ରତିଦିନ ସକାଳ ୭ଟାରୁ ସନ୍ଧ୍ୟା ୭ଟା ଯାଏଁ ଜଳ ବଣ୍ଟନ କାର୍ଯ୍ୟ ଚାଲୁ ରହୁଛି ବୋଲି ଭରତ ମଲ୍ଲିକ କହିଛନ୍ତି। ହାଟଡ଼ିହୀ ବ୍ଲକର ଦେବାଦେବୀଙ୍କ ସ୍ଥଳୀ ମଧ୍ୟରେ ଏହା ପ୍ରଥମ ସ୍ଥାନ ଯେଉଁଠାରେ ସ୍ଥାନୀୟ ୟୁଥ୍ ମାନେ ଜଳଛତ୍ର ଭଳି ଏକ ମହତ୍ କାର୍ଯ୍ୟକୁ ଖୁବ୍ ସୁନ୍ଦର ଭାବେ ଆରମ୍ଭ କରିଛନ୍ତି। ୟୁଥ୍ କ୍ଲବ ସଦସ୍ୟଙ୍କ ଏଭଳି କାର୍ଯ୍ୟ ପାଇଁ ସେମାନଙ୍କୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

## ଗରିବ ସେବା ସଦନ ପକ୍ଷରୁ ଶୁଦ୍ଧିକ୍ରିୟା ସହାୟତା



**ଆନନ୍ଦପୁର,୨୪।୪(ସମିସ):** ବରିପାଳ ଗ୍ରାମର ଦିନ ମଜୁରିଆ ନାଣ୍ଟୁ ପ୍ରାଧନଙ୍କର ମୃତ୍ୟୁରେ ଅସହାୟ ହୋଇପଡିଛନ୍ତି ସ୍ତ୍ରୀ ରଙ୍ଗଲତା ପ୍ରଧାନ ଓ ପୁଅ ବିଶ୍ୱନାଥ ପ୍ରଧାନ। ପରିବାରର ଏକମାତ୍ର ରୋଜଗାର କରୁଥିବା ସ୍ୱାମୀଙ୍କ ମୃତ୍ୟୁରେ ନିଜକୁ ଶୁଦ୍ଧି କରାଇବା ପାଇଁ ସମ୍ବଳ ନଥିବା ଖବର ଗରିବ ସେବା ସଦନର ସଭାପତି ଡ. ଶମ୍ଭୁନାଥ ରାଉତଙ୍କ ପାଖରେ ପହଞ୍ଚିଥିବା ପରେ ଡ. ରାଉତ ଗରିବ ସେବା ସଦନର ନାରଙ୍ଗପୁରର ସଦସ୍ୟ ମାନଙ୍କ ପାଖକୁ ଖବର ପଠାଇଥିଲେ। ନାରଙ୍ଗପୁରର ସଦସ୍ୟ ରଞ୍ଜନ ସାହୁ, ପୁଥୁଲୁ ନାୟକ, ବିଜୟ ସାହୁ ଜୟନ୍ତ ସେଠୀ, ଶରତ ପ୍ରଧାନ, ଅଭିମନ୍ୟୁ ଦେହୁରୀ ପ୍ରମୁଖ ବିଧବା ରଙ୍ଗଲତାଙ୍କ ପାଖରେ ପହଞ୍ଚି ମୃତକ ନାଣ୍ଟୁ ପ୍ରଧାନଙ୍କ ଶୁଦ୍ଧିକ୍ରିୟା ସମାପନ ପାଇଁ କିଛି ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ପ୍ରକାଶ ଥାଉକି ଗରିବ ସେବା ସଦନର ବିଭିନ୍ନ ଅଞ୍ଚଳରେ ଥିବା ସଦସ୍ୟ ସଦସ୍ୟା ମାନଙ୍କ ଦ୍ୱାରା ସହାୟତାର ହାତ ବଢ଼ା ଯାଉଥିବାରୁ ବୁଦ୍ଧିଜୀବୀ ମହଲରେ ପ୍ରଶଂସାର ପାତ୍ର ହୋଇଛନ୍ତି।

## ନୟାକୃଷ୍ଣପୁର ଶିଶୁ ମନ୍ଦିରର ବାର୍ଷିକୋତ୍ସବ



**ଚମ୍ପୁଆ,୨୪।୪(ସମିସ):** ଚମ୍ପୁଆ ବ୍ଲକ ଅଧୀନସ୍ଥ ନୟାକୃଷ୍ଣପୁର ଶିଶୁମନ୍ଦିରର ସପ୍ତଦଶ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟିର ସଭାପତି ଡମ୍ବୁରୁଧର ମହାନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଟିଏସଆରଡିଏସ ନୁଆ ମୁଣ୍ଡିର ମୁଖ୍ୟ ତୁଳସୀଦାସ ଗାଙ୍ଗିର, ସମ୍ମାନିତ ଅତିଥି ଅବସରପ୍ରାପ୍ତ ଅଧ୍ୟାପକ ରମାକାନ୍ତ ପ୍ରଧାନ, ମୁଖ୍ୟବକ୍ତା ରୂପେ ଅବସରପ୍ରାପ୍ତ ଅଧ୍ୟାପକ ଲଳିତ ମୋହନ ମହାନ୍ତ, କମିଟି ସମ୍ପାଦକ ଅଶୋକ ପ୍ରଧାନ, କୋଷାଧ୍ୟକ୍ଷ ମାଧବାନନ୍ଦ ମହାନ୍ତ, ପୂର୍ବତନ ସମ୍ପାଦକ ପନ୍ନଙ୍ଗ ମହାନ୍ତ ଓ ପ୍ରତାପ ମହାନ୍ତ ପ୍ରମୁଖ ଯୋଗଦେଇ ଥିଲେ। ଆଧ୍ୟାତ୍ମିକ ଓ ବୌଦ୍ଧିକ ବିକାଶ ଦିଗରେ ଶିଶୁ ମନ୍ଦିରର ଭୂମିକା ଅନସ୍ୱୀକାର୍ଯ୍ୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଶିଶୁମାନଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଅନୁଷ୍ଠାନର କୁନିକୁନି ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

### ପାଟିରେ ବନ୍ଧୁକ ପୂରାଇ ଭୁଜାଲିରେ ହାଣିଲେ

## ଲୁଟ୍‌ର ପ୍ରତିବାଦ କରିବାରୁ ଭୁସିଦେଲେ ଛୁରି



**ବଡ଼ବିଲ,୨୪।୪(ସମିସ):** କେନ୍ଦୁଝର ଜିଲ୍ଲା ବଡ଼ବିଲ ଥାନା ୮ନଂ ୱାର୍ଡର ଭଞ୍ଜ କଲୋନୀରେ ରହୁଥିବା ଅନୁପ ବିଶ୍ୱକର୍ମା ତିନି ଜଣ ଦୁର୍ବୃତ୍ତଙ୍କ ଆକ୍ରମଣରେ ଗୁରୁତୁର ଆହତ ହୋଇଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ ଅନୁପଙ୍କ ପରିବାର ଲୋକ ଗାଁକୁ ଯାଇଥିବା ବେଳେ ସେ ଏକା ଘରେ ଥିଲେ। ଆଜି ସକାଳ ପ୍ରାୟ ୧୦ରେ ତିନି ଜଣ ଦୁର୍ବୃତ୍ତ ପଛ ପଟ ପାଚେରି ଡେଇଁ ଘର ଭିତରେ ପଶି ପ୍ରଥମେ ଅନୁପଙ୍କୁ ଘରେ ଥିବା ଟଙ୍କା ଦେବାକୁ କହିଥିଲେ। ତେବେ ସେ ପ୍ରତିବାଦ କରିବାରୁ ଜଣେ ଦୁର୍ବୃତ୍ତ ତାଙ୍କ ମୁହଁରେ ବନ୍ଧୁକ ପୂରେଇ ଥିବା ବେଳେ ଅନ୍ୟଜଣେ ତାଙ୍କୁ ଭୁଜାଲିରେ ଆକ୍ରମଣ କରି ପେଟରେ ଚାରି ଥର ଓ ଗୋଡ଼ରେ ଥରେ ହାଣି ପକାଇଥିଲେ। ହେଲେ ସେ ତାଙ୍କ ସହ ଧସ୍ତାଧସ୍ତି କରି ଗୋଟିଏ ଛୁରି ଛଡେଇ ନେଇ ଚିତ୍କାର କରିବା ସହ ଘରୁ ବାହାରକୁ ବାହାରି ଆସିବାରୁ ତିନି ଜଣ ଯାକ ସେଠାରୁ ପଳାଇ ଯାଇଥିଲେ। ଗୁରୁତର ଅନୁପଙ୍କୁ ପ୍ରଥମେ ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଗୁରୁତୁର ହେବାରୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି। ଅନୁପ କର୍ମାକର ସାରଦା ଖଣିରେ କାର୍ଯ୍ୟ କରୁଥିବା ବେଳେ ଏହି ଘଟଣା ଲୁଟ୍ ଉଦ୍ଦେଶ୍ୟରେ ନା ପୂର୍ବ ଶତ୍ରୁତା ପାଇଁ ଘଟିଛି ତାହା ପୁଲିସ ତଦନ୍ତ ପରେ ସ୍ପଷ୍ଟ ହେବ ବୋଲି ସାଧାରଣରେ ଆଲୋଚନା ହେଉଛି। ତେବେ ବଡ଼ବିଲ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆଖପାଖରେ ଲାଗିଥିବା ସିସିଟିଭିକୁ ଯାଞ୍ଚ କରି ସେହି ତିନି ଜଣକୁ ଧରିବାକୁ ଚେଷ୍ଟା ଚଳାଇଥିବା ଜଣାପଡିଛି।

## ସ୍କାଉଟ୍ ପକ୍ଷରୁ ପାନୀୟ ଜଳ ସେବା ଶିବିର




**ଆନନ୍ଦପୁର,୨୪।୪(ସମିସ):** ସ୍ଥାନୀୟ ରେଙ୍କୁଟିଆସ୍ଥିତ କୁଶଳେଶ୍ୱର ଆଞ୍ଚଳିକ ମହାବିଦ୍ୟାଳୟର ସ୍କାଉଟ ବିଭାଗ ତରଫରୁ ଆୟୋଜିତ ବିଶୁଦ୍ଧ ପାନୀୟ ଜଳ ସେବା ଶିବିର ଉଦଯାପିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଭବାନୀ ପ୍ରସାଦ ବଳଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରୋଭର ସ୍କାଉଟ ଲିଡର ଅଧ୍ୟାପକ ବିଜୟ କୁମାର ସାହୁଙ୍କ ନେତୃତ୍ୱରେ ରୋଭର ଓ ରେଞ୍ଜର ସ୍ୱେଚ୍ଛାସେବୀ ମାନେ ରେଙ୍କୁଟିଆ ଛକରେ ପଥଚାରୀମାନଙ୍କୁ ଦହି ସର୍ବତ ସହିତ ବିଶୁଦ୍ଧ ପାନୀୟ ଜଳ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ସୁଧାକର ଜେନା, ସତ୍ୟବ୍ରତ ପତି, ମହେଶ୍ୱର ଜେନା, ମନ୍ମଥ କୁମାର ପୃଷ୍ଟି, ଅମରେନ୍ଦ୍ର ମିଶ୍ର, ଇଲାବତୀ ଖୁଣ୍ଟିଆ, ରାଷ୍ଟ୍ରରଞ୍ଜନ ବାରିକ, ପର୍ଶୁରାମ ପ୍ରଧାନ, ମିତା ପାତ୍ର, ପ୍ରଭାତ ବାରିକ, କ୍ଷେତ୍ରବାସୀ ସୋରେନ, ଦାମୋଦର ମୁଣ୍ଡା, ମଙ୍ଗୁଳି ଚରଣ ସାହୁ, ଅନମୋଲ କୁଲୁ, ହୃଦାନନ୍ଦ ଦାଶ ଆଦି ଉପସ୍ଥିତ ଥିଲେ। ରୋଭର ସତ୍ୟବ୍ରତ ସାହୁ, ଓମପ୍ରକାଶ ରଣା, ଦେବାଶିଷ ପଣ୍ଡା, ଶୁଭମ ଦାଶ, ଦେବୀପ୍ରସାଦ ପରିଡା, ସୌରଭ ସାହୁ, ଗୁରୁଚରଣ ପାତ୍ର, ରେଞ୍ଜର ମିତାଳି ମହାନ୍ତି, ହୀରା ସାମଲ, ଅମ୍ରିତା ଗିରି, ପ୍ରିୟଦର୍ଶିନୀ ପଲେଇ, ତନିଶା ବେହେରା, ଶୁଭସ୍ମିତା ଜେନା ପ୍ରମୁଖ ସହଯୋଗ କରିଥିଲେ।

## କୃଷି ଗବେଷଣା ସହାୟକଙ୍କ ପରଲୋକ

**ଆନନ୍ଦପୁର,୨୪।୪(ସମିସ):** ଆନନ୍ଦପୁର ବ୍ଲକ ଅନ୍ତର୍ଗତ ଶାଳବଣୀ ନିବାସୀ ତଥା ସୁନ୍ଦରଗଡ କୃଷି ଗବେଷଣା କେନ୍ଦ୍ରର ସହକାରୀ ଗବେଷକ ପ୍ରଶାନ୍ତ ନାଥ(୬୨) ଙ୍କର ପରଲୋକ ହୋଇଯାଇଛି। ସେ ଗତ ମଙ୍ଗଳବାର ରାତିରେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାକୁ ନିଆଯାଇଥିଲା। ଚିକିତ୍ସାର କିଛି ସମୟ ପରେ ହୃଦ୍‌ଘାତରେ ତାଙ୍କର ପ୍ରାଣବାୟୁ ଉଡିଯାଇଥିଲା। ପରେ ତାଙ୍କ ପାର୍ଥିବ ଶରୀରକୁ ବାସଭବନକୁ ଅଣାଯିବା ପରେ ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଖବର ପାଇ କୃଷି ବିଭାଗର ସମସ୍ତ ପଦାଧିକାରୀ ଓ କର୍ମଚାରୀମାନେ ଗଭୀର ଦୁଃଖ ପ୍ରକାଶ କରିଥିବା ବେଳେ ତାଙ୍କ ବିୟୋଗରେ ଶାଳବଣୀ ଅଞ୍ଚଳରେ ଦୁଃଖ ପ୍ରକାଶ ପାଇଛି। ଶେଷକୃତ୍ୟରେ ସାନଭାଇ ମୁନୁ ନାଥ ମୁଖାଗ୍ନି ଦେଇଥିଲେ। ଭାଇ ପ୍ରଭାତ ନାଥ, ଅର୍ପିତା ନାଥ, ତୁତୁଲୁ ନାଥ, ବର୍ଷାରାଣୀ ନାଥଙ୍କ ସମେତ ସମସ୍ତ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ।



## ଡହଡହ ଖରାରେ ସିଝୁଛନ୍ତି ଶ୍ରମିକ



**ବଡ଼ବିଲ,୨୪।୪(ସମିସ):** କେନ୍ଦୁଝର ଜିଲ୍ଲା ଯୋଡ଼ା ଖଣି ମଣ୍ଡଳ ଅନ୍ତର୍ଗତ ସେରେଣ୍ଡା ଠାରେ ଥିବା ଓଡିଶା ଖଣି ନିଗମ ପରିସରରେ ଥିବା ଖେଳ ପଡିଆକୁ ଲାଗି ନିର୍ମାଣ ହେଉଥିବା ଜିଓଲୋଜିକାଲ କୋର ସେଡ୍ କାମ ପାଇଁ ନିୟୋଜିତ ୧୫ରୁ ଉର୍ଦ୍ଧ୍ୱ ଶ୍ରମିକ ଦିନ ସାରା ପ୍ରଚଣ୍ଡ ଖରାରେ ବିନା କୌଣସି ସୁରକ୍ଷା ଉପକରଣ ବା ପାନୀୟ ଜଳବ୍ୟବସ୍ଥାରେ କାମ କରୁଥିବା ଦେଖିବାକୁ ମିଳିଛି। ସରକାରଙ୍କ ନିୟମ ଅନୁଯାୟୀ ପ୍ରବଳ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଦିନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ କାମ କରିବା କଥା ନୁହେଁ। ତେବେ ଠିକାଦାରଙ୍କ ଲାଭଖୋର ମାନବୃତ୍ତି ଯୋଗୁ ନିରୀହ ଶ୍ରମିକମାନେ ୩୫ ଡିଗ୍ରୀ ତାତିରେ ଖଟିବାକୁ ବାଧ ହେଉଛନ୍ତି। ଦିଲ୍ଲୀସ୍ଥିତ ରିନା ଇଂଜିନିୟରିଂ ଠିକା ସଂସ୍ଥା ଉପରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହେଉଥିବା ବେଳେ ଦାୟୀତ୍ୱରେ ଥିବା ସିଭିଲ ମୁଖ୍ୟ ଶ୍ରୀଧର ବେହେରାଙ୍କୁ ପଚାରିବାରୁ ସେ ଏ ବିଷୟରେ ଠିକାଦାରଙ୍କୁ ପୂର୍ବରୁ ଚିଠି ମାଧ୍ୟମରେ ସୂଚନା ଦେଇଛନ୍ତି। ଖୁବଶୀଘ୍ର ତାଙ୍କୁ ପୁନର୍ବାର ତାଗିଦ କରାଯିବ ବୋଲି କହିଥିଲେ।

## ବିପଦକୁ ଡାକୁଛି ଶୁଖିଲା ଭଙ୍ଗା ଗଛ

**ତେଲକୋଇ,୨୪।୪(ସମିସ):** ତେଲକୋଇ- ଜଗମୋହନପୁର ପୂର୍ତ୍ତ ବିଭାଗ ରାସ୍ତାରେ ବିପଦ ସଙ୍କୁଳ ଅବସ୍ଥାରେ ଠିଆ ହୋଇଛି ଏକ ବିଶାଳ ଶୁଖିଲା ଗଛ। ଏହି ରାସ୍ତା ଦେଇ ଦୈନିକ ହଜାର ହଜାର ଛୋଟ-ବଡ ଯାନବାହନ ଏବଂ ପଥଚାରୀ ଯା'ଆସ କରୁଛନ୍ତି। କିନ୍ତୁ କୌଣସି ବିଭାଗର ଏଥିପ୍ରତି ଗୁରୁତ୍ୱ ନାହିଁ। ମାସ ମାସ ଧରି ଶୁଖିଲା ଗଛଟି ଠିଆ ହୋଇ ରହିଥିବା ବେଳେ ଠିକ ରାସ୍ତା ମଝିରେ ଏକ ବଡ ଶୁଖିଲା ଡାଳ ଝୁଲୁଛି। ଡାଳଟି ପୁଣି ଗୋଟିଏ ଲତାର ଆଶ୍ରାରେ ଝୁଲି ରହିଛି। କେଉଁ ସମୟରେ ଏହି ଗଛ କାହା ଜୀବନ ନନେବ ବୋଲି କହି ହେବନି। ତେଲକୋଇ-ଜଗମୋହନପୁର ରାସ୍ତାର ଛାମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ସୁବୁଦ୍ଧିସାହି ଠାରେ ଏହି ବିପଦସଙ୍କୁଳ ଗଛଟି ରହିଛି। କୌଣସି ବିଭାଗ ଏଥିପ୍ରତି ଧ୍ୟାନ ଦେଉନଥିବାରୁ ଏହି ରାସ୍ତା ଦେଇ ଗମନା ଗମନ କରୁଥିବା ଲୋକଙ୍କ ଜୀବନ ସବୁବେଳେ ବିପଦ ମଧ୍ୟରେ ରହିଛି। ଯଥାଶୀଘ୍ର ଏହି ଗଛକୁ କଟାଯାଇ ରାସ୍ତାରୁ ହଟେଇବାକୁ ଅଞ୍ଚଳର ଲୋକମାନେ ଦାବି କରିଛନ୍ତି। ତେବେ ତେଲକୋଇ ଅଞ୍ଚଳରେ ଅନ୍ୟ ସ୍ଥାନରେ ମଧ୍ୟ ଏଭଳି ବିପଦସଙ୍କୁଳ ଗଛ ରହିଛି ଯାହାକୁ କାଟିବାକୁ ଦାବି ହେଉଛି।



## ପଥରପଦା ଉପ୍ରା ବିଦ୍ୟାଳୟରେ ପ୍ରବେଶ ଉତ୍ସବ




**ରାମଚନ୍ଦ୍ରପୁର,୨୪।୪(ସମିସ):** କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକ ମଦନପୁର ପଞ୍ଚାୟତ ଅଧିନ ପଥରପଦା ଉପ୍ରା ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ମାଧବୀଲତା ଯେନାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀ ହାତରେ ବିଭିନ୍ନ ସଚେତନତାର ପ୍ଲାକାର୍ଡ ଧରି ଗ୍ରାମ ପରିକ୍ରମା କରି ଜନସାଧାରଣଙ୍କୁ ରାଜ୍ୟ ସରକାରଙ୍କ ୨୦୦୯ ଶିକ୍ଷା ଅଧିକାର ଆଇନ ଅନୁସାରେ ୬ରୁ ୧୪ ବର୍ଷ ପିଲାଙ୍କୁ ମାଗଣାରେ ବାଧ୍ୟତା ମୂଳକ ଶିକ୍ଷା ସହ ଅଧାରୁ ପାଠ ଛାଡିଥିବା ପିଲାମାନଙ୍କୁ ଚିହ୍ନଟ କରି ବିଦ୍ୟାଳୟରେ ପୁନଃ ନାମ ଲେଖାଇବାକୁ ବିଭିନ୍ନ ନାରା ଦେଇଥିଲେ। ଏହି ପ୍ରବେଶ ଉତ୍ସବରେ ନୂତନ ଭାବେ ନାମ ଲେଖାଇଥିବା ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରାଯାଇଥିଲା। ଅତିଥି ଭାବେ ବିଦ୍ୟାଳୟ ଶିକ୍ଷାକମିଟି ସଭାପତି ମନ୍ମଥ ବେହେରା, ଅବସରପ୍ରାପ୍ତ ଶିକ୍ଷକ ରମେଶଚନ୍ଦ୍ର ପେରେଇ ପ୍ରମୁଖ ଯୋଗ ଦେଇ ପ୍ରବେଶ ଉତ୍ସବ ଓ ଏହାର ଉପାଦେୟତା ସଂପର୍କରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସହକାରୀ ଶିକ୍ଷୟିତ୍ରୀ ପ୍ରତିମା ଦାସ ଏବଂ କେତେକ ଅଭିଭାବକ ଉପସ୍ଥିତ ରହି ସହଯୋଗ କରିଥିଲେ।

# ପକ୍ସୋ ଆଇନ ସଚେତନତା କାର୍ଯ୍ୟକ୍ରମ

କେନ୍ଦୁଝର,୨୪।୪(ସମିସ)



କର୍ମକ୍ଷେତ୍ରରେ ମହିଳାମାନେ ଯୌନ ଶୋଷଣର ସୁରକ୍ଷା ଆଇନ ୨୦୧୩ ସମ୍ବନ୍ଧିୟ ଆଇନ ସଚେତନତା କାର୍ଯ୍ୟକ୍ରମ ମିଶନଶକ୍ତି ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲ୍ଲା ଓ ଦୌରାଜଜ୍ ଅଶୋକ କୁମାର ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ପ୍ରାଧିକରଣ ସଚିବ ମାମି ବେହେରା ଯୋଗଦେଇ ପ୍ରାଧିକରଣ ମାଧ୍ୟମରେ ଚାଲୁ ରହିଥିବା ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ଗୁଡିକୁ ବ୍ୟାଖ୍ୟା କରିଥିଲେ। କର୍ମକ୍ଷେତ୍ରରେ ମହିଳାମାନଙ୍କୁ ଯୌନ ଶୋଷଣର ସୁରକ୍ଷା ସମ୍ବନ୍ଧିୟ ପ୍ରଚଳିତ ଆଇନ ୨୦୧୩ର ଆଇନଗତ ଦିଗ ଗୁଡିକୁ ତର୍ଜମା କରିଥିଲେ। ପ୍ରତ୍ୟେକ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟରେ ଯେଉଁଠାରେ ୫ ଜଣରୁ ଅଧିକ ମହିଳା କାର୍ଯ୍ୟ କରୁଥିବେ ସେଠାରେ ଏବଂ ଜିଲ୍ଲାସ୍ତରରେ ଜିଲ୍ଲା ଓ ଅନ୍ତଃ ଅଭିଯୋଗ କମିଟିରେ ସେମାନଙ୍କର ଅଭିଯୋଗ ଦାଖଲ କରିପାରିବେ ଓ ତାହା ସଂପୂର୍ଣ୍ଣ ଗୋପନୀୟ ରହିବ ବୋଲି ଜଣାଇଥିଲେ। ଏଥିସହ ଅଭିଯୋଗକାରିଣୀ ପୀଡିତା କ୍ଷତିପୂରଣ ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇ ପାରିବେ ବୋଲି ସଚିବ ମାମୀ ବେହେରା ମତ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଉପ ଆରକ୍ଷୀ ଅଧିକ୍ଷକ ଗୁରୁବାରୀ ହେମ୍ବ୍ରମ, ବରିଷ୍ଠ ଅଧିବକ୍ତା ପ୍ରତିଭା ମିଶ୍ର, ଅତିରିକ୍ତ ମଙ୍ଗଳ ଅଧିକାରୀ ସାମନ୍ତ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ମୀତା ନାୟକ ଅଭିବ୍ୟକ୍ତ ରଖିଥିବା ବେଳେ ପ୍ରାଧିକରଣ ସଦସ୍ୟ ତଥା ତଦାଶା ସଂପାଦକ ଅକ୍ଷୟ କୁମାର ଚକ୍ର ସ୍ୱାଗତ ଅଭିଭାଷଣ ପ୍ରଦାନ କରି ଶିବିର ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଆପାଉକାଳୀନ ଅଧିକାରୀ ଜେ. କଳ୍ପନା, ଜିଲ୍ଲା ସୁରକ୍ଷା ଅଧିକାରୀ ଗାୟତ୍ରୀ ସାହୁ, ସଦର ବ୍ଲକ ଶିଶୁ ବିକାଶ ଅଧିକାରୀ ସ୍ୱର୍ଣ୍ଣଲତା ବେହେରା, ଘସିପୁରା ବ୍ଲକ ଶିଶୁ ବିକାଶ ଅଧିକାରୀ ବିନୋଦିନୀ ତ୍ରିପାଠୀ, ଜିଲ୍ଲା ପ୍ରକଳ୍ପ ଅଧିକାରୀ ବାସନ୍ତୀ ହେମ୍ବ୍ରମ, ପରିବାର ପରାମର୍ଶ କେନ୍ଦ୍ରର ଜୟଶ୍ରୀ ଦାସ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ କମିଟିର କର୍ମକର୍ତ୍ତା, ଶିକ୍ଷକ, ଶିକ୍ଷୟିତ୍ରୀ ଓ ବେସରକାରୀ କାର୍ଯ୍ୟାଳୟର କର୍ମକର୍ତ୍ତା ଯୋଗଦେଇ ସେମାନଙ୍କର ମନରେ ଥିବା ବିଭିନ୍ନ ସନ୍ଦେହାରକ ଦିଗ ଗୁଡିକୁ ଦୂରୀଭୂତ କରିଥିଲେ।

# ଚମ୍ପୁଆରେ ସନାତନଙ୍କ ବାଇକ୍ ଶୋଭାଯାତ୍ରା

ଚମ୍ପୁଆ,୨୪।୪ (ସମିସ)



କେନ୍ଦୁଝର ଜିଲ୍ଲା ଚମ୍ପୁଆ ବିଧାନସଭା ଆସନ ପାଇଁ ସନାତନ ମହାକୁଡ଼ ବିଜେଡି ପ୍ରାର୍ଥୀ ଘୋଷିତ ପରେ ଆଜି ଅପରାହ୍ନରେ ରିମୁଳି ଠାରୁ ଚମ୍ପୁଆ ପର୍ଯ୍ୟନ୍ତ ଏକ ବିଶାଳ ବାଇକ୍ ଶୋଭାଯାତ୍ରା କରି ତାଙ୍କର ନିର୍ବାଚନ ପ୍ରଚାର ଆରମ୍ଭ କରିଛନ୍ତି। ଏହି ବାଇକ୍ ଶୋଭାଯାତ୍ରାରେ ସେ ନିଜର ଶକ୍ତି ପ୍ରଦର୍ଶନ କରିବା ସହ ଭୋଟରମାନଙ୍କୁ ଭେଟି ସେମାନଙ୍କର ଆଶୀର୍ବାଦ ଭିକ୍ଷା କରିଛନ୍ତି। ଚମ୍ପୁଆ ବିଧାନସଭା କ୍ଷେତ୍ର ଅନ୍ତର୍ଗତ ପର୍ଶଳା, ରିମୁଳି କାଳିକା ପ୍ରସାଦ, ରଜିଆ, ମହେଶ୍ୱରପୁର, ନୂଆଗାଁ ଛକ ଏବଂ ଚମ୍ପୁଆ ଏନ୍‌ଏସିରେ ହଜାର ହଜାର ସମର୍ଥକ ତାଙ୍କୁ ଉଚ୍ଛସିତ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି। ପ୍ରଚାର ଆରମ୍ଭ ପୂର୍ବରୁ ସେ ପୁରୀ ଯାଇ ପ୍ରଭୁ ଶ୍ରୀଜଗନ୍ନାଥ ଏବଂ କେନ୍ଦୁଝର ଜିଲ୍ଲାର ଆରାଧ୍ୟ ଦେବୀ ଘଟଗାଁ ମା' ତାରିଣୀଙ୍କୁ ଦର୍ଶନ କରି ଅଶୀର୍ବାଦ ମାଗିଥିଲେ। ବିଭିନ୍ନ ଛକରେ ହଜାର ହଜାର ବିଜୁ ପ୍ରେମୀ ତାଙ୍କୁ ସ୍ୱାଗତ କରିଥିଲେ। ଚମ୍ପୁଆ ଏନ୍‌ଏସି ଅଧକ୍ଷ ଗିରିଜା ଶଙ୍କର ସାହୁଙ୍କ ନେତୃତ୍ୱରେ ଓ ଅନ୍ୟାନ୍ୟ ଛାମୁଆ ନେତାଙ୍କ ସହଯୋଗରେ ପାଖାପାଖି ୧୦ ହଜାରରୁ ଉର୍ଦ୍ଧ୍ୱ କର୍ମୀ ଏକ ବିଶାଳ ବାଇକ ରାଲିରେ ତାଙ୍କୁ ପାଛୋଟି ନେଇଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ କେନ୍ଦୁଝର ସାଂସଦ ଚନ୍ଦ୍ରାଣୀ ମୁର୍ମୁ, ରମଣୀ ନାଏକ, ଯୋଡ଼ା ମ୍ୟୁନିସିପାଲିଟି ଅଧକ୍ଷ ଡ. ଜଗଦିଶ ପ୍ରସାଦ ସାହୁ, ବିକାଶ ମହାନ୍ତି, ଜିଲ୍ଲା ବିଜେଡି ସଭାପତି କୁଶ ଆପଟ୍ଟ ତଥା ଚମ୍ପୁଆ ବିଜ୍ଞାପିତ ଅଞ୍ଚଳ ପରିଷଦର ସମସ୍ତ ୱାର୍ଡ କାଉନସିଲର ଉପସ୍ଥିତ ଥିଲେ।

## କେନାଲ ପୋଲର ନାହିଁ ସୁରକ୍ଷା ବାଡ଼ା



**ସୋସୋ,୨୪।୪(ସମିସ):** ହାଟଡିହି ବ୍ଲକର ବିଦ୍ୟାଧରପୁର ଜଳସେଚନ ବିଭାଗ ଅଧୀନରେ ଥିବା ବିଦ୍ୟାଧରପୁରଠାରୁ ଆମ୍ରଗଡିଆ କେନାଲ ରାସ୍ତା ଉପରେ ଥିବା ଏକ ପୋଲର ସୁରକ୍ଷା ବାଡ଼ା ନଥିବାରୁ ବିପଦ ସୃଷ୍ଟି କରୁଥିବାବେଳେ ଦୁର୍ଘଟଣା ଆଶଙ୍କା କରାଯାଉଛି। ଉକ୍ତ ରାସ୍ତା ନିର୍ମାଣ ପାଇଁ ବିଭିନ୍ନ ସମୟରେ ଦାବି ହେବା ପରେ ବିଭାଗ ପକ୍ଷରୁ ଉନ୍ନତମାନର ରାସ୍ତା ନିର୍ମାଣ କରାଯାଇଛି। ଯାହାକୁ ନେଇ ବିଭାଗ ପ୍ରଶଂସାର ପ୍ରଶଂସା କରାଯାଉଛି। କିନ୍ତୁ ସେହି ରାସ୍ତାରେ ଥିବା ଏକ ପୋଲର ସୁରକ୍ଷା ବାଡ଼ା ନଥିବାରୁ ବିପଦ ସୃଷ୍ଟିକରିଛି। ବିଭିନ୍ନ ସମୟରେ ଗୋରୁଗାଈ ପଡି ଆହତ ହେଉଛନ୍ତି। ଉକ୍ତ ରାସ୍ତା ଉପରେ ଅଞ୍ଚଳର ଲୋକ ନିର୍ଭର କରୁଥିବାରୁ ଏହି ରାସ୍ତାର ଗୁରୁତ୍ୱ ବୃଦ୍ଧି ପାଇଛି। ତେଣୁ ସୁରକ୍ଷା ବାଡା ନଥିବାରୁ ଦୁର୍ଘଟଣା ଘଟି ଧନ ଜୀବନ ନଷ୍ଟ ହେବାର ଆଶଙ୍କା ରହିଛି। ବିଭାଗୀୟ ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ପୋଲ ପାଶ୍ୱର୍ରେ ସୁରକ୍ଷା ବାଡ଼ା ନିର୍ମାଣ କରିବାକୁ ଦାବି ହେଉଛି।

## ଆନନ୍ଦପୁରରେ ଶ୍ରୀ ସତ୍ୟସାଇଙ୍କ ମହାପ୍ରୟାଣ ଦିବସ ପାଳିତ



**ଆନନ୍ଦପୁର,୨୪।୪(ସମିସ):** ଆନନ୍ଦପୁର ଶ୍ରୀସତ୍ୟସାଇ ସେବା ସଂଗଠନ ପକ୍ଷରୁ ସ୍ଥାନୀୟ ସାଇନୀଳୟମଠାରେ ଶ୍ରୀସତ୍ୟସାଇ ବାବାଙ୍କ ମହାପ୍ରୟାଣ ଦିବସ ଭାବ ଓ ଭକ୍ତିମୟ ପରିବେଶରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ପ୍ରତ୍ୟୁଷରୁ ସଂଗଠନର ଭାଇଭଉଣୀମାନଙ୍କ ଦ୍ୱାରା ନଗର ସଂକୀର୍ତ୍ତନ ଓ ସକାଳ ୮ ଘଟିକା ସମୟରେ ସମିତିର ଆବାହକ ଗୋପରଂଜନ ପାଣିଙ୍କ ଦ୍ୱାରା ଦିବ୍ୟ ପତାକା ଉତୋଳନ କରାଯାଇଥିଲା। ଦିବା ୧୦ ଘଟିକା ସମୟରେ ଷୋଡ଼ଶ ଉପଚାର ପୂଜା ପରେ ନାମାର୍ଚ୍ଚନା କରାଯାଇଥିଲା। ସନ୍ଧ୍ୟାରେ ଶ୍ରଦ୍ଧାଳୁ ଭାଇଭଉଣୀମାନଙ୍କ ଦ୍ୱାରା ଦୀପଦାନ, ବେଦପାଠ ଓ ସମୂହ ଭଜନ ଓ ଆରତି କରାଯାଇ ଶ୍ରୀ ସାଇବାବାଙ୍କ ପାଦପଦ୍ମରେ ଆଜିର ଦିବ୍ୟକର୍ମକୁ ଅର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଡାକ୍ତର ଶିଶିର କୁମାର ଦାଶ, ଡା. ଜଗନ୍ନାଥ ଦାଶ, ଅଧ୍ୟାପକ ପ୍ରମୋଦ ରାଜ, ଅଧ୍ୟାପକ ବିଜୟ କର, ସନାତନ ସାହୁ, ଦୟାନିଧି ନାୟକ ନିତ୍ୟାନନ୍ଦ ସାମଲ, ଦିଲୀପ କୁମାର ଧଳ, ମାନସ ଜେନା, ନୀଳମଣି ସାହୁ, ରଞ୍ଜନ ସାହୁ, ହାଡିବନ୍ଧୁ ସି, ଅସିତ କୁମାର ନାୟକ, ବିଜୟ କୁମାର ମିଶ୍ର, ମନୋରଞ୍ଜନ ସିଂ, ଶତ୍ରୁଘ୍ନ ପତି, ନନ୍ଦ କିଶୋର ପାଲ, ଗୌରାଙ୍ଗ ଚରଣ ପାତ୍ର, ନନ୍ଦ କିଶୋର ଦଳେଇ, ନନ୍ଦକିଶୋର ପାଗଳ, ରାଜେନ୍ଦ୍ର ସାହୁ, ବଙ୍କିମ ଚନ୍ଦ୍ର ପଟ୍ଟନାୟକ, ଚଞ୍ଚଳ କୁମାର ଗାଙ୍ଗୁଲି, ଦେବେନ୍ଦ୍ର କୁମାର ସ୍ୱାଇଁ, ସତ୍ୟ ରଞ୍ଜନ ରାଉତ ପ୍ରମୁଖ ପରିଚାଳନା କରିଥିଲେ।

## ବାଲି ବୋଝେଇ ଟ୍ରାକ୍ଟର ଜବତ

**ରାମଚନ୍ଦ୍ରପୁର,୨୪।୪ (ସମିସ):** ଗତକାଲି ବାତୋ ବୈତରଣୀ ନଦୀ ଗର୍ଭରୁ ବେଆଇନ ଭାବେ ବାଲି ବୋଝେଇ କରି ଆସୁଥିବା ଏକ ଟ୍ରାକ୍ଟରକୁ ସ୍ଥାନୀୟ ପଣ୍ଡୁଆ ଗାଁ ଛକ ନିକଟରୁ କାବୁ କରିଛି ରାମଚନ୍ଦ୍ରପୁର ପୁଲିସ। ଓଡି୦୪କେ ୫୩୫୨ ଗାଡିରେ ୫୩୫୩ ନମ୍ବର ଥିବା ଟ୍ରଲିକୁ ଜବତ କରି ୧୮୩/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି ପୁଲିସ। ସେପଟେ ଗାଡିକୁ ଅଟକାଇ କାଗଜ ପତ୍ର ଯାଞ୍ଚ କରିବା ବେଳେ ଗାଡି ଚାଳକ ଘଟଣାସ୍ଥଳରୁ ଚମ୍ପଟ ମାରିଥିବା ସୂଚନା ମିଳିଛି।

## ପାଟଣା ବିଜେପି ବିଧାୟକ ପ୍ରାର୍ଥୀଙ୍କ ପ୍ରଚାର



**ତୁରୁମୁଙ୍ଗା,୨୪।୪(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ନିର୍ବାଚନ ମଣ୍ଡଳୀ ଟାଙ୍ଗରବନ୍ଧଳା ଗ୍ରାମରେ ବିଜେପିର ବିଜୟ ସଂକଳ୍ପ ସମାବେଶ ଭାବଗ୍ରାହୀ ମହାନ୍ତଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପାଟଣା ନିର୍ବାଚନ ମଣ୍ଡଳୀର ବିଜେପି ବିଧାୟକ ପ୍ରାର୍ଥୀ ଅଖିଳ ଚନ୍ଦ୍ର ନାଏକ ଯୋଗଦେଇ ଆଶୀର୍ବାଦ ନେବା ସହ ଆଗାମୀ ନିର୍ବାଚନ ବୈତରଣୀ ପାର ହେବା ପାଇଁ ଲୋକଙ୍କ ଠାରୁ ଭୋଟ ଭିକ୍ଷା କରିଥିଲେ। ଏହି ଅବସରରେ ଗ୍ରାମର ମହିଳା ତାଙ୍କ ଉପରେ ପୁଷ୍ପ ପକାଇ ସ୍ୱାଗତ କରିବା ସହ ଆଶୀର୍ବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ହେମରଞ୍ଜନ ବାରିକ, ପୂର୍ବତନ ସାଧାରଣ ସମ୍ପାଦକ ସୁବ୍ରତ ମହାନ୍ତି, ବରିଷ୍ଠ ଆଇନଜୀବୀ ବିରଜା ମିଶ୍ର, ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ରାଧାକାନ୍ତ ମହାନ୍ତ, ଆଦିବାସୀ ମୋର୍ଚ୍ଚା ଜିଲ୍ଲା ସଭାପତି କମଳାକାନ୍ତ ସିଂହ, ବିଜେପି ବରିଷ୍ଠ କାର୍ଯ୍ୟକର୍ତ୍ତା କମଳାକାନ୍ତ ଦାଶ, ଭଣ୍ଡା ମଣ୍ଡଳ ସଭାପତି ହେମନ୍ତ ମହାନ୍ତ, ସାଧାରଣ ସମ୍ପାଦକ ସରୋଜ ମହାନ୍ତ, ଉଖୁଣ୍ଡା ମଣ୍ଡଳ ସାଧାରଣ ସମ୍ପାଦକ ପର୍ଶୁରାମ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ। ଉକ୍ତ ସମାବେଶରେ ଭଣ୍ଡା ମଣ୍ଡଳ ଅନ୍ତର୍ଗତ ଭୂଇଁପୁର, ଜଜପଶି, ଜ୍ୟୋତିପୁର, ଷଡ଼ଙ୍ଗୀ, ଜାଲି ପଞ୍ଚାୟତରୁ ହଜାର ହଜାର ଜନସାଧାରଣ ଯୋଗ ଦେଇଥିଲେ।

## ଥାନାରେ ତୁଟିଲା ଆଦିବାସୀ ସେଙ୍ଗେଲ କମିଟି ବିବାଦ



**ଆନନ୍ଦପୁର,୨୪।୪(ସମିସ):** ଆଦିବାସୀ ସେଙ୍ଗେଲ ଅଭିଯାନ କମିଟି ପକ୍ଷରୁ ସୋସୋ ଥାନାରେ ହୋଇଥିବା ଅଭିଯୋଗ ପୁଲିସ ମଧ୍ୟସ୍ଥତାରେ ସମାଧାନ ହୋଇଛି। ସୋସୋ ଥାନା ଅଧିକାରୀ ବିଜୟ କୁମାର ସିଂଙ୍କ ତତ୍ତ୍ୱାବଧାନରେ ଉଭୟ ପକ୍ଷଙ୍କ ମଧ୍ୟରେ ଆପୋଷ ସମାଧାନ ଓ ମିଳାମିଶା କରାଯାଇଥିଲା। ଉଭୟ ପକ୍ଷଙ୍କ ମଧ୍ୟରେ ପୂର୍ବ ସମ୍ପର୍କ ବଜାୟ ରଖିବା ସହିତ ସମାଜିକ ରୀତିନୀତିରେ ଜୀବନଯାପନ କରିବେ ବୋଲି ନିଷ୍ପତି ନେଇଥିଲେ। ଏହି ବୈଠକରେ ଉଭୟପକ୍ଷଙ୍କ ମଧ୍ୟରୁ ଓଡିଶା ପ୍ରଦେଶ ସେଙ୍ଗେଲ ପାର୍ଗାନା ନାରଣ ମୁର୍ମୁ, କାଲୁରାମ ମୁର୍ମୁ, ମାଲହ ମାରାଣ୍ଡି, ଜିତେନ୍ଦ୍ରନାଥ ହେମ୍ବ୍ରମ, ପିଥ ମାଝୀ, ମେଘରାୟ ସୋରେନ, ବିଜୟ ହାଁସଦା, ଗୋବିନ୍ଦ ମାଝି ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, କେତେକ ବ୍ୟକ୍ତି ୟୁଟ୍ୟୁବ୍ ଚ୍ୟାନେଲ ମାଧ୍ୟମରେ ସେଙ୍ଗେଲ ଅଭିଯାନର କାର୍ଯ୍ୟକ୍ରମକୁ ବଦନାମ କରୁଥିବାରୁ ଏହାକୁ ନେଇ କର୍ମକର୍ତ୍ତାମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସୋସୋ ଥାନାରେ ଏତଲା ଦିଆଯାଇଥିଲା। ଗତ ୧୪ ତାରିଖ ଅପରାହ୍ନରେ ହାଟଡିହି ବ୍ଲକ ଢେଙ୍କା ପଞ୍ଚାୟତର ପୁରୁଣାପାଣି ଗ୍ରାମରେ ଆଦିବାସୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ସେଙ୍ଗେଲ ଅଭିଯାନର ଏକ ବୈଠକ ଚାଲିଥିବା ସମୟରେ ଜଣେ ଯୁବକ ଅଭିଯାନର କର୍ମକର୍ତା ଦୁଃଖୀରାମ ସୋରେନଙ୍କ ମୋବାଇଲ ଭାଙ୍ଗି ଦେଇଥିଲେ। ଏହି ଘଟଣାର ସମାଧାନ ହୋଇଥିଲା। ଏହାକୁ ଅତିରଞ୍ଜିତ କରି ଦୁଇଜଣ ଯୁବକ ୟୁଟ୍ୟୁବ୍ ଚ୍ୟାନେଲରେ ଖବର ପ୍ରସାରଣ କରି ସେଙ୍ଗେଲ ଅଭିଯାନକୁ ବଦନାମ କରିବାକୁ ଉଦ୍ୟମ କରିବା ଘଟଣାରୁ ବିବାଦ ସୂତ୍ରପାତ ହୋଇଥିଲା। ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଓଡିଶା ପ୍ରଦେଶ କମିଟିର କର୍ମକର୍ତ୍ତାମାନେ ଅଭିଯୋଗ କରିଥିଲେ।

## ମୟୂରଭଞ୍ଜ ଜିଲ୍ଲାପାଳଙ୍କ ଉଦଳା ଗସ୍ତ

### ପରିଦର୍ଶନ କଲେ ରବର ଉଦ୍ୟାନ



**ଉଦଳା,୨୪।୪(ସମିସ):** ମୟୂରଭଞ୍ଜ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ ଉଦଳା ଗସ୍ତରେ ଆସି ଆଇଟିଡିଏ ଅଧୀନରେ ଥିବା ଖୁଣ୍ଟା ବ୍ଲକ୍ ଅନ୍ତର୍ଗତ କେନ୍ଦୁଗଡ଼ି ଗ୍ରାମରେ ପହଞ୍ଚି କ୍ଷେତ୍ର ପରିଦର୍ଶନ କରିଥିଲେ। ଆଇଟିଡିଏ ସହାୟତାରେ ପ୍ରତିଷ୍ଠା କରାଯାଇଥିବା ରବର କ୍ଷୀର ପ୍ରକ୍ରିୟାକରଣ କେନ୍ଦ୍ର, ରବର ବ୍ୟାଣ୍ଡ ୟୁନିଟ୍ ଓ ରବର ଉଦ୍ୟାନ ପରିଦର୍ଶନ କରିଥିଲେ। ପରେ ହିତାଧିକାରୀ ଏବଂ ସୋସାଇଟି କର୍ମକର୍ତ୍ତାଙ୍କ ସହିତ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ସୋସାଇଟିର ବାର୍ଷିକ ଆୟ ୬୦ ଲକ୍ଷରୁ ୭୦ ଲକ୍ଷ ପର୍ଯ୍ୟନ୍ତ ହେଉଥିବା ଜାଣି ଜିଲ୍ଲାପାଳ ଖୁସି ବ୍ୟକ୍ତ କରିଥିଲେ। ଆଗାମୀ ଦିନରେ ରବରରୁ କିପରି ଅନ୍ୟାନ୍ୟ ଉତ୍ପାଦ ପ୍ରସ୍ତୁତ ହୋଇପାରିବ ସେ ନେଇ ଗୁରୁତ୍ୱ ଦେଇଥିଲେ। ପରେ ନୂଆଗାଁ ଗ୍ରାମ ଗସ୍ତକରି ଜନଜାତି ଜୀବିକା ମିଶନ କାର୍ଯ୍ୟକ୍ରମ ମାଧ୍ୟମରେ ଚାଷ ହୋଇଥିବା ଚିନାବାଦାମ ଓ ଅନ୍ୟାନ୍ୟ ପନିପରିବା କ୍ଷେତ ବୁଲି ଦେଖିବା ସହିତ ଚାଷୀଙ୍କ ସହିତ ଭାବବିନିମୟ କରିଥିଲେ। ଆଲୋଚନା ସମୟରେ ଜଳସେଚନ ଓ କୃଷିର ବିକାଶକୁ ଗୁରୁତ୍ୱ ଦେଇଥିଲେ। ପରେ ଉଦଳା ବ୍ଲକର ଶାଳଖୁଣ୍ଟା, ଏସ୍‌ଏସ୍‌ଡି ଉଚ୍ଚବିଦ୍ୟାଳୟ ପରିଦର୍ଶନରେ ଯାଇ ଆଇଟିଡିଏ ଦ୍ୱାରା ନିର୍ମିତ ପରିଚିତି ସଂଗ୍ରହାଳୟ ବୁଲି ଦେଖିଥିଲେ। ଶେଷରେ ସେ ଜିଲ୍ଲାରେ ଭୋଟ ହାର ବୃଦ୍ଧି ପାଇଁ ଉଦଳା ବ୍ଲକ୍ ପରିସରରେ ହୋଇଥିବା ବାଲୁକା ଚିତ୍ର ଏବଂ ଅନ୍ୟାନ୍ୟ ଆୟୋଜନ ଦେଖି ଖୁସି ବ୍ୟକ୍ତ କରିଥିଲେ। ତାଙ୍କ ସହିତ କପ୍ତିପଦା ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ, ପ୍ରକଳ୍ପ ପ୍ରଶାସକ ଆଇଟିଡିଏ ଉଦଳା ନରେନ୍ଦ୍ର ଖମାରୀ, ପ୍ରକଳ୍ପ ପ୍ରଶାସକ ଆଇଟିଡିଏ, ବାରିପଦା ପ୍ରଣୟ କୁମାର ବେହେରା, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଉଦଳା ତୃପ୍ତି ବରାଇ ତଥା ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ଆନନ୍ଦପୁର ବଡ଼ଦାଣ୍ଡରେ ସତ୍ୟନାରାୟଣ ବାଦିପାଲା ଆରମ୍ଭ



**ଆନନ୍ଦପୁର,୨୪।୪ (ସମିସ):** ଆଜିଠାରୁ ୨୮ ତାରିଖ ପର୍ଯ୍ୟନ୍ତ ଆନନ୍ଦପୁର ବଡ଼ଦାଣ୍ଡରେ ଉପଖଣ୍ଡର ସର୍ବପୁରାତନ ସତ୍ୟନାରାୟଣ ବାଦି ପାଲା ଆରମ୍ଭ ହୋଇଛି। ଦଧିବାମନଜୀୟୁଙ୍କ ମନ୍ଦିର ସମ୍ମୁଖରେ ଆରମ୍ଭ ହୋଇଥିବା ପାଲା ମହୋତ୍ସବର ପ୍ରଥମ ରାତିର ପ୍ରଥମ ଭାଗରେ ଗାୟକରତ୍ନ ଆଦିତ୍ୟ ସ୍ୱାଇଁ ପାଲା ପରିବେଷଣ କରିଥିବା ବେଳେ ଦ୍ୱିତୀୟାର୍ଦ୍ଧ ଭାଗରେ ଗାୟକ ସୁର୍ଜେଶ୍ୱର ମାର୍ଥା ପାଲା ପରିବେଷଣ କରିଥିଲେ। ଅଧୁନା ପାଲା ସାଂସ୍କୃତି ଲୋପ ପାଇବାକୁ ବସିଥିବା ବେଳବ ଆନନ୍ଦପୁରର କିଛି ଉତ୍ସାହୀ ଯୁବ ଗୋଷ୍ଠୀଙ୍କ ପ୍ରଚେଷ୍ଟାରେ ଆନନ୍ଦପୁରର ସର୍ବପୁରାତନ ପାଲା ସଂସ୍କୃତିକୁ ବଞ୍ଚାଇ ରଖାଯାଇଛି। ଆଜିର ଏହି ପ୍ରଥମ ରାତିର ପାଲା କାର୍ଯ୍ୟକ୍ରମକୁ ବିଶ୍ୱହିନ୍ଦୁ ପରିଷଦର ସଭାପତି ଚିତ୍ତରଞ୍ଜନ ଦାଶ, ଯୁବ ବିଜେଡି ନେତା ବିଶ୍ୱନାଥ ପ୍ରତାପ ଯେନା ଏବଂ ବରିଷ୍ଠ ସ୍ତମ୍ଭକାର ରମାକାନ୍ତ ନାୟକ, ଗଗନ ସିଂହ, ମୁରଲୀ ଧର ମିଶ୍ର ଯୋଗ ଦେଇ ଅନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ପାଲା କମିଟି ସଭାପତି ଅନନ୍ତ ଚରଣ ସା, ଅସ୍ଥାୟୀ କାର୍ଯ୍ୟକାରୀ ସଭାପତି ଶାନ୍ତନୁ ମିଶ୍ର, ବରିଷ୍ଠ ସଦସ୍ୟ ବାବୁନା ପଟ୍ଟନାୟକ, ଆଇନଜୀବୀ ସୁଦାମ ମଙ୍ଗଳ,ମଦନ ପାଣି, ଜ୍ୟୋତିରଞ୍ଜନ ଯେନା, ଗୋପୋ ରଞ୍ଜନ ପାଣି, ଇଂ. କିରନ ପାଢ଼ୀ, ଧୋବା ରଣା, କୃଷ୍ଣ ସାହୁ ଏବଂ ମୁନା ସେଠୀ ପ୍ରମୁଖ ସହଯୋଗ କରିଥିଲେ।

## ଗ୍ରୀଷ୍ମପ୍ରବାହକୁ ଦେଖି ପ୍ରଚାର ସମୟ ବଦଳିଲା



**ରାମଚନ୍ଦ୍ରପୁର,୨୪।୪(ସମିସ):** ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଆଖି ଆଗରେ ରଖି ପ୍ରଚାରର ତରିକା ବଦଳିଛି। ସେହି କ୍ରମରେ ଘସିପୁରା ବିଜେଡି ବିଧାୟକ ପ୍ରାର୍ଥୀ ବଦ୍ରିନାରାୟଣ ପାତ୍ର ଆଜି ସନ୍ଧ୍ୟାରେ ବେଲସୁନ୍ଦରୀ ଗ୍ରାମରେ ପହଞ୍ଚି ନିର୍ବାଚନୀ ପ୍ରଚାର ଆରମ୍ଭ କରିଛନ୍ତି। ଗାଁର ମୁରବୀ ଦିଗମ୍ବର ସାହୁଙ୍କ ସଭାପତିତ୍ୱରେ ଶତାଧିକ ଗ୍ରାମବାସୀ ହନୁମାନ ପଡ଼ିଆରେ ଏକତ୍ରିତ ହୋଇ ବିଧାୟକ ପ୍ରାର୍ଥୀ ବଦ୍ରି ପାତ୍ରଙ୍କୁ ସ୍ୱାଗତ କରିଥିଲେ। ଏହି ବୈଠକରେ ଗାଁ ମୁରବୀ ବଳରାମ ସ୍ୱାଇଁ, ଘନଶ୍ୟମ ସାହୁ, ଦୁର୍ଯୋଧନ ସାହୁ, ରଘୁନାଥ ସାହୁ, ଶିଶିର ସ୍ୱାଇଁ, ଅରୁଣ ସାହୁ, ଗାଁ କମିଟି ସମ୍ପାଦକ ନିରଞ୍ଜନ ମଲ୍ଲିକ, ଚଗୁଲ ଓଝା, ପ୍ରଫୁଲ୍ଲ ପରିଡା, ବିଶ୍ୱଜିତ କର, ପୂର୍ଣ୍ଣଚନ୍ଦ୍ର ସାହୁ, ବାପି ଓଝା, ଲମ୍ବୋଦର ମଲ୍ଲିକ, ଦିଲ୍ଲିପ ସ୍ୱାଇଁ, ନିତ୍ୟାନନ୍ଦ ନାୟକ, ପ୍ରଭାତ କୁମାର ବରାଳ, ସୁଶାନ୍ତ ରାଉତ, ରବିନ୍ଦ୍ର ସ୍ୱାଇଁ, ସୁବ୍ରତ ବରାଳ, ପ୍ରଭାତ ସାମଲ ସମେତ ଅଳତି ପଞ୍ଚାୟତର ଅନେକ ବରିଷ୍ଠ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।

### ପ୍ରଧାନମନ୍ତ୍ରୀ ଆବାସ ନିର୍ମାଣ

## ପଛରେ ପଡିଛି ଗୋପବନ୍ଧୁ ନଗର

**କୁଆମରା,୨୪।୪(ସମିସ):** ବାସହୀନ ଓ ଗରିବ ତାଲିକାଭୁକ୍ତ ପରିବାରକୁ ପ୍ରଧାନମନ୍ତ୍ରୀ ଆବାସ ଗୃହ ଯୋଗାଇ ଦେବା ପାଇଁ ସରକାରଙ୍କ ପକ୍ଷରୁ ଯୋଜନା ପ୍ରଣୟନ ହୋଇଛି। ଏହି କ୍ରମରେ ୨୦୨୨-୨୩ ଜୁଲାଇ ମାସରେ ଗୋପବନ୍ଧୁ ନଗର ବ୍ଲକର ପ୍ରଧାନମନ୍ତ୍ରୀ ଆବାସ ନିର୍ମାଣ ପାଇଁ ୩୫୨୧ ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇ ଘର ବଣ୍ଟନ କରାଯାଇଥିଲା। ପ୍ରତି ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ଏଥିପାଇଁ ପ୍ରଥମ କିସ୍ତିରେ ୪୦ ହଜାର ଟଙ୍କା ଜମା କରାଯାଇଥିଲା। ତେବେ ହିତାଧିକାରୀମାନେ ସରକାରୀ ନିୟମ ଅନୁଯାୟୀ ୪ ମାସ ମଧ୍ୟରେ କାର୍ଯ୍ୟ ସଂପୂର୍ଣ୍ଣ କରିଦେଲେ ଅଧିକ ୨୦ ହଜାର ଓ ୬ ମାସ ମଧ୍ୟରେ କାର୍ଯ୍ୟ ସାରିଲେ ୧୦ ହଜାର ଟଙ୍କା ଅର୍ଥ ରାଶି ପ୍ରଦାନ କରାଯିବ ବୋଲି ସୂଚନା ରହିଥିଲା; ମାତ୍ର ଗୋପବନ୍ଧୁ ନଗର ବ୍ଲକର ଚିହ୍ନଟ ହିତାଧିକାରୀ ଆବାସ ଗୃହ ନିର୍ମାଣ ଦିଗରେ ଅବହେଳା କରାଯିବା ସହିତ ପଛରେ ପଡିଥିବାରୁ ବ୍ଲକ ପ୍ରଶାସନକୁ ଚିନ୍ତାରେ ପକାଇଛି। ତେବେ ବିବରଣୀରୁ ଜଣାପଡ଼ିଛି ଯେ ଆଜି ପର୍ଯ୍ୟନ୍ତ ମାତ୍ର ୮୫୦ ହିତାଧିକାରୀଙ୍କ ଗୃହ ସଂପୂର୍ଣ୍ଣ ହୋଇଛି। ଯାହା ମୋଟ ଆବାସ ଗୃହ ବଣ୍ଟନର ମାତ୍ର ୨୫ ପ୍ରତିଶତ। ଅବଶିଷ୍ଟ ୭୫ ପ୍ରତିଶତ ଗୃହ ଅଧାଗଢା ଓ କେତେକ ସ୍ଥାନରେ ନିଅଁ ତାଡି ପକାଇ ରଖିଥିବା ମଧ୍ୟ ଦେଖିବାକୁ ମିଳୁଛି। ତେବେ ବିଡିଓ ଏ ନେଇ ବାରମ୍ବାର ହିତାଧିକାରୀଙ୍କୁ ତାଗିଦ କରୁଥିଲେ ମଧ୍ୟ ଏ ଦିଗରେ ହିତାଧିକାରୀ ସଚେତନ ନ ଥିବା ଜଣାପଡୁଛି। ଟଙ୍କା ଆକାଉଣ୍ଟରେ ଲାଗିବା ପରେ ହିତାଧିକାରୀ ଟଙ୍କା ଉଠାଇ ନେଇ ଅନ୍ୟ ଖର୍ଚ୍ଚରେ ଲଗାଇ ଦେଇଥିବା ବିଶେଷ ସୂତ୍ରରୁ ଜାଣିବାକୁ ମିଳୁଛି। ତେବେ ରାଜ୍ୟରେ ଗୋପବନ୍ଧୁ ନଗର ବ୍ଲକ ପଛରେ ରହିଛି। ସେହିପରି ଜିଲ୍ଲାର ୨୬ ବ୍ଲକ ତାଲିକାରେ ମଧ୍ୟ ୪ ନମ୍ବର କ୍ରମରେ ରହିଛି। ଏ ନେଇ ବିଡିଓଙ୍କୁ ପଚାରିବାରୁ ହିତାଧିକାରୀଙ୍କୁ ଖୁବ୍ ଶୀଘ୍ର ଘର କାମ ଶେଷ କରିବାକୁ ଅନୁରୋଧ କରାଯାଉଥିବା କହିଛନ୍ତି।

### ପାଞ୍ଚ ପଞ୍ଚାୟତବାସୀ ହେଉଛନ୍ତି ହୀନସ୍ତା

# ରାସ୍ତା ପାଇଁ ଦୁର୍ଦ୍ଦଶା ଭୋଗୁଛନ୍ତି ଲୋକେ

ବେଲବାହାଲି,୨୪।୪(ସମିସ)



ଆନନ୍ଦପୁର ବ୍ଲକ ଅନ୍ତର୍ଗତ ଏନ୍‌ଏଚ୍ ୨୦ନଂ ଜାତୀୟ ରାଜପଥ ସିଆପଡା ଛକ ଠାରୁ ଜଳସୁଆଁ ନୟାଗଡ଼ କୁସେଇ ନଦୀ ବନ୍ଧ ରାସ୍ତା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଆନନ୍ଦପୁର ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥବା ଏହି ରାସ୍ତା ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ ସତ୍ତ୍ୱେ ମରାମତି ହେଉନାହିଁ। ଏବେ ଏହି ରାସ୍ତା ମରଣଯନ୍ତା ପାଲଟିଥିବା ବେଳେ ପ୍ରତ୍ୟେକ ଦିନ ଦୁର୍ଘଟଣା ଘଟୁଥିବା ଅଭିଯୋଗ ହେଉଛି। କେଉଁଠି ରାସ୍ତାର ପିଚୁ ଉଠିଯାଇଛି ତ କିଛି ସ୍ଥାନରେ ମେଣ୍ଟାଲ ଗୋଟି ଗୋଟି ହୋଇପଡିଛି। ବଡ଼ ବଡ଼ ଖାଲ ହେବାରୁ ଅସରାଏ ବର୍ଷାରେ ପାଣି ଆଣ୍ଠୁଏ ଲେଖାଏଁ ଜମି ରହୁଛି। ଯାହା ଫଳରେ ଲୋକଙ୍କ ଯାତାୟତରେ ବାଧା ସୃଷ୍ଟି ହେଉଛି। ନଦୀ କୂଳେ କୂଳେ ଯାଇଥିବା ଏହି କଂକ୍ରିଟ ଓ ପିଚୁରାସ୍ତା ଗତ ଦୁଇ ବର୍ଷରୁ ଉର୍ଦ୍ଧ୍ୱ ହେବ ଫାଟି ନଷ୍ଟ ହୋଇଯାଇଛି। ଏହି ସମସ୍ୟା ବିଷୟରେ ଜଳସୁଆଁ ସରପଞ୍ଚ ପ୍ରଶାନ୍ତି ମାଝୀ ଓ ବେଲବାହାଲି ସରପଞ୍ଚ ଦୀପ୍ତି ସାହୁ ପୂର୍ବରୁ ଥିବା ଉପଜିଲ୍ଲାପାଳ ଚିତ୍ତରଞ୍ଜନ ମହାନ୍ତିଙ୍କୁ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନାହିଁ। ଫଳରେ ଲୋକେ ନାହିଁ ନଥିବା ସମସ୍ୟାରେ ଘାଣ୍ଟି ଚକଟି ହେଉଛନ୍ତି। ଏହି ରାସ୍ତା ଦେଇ ସିଆପଡ଼ା, ଜଳସୁଆଁ, ନୟାଗଡ଼, ପରମାନନ୍ଦପୁର, ବାତୋ, ଅଞ୍ଜିରା, ମଧୁକେଶରି, ଅତା, ସାଳଦେଇ ସମେତ ଆହୁରି ୧୦ଟି ଗ୍ରାମରୁ ପ୍ରାୟ ଦଶ ହଜାରରୁ ଊର୍ଦ୍ଧ୍ୱ ଲୋକେ ଯାତାୟାତ କରୁଛନ୍ତି।ଆଗକୁ ବର୍ଷାଋତୁ ଆସୁଛି ସାଧାରଣ ଲୋକେ କୌଣସି ଅସୁବିଧାର ସମ୍ମୁଖିନ ନହେବା ପୂର୍ବରୁ ରାସ୍ତା ମରାମତି ପାଇଁ ସରପଞ୍ଚ ଦୀପ୍ତି ସାହୁ, ପ୍ରଶାନ୍ତି ମାଝୀଙ୍କ ସମେତ ଅଞ୍ଚଳ ବାସୀ ଦାବି କରିଛନ୍ତି। ଏ ବିଷୟରେ ଆନନ୍ଦପୁର ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଶରତ କୁମାର ରାଉତଙ୍କୁ ପଚାରିବାରୁ ସେ କହିଛନ୍ତି ଠିକାଦାର ସଞ୍ଜୟ ମିଶ୍ରଙ୍କୁ କହିଛନ୍ତି ତିନି ଦିନ ମଧ୍ୟରେ ରାସ୍ତା ମରାମତି କାର୍ଯ୍ୟ ଆରମ୍ଭ କରିବେ।

## ଆନନ୍ଦପୁର ମହାବିଦ୍ୟାଳୟ ବାଣିଜ୍ୟ ବିଭାଗରେ ସମ୍ବର୍ଦ୍ଧନା



**ଆନନ୍ଦପୁର,୨୪।୪(ସମିସ):** ଆନନ୍ଦପୁର ମହାବିଦ୍ୟାଳୟ ବାଣିଜ୍ୟ ବିଭାଗର ଶେଷ ବର୍ଷ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ମହାବିଦ୍ୟାଳୟର ନୂତନ ସମ୍ମିଳନୀ କକ୍ଷରେ ଏକ ବିଦାୟୀକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ଡ. ନାରାୟଣ ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସଭାରେ ବାଣିଜ୍ୟ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ନାରାୟଣ ଦାଶ ସଭାପତିତ୍ୱ କରିଥିଲେ। ଏହି ସଭାରେ ସମ୍ମାନୀତ ଅତିଥି ଭାବେ ପ୍ରାଧ୍ୟାପକ ଶିବଚରଣ ବେହେରା, ଡ. ଶକ୍ତିପ୍ରସାଦ ମହାପାତ୍ର, ମାୟାଧର ନାୟକ, ପ୍ରିୟସାରଥି ମହାପାତ୍ର, ହେମା ଗୁପ୍ତା ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଅଧ୍ୟାପିକା ପୁଷ୍ପଲତା ରାମ ସଂଗୀତ ମାଧ୍ୟମରେ ଛାତ୍ରଛାତ୍ରୀଙ୍କର ଉଜ୍ଜ୍ୱଳ ଭବିଷ୍ୟତ ଓ ଭଲ ମଣିଷ ହେବା ପାଇଁ ଉତ୍ସାହିତ କରିଥିଲେ। ଶେଷରେ ଝରଣା ଓଝା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉପଲକ୍ଷେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଅଧ୍ୟାପିକା ସୁଲୋଚନା ସାହୁ, ଅଧ୍ୟାପକ ପ୍ରଫୁଲ କୁମାର ପଣ୍ଡା ଉପସ୍ଥିତ ଥିବା ବେଳେ ମୁରଲୀ ମନୋହର ଧୀର, ଓମପ୍ରକାଶ ସାହୁ, ସୁପ୍ରିୟା ରଣା, ମଧୁସ୍ମିତା ଭୂୟାଁ, ଜ୍ଞାନ ହାତୀ, ସୁବ୍ରତ ଖୁନ୍ଟିଆ, ସୌମ୍ୟରଞ୍ଜନ ମଲିକ, ବର୍ଷାରାଣୀ ସିଂ, ହିମାଂଶୁ ଦାସ, ହିମାଂଶୁ ଦାଶ, ରାଜେଶ୍ ଯେନା, ପ୍ରଭାତ ସାହୁ, ଅମିତ କୁମାର ଜେନା, ଆଶୀଷ ପାଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଇରାନୀ ରାଷ୍ଟ୍ରପତିଙ୍କ ପାକିସ୍ତାନ ଗସ୍ତକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନ

# ଆତଙ୍କବାଦ ବିରୋଧରେ ଲଢ଼େଇ କରିବେ ଇରାନ, ପାକିସ୍ତାନ !



ବର୍ଷେ କି ପାଞ୍ଚ ବର୍ଷ ନୁହେଁ; ମାତ୍ର ଦୁଇ ମାସ ତଳେ ଆତଙ୍କବାଦୀ ଆକ୍ରମଣକୁ ନେଇ ମୁହାଁମୁହିଁ ହୋଇଥିଲେ ଇରାନ ଏବଂ ପାକିସ୍ତାନ। ବେଲୁଚିସ୍ତାନ ସୀମାରେ ଉଭୟ ପକ୍ଷଙ୍କ ମଧ୍ୟରେ ଯୁଦ୍ଧ ପ୍ରାୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ଇରାନ ପାକିସ୍ତାନର ବହୁ ଆତଙ୍କବାଦୀ ଠିକଣାରେ ରକେଟ ଏବଂ ବୋମା ମାଡ଼ କରିବା ପରେ ପାକିସ୍ତାନ ମଧ୍ୟ ଇରାନର ବହୁ ଠିକଣାରେ ଆକାଶମାର୍ଗରୁ ଆକ୍ରମଣ କରିଥିଲା। ଏହି ଘଟଣାରେ ଉଭୟ ପକ୍ଷର ବହୁ ଲୋକ ମୃତାହତ ହୋଇଥିଲେ। ଦୁଇ ମୁସଲମାନ ଏବଂ ପଡ଼ୋଶୀ ରାଷ୍ଟ୍ରଙ୍କ ମଧ୍ୟରେ ଏଭଳି ସ୍ଥିତିକୁ ନେଇ ପଶ୍ଚିମ ଏସିଆ ଭୂ-ରାଜନୀତି ଚର୍ଚ୍ଚିତ ହେବାରେ ଲାଗିଥିଲା। କିନ୍ତୁ ଏହି ଘଟଣାକୁ ଦୁଇ ମାସ ନ ପୂରୁଣୁ ଇରାନ ରାଷ୍ଟ୍ରପତି ଇବ୍ରାହିମ ରାଇସି ତିନି ଦିନିଆ ଗସ୍ତରେ ପାକିସ୍ତାନ ଆସିବା ରାଜନୀତିକ ବିଶାରଦମାନେ ହଜମ କରିପାରିନାହାନ୍ତି।ସବୁଠୁ ବଡ଼ କଥା ଇରାନ ଏବଂ ଇସ୍ରାଏଲ ମଧ୍ୟରେ ତୀବ୍ର ବିବାଦ ସହ ଯୁଦ୍ଧ ପ୍ରାୟ ପରିସ୍ଥିତି ସୃଷ୍ଟି ହୋଇଥିଲା ବେଳେ ଏବେ ମଧ୍ୟ ପରିସ୍ଥିତି ଶାନ୍ତ ପଡ଼ି ନାହିଁ। ତା' ଭିତରେ ଅଚାନକ ଭାବେ ରାଇସି ପାକିସ୍ତାନ ଗସ୍ତ କରିବାର ଅଭିପ୍ରାୟ କ'ଣ ରହିଛି ତାହାକୁ ନେଇ ଏବେ ସବୁ ମହଲରେ ଆଲୋଚନା ଜୋର ଧରିଛି। ରାଷ୍ଟ୍ରପତି ରାଇସିଙ୍କ ସହ ଇରାନ ବୈଦେଶିକ ମନ୍ତ୍ରୀ, ବାଣିଜ୍ୟ ମନ୍ତ୍ରୀ ଏବଂ ବ୍ୟାବସାୟିକ ଜଗତର ଏକ ଉଚ୍ଚ ପ୍ରତିନିଧି ଦଳ ମଧ୍ୟ ପାକିସ୍ତାନ ଆସିଛନ୍ତି। ଇରାନ ଏବଂ ପାକିସ୍ତାନ ମଧ୍ୟରେ ବ୍ୟବସାୟ, ବାଣିଜ୍ୟ ସମ୍ପର୍କ ବୃଦ୍ଧି କରିବା ଉଦ୍ଦେଶ୍ୟରେ ରାଷ୍ଟ୍ରପତି ରାଇସି ନିଜ ଦଳବଳ ସହ ପାକିସ୍ତାନ ଆସିଛନ୍ତି ବୋଲି ପାକିସ୍ତାନୀ ଗଣମାଧ୍ୟମରେ ଚର୍ଚ୍ଚା ଚାଲିଛି। କିନ୍ତୁ ଏହି ଦିଗକୁ ବଚାର କଲେ ବି ଅନେକ ପ୍ରଶ୍ନ ସାମ୍ନାକୁ ଆସୁଛି। ପାକିସ୍ତାନ ଏବଂ ଇରାନ ମଧ୍ୟରେ ଯେତିକି ପରିମାଣର ବ୍ୟବସାୟ ହେଉଛି ତାହା ୨ ରୁ ୩ ବିଲିୟନ ଡଲାର ମଧ୍ୟରେ ସୀମିତ। ସେପଟେ ଇରାନ-ପାକିସ୍ତାନ ଗ୍ୟାସ ପାଇପ ଲାଇନକୁ ନେଇ ଉଭୟ ରାଷ୍ଟ୍ରଙ୍କ ମଧ୍ୟରେ ବିବାଦ ଲାଗି ରହିଛି। ଏହି ପ୍ରକଳ୍ପର ଇରାନ ଅଂଶ ପ୍ରତିଷ୍ଠା କରାଯାଇସାରିଥିଲା ବେଳେ ପାକିସ୍ତାନ ନିଜ ପଟର ପ୍ରକଳ୍ପ ନିର୍ମାଣ କରିନାହିଁ। ପାକିସ୍ତାନ ଯଦି ଏହା ନ କରେ ତେବେ ସର୍ତ୍ତ ମୁତାବକ ପାକିସ୍ତାନ ଇରାନକୁ ୧୮ ବିଲିୟନ ଡଲାର ଡଣ୍ଡ ଗଣିବାକୁ ପଡ଼ିବ। ଏଥିପାଇଁ ଇରାନ ବହୁବାର ପାକିସ୍ତାନକୁ ଧମକ ଦେଇସାରିଥିବା ସହ କୌଣସି ସ୍ଥିତିରେ ଇରାନ ପାକିସ୍ତାନ ବିରୋଧରେ ଆନ୍ତର୍ଜାତିକ ଅଦାଲତକୁ ନ ଯାଉ ବୋଲି ପାକିସ୍ତାନ ଗୁହାରି କରିସାରିଛି। ଏଭଳି ସ୍ଥଳେ ଇରାନ ପାକିସ୍ତାନ ସହ କେଉଁ କ୍ଷେତ୍ରରେ ବ୍ୟବସାୟ, ବାଣିଜ୍ୟ ବୃଦ୍ଧି କରିବାକୁ ଆଗ୍ରହ ପ୍ରକାଶ କରିଛି ବୋଲି ପ୍ରଶ୍ନ ଉଠିଛି। ସେପଟେ ରାଷ୍ଟ୍ରପତି ରାଇସିଙ୍କ ଏହି ଗସ୍ତକାଳରେ ଉଭୟ ପକ୍ଷ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ଆଲୋଚନା ହୋଇଥିଲା ବେଳେ ପାକସ୍ତାନ ଚିରାଚରିତ ପଦ୍ଧତିରେ କାଶ୍ମୀର ପ୍ରସଙ୍ଗ ଉଠାଇଛି। କିନ୍ତୁ ସବୁଠାରୁ ବିସ୍ମୟର କଥା ଯେ, ଯେଉଁ ରାଷ୍ଟ୍ର ପୂର୍ବରୁ ବାରମ୍ବାର କାଶ୍ମୀର ପ୍ରସଙ୍ଗ ଉଠାଇ ଆସିଛି , ଆଜି ସେହି ରାଷ୍ଟ୍ର କାଶ୍ମୀର ପ୍ରସଙ୍ଗରେ ମୁହଁ ଖୋଲିବାକୁ ମନା କରିଦେଇଛି। ତୁର୍କୀ ବ୍ୟତୀତ ଇରାନ ୨୦୧୬ ଏବଂ ୨୦୧୯ ରେ କାଶ୍ମୀରରେ ଧାରା ୩୭୦ ଉଚ୍ଛେଦ ପରେ ବହୁ ବହାର ବିଭିନ୍ନ ମଞ୍ଚରେ ଏହି ପ୍ରସଙ୍ଗ ଉଠାଇ ସାରିଛି। କିନ୍ତୁ ପାକିସ୍ତାନ ଆସିଥିବା ଖୋଦ୍ ରାଷ୍ଟ୍ରପତି ରାଇସି ଏହି ପ୍ରସଙ୍ଗରେ କିଛି କହିବାକୁ ମନା କରିଦେଇଛନ୍ତି। ଗୋଟିଏ ପକ୍ଷରେ ଇସ୍ରାଏଲ ସହ ଇରାନର ବିବାଦ ମଧ୍ୟପ୍ରାଚ୍ୟରେ ଜଟିଳ ପରିସ୍ଥିତି ସୃଷ୍ଟି କରିବା ଭଳି ଆଶଙ୍କା ବଢାଇଥିଲା ବେଳେ କାଶ୍ମୀର ପ୍ରସଙ୍ଗକୁ ନେଇ ଭାରତ ସହ ପାକିସ୍ତାନର ତିକ୍ତତା ନ ବଢୁ ବୋଲି ଇରାନ ଚାହୁଁଥିବା କୁହାଯାଉଛି। କେବଳ ଇରାନ ରାଷ୍ଟ୍ରପତି ନୁହନ୍ତି, ଏହି ସମୟରେ ସାଉଦି ଆରବର ଏକ ଉଚ୍ଚ ପ୍ରତିନିଧି ଦଳ ମଧ୍ୟ ପାକିସ୍ତାନ ଗସ୍ତରେ ଆସିଛନ୍ତି। ଇରାନ ପୂର୍ବରୁ ସାଉଦି ଆରବ ମଧ୍ୟ କାଶ୍ମୀର ପ୍ରସଙ୍ଗରେ ମୁହଁ ଖୋଲିବାକୁ ପାକିସ୍ତାନକୁ ରୋକ୍‌ଠୋକ୍ ମନା କରି ଦେଇଥିଲା। ପାକ୍ ପ୍ରଧାନମନ୍ତ୍ରୀ ନିକଟରେ ସାଉଦି ଗସ୍ତ କରିଥିଲା ବେଳେ କ୍ରାଉନ ପ୍ରିନ୍ସ ମହମ୍ମଦ ବିନ୍ ସଲମନ(ଏମବିଏସ)ଙ୍କ ସହ କାଶ୍ମୀର ପ୍ରସଙ୍ଗ ଆଲୋଚନା କରିଥିଲେ। କିନ୍ତୁ ଆଲୋଚନା ବେଳେ ଏମବିଏସ୍ ଏହି ପ୍ରସଙ୍ଗରେ କୌଣସି ଟିକା ଟିପ୍ପଣୀ ଦେଇ ନଥିଲା ବେଳେ ଉଭୟ ରାଷ୍ଟ୍ରର ମିଳିତ ଘୋଷଣାନାମାରେ ମଧ୍ୟ କାଶ୍ମୀର ବାବଦରେ ଧାଡ଼ିଟିଏ ଉଲ୍ଲେଖ କରାଯାଇ ନଥିଲା। ତେଣୁ କାଶ୍ମୀର ପ୍ରସଙ୍ଗକୁ ନେଇ ରାଷ୍ଟ୍ରପତି ରାଇସିଙ୍କ ଗସ୍ତ କୌଣସି ଗୁରୁତ୍ୱ ବହନ କରୁନାହିଁ ବୋଲି ସ୍ପଷ୍ଟ ହୋଇଛି। କିନ୍ତୁ ଏହି ସମୟରେ ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ବର୍ତ୍ତମାନ ପ୍ରଧାନମନ୍ତ୍ରୀ ଶେହବାଜ୍ ସରିଫଙ୍କ ଭାଇ ନୱାଜ ସରିଫଙ୍କ ଚୀନ ଗସ୍ତକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି। ନୱାଜ୍ କେଉଁ କ୍ଷମତା ବଳରେ ସରକାରୀ ଭାବେ ଚୀନ ଗସ୍ତ କରିଛନ୍ତି ତାହାକୁ ନେଇ ବିଭିନ୍ନ ମହଲରେ ତର୍ଜମା ଚାଲିଛି। ପ୍ରକୃତରେ ଇରାନ ଏବଂ ଇସ୍ରାଏଲ ମଧ୍ୟରେ ସୃଷ୍ଟି ହୋଇଥିବା ବିବାଦକୁ ନେଇ ପଶ୍ଚିମ ଏସିଆ ରାଜନୀତିରେ କିଛି ପରିବର୍ତ୍ତନ ହେବାକୁ ଯାଉଛି ବୋଲି ଆକଳନ କରାଯାଉଛି। ଇରାନ ରାଷ୍ଟ୍ରପତିଙ୍କ ପାକିସ୍ତାନ ଗସ୍ତ କାଳରେ ଉଭୟ ଦେଶ ଆତଙ୍କବାଦ ବିରୋଧରେ ଦୃଢ ପଦକ୍ଷେପ ନେବାକୁ ରାଜିନାମା ସ୍ୱାକ୍ଷର କରିଛନ୍ତି। କିନ୍ତୁ ଯେଉଁଠି ପାକିସ୍ତାନରେ ଗଣ୍ଡା ଗଣ୍ଡା ଆତଙ୍କବାଦୀ ସଂଗଠନ ଖୋଦ୍ ପାକିସ୍ତାନର ନିଦ ହଜାଇ ଦେଇଛନ୍ତି ସେଠି ଆତଙ୍କବାଦ ବିରୋଧରେ ପାକିସ୍ତାନ କି ପଦକ୍ଷେପ ନେବ ବୋଲି ପ୍ରଶ୍ନ ଉଠିଛି। ସେହିପରି ୟେମେନ ଠାରୁ ଆରମ୍ଭ କରି ସିରିଆ,ଲେବାନନ, ପାଲେଷ୍ଟାଇନ ,ଜୋର୍ଡାନ ଏବଂ ଇରାକ୍ ଆଦି ରାଷ୍ଟ୍ରରେ ଇରାନ ସମର୍ଥନରେ ଯେଉଁଠି ହିଜବୁଲ୍ଲା,ହମାସ୍ ଭଳି ବହୁ କଠୋରବାଦୀ ସଂଗଠନ କାର୍ଯ୍ୟ କରୁଛି ସେଠି ଇରାନ ମଧ୍ୟ କି ପଦକ୍ଷେପ ଗ୍ରହଣ କରିବ ତାହା ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହିସବୁ ସଂଗଠନକୁ ଇରାନ ଯେତେ ଅସ୍ତ୍ରଶସ୍ତ୍ର ଯୋଗାଣ କରୁଛି ତାହା ଚୀନ୍ ଏବଂ ପାକିସ୍ତାନ ନିର୍ମିତ ବୋଲି ଏବେ ସ୍ପଷ୍ଟ ହୋଇଛି। ତେଣୁ ଇସ୍ରାଏଲ ସହ ବର୍ତ୍ତମାନ ରହିଥିବା ବିବାଦୀୟ ସ୍ଥିତିକୁ ନେଇ ଇରାନ ପାକିସ୍ତାନ ମାଧ୍ୟମରେ କିଛି ନୂଆ ଚାଲ ଚଲାଇବାକୁ ପ୍ରସ୍ତୁତ ହେଉଛି ବୋଲି କୁହାଯାଉଛି।

ନିଆଁ ବର୍ଷା କରୁଥିବା କୁକୁର ବନାଇଲା ଆମେରିକା

# ସବୁକିଛି କରିଦେଉଛି ଭସ୍ମ



ହଲିଉଡର ଅନେକ ସାଇନ୍ସ ଫିକ୍ସନ ଫିଲ୍ମରେ ଅନ୍ୟ ଗ୍ରହରୁ ଆସିଥିବା ପ୍ରିଡେଟରକୁ ଦେଖାଯାଇଛି। ଏହା ନିଆଁ ବାହାର କରି ସାମ୍ନାରେ ପଡ଼ିଥିବା ସମସ୍ତ ଜିନିଷକୁ ଜାଳି ଧ୍ୱଂସ କରି ଦେଇଥାଏ। କିନ୍ତୁ ଏବେ କେବଳ ଫିଲ୍ମରେ ନୁହେଁ, ବରଂ ଏହାକୁ ବାସ୍ତବ ଜୀବନରେ ଦେଖିବାକୁ ମିଳିବ। ଆମେରିକାର ଏକ କମ୍ପାନୀ ଏଭଳି ଏକ ରୋବୋଟ କୁକୁର ପ୍ରସ୍ତୁତ କରିଛି। ଏହି କୁକୁର ନିଆଁ ବର୍ଷା କରୁଛି। ଏହାର ନାଁମ ଥର୍ମୋନେଟର ରଖାଯାଇଛି। ଏହି ଥର୍ମୋନେଟରରେ ଫ୍ଲେମ୍‌ଥ୍ରୋୱର ଲାଗିଛି। ଏହା ମାଧ୍ୟମରେ ୩୦ ଫୁଟ ପର୍ଯ୍ୟନ୍ତ ନିଆଁ ପକାଇ ହେବ। ଏହି ରୋବୋଟ ପ୍ରସ୍ତୁତକାରୀ କମ୍ପାନୀ ଥ୍ରୋଫ୍ଲେମ ପକ୍ଷରୁ କୁହାଯାଇଛି ଯେ ଏହା ନିଆଁ ବର୍ଷା କରୁଥିବା ବିଶ୍ୱର ପ୍ରଥମ କୁକୁର। ନିର୍ଦ୍ଦେଶ ମିଳିଲା ମାତ୍ରେ ଥର୍ମୋନେଟର ଯେକୌଣସି ସ୍ଥାନକୁ ନିଆଁ ବର୍ଷା କରିପାରିବ। ଏହା 'ଫାଷ୍ଟ ପର୍ସନ ଭ୍ୟୁ କଣ୍ଟ୍ରୋଲର' ଦ୍ୱାରା ପରିଚାଳିତ ହୋଇଥାଏ। ନିଆଁକୁ ଏକ ଲେଜର ଦ୍ୱାରା ନିୟନ୍ତ୍ରଣ କରାଯାଇଥାଏ। ଏହି ଲେଜର ମାଧ୍ୟମରେ କୁକୁର ରାତିରେ ମଧ୍ୟ ନିଜ ଲକ୍ଷ୍ୟକୁ ଠାବ କରିପାରିବ। ଏହାର ଏକ ଭିଡିଓ ସାମ୍ନାକୁ ଆସିଛି। ଏଥିରେ କୁକୁର ନିଆଁ ବର୍ଷା କରୁଥିବା ଦେଖାଯାଇଛି। ଏହା ରାତିରେ ଡ୍ରାଗନ ଭଳି ଦେଖାଯାଇଥାଏ। ଏହା ଡେଇଁବାରେ ମଧ୍ୟ ସକ୍ଷମ। କମ୍ପାନୀ ଏହାକୁ ବିକ୍ରି ଉଦ୍ଦେଶ୍ୟରେ ରଖିଛି। ଏହାର ମୂଲ୍ୟ ୯, ୪୨୦ ଡଲାର (ପ୍ରାୟ ୭.୮୪ ଲକ୍ଷ ଟଙ୍କା) ରହିଛି।

ରୋବୋଡଗ୍‌କୁ ଏକ ଲାଇଟ ଡିଟେକ୍ସନ ଆଣ୍ଡ ରେଜିଂ (ଏଲଆଇଡିଏଆର) ଦ୍ୱାରା ନିର୍ଦ୍ଦେଶ ଦିଆଯାଇଥାଏ। ଏହା ଏକ ସୁରକ୍ଷିତ ଲେଜର ଜ୍ଞାନକୌଶଳ। ୩ଡି ମ୍ୟାପିଂ, ସର୍ଭେ ଏବଂ କିଛି ସ୍ୱୟଂଚାଳିତ କାର୍‌ରେ ଏହାକୁ ବ୍ୟବହାର କରାଯାଇଥାଏ। ଅନ୍ୟ କାର୍ଯ୍ୟ ପାଇଁ ମଧ୍ୟ ଏହାକୁ ବ୍ୟବହାର କରିହେବ। କମ୍ପାନୀ ପକ୍ଷରୁ କୁହାଯାଇଛି ଯେ ଜଙ୍ଗଲ ନିଆଁ ନିୟନ୍ତ୍ରଣ, ବରଫ ହଟାଇବା ସହିତ ମନୋରଞ୍ଜନ ଏବଂ ସ୍ପେସିଆଲ ଇଫେକ୍ଟ ପାଇଁ ମଧ୍ୟ ଏହାକୁ ବ୍ୟବହାର କରାଯାଇପାରିବ।

# ଆଣ୍ଟାର୍କଟିକା ଆଗ୍ନେୟଗିରିରୁ ବାହାରୁଛି ବିପୁଳ ସୁନା



ଆଣ୍ଟାର୍କଟିକାରେ ୧୩୮ ଟି ସକ୍ରିୟ ଆଗ୍ନେୟଗିରି ରହିଛି। ଏଗୁଡିକ ମଧ୍ୟରୁ 'ମାଉଣ୍ଟ ଏରେବସ' ଅନ୍ୟତମ। ଏହି ଆଗ୍ନେୟଗିରିରୁ ପ୍ରତ୍ୟେକ ଦିନ ବିପୁଳ ସୁନା ଉଦ୍‌ଗୀରଣ ହେଉଛି। ଏଥିରୁ ବାହାରୁଥିବା ଧୂଳିରୁ ସୁନା କଣିକା ମିଳିଛି। ଦିନକୁ ୫ ଲକ୍ଷରୁ ଅଧିକ ଟଙ୍କାର ସୁନା ବାହାରୁଛି। ରିପୋର୍ଟ ଅନୁଯାୟୀ ନାସା ବୈଜ୍ଞାନିକମାନେ ଆଗ୍ନେୟଗିରିରୁ ବାହାରୁଥିବା ଧୂଳିର ପରୀକ୍ଷା କରିଥିଲେ। ଏଥିରୁ ସୁନା ଥିବା ଜଣାପଡ଼ିଥିଲା। ଏହି ଧୂଳିରୁ ପ୍ରାୟ ୮୦ ଗ୍ରାମ ସୁନା ଥିବା ସନ୍ଧାନ କରାଯାଇଛି। ଏହି ଆଗ୍ନେୟଗିରି ଆଣ୍ଟାର୍କଟିକାର ଡିସେପ୍‌ସନ ଦ୍ୱୀପରେ ରହିଛି। ବୈଜ୍ଞାନିକଙ୍କ ସୂଚନା ଅନୁଯାୟୀ ଆଉଣ୍ଟ ଏରେବସ୍‌ରୁ ବାହାରୁଥିବା ଧୂଳିକୁ ସଂଗ୍ରହରି ଆଗାମୀ ପର୍ଯ୍ୟାୟ ଯାଞ୍ଚ କରିବା କଷ୍ଟସାଧ। କାରଣ ଏହି ପାହାଡ଼ ପର୍ଯ୍ୟନ୍ତ ସହଜରେ ଯାଇହେବ ନାହିଁ। ନାସାର ଆର୍ଥ ଅବଜରଭେଟୋରୀ ରିପୋର୍ଟରେ କୁହାଯାଇଛି ଯେ ଏରେବସର ଦକ୍ଷିଣରେ ଥିବା ଲାଭା-ସ୍ୱିୱରରୁ ବହୁମୂଲ୍ୟ ଧାତୁର ସନ୍ଧାନ ମିଳିଛି। ଏହି କ୍ଷେତ୍ରର ଉଚ୍ଚତା ୧୨, ୪୪୮ ଫୁଟ ରହିଛି। ଏଠାରୁ ସବୁଦିନ ଗ୍ୟାସ ଏବଂ ବାଷ୍ପ ବାହାରୁଛି। କେବେ କେବେ ବିସ୍ଫୋରଣ ମଧ୍ୟ ହେଉଛି।

ନ୍ୟୁୟର୍କର କଲମ୍ବିଆ ବିଶ୍ୱବିଦ୍ୟାଳୟରେ ଲେମୋଣ୍ଟ-ଡୋହର୍ଟି ଆର୍ଥ ଅବଜରଭେଟୋରୀର କାନର ବେକନ କହିଛନ୍ତି ଯେ ୧୯୭୨ରୁ କ୍ରମାଗତ ଭାବେ ଏହି ଆଗ୍ନେୟଗିରିରେ ବିସ୍ଫୋରଣ ହୋଇ ଆସୁଛି। ଏହି ପର୍ବତର ଶିଖରରେ ଏକ ଲାର୍ଭାର ହ୍ରଦ ରହିଛି। ଏହା ଏକ ଦୁର୍ଲଭ ଘଟଣା। ତେବେ ଏ ପର୍ଯ୍ୟନ୍ତ ଆଣ୍ଟାର୍କଟିକାରେ ଥିବା ଆଗ୍ନେୟଗିରି ବିଷୟରେ ଅନେକ ସୂଚନା ବାହାରକୁ ଆସିପାରି ନାହିଁ।

ଭୋୟାଜର-୧କୁ ସଫଳତା

# ୨୪ ବିଲିୟନ କିମି ଦୂରରୁ ପଠାଇଲା ସିଗ୍‌ନାଲ

୪୬ ବର୍ଷ ତଳେ ହୋଇଥିଲା ଉତ୍‌କ୍ଷେପଣ ● ମହାକାଶରେ ସବୁଠାରୁ ଦୂରକୁ ଯାଇଛି

ଆମେରିକା ମହାକାଶ ଏଜେନ୍ସି ନାସାର ଭୋୟାଜର-୧ ମହାକାଶ ଯାନ ୨୪ ବିଲିୟନ କିମି ଦୂରରୁ ସିଗ୍‌ନାଲ ପଠାଇଛି। ଗତ ୫ ମାସରେ ପ୍ରଥମ ଥର ପାଇଁ ଯାନ ଏହି ବାର୍ତ୍ତା ଦେଇଛି। ନାସାର ବୈଜ୍ଞାନିକମାନେ ଏହାକୁ ପଢ଼ିବାରେ ସଫଳ ହୋଇଛନ୍ତି। ଭୋୟାଜରକୁ ୧୯୭୭ରେ ମହାକାଶକୁ ପଠା ଯାଇଥିଲା। ଏହା ମନୁଷ୍ୟ ଦ୍ୱାରା ନିର୍ମିତ ପ୍ରଥମ ଉପଗ୍ରହ ଯାହା ମହାକାଶରେ ସବୁଠାରୁ ଦୂରକୁ ଯାଇଛି। ଏହି ମହାକାଶ ଯାନ ଗତ ବର୍ଷ ନଭେମ୍ବର ୧୪ରୁ ସିଗ୍‌ନାଲ ଦେବା ବନ୍ଦ କରିଦେଇଥିଲା। ତେବେ ପୃଥିବୀରୁ ଯାଉଥିବା କମାଣ୍ଡକୁ ଗ୍ରହଣ କରୁଥିଲା। ସୂଚନା ଅନୁଯାୟୀ ଡାଟା ସଂଗ୍ରହ କରି ତାହାକୁ ପୃଥିବୀକୁ ପଠାଉଥିବା ଫ୍ଲାଇଟ ଡାଟା ସିଷ୍ଟମ ଏକ ଫାସରେ ଫସି ଯାଇଥିଲା। ମାର୍ଚ୍ଚରେ ମହାକାଶଯାନର ଏକ ଚିପ୍‌ରେ ତ୍ରୁଟି ଥିବା ବୈଜ୍ଞାନିକମାନେ ଜାଣିବାକୁ ପାଇଥିଲେ। ଏଥିପାଇଁ ଡାଟା ସିଷ୍ଟମ ମେମୋରିର ୩ ପ୍ରତିଶତ ଅଂଶ କରପ୍ଟ (ବିଲୋପ) ହୋଇ ଯାଇଥିଲା। ତେଣୁ ଭୋୟାଜର ପଢ଼ିବା ଭଳି ଡାଟା ପଠାଇ ପାରୁ ନ ଥିଲା। ଏହା ପରେ ବୈଜ୍ଞାନିକ କୋଡ଼ିଂ ମାଧ୍ୟମରେ ଚିପ୍‌କୁ ଠିକ୍ କରିଥିଲେ। ଏପ୍ରିଲ ୨୦ରେ ଏହି ଯାନ ପଠାଇଥିବା ତଥ୍ୟରେ ନିଜର ଅବସ୍ଥା ଏବଂ ସ୍ଥିତି ବିଷୟରେ ସୂଚନା ଦେଇଥିଲା। ଆଗାମୀ ଦିନରେ ମହାକାଶ ଯାନର ବୈଜ୍ଞାନିକ ତଥ୍ୟ ସଂଗ୍ରହ କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ନାସା ପକ୍ଷରୁ କୁହାଯାଇଛି।

ନାସା ପ୍ରଥମେ ଭୋୟାଜର-୨ ମହାକାଶରେ ଥିବା ଅନ୍ୟ ଗ୍ରହର ସନ୍ଧାନ କରିବା ପାଇଁ ଭୋୟାଜର-୧କୁ ପଠାଇ ଥିଲା। ୧୯୭୭ ସେପ୍ଟେମ୍ବର ୫ରେ ଏହାକୁ ଉତ୍‌କ୍ଷେପଣ କରାଯାଇଥିଲା। ୧୯୯୦ରେ ଏହା ସୌରମଣ୍ଡଳର ପ୍ରଥମ ସମ୍ପୂର୍ଣ୍ଣ ଫଟୋ ଉଠାଇ ଥିଲା। ଏହା ପରେ ୨୦୧୨ ଅଗଷ୍ଟ ୨୫ରେ ଭୋୟାଜର-୧ ଇଣ୍ଟରଷ୍ଟେଲର ସ୍ପେସ୍‌ରେ ପ୍ରବେଶ କରିଥିଲା। ପୃଥିବୀରୁ ବାର୍ତ୍ତା ପଠାଇ ଭୋୟାଜର ପାଖରୁ ତଥ୍ୟ ଆସିବାକୁ ୪୮ ଘଣ୍ଟା ସମୟ ଲାଗିଥାଏ। ଉଭୟ ଭୋୟାଜର ଯାନରେ ଗୋଲ୍ଡେନ ରେକର୍ଡ୍ସ ରହିଛି। ଏଥିରେ ସୌରଜଗତର ମାନଚିତ୍ର, ମହାକାଶଯାନରେ ରେକର୍ଡ ବଜାଇବାର ନିର୍ଦ୍ଦେଶ ଏବଂ ୟୁରାନିୟମର ଏକ ଅଂଶ ସାମିଲ ରହିଛି। ଏହା ରେଡିଓଆକ୍ଟିଭ ଘଣ୍ଟା ପରି କାମ କରିଥାଏ। ଏହା ଉତ୍‌କ୍ଷେପଣର ତାରିଖ ବିଷୟରେ ସୂଚନା ଦେଇଥାଏ। ଏହା ବ୍ୟତୀତ ୧୨ ଇଞ୍ଚର ସୁନା ପାଣି ଦିଆ କପର ଡିସ୍କ ରହିଛି। ଏହା ମହାକାଶରେ ପୃଥିବୀର ସୂଚନା ଛାଡ଼ିଥାଏ। ଏଥିରେ ପୃଥିବୀରେ ଜୀବନ ସମ୍ବନ୍ଧିତ ତଥ୍ୟ, ଗୀତ ଏବଂ କିଛି ସ୍ୱତନ୍ତ୍ର ସ୍ୱର ରହିଛି। ନାସା ଅନୁଯାୟୀ ଭୋୟାଜର-୧ର ପାୱାର ବ୍ୟାଙ୍କ ୨୦୨୫ ସୁଦ୍ଧା ଶେଷ ହୋଇପାରେ। ଏହା ପରେ ଯାନ ମିଲ୍କ ୱେ ଗ୍ୟାଲାକ୍ସିରେ ଘୂରି ବୁଲିବ।



# ତୃତୀୟ ଥର ପାଇଁ ଜୀବନ୍ତ ହେଲା ଜାପାନ ଚନ୍ଦ୍ରଯାନ



ସ୍ଲିମ୍ ଲ୍ୟାଣ୍ଡର ଫଟୋ ପଠାଇବା ଦେଖି ବୈଜ୍ଞାନିକ ଆଶ୍ଚର୍ଯ୍ୟ

ଜାପାନର ଚନ୍ଦ୍ର ଅଭିଯାନ ପୁଣିଥରେ କମାଲ କରିଛି। ସ୍ମାର୍ଟ ଲ୍ୟାଣ୍ଡର ଫର ଇନଭେଷ୍ଟିଗେଟିଂ ମୁନ୍ (ସ୍ଲିମ)ଲ୍ୟାଣ୍ଡର ତୃତୀୟ ଥର ପାଇଁ ଜୀବନ୍ତ ହୋଇ ଉଠିଛି। ଜାପାନ ଏରୋସ୍ପେସ ଏକ୍ସପ୍ଲୋରେସନ ଏଜେନ୍ସି (ଜାକ୍ସା) ଏହି ସୂଚନା ଦେଇଛି। ମଙ୍ଗଳବାର ସ୍ଲିମ୍ ସହ ଯୋଗାଯୋଗ କରାଯାଇଛି। ଏହି ସମୟରେ ଲ୍ୟାଣ୍ଡର ଚନ୍ଦ୍ର ପୃଷ୍ଠର ଫଟୋ ଉଠାଇ ଥିଲା। ଏହା ତୃତୀୟ ଥର ପାଇଁ ଚନ୍ଦ୍ରର ଅସହ୍ୟ ଶୀତରୁ ବର୍ତ୍ତି ଯାଇଛି। ଜାପାନର ସ୍ଲିମ୍ ଅଭିଯାନ ଚନ୍ଦ୍ରରେ ଅବତରଣ କରିବା ସମୟରେ ଏଥିରେ ତ୍ରୁଟି ଥିବା ଜଣାପଡ଼ିଥିଲା। ତେଣୁ ଏହା କ୍ରାସଲାଣ୍ଡିଂ କରିଥିଲା। ଏହା ଏପରି ଭାବେ ଅବତରଣ କରିଥିଲା ଯେ ଏହାର ସୋଲାର ପ୍ୟାନେଲ ଉପରେ ସୌର ରଶ୍ମି ପଡ଼ିପାରୁ ନ ଥିଲା। ତେଣୁ ସ୍ଲିମ୍ ବିଦ୍ୟୁତ ଉତ୍ପାଦନ କରିପାରୁ ନ ଥିଲା। ଏହାର ନେଭିଗେସନ କ୍ୟାମେରା ମଙ୍ଗଳବାର ରାତିରେ ଚନ୍ଦ୍ରପୃଷ୍ଠର ଫଟୋ ଉଠାଇ ଥିଲା। ଏବେ ଚନ୍ଦ୍ରରେ ଦିନ ରହିଛି। ଜାପାନର ଚନ୍ଦ୍ର ଅଭିଯାନର ଲ୍ୟାଣ୍ଡର ସ୍ଲିମ୍ ଜାନୁଆରୀ ୨୦ରେ ଚନ୍ଦ୍ରପୃଷ୍ଠରେ ଅବତରଣ କରିଥିଲା। ଏହା ସତ୍ତ୍ୱେ ସୋଲାର ପ୍ୟାନେଲ ସୂର୍ଯ୍ୟଙ୍କ ବିପରୀତ ଦିଗରେ ରହିଥିଲା। ତେଣୁ ଏହି ସଫଳତା ବି ଜାପାନ ପାଇଁ ବିଫଳତା ଥିଲା। ଏହି ଲ୍ୟାଣ୍ଡର ନିଜ ବ୍ୟାଟେରୀ ମାଧ୍ୟମରେ କିଛି ଘଣ୍ଟା ପର୍ଯ୍ୟନ୍ତ କାମ କରିଥିଲା। ପରେ ବନ୍ଦ ହୋଇ ଯାଇଥିଲା। ଜାନୁଆରୀ ୨୮ ରେ ଜାକ୍ସା ପକ୍ଷରୁ କୁହାଯାଇଥିଲା ଯେ ସୂର୍ଯ୍ୟ ଦିଗ ବଦଳାଇବାରେ ସ୍ଲିମ୍ ବିଦ୍ୟୁତ ଉତ୍ପାଦନ କରିବା ଆରମ୍ଭ କରିଦେଇଛି। ଏହା ସହ ପୁଣିଥରେ ଯୋଗାଯୋଗ ହୋଇଛି।

ସୂଚନାଯୋଗ୍ୟ ଯେ ଚନ୍ଦ୍ରରେ ପୃଥିବୀ ତୁଳନାରେ ୧୪ ଦିନ ରାତି ଏବଂ ୧୪ ଦିନ ସକାଳ ହୋଇଥାଏ। ଏଠାରେ ରାତିରେ ତାପମାତ୍ରା ୧୭୦ ଡିଗ୍ରୀ ସେଲ୍‌ସିୟସ ରହିଥାଏ। ସେହିପରି ଦିନବେଳା ତାପମାତ୍ରା ୧୦୦ ଡିଗ୍ରୀ ପର୍ଯ୍ୟନ୍ତ ପହଞ୍ଚି ଯାଇଥାଏ। ଏଭଳି ଚରମ ତାପମାତ୍ରାରେ ଲ୍ୟାଣ୍ଡର ଉପକରଣ ସକ୍ରିୟ ହେବାକୁ ବଡ଼ ସଫଳତା ଭାବେ ଦେଖାଯାଉଛି। ଜାପାନ ଏହି ଲ୍ୟାଣ୍ଡରର ସଫଳ ଅବତରଣ କରାଇବାକୁ ଚାହୁଁଥିଲା। ବିଶ୍ୱର ପଞ୍ଚମ ଦେଶ ଭାବେ ଚଳିତ ବର୍ଷ ଜାନୁଆରୀରେ ଜାପାନ ମହାକାଶ ଯାନ ଚନ୍ଦ୍ରପୃଷ୍ଠରେ ଅବତରଣ କରିଥିଲା। ଏହା ପୂର୍ବରୁ ସୋଭିଏତ ସଂଘ, ଚୀନ୍, ଆମେରିକା ଏବଂ ଭାରତକୁ ଏହି ସଫଳତା ମିଳି ସାରିଛି। ବିଶ୍ୱର ପ୍ରଥମ ରାଷ୍ଟ୍ର ଭାବେ ଭାରତ ଚନ୍ଦ୍ରର ଦକ୍ଷିଣ ମେରୁରେ ଓହ୍ଲାଇଛି। ଏହି ଅବତରଣ ସ୍ଥଳର ନାମ ଶିବଶକ୍ତି ପଏଣ୍ଟ ରଖାଯାଇଛି।

# ବିଜେପି ଓ କଂଗ୍ରେସର ପ୍ରାର୍ଥୀ ତାଲିକାରେ ଜାତିକୁ ଗୁରୁତ୍ୱ

ବିଜେପି ଏଯାଏଁ ୪୩୨ ଲୋକସଭା ଆସନରେ ପ୍ରାର୍ଥୀ ଦେଇଛି। ସେମାନଙ୍କ ଭିତରୁ ୨୭% ହେଉଛନ୍ତି ଅନ୍ୟ ପଛୁଆ ଜାତି ବା ଓବିସି ବର୍ଗର। ସେହିଭଳି କଂଗ୍ରେସ ଏଯାଏଁ ଯେଉଁ ୨୯୪ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି ସେମାନଙ୍କ ମଧ୍ୟରୁ ୨୪.୮ % ହେଉଛନ୍ତି ଓବିସି ବର୍ଗର। କଂଗ୍ରେସ ଜାତି ଜନଗଣନା ସପକ୍ଷରେ ରହିଛି, ନିର୍ଦ୍ଦିଷ୍ଟ ଜାତିକୁ ତା'ର ଲୋକସଂଖ୍ୟା ଅନୁପାତରେ ପ୍ରତିନିଧିତ୍ୱ ଦେବାକୁ କହୁଛି। କିନ୍ତୁ ପ୍ରାର୍ଥୀ ଦେବାବେଳେ ବିଜେପି ଓବିସିଙ୍କୁ ଅଧିକ ଗୁରୁତ୍ୱ ଦେଇଛି, କଂଗ୍ରେସ ପଛରେ ରହିଛି। ବିଜେପିର ୪୩% ପ୍ରାର୍ଥୀ ହେଉଛନ୍ତି ଓବିସି କିମ୍ବା ଏସସି,ଏସଟି ହେଇନଥିବା ଉଚ୍ଚ ବର୍ଗର। ସେହିଭଳି କଂଗ୍ରେସର ୩୬% ପ୍ରାର୍ଥୀ ହେଉଛନ୍ତି ଓବିସି କିମ୍ବା ଏସସି,ଏସଟି ହେଇନଥିବା ଉଚ୍ଚ ବର୍ଗର। ତେବେ କଗ୍ରେସ ୨୦୨୪ ଲୋକସଭା ନିର୍ବାଚନରେ କମ୍ ସଂଖ୍ୟକ ପ୍ରାର୍ଥୀ ଦେଉଥିବାରୁ ଓ ଇଣ୍ଡି ମେଣ୍ଟ ଅଂଶୀଦାର ଦଳଙ୍କ ସହ ଆସନ ବଣ୍ଟନ ବୁଝାମଣା କରିଥିବାରୁ ଏହା ନିର୍ଦ୍ଦିଷ୍ଟ ଭାବେ କୁହାଯାଇ ପାରିବ ନାହିଁ ଯେ କଂଗ୍ରେସ ତା'ର ପ୍ରାର୍ଥୀ ଚୟନରେ ପଛୁଆ ବର୍ଗକୁ ସେମାନଙ୍କ ସଂଖ୍ୟାନୁପାତରେ ଗୁରୁତ୍ୱ ଦେଇନାହିଁ ଓ ଏକ୍ଷେତ୍ରରେ ବିଜେପିଠାରୁ ପଛରେ ରହିଛି। କଂଗ୍ରେସର କେନ୍ଦ୍ରୀୟ ନିର୍ବାଚନ କମିଟିର ସଦସ୍ୟ ଟିଏସ ସିହଦେଓ କହିଛନ୍ତି, କଂଗ୍ରେସ ଏହି ନିର୍ବାଚନରେ ବିହାରରେ ଆରଜେଡି ଓ ଉତ୍ତରପ୍ରଦେଶରେ ସମାଜବାଦୀ ପାର୍ଟି ସହ ମେଣ୍ଟ କରିଛି। ଆରଜେଡି ଓ ସମାଜବାଦୀ ପାର୍ଟି ସାମାଜିକ ନ୍ୟାୟକୁ ଗୁରୁତ୍ୱ ଦିଅନ୍ତି ଓ ଓବିସି ଭଳି ପଛୁଆ ବର୍ଗକୁ ଅଧିକ ପ୍ରତିନିଧିତ୍ୱ ଦେଇଥାନ୍ତି। ତେଣୁ କଂଗ୍ରେସ ଜିତିବା ସମ୍ଭାବନା ଅଧିକ ରଖୁଥିବା ଭଳି ପ୍ରାର୍ଥୀଙ୍କୁ ଟିକେଟ୍ ଦେଇଛି। ବିଜେପିର ଓବିସି ସେଲ୍ ମୁଖ୍ୟ ଲକ୍ଷ୍ମଣ ସିଂହ କହିଛନ୍ତି, ଓବିସି ହେଉଛନ୍ତି ମୋଟ ଜନସଂଖ୍ୟାର ୫୦%ରୁ ଅଧିକ। ସେହି ଅନୁସାରେ ବିଜେପି ଅଧିକ ସଂଖ୍ୟାରେ ଓବିସି ପ୍ରାର୍ଥୀ ଦେଇଛି। ରାଜନୈତିକ ଦଳଗୁଡ଼ିକ ନିର୍ବାଚନ ବେଳେ ପ୍ରାର୍ଥୀ ଚୟନରେ ପ୍ରାର୍ଥୀଙ୍କ ଜାତିକୁ ବିଚାରକୁ ନେଇଥାନ୍ତି। କିନ୍ତୁ ଚଳିତ ନିର୍ବାଚନରେ ଜାତି ପ୍ରସଙ୍ଗ ଅଧିକ ଗୁରୁତ୍ୱ ପାଇଛି। କାରଣ କଂଗ୍ରେସ ଓ ତା'ର ସହଯୋଗୀ ଦଳଗୁଡ଼ିକ ଜାତି ଜନଗଣନା କରିଛନ୍ତି ଓ ସମଗ୍ର ଦେଶରେ ଜାତି ଜନ ଗଣନା ହେବା ଚାହାଁନ୍ତି। କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ସ୍ଲୋଗାନ ହେଉଛି ଜିତନା ଆବାଦୀ ଉତନା ହକ୍। କଂଗ୍ରେସର ପ୍ରୟାସ ହେଉଛି ବିଜେପି ଯେଉଁ ଓବିସି ସମର୍ଥନ ପାଉଛି ତାହାକୁ କମାଇବା ଓ ଓବିସି ବର୍ଗକୁ କଂଗ୍ରେସ ପଟକୁ ଟାଣିଆଣିବା। ଲୋକସଭା ନିର୍ବାଚନରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି( ଏସସି ଆଣ୍ଡ ଏସଟି)ଙ୍କ ପାଇଁ ୧୩୧ଟି ଆସନ ସଂରକ୍ଷିତ ରହୁଛି। ବିଜେପିର ୨% ପ୍ରାର୍ଥୀ ମୁସଲିମ୍,ପାର୍ସି, ଖ୍ରୀଷ୍ଟୀୟାନ୍, ଶିଖ୍ ଓ ବୌଦ୍ଧ ଭଳି ସଂଖ୍ୟାଲଘୁ ଗୋଷ୍ଠୀର ହୋଇଥିବା ବେଳେ କଂଗ୍ରେସର ୯.୧୮% ପ୍ରାର୍ଥୀ ହେଉଛନ୍ତି ସଂଖ୍ୟାଲଘୁ ସମ୍ପ୍ରଦାୟର। ରାଜନୀତି ବିଶ୍ଳେଷକ କାଞ୍ଚା ଇଲାହ କହିଛନ୍ତି, କଂଗ୍ରେସ ତା'ର ନିର୍ବାଚନ ଇସ୍ତାହାରରେ ସାମାଜିକ ନ୍ୟାୟକୁ ମୁଖ୍ୟ ପ୍ରସଙ୍ଗ କରି ଜାତି ଜନଗଣନା କରାଇବାର ପ୍ରତିଶ୍ରୁତି ଦେଇଛି ଓ ସଂରକ୍ଷଣ ୫୦%ରୁ ଅଧିକ ରହିବ ନାହିଁ ବୋଲି ନିୟମ ରହିଛି ତାକୁ ହଟାଇ ୫୦%ରୁ ଅଧିକ କରିବା ପାଇଁ ବଚନ ଦେଇଛି। କିନ୍ତୁ ଲୋକସଭା ନିର୍ବାଚନ ପାଇଁ ପ୍ରାର୍ଥୀ ଚୟନ ବେଳେ ଓବିସି ବର୍ଗଙ୍କୁ ସେମାନଙ୍କ ସଂଖ୍ୟାନୁପାତରେ ପ୍ରତିନିଧିତ୍ୱ ଦେଇପାରିନାହିଁ। ବିଜେପି ତୁଳନାରେ କଂଗ୍ରେସ ଅଧିକ ସଂଖ୍ୟାରେ ଓବିସିଙ୍କୁ ପ୍ରାର୍ଥୀ କରିବା ଆଶା କରାଯାଉଥିଲା କିନ୍ତୁ ତାହା ହୋଇନାହିଁ। ଏହାର କାରଣ ଏହା ହୋଇଥାଇପାରେ ଯେ କଂଗ୍ରେସ ପାଖରେ ନିର୍ବାଚନ ପାଇଁ ଯଥେଷ୍ଟ ଅର୍ଥ ବା ପାଣ୍ଠି ନାହିଁ। ଓବିସି, ଦଳିତ, ଆଦିବାସୀ ପ୍ରାର୍ଥୀଙ୍କୁ ଦଳ ପକ୍ଷରୁ ନିର୍ବାଚନ ଖର୍ଚ୍ଚ ଦିଆଯାଇଥାଏ, କାରଣ ନିର୍ବାଚନ ଖର୍ଚ୍ଚ ତୁଲାଇପାରିବା ଭଳି ଆର୍ଥିକ ସ୍ୱଚ୍ଛଳତା ସେମାନଙ୍କର ପ୍ରାୟତଃ ନଥାଏ। ତେଣୁ ଅର୍ଥାଭାବରୁ ଏଥର ନିର୍ବାଚନରେ ପ୍ରାର୍ଥୀ ବାଛିବାରେ କଂଗ୍ରେସ ଓବିସି, ଦଳିତ ବର୍ଗଙ୍କୁ ଯେତିକି ଆସନ ଦେବା କଥା ତାହା ଦେଇପାରି ନାହିଁ। ବିଜେପି ପାଖରେ ପ୍ରଚୁର ଅର୍ଥ ଥିବାରୁ ଅଧିକ ସଂଖ୍ୟାରେ ଓବିସି ଓ ଦଳିତ ପ୍ରାର୍ଥୀ ଦେଇପାରିଛି।



● ବିହାରରେ ଏନ୍‌ଡିଏ - 'ଇଣ୍ଡି' ପ୍ରତ୍ୟକ୍ଷ ଲଢ଼େଇ

# ପୂର୍ଣ୍ଣିଆ ଆସନରେ ପପୁ ଯାଦବଙ୍କୁ ନେଇ ଆର୍‌ଜେଡି, ଜେଡିୟୁର ଚିନ୍ତା

ଉତ୍ତର ଭାରତ ରାଜନୀତିକୁ ନେଇ ବହୁ ଗୁରୁତ୍ୱ ରଖୁଥିବା ବିହାର ନିର୍ବାଚନ ଫଳାଫଳ ସବୁ ରାଜନୈତିକ ଦଳଙ୍କ ପାଇଁ ମହତ୍ତ୍ୱପୂର୍ଣ୍ଣ। ୨୦୧୯ ନିର୍ବାଚନରେ ମୋଟ ୪୦ଟି ଆସନ ମଧ୍ୟରୁ ବିଜେପି ୧୭ଟି ଆସନରେ ବିଜୟୀ ହୋଇଥିଲା ବେଳେ ସର୍ବାଧିକ ୨୪.୧ ପ୍ରତିଶତ ଭୋଟ ହାସଲ କରିଥିଲା। ଏହାପଛକୁ ଜେଡିୟୁ ୧୬ଟି ଆସନ ହାସଲ କରି ୨୨.୩ ପ୍ରତିଶତ ଭୋଟ ପାଇଥିଲା। ଅନ୍ୟପକ୍ଷରେ ଏଲଜେପି ୬(୮ ପ୍ରତିଶତ) ଆସନରେ ବିଜୟୀ ହୋଇଥିଲା ବେଳେ କଂଗ୍ରେସ ମାତ୍ର ଗୋଟିଏ ଆସନରେ ବିଜୟୀ ହୋଇଥିଲା। ପରବର୍ତ୍ତୀ ସମୟରେ ନୀତୀଶ କୁମାର ଏନଡିଏ ମେଣ୍ଟରୁ ଅଲଗା ହୋଇଯାଇଥିଲେ ହେଁ ଏହି ନିର୍ବାଚନରେ ଏନଡିଏ ୩୯ଟି ଆସନରେ ବିଜୟୀ ହୋଇ ବାଜିମାତ୍ କରିଥିଲା। ଚଳିତ ନିର୍ବାଚନରେ ମଧ୍ୟ ସମାନ ସ୍ଥିତି ଦେଖାଯାଇପାରେ ବୋଲି ଆକଳନ କରାଯାଉଛି। ୨୦୧୪ ନିର୍ବାଚନ ପାଇଁ ଏନଡିଏ ମଧ୍ୟରେ ହୋଇଥିବା ବୁଝାମଣା ଅନୁଯାୟୀ ବିଜେପି ୧୭ଟି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ ଜେଡିୟୁ ୧୬ , ଏଲଜେପି ୫, ଜିତନ୍ ରାମଙ୍କ ଦଳ ହାମ୍ ୧ ଏବଂ ଉପନ୍ଦ୍ରେ କୁଶୱାହଙ୍କ ଦଳ ରାଷ୍ଟ୍ରୀୟ ଲୋକ ମୋର୍ଚ୍ଚା(ଆରଏଲଏମ) ଗୋଟିଏ ଆସନରେ ପ୍ରତିଦ୍ୱନ୍ଦ୍ୱିତା କରୁଛି। ଏନଡିଏ ସହିତ ଇଣ୍ଡିଆ ମେଣ୍ଟର ସିଧା ସଳଖ ପ୍ରତିଦ୍ୱନ୍ଦ୍ୱିତା ହେବାକୁ ଯାଉଛି। ଇଣ୍ଡିଆ ମେଣ୍ଟରେ ଆରଜେଡି ସର୍ବାଧିକ ୨୬ଟି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ କଂଗ୍ରେସ ୯ ଏବଂ ବାମପନ୍ଥୀ ଦଳ ୫ଟି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ତେବେ ୨୦୧୯ରେ ଗୋଟିଏ ବି ଆସନ ପାଇ ନଥିବା ଲାଲୁ ପ୍ରସାଦଙ୍କ ଆରଏଜଡି ଚଳିତ ନିର୍ବାଚନରେ କିଭଳି ପ୍ରଦର୍ଶନ କରିବ ତାହା ରାଜନୀତିକ ମହଲରେ ସବୁଠାରୁ ଚର୍ଚ୍ଚିତ ପ୍ରସଙ୍ଗ ହୋଇଛି। ଏଠାକାର ମୋଟ ୪୦ଟି ଲୋକସଭା ଆସନ ପାଇଁ ୭ଟି ପର୍ଯ୍ୟାୟରେ ମତଦାନ ହେବାକୁ ରହିଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ଗତ ୧୯ ତାରିଖରେ ୪ଟି ଲୋକସଭା ଆସନ ପାଇଁ ମତଦାନ ଶେଷ ହୋଇଛି। ଦିନକ ପରେ ଅର୍ଥାତ୍ ଆସନ୍ତା ୨୬ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନରେ ପୁଣି ଆଉ ୫ଟି ଲୋକସଭା କ୍ଷେତ୍ରରେ ମତଦାନ ହେବାକୁ ଯାଉଛି। କିଷନଗଞ୍ଜ, କଟିହାର, ପୂର୍ଣ୍ଣିଆ , ଭାଗଲପୁର ଏବଂ ବାଙ୍କା ଆଦି ଆସନ ପାଇଁ ଏହି ପର୍ଯ୍ୟାୟରେ ମତଦାନ ହେବାକୁ ରହିଥିବା ବେଳେ ପୂର୍ଣ୍ଣିଆ ଆସନକୁ ନେଇ ରଜନୀତି ଜୋର ଧରିଛି। ବିହାରର ସୀମାଞ୍ଚଳ ଅଞ୍ଚଳର ରାଜଧାନୀ ଭାବେ ପରିଚିତ ପୂର୍ଣ୍ଣିଆ ରାଜନୀତିକ ଦୃଷ୍ଟିରୁ ସବୁ ପ୍ରମୁଖ ଦଳଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ରହିଛି। କିନ୍ତୁ ଚଳିତ ନିର୍ବାଚନରେ ଏହି ଆସନରେ ପପୁ ଯାଦବ ଉଭୟ ଆରଜେଡି ଏବଂ ଜେଡିୟୁ ପାଇଁ ଚିନ୍ତାର କାରଣ ପାଲଟିଛନ୍ତି। ପପୁ ଯାଦବ ନିକଟରେ କଂଗ୍ରେସରେ ଯୋଗ ଦେଇଥିଲା ବେଳେ ଇଣ୍ଡିଆ ମେଣ୍ଟରେ ଆସନକୁ ନେଇ ହୋଇଥିବା ବୁଝାମଣା ଅନୁସାରେ ଟିକଟ ପାଇବେ ବୋଲି ଖୁବ୍ ଆଶାବାଦୀ ରହିଥିଲେ। କିନ୍ତୁ ଏହି ଆସନ ଆରଜେଡି ହାତକୁ ଚାଲିଯିବାରୁ ଏଠାରେ ଦଳ ରୁପାଉଲି ବିଧାୟକ ବିମା ଭାରତୀଙ୍କୁ ପ୍ରାର୍ଥୀ କରିଛି। ବିମା ମଧ ଜେଡିୟୁରେ ଥାଇ ଏହି ଆସନରୁ ବିଧାୟକ ହୋଇଥିଲେ। ସେ ଏବେ ଜେଡିୟୁ ଛ । ଡି ଆରଜେଡିରେ ଯୋଗ ଦେଇଥିଲା ବେଳେ ଦଳ ତାଙ୍କୁ ଏହି ଆସନରେ ପ୍ରାର୍ଥୀ କରିଛି। ସେହିପରି ଜେଡିୟୁ ପକ୍ଷରୁ ଏଠାରେ ଦୁଇ ଦୁଇ ଥର ସାଂସଦ ରହିଥିବା ସନ୍ତୋଷ କୁଶୱାହଙ୍କୁ ପ୍ରାର୍ଥୀ କରାଯାଇଛି। ଯାହାକୁ ନେଇ ପପୁ ଖପ୍ପା ହୋଇଛନ୍ତି। ପପୁ ଶେଷରେ ଏହି ଆସନରେ ସ୍ୱାଧୀନ ଭାବେ ଲଢେଇ କରିବାକୁ ନିଷ୍ପତ୍ତି ନେବା ଆରଜେଡି ଏବଂ ଜେଡିୟୁ ପାଇଁ ଚିନ୍ତାର କାରଣ ହୋଇଛି। ପୂର୍ଣ୍ଣିଆ ଲୋକସଭା ମଣ୍ଡଳୀ ସାଂପ୍ରଦାୟିକ ଭୋଟରଙ୍କ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ। ଏଠାରେ ୬.୫ ଲକ୍ଷ ମୁସଲମାନ ଭୋଟର ରହିଥିଲା ବେଳେ ଯାଦବ ଭୋଟରଙ୍କ ସଂଖ୍ୟା ୧.୫ ଲକ୍ଷ ରହିଛି। ଅର୍ଥାତ୍ ମୁସଲମାନ ଏବଂ ଯାଦବ ଭୋଟରଙ୍କ ସଂଖ୍ୟା ପାଖାପାଖି ୮ ଲକ୍ଷ। ଅନ୍ୟମାନଙ୍କ ମଧ୍ୟରେ କୁଶୱାହ ସଂପ୍ରଦାୟ ଭୋଟରଙ୍କ ସଂଖ୍ୟା ୩.୫ ଲକ୍ଷ , ବୈଶ୍ୟ ଭୋଟର ୨.୫ ଲକ୍ଷ, ଗଙ୍ଗୌତା(ଇବିସି) ୧.୫ ଲକ୍ଷ ଏବଂ ଉଚ୍ଚ ଜାତି ଭୋଟରଙ୍କ ସଂଖ୍ୟା ୧.୫ ଲକ୍ଷ ରହିଛି। ତେବେ ପପୁ ଯାଦବ ଏବଂ ମୁସଲମାନଙ୍କ ସର୍ବାଧିକ ଭୋଟ ହାତେଇବାର ସମ୍ଭାବନା ରହିଥିବାରୁ ଆରଜେଡି ଏବଂ ଜେଡିୟୁ ପାଇଁ ସମସ୍ୟା ବଢ଼ିଥିବା ଆକଳନ କରାଯାଉଛି।

**ଆସନ ସଂଖ୍ୟା**
**୪୦**

**ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ**
କଂଗ୍ରେସ, ବିଜେପି, ଜେଡିୟୁ, ଆରଜେଡି, ଏଲଜେପି , ହାମ୍




**୨୦୧୯ ସ୍ଥିତି**

| ଦଳ | ଆସନ ସଂଖ୍ୟା | ଭୋଟ୍ |
|---|---|---|
| ବିଜେପି | ୧୭ | ୨୪.୧% |
| ଜେଡି(ୟୁ) | ୧୬ | ୨୨.୩% |
| ଏଲଜେପି | ୦୬ | ୮ % |
| କଂଗ୍ରେସ | ୦୧ | ୭.୯% |

# ଭୋଟରଙ୍କୁ ମାଗଣା ଜଲେବି, ଆଇସକ୍ରିମ୍

**ହୋଟେଲ, ଦୋକାନରେ ମିଳିବ ବଡ଼ ରିହାତି**

ମଧ୍ୟପ୍ରଦେଶର ଇନ୍ଦୋରରେ ମତଦାନ ହେବ ମେ' ୧୩ରେ। ସେହିଦିନ ସକାଳ ୭ରୁ ୯ଟା ଭିତରେ ଭୋଟ ଦେଇଥିବା ଲୋକଙ୍କୁ ଜଲେବି, ପୋହା ଓ ଆଇସକ୍ରିମ୍ ମାଗଣାରେ ଦେବେ ଦୋକାନୀ। ଇନ୍ଦୋର ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ୍ ଆଶିଷ ସିଂହଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଟଲ ମାଲିକମାନଙ୍କ ସଂଗଠନର ବୈଠକରେ ଗତକାଲି ଏହି ନିଷ୍ପତ୍ତି ହୋଇଛି। ମତଦାନ ହାର ଦୃଷ୍ଟିରୁ ଇନ୍ଦୋର ଲୋକସଭା ନିର୍ବାଚନମଣ୍ଡଳୀ ଯେପରି ଦେଶରେ ପ୍ରଥମ ହେବ ତାହା ଲକ୍ଷ୍ୟ ରଖାଯାଇଛି। ସେଥିପାଇଁ ହୋଟେଲ ମାଲିକମାନଙ୍କ ସହଯୋଗ ଲୋଡ଼ାଯାଇଥିବା ଜିଲ୍ଲା ମାଜିଷ୍ଟ୍ରେଟ୍ ଆଶିଷ ସିଂହ କହିଛନ୍ତି। ଇନ୍ଦୋରର ପ୍ରସିଦ୍ଧ ଫୁଡ୍ ହବ୍ '୫୬ ଦୁକାନ'ର ସଭାପତି ଗୁଞ୍ଜନ ଶର୍ମା କହିଛନ୍ତି, ସକାଳ ୭ରୁ ୯ଟା ଭିତରେ ଭୋଟ ଦେଇଥିବା ବ୍ୟକ୍ତିଙ୍କୁ ମାଗଣାରେ ପୋହା ଓ ଜଲେବି ଦିଆଯିବ। ସେହି ସମୟ ଭିତରେ ଭୋଟ ଦେିଥଇବା ବରିଷ୍ଠ ନାଗରିକଙ୍କୁ ଓ ପ୍ରଥମଥର ଭୋଟ ଦେଉଥିବା ଯୁବକଯୁବତୀଙ୍କୁ ମାଗଣାରେ ପୋହା ଓ ଜଲେବି ସାଙ୍ଗକୁ ଆଇସକ୍ରିମ୍ ମଧ୍ୟ ଦିଆଯିବ। ଭୋଟ ଦେଇଥିବାର ପ୍ରମାଣ ଭାବେ ଅଙ୍ଗୁଳିରେ ଅଲିଭା କାଳି ଦାଗ ଦୋକାନୀଙ୍କୁ ଦେଖାଇବାକୁ ପଡ଼ିବ। ଅନ୍ୟ କେତେକ ବ୍ୟାବସାୟିକ ସଂସ୍ଥା ମଧ୍ୟ ସକାଳ ୭ରୁ ୯ଟା ଭିତରେ ଭୋଟ ଦେଇଥିବା ବ୍ୟକ୍ତିଙ୍କୁ ମାଗଣାରେ ନୁଡୁଲ୍ସ ଓ ମାଞ୍ଚୁରିଆନ୍ ଦେବାକୁ ସ୍ଥିର କରିଛନ୍ତି। ଦିଲ୍ଲୀ ମ୍ୟୁନିସିପାଲ କର୍ପୋରେସନ୍ ସେହି ମାର୍ଗରେ ଚିନ୍ତା କରି ଏର୍ଲି ଭୋଟର୍ସଙ୍କୁ ବିଭିନ୍ନ ହୋଟେଲରେ ଖାଦ୍ୟରେ ରିହାତି, ମଲରେ ଓ ମାର୍କେଟ୍ କିଣାକିଣିରେ ରିହାତି ମିଳିବାର ବ୍ୟବସ୍ଥା କରିଛି। ଚାନ୍ଦିନୀଚୌକ ସର୍ବ ବ୍ୟାପାର ମଣ୍ଡଳର ସଦସ୍ୟ ଥିବା ଦୋକାନଗୁଡ଼ିକରେ ମେ' ୨୭ ତାରିଖରେ ଭୋଟରଙ୍କୁ ୧୦% ରିହାତି ମିଳିବ। ଚାନ୍ଦିନୀଚୌକରେ ମେ' ୨୫ ତାରିଖରେ ମତଦାନ ହେବ। ରିହାତି ତା'ର ଦୁଇ ଦିନ ପରେ ମେ' ୨୭ ଦିନକ ପାଇଁ ମିଳିବ। ଭୋଟ ଦେଇଥିବାର ପ୍ରମାଣ ଭାବେ ଅଙ୍ଗୁଳିରେ ଅଲିଭା କାଳି ଦାଗ ଦୋକାନୀଙ୍କୁ ଦେଖାଇବାକୁ ପଡ଼ିବ। ଜନକପୁରୀ ମାର୍କେଟର ଦୋକାନଗୁଡ଼ିକରେ ମଧ୍ୟ କିଣାକିଣିରେ ୫% ରିହାତି ମିଳିବ। ଦିଲ୍ଲୀର ବିଭିନ୍ନ ଅଞ୍ଚଳର ବହୁ ଦୋକାନରେ ମଧ୍ୟ ଭୋଟରଙ୍କୁ ୧୦ରୁ ୩୦% ଯାଏଁ ରିହାତି ମିଳିବାର ବ୍ୟବସ୍ଥା କରାଯାଇଛି। ଏନଆରଏଆଇ ସହ ଅନୁବନ୍ଧିତ ହୋଟେଲଗୁଡ଼ିକରେ ମଧ୍ୟ ମତଦାନ ଦିନ ୨୦% ରିହାତି ମିଳିବ।



ମତଦାନର ୪୮ ଘଣ୍ଟା ପୂର୍ବରୁ ...

# ନିର୍ବାଚନ ପ୍ରଚାର ସମ୍ପର୍କିତ କଣ୍ଟେଣ୍ଟ ପ୍ରସାରଣ ବନ୍ଦ ନିର୍ଦ୍ଦେଶ



ଟେଲିଭିଜନ ଓ ରେଡିଓରେ ମତ ଦାନ ଦିବସର ୪୮ ଘଣ୍ଟା ପୂର୍ବରୁ ନିର୍ବାଚନ ପ୍ରଚାର ସମ୍ପର୍କିତ କଣ୍ଟେଣ୍ଟ ପ୍ରସାରଣ ବନ୍ଦ ରହିବ ବୋଲି ନାନ୍ଦେଦ ଲୋକସଭା ନିର୍ବାଚନମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ତଥା ନାନ୍ଦେଦ ଜିଲ୍ଲାପାଳ ଅଭିଜିତ ରାଉତ ଆଦେଶ ଜାରି କରିଛନ୍ତି। ଜାତୀୟ ନିର୍ବାଚନ କମିସନଙ୍କ ଦ୍ୱାରା ଛପାଯାଇଥିବା ଏକ ହ୍ୟାଣ୍ଡବୁକରେ ଲେଖାଅଛି ଯେ ଟିଭି ଓ ଅନୁରୂପ ଡିଭାଇସରେ ମତ ଦାନ ଦିବସର ୪୮ ଘଣ୍ଟା ପୂର୍ବରୁ ନିର୍ବାଚନ ପ୍ରଚାର ସମ୍ପର୍କିତ କଣ୍ଟେଣ୍ଟ ପ୍ରସାରଣ ବନ୍ଦ ରହିବ। ସେହି ଅନୁରୂପ ଡିଭାଇସ ଭିତରେ ରେଡିଓ ଆସୁଛି। ତେଣୁ ଅଲ ଇଣ୍ଡିଆ ରେଡିଓର ଆଞ୍ଚଳିକ ଚ୍ୟାନେଲ ଓ ଅନ୍ୟ ସମସ୍ତ ପ୍ରକାରର ରେଡିଓ ଚ୍ୟାନେଲରେ ମତ ଦାନ ଦିବସର ୪୮ ଘଣ୍ଟା ପୂର୍ବରୁ ନିର୍ବାଚନ ପ୍ରଚାର ସମ୍ପର୍କିତ କଣ୍ଟେଣ୍ଟ ପ୍ରସାରଣ ବନ୍ଦ ରହିବ।

## ନିର୍ବାଚନକୁ ନୂଆ ମୋଡ଼ ଦେବେ

# ୱାଇଏସ୍ଆର୍‌ସିପି'ର ସ୍ୱେଚ୍ଛାସେବୀ

## ମାସକୁ ୫ ହଜାର ପାରିତୋଷିକ

ଆନ୍ଧ୍ର ପ୍ରଦେଶରେ ମୁଖ୍ୟମନ୍ତ୍ରୀ ୱାଇଏସ୍ ଜଗନ ମୋହନ ରେଡ୍ଡିଙ୍କ ୱାଇଏସଆର୍ କଂଗ୍ରେସ ପାର୍ଟି ସରକାର ୨୦୧୯ରେ ଗ୍ରାମାଞ୍ଚଳର ପ୍ରତି ଗ୍ରାମ ଓ ସହରାଞ୍ଚଳର ପ୍ରତି ୱାର୍ଡରେ ସ୍ୱେଚ୍ଛାସେବୀ ନିଯୁକ୍ତ କରିବାର ବ୍ୟବସ୍ଥା କରିଥିଲେ। ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନାର ଉପଭୋକ୍ତାଙ୍କ ଘରେ ବେନିଫିଟ୍ ପହଞ୍ଚାଇବା ହେଉଛି ସେମାନଙ୍କ କାର୍ଯ୍ୟ। ସେଥିପାଇଁ ସରକାର ପ୍ରତି ସ୍ୱେଚ୍ଛାସେବୀଙ୍କୁ ମାସକୁ ୫୦୦୦ ଟଙ୍କା ପାରିତୋଷିକ ଦେଉଛନ୍ତି। ସମଗ୍ର ଆନ୍ଧ୍ରରେ ଏପରି ୨ଲକ୍ଷ ୫୦ହଜାର ସ୍ୱେଚ୍ଛାସେବୀ ନିଯୁକ୍ତ ଅଛନ୍ତି। ଏବେ ଆନ୍ଧ୍ର ବିଧାନସଭା ଓ ଲୋକସଭା ନିର୍ବାଚନରେ ଏହି ଅଢ଼େଇ ଲକ୍ଷ ସ୍ୱେଚ୍ଛାସେବୀ ପାଲଟିଛନ୍ତି ୱାଇଏସଆର୍ କଂଗ୍ରେସ ପାର୍ଟିର ପଦାତିକ ସେନା। ତେଲୁଗୁ ଦେଶମ୍ ପାର୍ଟି ଓ ତାହାର ସହଯୋଗୀ ଦଳ ଯେପରି ମିଥ୍ୟା ପ୍ରତିଶ୍ରୁତି ଦେଇ ଭୋଟରଙ୍କୁ ଭ୍ରମିତ ଓ ଲୋଭାସକ୍ତ କରାଉଛନ୍ତି ତାହାକୁ ପ୍ରଭାବୀ ଢ଼ଙ୍ଗରେ ନିଷ୍କ୍ରିୟ କରିବାକୁ ମୁଖ୍ୟମନ୍ତ୍ରୀ ଜଗନ ମୋହନ ଏହି ସ୍ୱେଚ୍ଛାସେବୀମାନଙ୍କୁ ଆହ୍ୱାନ ଦେଇଛନ୍ତି। ସ୍ୱେଚ୍ଛାସେବୀ ହେଉଛନ୍ତି ସ୍ଥାନୀୟ ଯୁବ ବର୍ଗର। ପ୍ରତ୍ୟେକ ସ୍ୱେଚ୍ଛାସେବୀ ଅନ୍ୟୂନ ୫୦ ପରିବାରକୁ ଘରଦୁଆରେ ସରକାରଙ୍କ କଲ୍ୟାଣ ଯୋଜନାର ସୁଫଳ ପହଞ୍ଚାଉଥିବାରୁ ଏମାନଙ୍କ ତୃଣମୂଳ ସ୍ତରର ଉତ୍ତମ ଲୋକସମ୍ପର୍କ ରହୁଛି, ଲୋକେ ଏମାନଙ୍କୁ ଚିହ୍ନନ୍ତି ଓ ଭଲପାଆନ୍ତି। ଗତ ସାଢ଼େ ଚାରି ବର୍ଷରେ ସ୍ୱେଚ୍ଛାସେବୀମାନେ ଲୋକଙ୍କ ସାମାଜିକ-ଅର୍ଥନୈତିକ ସ୍ଥିତି, ଜାତି, ଧର୍ମ, ରାଜନୈତିକ ପସନ୍ଦ ଆଦିର ମାଇକ୍ରୋ ଲେଭେଲ୍ ପ୍ରୋଫାଇଲ ପ୍ରସ୍ତୁତ କରିଛନ୍ତି। ଏବେ ନିର୍ବାଚନ ବେଳେ ଏମାନେ ଜଗନ ରେଡ୍ଡିଙ୍କ ୱାଇଏସଆର୍ କଂଗ୍ରେସ ପାର୍ଟିର ନିର୍ବାଚନ ସମ୍ବଳ ବା ଆସେଟ୍ ପାଲଟିଛନ୍ତି। ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା ସଂଗୃହିତ ଡାଟାରୁ ୱାଇଏସଆର୍ କଂଗ୍ରେସ ପାର୍ଟି ସମ୍ଭାବ୍ୟ ଭୋଟିଂ ପ୍ୟାଟର୍ଣ୍ଣର ଅନୁଶୀଳନ କରିପାରୁଛି। ୱାଇଏସଆର୍ କଂଗ୍ରେସ ପାର୍ଟି ପକ୍ଷରୁ ଗତ ଫେବୃଆରୀରେ ସ୍ୱେଚ୍ଛାସେବୀମାନଙ୍କ ସମ୍ମିଳନୀର ଆୟୋଜନ ହୋଇଥିଲା। ସେଥିରେ ମୁଖ୍ୟମନ୍ତ୍ରୀ ଜଗନ ରେଡ୍ଡି କହିଥିଲେ ଯେ ସ୍ୱେଚ୍ଛାସେବୀମାନେ ହେଉଛନ୍ତି ତାଙ୍କ ସରକାରର ରାଜଦୂତ, ତାଙ୍କ ଦଳ ୱାଇଏସଆର୍ କଂଗ୍ରେସ ପାର୍ଟିର ତାରକା ପ୍ରଚାରକ, ତାଙ୍କର ଯୁବ ସେନା। ସ୍ୱେଚ୍ଛାସେବୀମାନେ ୱାଇଏସଆର୍ କଂଗ୍ରେସ ପାର୍ଟିକୁ ନିର୍ବାଚନରେ ଜିତାଇବେ ବୋଲି ଜଗନ ଭରସା ରଖିଛନ୍ତି। ଗତବର୍ଷ ଭୋଟର ତାଲିକା ନବୀକରଣରେ ସରକାରୀ କର୍ମଚାରୀଙ୍କୁ ସହାୟତା ଦେବାକୁ ସମସ୍ତ ଗ୍ରାମ ଓ ୱାର୍ଡର ସ୍ୱେଚ୍ଛାସେବୀଙ୍କୁ ମୁଖ୍ୟମନ୍ତ୍ରୀ ରେଡ୍ଡି ନିର୍ଦ୍ଦେଶ ଦେଇଥିଲେ। ସ୍ୱେଚ୍ଛାସେବୀମାନେ ପ୍ରକୃତ ଭୋଟରଙ୍କୁ ତାଲିକାରୁ ବାଦ ଦେଉଛନ୍ତି ଓ ଜାଲ ଭୋଟର ସୃଷ୍ଟି କରୁଛନ୍ତି ବୋଲି ତେଲୁଗୁ ଦେଶମ୍ ପାର୍ଟି ନିର୍ବାଚନ କମିସନଙ୍କଠାରେ ଆପତ୍ତି ଦାଖଲ କରିଥିଲା। ନିର୍ବାଚନ କମିସନ ମଧ୍ୟ ନିର୍ବାଚନ ସମ୍ପର୍କିତ ସମସ୍ତ କାର୍ଯ୍ୟରୁ ସ୍ୱେଚ୍ଛାସେବୀମାନଙ୍କୁ ଦୂରେଇ ରଖିବାକୁ ଆନ୍ଧ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ନିର୍ବାଚନ ଆଦର୍ଶ ଆଚରଣ ବିଧି ଲାଗୁ ହେବା ପରେ ସ୍ୱେଚ୍ଛାସେବୀମାନେ ଲୋକଙ୍କ ଘରେ ପେନସନ୍ ଟଙ୍କା ପହଞ୍ଚାଇ ପାରିବେ ନାହିଁ ବୋଲି ନିର୍ବାଚନ କମିସନ ଗତ ମାର୍ଚ୍ଚ ୩୦ରେ ନୂଆ ଆଦେଶ ଜାରି କରିଥିଲେ। ଫଳରେ ଏପ୍ରିଲରେ ଲକ୍ଷାଧିକ ପେନସନର୍ ସେମାନଙ୍କ ପ୍ରାପ୍ୟ ଯଥା ସମୟରେ ପାଇପାରିନାହାନ୍ତି। ଲୋକଙ୍କୁ ନିଃସ୍ୱାର୍ଥପର ସେବା ଯୋଗାଉଥିବା ବେଳେ ସେମାନଙ୍କ ସେବାକୁ ରାଜନୈତିକ ରଙ୍ଗ ଦିଆଯାଉଥିବାରୁ ୪୪୧୬୩ ଜଣ ସ୍ୱେଚ୍ଛାସେବୀ ୱାଇଏସଆର୍ କଂଗ୍ରେସ ପାର୍ଟିର ଆହ୍ୱାନରେ ଇସ୍ତଫା ଦେଇଛନ୍ତି। ସେବାନିବୃତ୍ତ ହେବା ପରେ ସ୍ୱେଚ୍ଛାସେବୀମାନେ ଖୋଲାଖୋଲି ଭାବେ ୱାଇଏସଆର୍ କଂଗ୍ରେସ ପାର୍ଟିର କର୍ମୀ ପାଲଟିଛନ୍ତି ଓ ପ୍ରଚାର କରୁଛନ୍ତି। ନିର୍ବାଚନ ଜିତି ପୁଣି ସରକାର ଗଢ଼ିବା ମାତ୍ରେ ଇସ୍ତଫା ଦେଇଥିବା ସ୍ୱେଚ୍ଛାସେବୀମାନଙ୍କୁ ପୁନଃନିଯୁକ୍ତି ଦେବେ ବୋଲି ମୁଖ୍ୟମନ୍ତ୍ରୀ ରେଡ୍ଡି ତାଙ୍କ ନିର୍ବାଚନ ପ୍ରଚାର ସଭାରେ କହିଛନ୍ତି। ୱାଇଏସଆର୍ କଂଗ୍ରେସ ପାର୍ଟିର ସ୍ୱେଚ୍ଛାସେବୀ ନିଯୁକ୍ତି ବ୍ୟବସ୍ଥାକୁ ଗତ ୪ବର୍ଷ ଧରି ବିରୋଧ କରୁଥିବା ତେଲୁଗୁ ଦେଶମ୍ ପାର୍ଟିକୁ ଶେଷରେ କହିବାକୁ ପଡ଼ିଛି ଯେ ସରକାର ଗଢ଼ିଲେ ତେଲୁଗୁ ଦେଶମ୍ ପାର୍ଟି ସ୍ୱେଚ୍ଛାସେବୀ ନିଯୁକ୍ତି ବ୍ୟବସ୍ଥାକୁ ସୁଦୃଢ଼ କରିବ ଓ ସେମାନେ ମାସକୁ ଯାହା ୫୦୦୦ ଟଙ୍କା ପାରିତୋଷିକ ପାଉଥିଲେ ତାହାକୁ ୧୦୦୦୦ ଟଙ୍କାକୁ ବଢ଼ାଇବ।



## ବିଶ୍ୱ ମେଲେରିଆ ଦିବସ



ମେଲେରିଆ ରୋଗ ପ୍ରତି ସଚେତନତା ସୃଷ୍ଟି କରିବା ସହ ଏହି ରୋଗକୁ ନିୟନ୍ତ୍ରଣ କରିବା ପାଇଁ ପ୍ରତିବର୍ଷ ଏପ୍ରିଲ୍ ୨୫ ତାରିଖକୁ 'ବିଶ୍ୱ ମେଲେରିଆ ଦିବସ' ଭାବେ ପାଳନ କରାଯାଏ । ପ୍ରାୟତଃ ଏସିଆ, ଆଫ୍ରିକା, ଦକ୍ଷିଣ ଓ ମଧ୍ୟ ଆମେରିକାର ଲୋକେ ଏହି ରୋଗର ଶିକାର ହୋଇଥାନ୍ତି । ୨୦୦୭ ରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ୬୦ତମ ଅଧିବେଶନରେ ଏହାକୁ ପାଳନ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ସେବେଠାରୁ ମେଲେରିଆର ଭୟାବହତା ସମ୍ପର୍କରେ ଲୋକଙ୍କୁ ଅବଗତ କରିବା ପାଇଁ ଏହି ଦିନରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଏ । ମେଲେରିଆ ରୋଗର କାରଣ, ନିରାକରଣ, ରୋଗ ଚିହ୍ନଟ, ଚିକିତ୍ସା, ଆଦି ବାବଦରେ ଲୋକଙ୍କୁ ସଚେତନ କରାଇବା ଏହି ଦିବସ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ । ଆମ ଦେଶ ଭାରତ ୨୦୩୦ ସୁଦ୍ଧା ମେଲେରିଆର ମୂଳୋତ୍ପାଟନ ପାଇଁ ଲକ୍ଷ୍ୟ ରଖିଛି । ସେହିପରି ୨୦୨୭ ସୁଦ୍ଧା ପୂରା ଦେଶକୁ ମେଲେରିଆମୁକ୍ତ କରାଯିବା ପାଇଁ ବିଭିନ୍ନ ଯୋଜନା ଚାଲିଛି । ପ୍ରତିବର୍ଷ ମେଲେରିଆରେ ଲକ୍ଷ ଲକ୍ଷ ଲୋକ ପ୍ରାଣ ହରାନ୍ତି । ମାଈ ଏନୋଫିଲିସ୍ ମଶା ଦ୍ୱାରା ଜଣେ ମେଲେରିଆ ରୋଗୀଠାରୁ ଆଉ ଜଣେ ସୁସ୍ଥ ଲୋକ ଶରୀରରେ ମେଲେରିଆ ରୋଗ ପ୍ରବେଶ କରିଥାଏ । ମେଲେରିଆ ଜ୍ୱର ଆରମ୍ଭ ହେଲେ ଶରୀରରେ ଥଣ୍ଡା ଅନୁଭୂତ ହେବା ସହ କମ୍ପ ହୁଏ । ମେଲେରିଆ ହେଲେ ରୋଗୀ ଶରୀରରେ ତାପମାତ୍ରା ପ୍ରବଳ ବୃଦ୍ଧି ପାଇ ଜ୍ୱର ଖୁବ୍ ବଢ଼ିଥାଏ । ରୋଗୀର ଭୀଷଣ ମୁଣ୍ଡବ୍ୟଥା ସାଙ୍ଗକୁ ବାନ୍ତି ଲାଗିବା, ଶୋଷ ଲାଗିବା, ଅରୁଚି ଆଦି ସହ ଦେହ ଜଳିଗଲା ପରି ଲକ୍ଷଣ ଅନୁଭୂତ ହୋଇଥାଏ । ମେଲେରିଆରୁ ରକ୍ଷା ପାଇବା ପାଇଁ ଘର ଚାରିପାଖ ସଫା ରଖିବା ସହ ପାଣି ଜମି ରହିବାକୁ ଦିଅନ୍ତୁ ନାହିଁ । ଏହା ସହ ମଶାରି ଟାଙ୍ଗି ଶୋଇବା ଉଚିତ । ଅନେକ କ୍ଷେତ୍ରରେ ଏହି ରୋଗ ଘାତକ ସାଜିଥାଏ । ଠିକ୍ ସମୟରେ ଉପଯୁକ୍ତ ଚିକିତ୍ସା କରା ନ ଗଲେ ମେଲେରିଆ ରୋଗୀଙ୍କୁ ପ୍ରାଣ ହରାଇବାକୁ ପଡ଼େ । ପ୍ରତିବର୍ଷ ବିଶ୍ୱ ମେଲେରିଆ ଦିବସ ପାଳନ ଅବସରରେ ଏକ ନିର୍ଦ୍ଦିଷ୍ଟ ବିଷୟବସ୍ତୁ ଚୟନ କରାଯାଏ । ଯାହାକୁ ଆଖି ଆଗରେ ରଖି ସେହି ବର୍ଷର ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ ହୁଏ । ଚଳିତବର୍ଷ ଏହି ଦିବସର ବିଷୟବସ୍ତୁ ରହିଛି-"Accelerating the fight against malaria for a more equitable world."

## ଆଜିର ଇତିହାସ

- ୧୯୦୫- ଦକ୍ଷିଣ ଆଫ୍ରିକାରେ କୃଷ୍ଣକାୟଙ୍କୁ ମତାଧିକାର ମିଳିଲା ।
- ୧୯୫୭-ସୋଡିୟମ୍ ପରମାଣୁ ରିଆକ୍ଟରକୁ ପ୍ରଥମ ଥର ସଞ୍ଚାଳିତ କରାଗଲା ।
- ୧୯୮୨- ଦିଲ୍ଲୀରେ ପ୍ରଥମ ଥର ପାଇଁ ଟେଲିଭିଜନର ରଙ୍ଗିନ ଛବି ପ୍ରସାରଣ ଆରମ୍ଭ ହେଲା ।
- ୨୦୦୫- ଜାପାନରେ ଏକ ରେଳ ଦୁର୍ଘଟଣାରେ ୧୦୦ ଲୋକଙ୍କ ମୃତ୍ୟୁ ହୋଇଥିଲା ।
- ୨୦୧୩- ରୁଷିଆର ଏକ ହସ୍ପିଟାଲରେ ଅଗ୍ନିକାଣ୍ଡ ଘଟି ୩୮ ଲୋକଙ୍କ ମୃତ୍ୟୁ ।
- ୨୦୨୧-ଇରାକ୍ର ବାଗ୍ଦାଦ୍ଠାରେ କୋଭିଡ୍ ହସ୍ପିଟାଲର ସିଲିଣ୍ଡର ଫାଟିବାରୁ ୮୨ ଲୋକଙ୍କ ପ୍ରାଣହାନି ।

## 'ଦେବଦାସ'ରେ କାମ କରିବାକୁ ମନା କରିଥିଲେ ମନୋଜ



ବଲିଉଡ୍ର ଜଣେ ପ୍ରତିଭାବାନ୍ କଳାକାର ଭାବେ ଜଣାଯାନ୍ତି ମନୋଜ ବାଜପେୟୀ । ଚଳଚ୍ଚିତ୍ରଠାରୁ ଆରମ୍ଭ କରି ୱେବ୍‌ସିରିଜ୍ ସବୁଥିରେ ମନୋଜଙ୍କ ଜବରଦସ୍ତ ଅଭିନୟ ଦର୍ଶକଙ୍କ ମନରେ ଏକ ନିଆରା ଛାପ ସୃଷ୍ଟି କରିଛି । ବଲିଉଡ୍‌କୁ ସେ 'ସତ୍ୟା', 'ଶୂଲ୍', 'ଗ୍ୟାଙ୍ଗ୍ସ୍ ଅଫ୍ ୱାସେପୁର', 'ରାଜନୀତି' ଭଳି ଆଇକନିକ୍ ଫିଲ୍ମ ଦେଇଛନ୍ତି । କିନ୍ତୁ ଏକଦା ମନୋଜ ବଲିଉଡ୍ର ଆଗଧାଡ଼ିର ନିର୍ଦ୍ଦେଶକ ସଞ୍ଜୟ ଲୀଲା ଭଁସାଲିଙ୍କ ବ୍ଲକ୍‌ବଷ୍ଟର୍ ଚଳଚ୍ଚିତ୍ର 'ଦେବଦାସ'ର ଅଫର୍‌କୁ ପ୍ରତ୍ୟାଖ୍ୟାନ କରିଥିଲେ । ଏଥିରେ ଲିଡ୍ ରୋଲରେ ଶାହାରୁଖ୍ ଖାନ୍, ଐଶ୍ୱର୍ଯ୍ୟା ରାୟ ବଚ୍ଚନ ଓ ମାଧୁରୀ ଦୀକ୍ଷିତ ନଜର ଆସିଥିଲେ । ଫିଲ୍ମରେ ମନୋଜଙ୍କୁ ଚୁନ୍ନିଲାଲ୍ ଭୂମିକା ପାଇଁ ଅଫର୍ ମିଳିଥିଲା । ତେବେ ମନୋଜ ଏହାକୁ ପ୍ରତ୍ୟାଖ୍ୟାନ କରିବାର କାରଣ ହେଉଛି ସେହି ସମୟରେ ପ୍ରାୟତଃ ସେ ଲିଡ୍ ରୋଲରେ ଅଭିନୟ କରୁଥିଲେ । ସେସମୟରେ ସେ ସହ କଳାକାର ଭାବେ ଅଭିନୟ କରିବାକୁ ଚାହୁଁ ନ ଥିଲେ । ଏହାଦ୍ୱାରା ତାଙ୍କ କ୍ୟାରିୟର୍ ପ୍ରଭାବିତ ହୋଇପାରେ ବୋଲି ମନୋଜ ଭାବୁଥିଲେ । 'ଦେବଦାସ'ରେ ମନୋଜ ଅଭିନୟ କରିବାକୁ ଚାହୁଁଥିଲେ, କିନ୍ତୁ ହିରୋ ଭାବେ । ଚୁନ୍ନିଲାଲ୍ ଭୂମିକା ପାଇଁ ଗୋବିନ୍ଦା ଓ ସୈଫ୍ ଅଲ୍ଲୀ ଖାନ୍‌ଙ୍କୁ ମଧ୍ୟ ଅଫର୍ ଦିଆଯାଇଥିଲା । କିନ୍ତୁ କେହି ରାଜି ନ ହେବାରୁ ଶେଷରେ ଜ୍ୟାକି ସ୍ରଫ୍ ଏହି ଭୂମିକାରେ ନଜର ଆସିଥିଲେ । ୨୦୦୨ରେ ମୁକ୍ତିଲାଭ କରିଥିବା 'ଦେବଦାସ'ର ବଜେଟ୍ ଥିଲା ୫୦ କୋଟି । ଏହା ସାରା ବିଶ୍ୱରେ ୧୬୮ କୋଟି ଆୟ କରିଥିଲା ।

## ଟ୍ରାଫିକ୍ ପୋଷ୍ଟରେ ଛାୟାପ୍ରଦାନ



ଦେଶରେ ଜାରି ରହିଛି ପ୍ରଚଣ୍ଡ ରୌଦ୍ରତାପ । ତାତିରେ ଆଉଟୁପାଉଟୁ ହେଉଛନ୍ତି ଲୋକେ । ମୁଖ୍ୟତଃ ଖରାକୁ ବାହାରୁଥିବା ଲୋକଙ୍କ ପାଇଁ ଏହା ବେଶ୍ ଯନ୍ତ୍ରଣାଦାୟକ । ଖରାରୁ ଲୋକଙ୍କ ତୃଷା ନିବାରଣ କରିବା ପାଇଁ ସ୍ଥାନେ ସ୍ଥାନେ ଜଳଛତ୍ରର ବ୍ୟବସ୍ଥା କରାଯାଇଥାଏ । କିନ୍ତୁ ଟ୍ରାଫିକ୍ ପୋଷ୍ଟରେ ଲୋକଙ୍କୁ ଟାଣ ଖରାରେ ଛିଡ଼ା ହୋଇ ଟ୍ରାଫିକ୍ ସିଗ୍ନାଲକୁ ଅପେକ୍ଷା କରିବା ଆଦୌ ସହଜ କଥା ନୁହେଁ । ବିଶେଷକରି ବାଇକ୍ ଚାଳକଙ୍କ ପାଇ ଏହା ଅଧିକ କଷ୍ଟଦାୟକ ହୋଇଥାଏ । ସେହିପରି ଏହି ସ୍ଥାନରେ ଖରାରୁ ରକ୍ଷା ପାଇଁ ବି କୌଣସି ବ୍ୟବସ୍ଥା ନ ଥାଏ । ତେବେ ସାଧାରଣ ଲୋକଙ୍କ ଏହି ସମସ୍ୟାକୁ ଦୃଷ୍ଟିରେ ରଖି ତାମିଲନାଡୁ ଭିଲୁପୁରମ୍ର ଦୁଇ ଜଣ ଯୁବକ ଏବେ ଯାହା କରି ଦେଖାଇଛନ୍ତି, ତାହା ଚର୍ଚ୍ଚାର ପ୍ରସଙ୍ଗ ହେବା ସହ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି । ଏଠାକାର ଦୁଇ ଜଣ ଯୁବକ ଲୋକେଶ ଏବଂ ତାଙ୍କ ସାଙ୍ଗ ଅସରଫ୍ ଟ୍ରାଫିକ୍ ସିଗନାଲରେ ଅପେକ୍ଷା କରୁଥିବା ଲୋକଙ୍କୁ ଛାୟା ପ୍ରଦାନ କରିବାର କାମ କରିଛନ୍ତି । ସେମାନେ ଏହି ସ୍ଥାନରେ ବାଉଁଶ ଖୁଣ୍ଟି ପୋତି ତାରପୋଲିନ୍ ଟାଣି ଲୋକଙ୍କୁ ତାତିରୁ ତ୍ରାହି ଦେଉଛନ୍ତି । ତିନିଟି ଟ୍ରାଫିକ୍ ଲାଇଟ୍ ସ୍ଥାନରେ ସେଏଭଳି ବ୍ୟବସ୍ଥା କରିଛନ୍ତି । ଏ ଦୁହିଁଙ୍କର ଏଭଳି ସାମାଜିକ କାର୍ଯ୍ୟକୁ ଲୋକେ ବେଶ୍ ପସନ୍ଦ କରିଛନ୍ତି । ତା'ସହ ସେମାନେ ମଧ୍ୟ ଏନେଇ ଚାରିଆଡ଼ୁ ପ୍ରଶଂସା ସାଉଁଟୁଛନ୍ତି । ଲୋକେଶ ଇନ୍‌ଷ୍ଟାଗ୍ରାମ୍‌ରେ ଭଏସ୍ ଅଫ୍ ଭିଲୁପୁରମ୍ ପେଜ୍‌କୁ ପରିଚାଳିତ କରୁଥିବା ବେଳେ ଅସରଫ୍ ଡିନ୍ ମୋବାଇଲ ସର୍ଭିସ୍ ସେଣ୍ଟରର ମାଲିକ ।

## ବରଫ ବାକ୍ସରେ ରହି ବିଶ୍ୱ ରେକର୍ଡ

ବରଫକୁ ଅଳ୍ପ ସମୟ ହାତରେ ଧରି ରଖିବା ବେଶ୍ କଷ୍ଟକର । କିନ୍ତୁ ପୋଲାଣ୍ଡର ଜଣେ ବ୍ୟକ୍ତି ୪ ଘଣ୍ଟା ବରଫ ବାକ୍ସ ଭିତରେ ରହି ବିଶ୍ୱରେକର୍ଡ କରିଛନ୍ତି । ଲୁକାସେଜ ସଜପୁନର ନାମକ ଏହି ୫୩ ବର୍ଷୀୟ ବ୍ୟକ୍ତି ଜଣକ ୪ ଘଣ୍ଟା ୨ ମିନିଟ୍ ଧରି ବରଫ ବାକ୍ସ ଭିତରେ ବସି ରହିଥିଲେ । ତେବେ ସେ ପୁରୁଣା ରେକର୍ଡରୁ ୫୦ ମିନିଟ୍ ଅଧିକ ସମୟ ବସି ରହିଥିଲେ । ପୂର୍ବରୁ ଏହି ରେକର୍ଡ ପୋଲାଣ୍ଡର ଜଣେ ମହିଳାଙ୍କ ନାମରେ ଥିଲା । ସେ ବରଫର ବାକ୍ସ ଭିତରେ ୩ ଘଣ୍ଟା ୬ ମିନିଟ୍ ୪୫ ସେକେଣ୍ଡ ଧରି ବସି ରହିଥିଲେ । ଲୁକାସେଜଙ୍କ ଗଳା ଓ ମୁଣ୍ଡକୁ ଛାଡ଼ି ତାଙ୍କ ଶରୀରର ଅନ୍ୟ ସବୁ ଅଙ୍ଗରେ ବରଫ ଢାଙ୍କି ଦିଆଯାଇଥିଲା । ସେ ଏକ ସର୍ଟସ୍ ଛଡ଼ା ଆଉ କିଛି ପିନ୍ଧି ନଥିଲେ । ସେ ଆଇସ୍ ବକ୍ସରେ ଥିବା ସମୟରେ ଲଗାତାର ତାଙ୍କ ଶରୀରର ତାପମାତ୍ରାକୁ ମପା ଯାଉଥିଲା । ତେବେ ଥଣ୍ଡାକୁ ସେ ଭଲ ପାଉଥିବାରୁ ଏଭଳି ଏକ ରେକର୍ଡ କରିବାକୁ ଇଚ୍ଛା କରିଥିବା ଲୁକାସେଜ କହିଛନ୍ତି ।



## ନିଆରା ଉତ୍ସବ

### ପରସ୍ପରକୁ ପକାନ୍ତି ନିଆଁହୁଳା

ଭାରତରେ ପ୍ରତ୍ୟେକ ରାଜ୍ୟରେ ଭିନ୍ନ ଭିନ୍ନ ଉତ୍ସବ ପାଳନ କରାଯାଏ । କର୍ଣ୍ଣାଟକର ମାଙ୍ଗାଲୋର ନିକଟସ୍ଥ ଶ୍ରୀ ଦୁର୍ଗାପରମେଶ୍ୱରୀ ମନ୍ଦିରରେ ପ୍ରତିବର୍ଷ ଅଗ୍ନିକେଲି ନାମରେ ଏକ ଉତ୍ସବ ପାଳନ କରାଯାଏ । ଏହି ଉତ୍ସବ ଏପ୍ରିଲ୍ ମାସରେ ପାଳନ କରାଯାଏ । ଏଥିରେ ଅଂଶଗ୍ରହଣ କରୁଥିବା ଲୋକେ ପରସ୍ପରକୁ ତାଳ ବାହୁଙ୍ଗାରେ ନିଆଁ ଲଗାଇ ଫୋପାଡ଼ିଥାନ୍ତି । ମା ଦୁର୍ଗାଙ୍କୁ ପ୍ରସନ୍ନ କରିବା ପାଇଁ ଏହି ଖେଳ ଖେଳାଯାଇଥାଏ । ମାଙ୍ଗାଲୋରର ଦୁଇଟି ଗାଁ ଆତୁର ଓ କଲତୁର ମଧ୍ୟରେ ଏହି ଅଗ୍ନି ଖେଳ ଖେଳାଯାଇଥାଏ । ମନ୍ଦିରରେ ପ୍ରଥମେ ମାଙ୍କ ଶୋଭାଯାତ୍ରା ବାହାରିଥାଏ । ଏହାପରେ ମନ୍ଦିର ପୋଖରୀରେ ଗାଧୋଇ ସାରିବା ପରେ ଶ୍ରଦ୍ଧାଳୁମାନେ ଦୁଇଟି ଗୋଷ୍ଠିରେ ବିଭକ୍ତ ହୋଇଥାନ୍ତି । ପରେ ଶୁଖିଲା ତାଳ ବାହୁଙ୍ଗାରେ ନିଆଁ ଲଗାଇ ପରସ୍ପରକୁ ଫିଙ୍ଗନ୍ତି । ପ୍ରାୟ ୧୫ ମିନିଟ୍ ଧରି ଏହି ଖେଳ ଲାଗିରହିଥାଏ । ତେବେ ଜଣେ ଭକ୍ତ ୫ ଥର ମଶାଲ ଫିଙ୍ଗିପାରିବେ । ଶେଷରେ ସେ ମଶାଲ ଲିଭାଇ ସେଠାରୁ ଚାଲି ଆସିଥାଏ । ମା' ଦୁର୍ଗାଙ୍କୁ ପ୍ରସନ୍ନ କରିବା ପାଇଁ ଏହି ଭୟାନକ ଖେଳ ଖେଳାଯାଇଥାଏ । ଏପରି କରିବା ଦ୍ୱାରା ନକାରାତ୍ମକ ଶକ୍ତିଗୁଡ଼ିକ ଦୂରେଇ ଯିବା ସହ ଭଲ ଫସଲ ହୋଇଥାଏ ବୋଲି ସ୍ଥାନୀୟ ଲୋକଙ୍କ ମଧ୍ୟରେ ବିଶ୍ୱାସ ରହିଛି । ତେବେ ଏଥିରେ ସାମିଲ ହେବା ପାଇଁ ଲୋକେ ଆଠ ଦିନ ଧରି ଉପବାସ ରଖିବା ସହିତ ମାଂସ ଏବଂ ମଦ୍ୟପାନରୁ ବିରତ ରୁହନ୍ତି । ଏହି ଉତ୍ସବ ଆଠ ଦିନ ଧରି ଚାଲେ ।



## ମସ୍ତିଷ୍କ ପାଇଁ କ୍ଷତିକାରକ ସାନିଟାଇଜର୍



କରୋନା ପରେ ହ୍ୟାଣ୍ଡ ସାନିଟାଇଜର୍ ବ୍ୟବହାର ଅଭ୍ୟାସ ଲୋକଙ୍କଠାରେ ବୃଦ୍ଧି ପାଇଛି । ଏହା କିନ୍ତୁ ମସ୍ତିଷ୍କ ପାଇଁ କ୍ଷତିକାରକ ବୋଲି ନିକଟରେ ଏକ ଅଧ୍ୟୟନରୁ ଜଣାପଡ଼ିଛି । ମାନବ କୋଷ ଏବଂ ମୂଷା ଉପରେ ଆଧାରିତ ଏକ ନୂଆ ଅଧ୍ୟୟନରୁ ଜଣାପଡିଛି ଯେ, ଘରେ ଆସବାବପତ୍ରରେ ବ୍ୟବହୃତ ସାଧାରଣ କୀଟନାଶକ, ଅଠା ଏବଂ ରାସାୟନିକ ପଦାର୍ଥ ମସ୍ତିଷ୍କର ସହାୟକ କୋଷକୁ କ୍ଷତି ପହଞ୍ଚାଇଥାଏ । ଏହି ରାସାୟନିକ ପଦାର୍ଥ ଶରୀରରେ ଅଲିଗୋଡେଣ୍ଡ୍ରୋସାଇଟ୍ସ ବଢ଼ିବାକୁ ବନ୍ଦ କରିଦିଏ । ଅଲିଗୋଡେଣ୍ଡ୍ରୋସାଇଟ୍ସ ହେଉଛି ଏକ ପ୍ରକାର ସ୍ନାୟୁଗତ ସହାୟତା କୋଷ, ଯାହା ମସ୍ତିଷ୍କକୁ ସଙ୍କେତ ଦେଇଥାଏ ।

ଅଧ୍ୟୟନ ସମୟରେ ଚିହ୍ନଟ କରାଯାଇଥିବା କ୍ୱାଟରନାରି ରସାୟନର ବ୍ୟବହାର ସାଧାରଣତଃ କୀଟନାଶକ ସ୍ପ୍ରେ, ୱାଇପ୍ସ, ହ୍ୟାଣ୍ଡ ସାନିଟାଇଜର, ଟୁଥ୍‌ପେଷ୍ଟ ଏବଂ ମାଉଥ୍‌ୱାଶ୍‌ରେ ଜୀବାଣୁ ଓ ଭୂତାଣୁକୁ ମାରିବା ପାଇଁ କରାଯାଇଥାଏ । ସେହିପରି ଅର୍ଗାନୋଫସ୍‌ଫେଟ୍ ଭଳି ରସାୟନ ଡ୍ରେସ୍, ଅଠା, ଫର୍ଣ୍ଣିଚର, ବୈଦ୍ୟୁତିକ ଉପକରଣରେ ମିଳିଥାଏ । ଏହି ରସାୟନ ଦ୍ରବଣୀୟ ହୋଇଥିବାରୁ ଏହା ତ୍ୱଚା ମାଧ୍ୟମରେ ଅବଶୋଷିତ ହୋଇ ମସ୍ତିଷ୍କ ମଧ୍ୟକୁ ପ୍ରବେଶ କରିଥାଏ । ତେବେ ଏହି ଗବେଷଣା ମୂଷା ଉପରେ ଅର୍ଗାନୋଫସ୍‌ଫେଟ୍ ରସାୟନ ଲଗାଯାଇ କରାଯାଇଥିଲା । ଏହା ପରେ ସେମାନଙ୍କ ମସ୍ତିଷ୍କରେ ରସାୟନ ସ୍ତର ଜାଣିବା ନେଇ ପରୀକ୍ଷା କରାଯାଇଥିଲା । ଏଥିରୁ ଜଣାପଡ଼ିଲା, ଏହି ରସାୟନ ମସ୍ତିଷ୍କ କୋଷକୁ ପହଞ୍ଚିଥିଲା । ୧୦ ଦିନ ଏଭଳି କରାଯିବା ପରେ ମୂଷାଙ୍କର ଅଲିଗୋଡେଣ୍ଡ୍ରୋସାଇଟ୍ସର ସଂଖ୍ୟା ହ୍ରାସ ପାଇଥିଲା । ଏହି କାରଣରୁ ଗବେଷକମାନେ ହ୍ୟାଣ୍ଡସ୍ୟାନିଟାଇଜର ସ୍ପ୍ରେରୁ ଦୂରତ୍ୱ ରକ୍ଷା କରିବା ପାଇଁ ପରାମର୍ଶ ଦେଇଛନ୍ତି । ସାନିଟାଇଜର୍‌ରେ ଅତି କମ୍‌ରେ ୬୦ ପ୍ରତିଶତ ଆଲକହଲ ରହିବା ଜରୁରି । କିନ୍ତୁ କିଛି ସାନିଟାଇଜରରେ ଟ୍ରିକ୍ଲୋସନ୍ ଥାଏ । ଯାହାର ବ୍ୟବହାର କୀଟନାଶକକୁ ମାରିବା ପାଇଁ କରାଯାଏ । ଅନ୍ୟପଟେ ଏହି ରସାୟନ ସହଜରେ ତ୍ୱଚାରେ ଭେଦି ଯାଉଥିବାରୁ ଏହା ମସ୍ତିଷ୍କ, ଯକୃତ୍ ଏବଂ ମାଂସପେଶୀକୁ ପ୍ରଭାବିତ କରିଥାଏ ବୋଲି ଗବେଷକମାନେ କହିଛନ୍ତି ।

## କାନ୍ଥର ରଙ୍ଗ ହେବ ସୁଖଶାନ୍ତିର ଚାବିକାଠି



**ଘରର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିଥାଏ କାନ୍ଥର ରଙ୍ଗ । ଘରେ ଥିବା ବୈଠକ କକ୍ଷ, ଶୟନ କକ୍ଷ, ରୋଷେଇ ଘର ଆଦିରେ ଭିନ୍ନ ଭିନ୍ନ ରଙ୍ଗ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟି ଥିବାବେଳେ, ବାସ୍ତୁ ଅନୁଯାୟୀ ରଙ୍ଗ ଦେବା ଦ୍ୱାରା ଜୀବନରେ ସୁଖଶାନ୍ତି ବଜାୟ ରହିଥାଏ । ତେବେ, କେଉଁ ରଙ୍ଗ କେଉଁ କକ୍ଷରେ ଦେବା ଉଚିତ ଆସନ୍ତୁ ଜାଣିବା ।**

- ଘରର ଲିଭିଙ୍ଗ୍ ରୁମ୍ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ । ବାସ୍ତୁ ଅନୁସାରେ ଏହି କକ୍ଷରେ ବାଦାମୀ, ଗୋଲାପି, ଧଳା ରଙ୍ଗ ସର୍ବୋତ୍ତମ ବୋଲି ବିବେଚନା କରାଯାଇଛି । ଏଠାରେ ଏହି ରଙ୍ଗର ପରଦା କିମ୍ବା ତକିଆ କଭର୍‌ର ବ୍ୟବହାର ମଧ୍ୟ ଶୁଭ ଫଳାଫଳ ଦେଇଥାଏ ।
- ଡାଇନିଂ ରୁମ୍‌ରେ ହାଲୁକା ନୀଳ, ହାଲୁକା ସବୁଜ ଏବଂ ଗୋଲାପି ରଙ୍ଗ ଦେବା ଶ୍ରେୟସ୍କର ହୋଇଥାଏ । ଏହା ସର୍ବଦା ଶକ୍ତି ଏବଂ ସତେଜତାକୁ ସୂଚାଇଥାଏ । ଏହାବ୍ୟତୀତ ଏହି ରଙ୍ଗ ଦ୍ୱାରା ସକାରାତ୍ମକତାର ସଞ୍ଚାର କରିଥାଏ ।
- ଧଳା ରଙ୍ଗ ସବୁବେଳେ ରୋଷେଇ ଘରେ ଶୁଭ ବୋଲି ବିବେଚନା କରାଯାଏ । ଏହା ମନକୁ ଶାନ୍ତ ରଖିବାରେ ସାହାଯ୍ୟ କରେ ।
- ଶୟନକକ୍ଷ ଜୀବନରେ ଖୁବ୍ ଗୁରୁତ୍ୱ ବହନ କରିଥାଏ । ତେଣୁ ଏହି କକ୍ଷରେ ମଧ୍ୟ ହାଲୁକା ହଳଦିଆ, ନୀଳ, ଗୋଲାପି ରଙ୍ଗ ବ୍ୟବହାର କରିବା ଉଚିତ । ଏଭଳି ରଙ୍ଗ ଦ୍ୱାରା ମନ ପ୍ରସନ୍ନ ରହିଥାଏ ଏବଂ ସମ୍ପର୍କ ମଧ୍ୟ ମଜଭୁତ ହୁଏ ।
- ଶୌଚାଳୟ ପାଇଁ ହାଲୁକା ଗୋଲାପି ରଙ୍ଗ ବା ଧଳା ରଙ୍ଗ ସର୍ବୋତ୍ତମ ହୋଇଥାଏ । ଏହି ରଙ୍ଗ ଦ୍ୱାରା ବାଥରୁମ୍ ଶୁଦ୍ଧ ଓ ପରିଷ୍କାର ପରିଚ୍ଛନ୍ନତା ଅନୁଭବ ହୋଇଥାଏ ।

## ଆଜିର ରାଶିଫଳ

**ମେଷ:** ଦିନଟି ଶୁଭଫଳ ପ୍ରଦାନ କରିବ । ଗରିବ ଲୋକଙ୍କୁ ସାହାଯ୍ୟ କରିବେ । ନୂଆ ପ୍ରୋଜେକ୍ଟ ଆରମ୍ଭ କରିବା ପାଇଁ ଅନୁକୂଳ ସମୟ । ବରିଷ୍ଠ ଅଧିକାରୀ କାର୍ଯ୍ୟ ପାଇଁ ପ୍ରଶଂସା କରିବେ ।

**ବୃଷ:** ଭାଇ ଭଉଣୀଙ୍କଠାରୁ ଉପହାର ମିଳିବ । ଧାରକରଜରୁ ଦୂରେଇ ରହିବେ । ଅଟକିଥିବା କାର୍ଯ୍ୟ ପୂରା ହେବ । ଲେଖକ ଲେଖିକାଙ୍କୁ ସଫଳତା ମିଳିବ । ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ ।

**ମିଥୁନ:** ଶୁଭ ଖବର ପ୍ରାପ୍ତ ହେବ । ପରିବାର ସଦସ୍ୟଙ୍କ ସହ ହସଖୁସିରେ ସମୟ ଅତିବାହିତ କରିବେ । ନୂଆ ଯୋଜନା ସହ କାର୍ଯ୍ୟ କରିବେ । ଆର୍ଥିକ ସ୍ଥିତି ମଜଭୁତ ହେବ । ସଂଗୀତ କ୍ଷେତ୍ର ପ୍ରତି ରୁଚି ବଢ଼ିବ ।

**କର୍କଟ:** ବନ୍ଧୁଙ୍କୁ ଆର୍ଥିକ ସାହାଯ୍ୟ କରିବେ । କ୍ୟାରିୟର ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ । ମନ ପ୍ରସନ୍ନ ରହିବ । ଜୀବନସାଥୀଙ୍କ ସହ ବୁଲିବାକୁ ଯିବେ । ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ ।

**ସିଂହ:** ଦିନଟି ମିଶ୍ରଫଳ ପ୍ରଦାନ କରିବ । ନୂଆ ପରିକଳ୍ପନା ସହ ବ୍ୟବସାୟ ଆରମ୍ଭ କରିବେ । ଛାତ୍ରଛାତ୍ରୀଙ୍କୁ କଠିନ ପରିଶ୍ରମର ଉଚିତ ଫଳ ମିଳିବ । ଅଫିସ୍ କାର୍ଯ୍ୟରେ ସଫଳତା ଲାଭ କରିବେ ।

**କନ୍ୟା:** ବନ୍ଧୁ ମିଳନରେ ଯୋଗ ଦେବେ । ଆର୍ଥିକ ସ୍ଥିତିରେ ସୁଧାର ହେବ । ଅଫିସ୍ କାର୍ଯ୍ୟରେ ସହକର୍ମୀଙ୍କ ସାହାଯ୍ୟ ମିଳିବ । ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ । ଯୋଗ, ବ୍ୟାୟାମ ପ୍ରତି ଆଗ୍ରହ ବଢ଼ିବ ।

**ତୁଳା:** ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ । କଠିନ କାମକୁ ସଫଳତାପୂର୍ବକ ଶେଷ କରିବେ । ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି । ସନ୍ତାନ ସୁଖ ପ୍ରାପ୍ତ ହେବ । ବନ୍ଧୁଙ୍କ ସାହାଯ୍ୟ ଲୋଡ଼ିବେ ।

**ବିଛା:** ଯାନବାହନ କିଣିବା ଯୋଗ ଅଛି । ସମାଜରେ ପ୍ରତିଷ୍ଠା ବଢ଼ିବ । ପୈତୃକ ସମ୍ପତ୍ତିକୁ ନେଇ ଘରେ ଅଶାନ୍ତି ସୃଷ୍ଟି ହେବ । ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସାମ୍ନାରେ ନିଜ ପକ୍ଷ ରଖିବେ ।

**ଧନୁ:** କର୍ମଚଞ୍ଚଳ ରହିବେ । ପରିଶ୍ରମ ଅନୁଯାୟୀ ଫଳ ମିଳିବ ନାହିଁ । ବ୍ୟବହାରରେ ସଂଯମତା ରକ୍ଷା କରିବେ । ମେଡିକାଲ କ୍ଷେତ୍ରରେ ସଫଳତା ମିଳିବ । ବୈବାହିକ ଜୀବନ ସୁଖମୟ ହେବ ।

**ମକର:** ଧାରକରଜରୁ ଦୂରେଇ ରହିବେ । ଅଫିସ୍‌ରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିବେ । ଘରକୁ ଅତିଥିଙ୍କ ଆଗମନ ହେବ । ଦୀର୍ଘଦିନର କାମ ପୂରା କରିବେ । ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ ।

**କୁମ୍ଭ:** ଦିନଟି ହସଖୁସିରେ ଅତିବାହିତ କରିବେ । ଜୀବନସାଥୀଙ୍କ ସହ ଦୂରସ୍ଥାନକୁ ଯାତ୍ରା କରିବେ । ଯାନବାହନ ଚଳାଚଳ ସମୟରେ ସାବଧାନତା ଅବଲମ୍ବନ କରିବେ । ସମସ୍ୟାରେ ପଡ଼ିବା ସମ୍ଭାବନା ଅଧିକ ।

**ମୀନ:** ବ୍ୟବସାୟରେ ଉନ୍ନତି ହେବ । ଅଫିସ୍ କାର୍ଯ୍ୟରେ ବ୍ୟସ୍ତ ରହିବେ । ଧୈର୍ଯ୍ୟର ସହ ପ୍ରତ୍ୟେକ କାର୍ଯ୍ୟ କରିବେ । କୋର୍ଟକଚେରୀ ମାମଲାରେ ବିଜୟ ଲାଭ କରିବେ ।

## ବଢ଼ିବ ଘରୋଇ କ୍ରିକେଟରଙ୍କ ପାଉଣା

# ବର୍ଷକୁ ପାଇବେ କୋଟିଏ

### ଆଇପିଏଲ୍‌ରୁ ବଞ୍ଚିତ ଖେଳାଳିଙ୍କୁ ସାହାଯ୍ୟ ଲକ୍ଷ୍ୟରେ ବିସିସିଆଇ



**ନୂଆଦିଲ୍ଲୀ,୨୪।୪(ଏଜେନ୍ସି)**

ଦେଶର ଘରୋଇ କ୍ରିକେଟରଙ୍କୁ ସାହାଯ୍ୟ କରିବା ପାଇଁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଏକ ବଡ଼ ନିଷ୍ପତ୍ତି ନେବାକୁ ଯାଉଛି। ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଖେଳିବାର ସୁଯୋଗ ପାଇ ନଥିବା କ୍ରିକେଟରଙ୍କୁ ସାହାଯ୍ୟ କରିବାକୁ ବିସିସିଆଇ ଖେଳାଳିଙ୍କ ପାଉଣା ବଢ଼ାଇବାକୁ ବିଚାର କରୁଛି। ଘରୋଇ କ୍ରିକେଟରଙ୍କ ପାଉଣା ପାଖାପାଖି ଗୋଟିଏ କୋଟି ଟଙ୍କାରେ ପହଞ୍ଚିବ ବୋଲି ଏକ କ୍ରିକେଟ ୱେବସାଇଟ ତରଫରୁ ଖବର ପ୍ରକାଶିତ ହୋଇଛି। ପୂର୍ବତନ କ୍ରିକେଟର ଅଜିତ ଅଗରକରଙ୍କ ଅଧ୍ୟକ୍ଷତାରେ ଜାତୀୟ ଚୟନ କମିଟିକୁ ବୋର୍ଡର ଏହି ଯୋଜନାକୁ ଲାଗୁ କରିବା ପାଇଁ ମତାମତ ଦେବାକୁ କୁହାଯାଇଛି। ଚୟନ କମିଟି ମଧ୍ୟ ଏ ସଂକ୍ରାନ୍ତରେ ବିଚାର ବିମର୍ଶ କରିଛି। ତେବେ ବର୍ଦ୍ଧିତ ମ୍ୟାଚ୍ ପାଉଣା ନେଇ ଏବେ କୌଣସି ଘୋଷଣା କରାଯିବାର ସମ୍ଭାବନା ନାହିଁ ବୋଲି ସ୍ପଷ୍ଟ କରାଯାଇଛି।

ଘରୋଇ କ୍ରିକେଟ ଖେଳୁଥିବା କ୍ରିକେଟରମାନଙ୍କୁ ପାଉଣା ଦୁଇଗୁଣା ହେବା ଉଚିତ ବୋଲି ବିସିସିଆଇ ହୃଦୟଙ୍ଗମ କରିବା ସହ ସହମତି ପ୍ରକାଶ କରିଛି। ଯଦି କୌଣସି ଘରୋଇ କ୍ରିକେଟର ୧୦ଟି ରଣଜୀ ଟ୍ରଫି ମ୍ୟାଚ୍ ଖେଳେ ତେବେ ତାଙ୍କର ବାର୍ଷିକ ଆୟ ୭୫ ଲକ୍ଷରୁ ଗୋଟିଏ କୋଟି ଟଙ୍କା ହେବା ଉଚିତ ବୋଲି କୁହାଯାଇଛି।

### ରଣଜୀ ଖେଳାଳିଙ୍କୁ ୩ଟି ସ୍ଲାବ୍‌ରେ ପାଉଣା ଦିଆଯାଉଛି

ରଣଜୀ ଖେଳୁଥିବା କ୍ରିକେଟରଙ୍କୁ ୩ଟି ସ୍ଲାବରେ ବିସିସିଆଇ ପାଉଣା ଦେଉଛି। ୪୦ରୁ ଅଧିକ ପ୍ରଥମଶ୍ରେଣୀ ମ୍ୟାଚ୍ ଖେଳୁଥିବା କ୍ରିକେଟରଙ୍କୁ ଦିନକୁ ୬୦ ହଜାର ଟଙ୍କା ପାରିଶ୍ରମିକ ପ୍ରଦାନ କରାଯାଉଛି। ସେହିପରି ୨୧ରୁ ୪୦ଟି ମ୍ୟାଚ୍ ଖେଳିଥିବା ଖେଳାଳିଙ୍କୁ ଦିନକୁ ୫୦ ହଜାର, ୨୦ରୁ କମ୍ ପ୍ରଥମ ଶ୍ରେଣୀ ମ୍ୟାଚ୍ ଖେଳୁଥିବା କ୍ରିକେଟରଙ୍କୁ ଦିନକୁ ୪୦ ହଜାର ଟଙ୍କା ପ୍ରଦାନ କରାଯାଉଛି। ଫଳରେ ୪ ଦିନିଆ ମ୍ୟାଚ୍ ପାଇଁ ଖେଳାଳିମାନେ ଯଥାକ୍ରମେ ୨ ଲକ୍ଷ ୪୦ ହଜାର, ୨ ଲକ୍ଷ ଓ ୧ ଲକ୍ଷ ୬୦ ହଜାର ଟଙ୍କା ପାଉଣା ପାଉଛନ୍ତି।

### ପାଉଣା ଦୁଇଗୁଣା କରିଛି ଏମ୍‌ସିଏ

ମୁମ୍ବାଇ କ୍ରିକେଟ ଆସୋସିଏସନ (ଏମ୍‌ସିଏ) ପୂର୍ବରୁ ନିଜ ରଣଜୀ ଖେଳାଳିଙ୍କ ପାଉଣା ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇ ସାରିଛି। ଆଗାମୀ ସିଜନରେ ଖେଳାଳିଙ୍କ ପାଉଣା ଦୁଇଗୁଣା କରାଯିବ ବୋଲି କୁହାଯାଉଛି। ଫଳରେ ପରବର୍ତ୍ତୀ ସଂସ୍କରଣରେ ଅଭିଜ୍ଞ ଖେଳାଳିଙ୍କୁ ୪ ଲକ୍ଷ ୮୦ ହଜାର ଓ ବାକି ଖେଳାଳିଙ୍କୁ ୨ ଲକ୍ଷ ୪୦ ହଜାର ଟଙ୍କା ପାଉଣା ମିଳିବ।

### ବିସିସିଆଇ ନୂଆ ଚୁକ୍ତିରେ ଟେଷ୍ଟ ଖେଳାଳି ଲାଭବାନ ହେବେ

ଟେଷ୍ଟ କ୍ରିକେଟର ଉନ୍ନତୀ ପାଇଁ ବିସିସିଆଇ ପୂର୍ବରୁ ଗଠନମୂଳକ ପଦକ୍ଷେପ ନେଇଛି। ଏ ନେଇ ହୋଇଥିବା ନୂଆ ଚୁକ୍ତିରେ ଟେଷ୍ଟ ଖେଳାଳିଙ୍କ ପାଇଁ ବିଶେଷ ପ୍ରକାର ବ୍ୟବସ୍ଥା କରାଯାଇଛି। ବର୍ଷରେ ୭୫ ପ୍ରତିଶତରୁ ଉଦ୍ଧ୍ୱର୍ ଟେଷ୍ଟ ମ୍ୟାଚ୍ ଖେଳିଥିବା କ୍ରିକେଟରଙ୍କ ପାଉରଶ ୩୦୦% ବୃଦ୍ଧି କରାଯାଇଛି। ବର୍ତ୍ତମାନ ଗୋଟିଏ ଟେଷ୍ଟ ଖେଳୁଥିବା ଖେଳାଳିଙ୍କୁ ୧୫ ଲକ୍ଷ ଟଙ୍କା ପ୍ରଦାନ କରାଯାଉଛି। ପୂର୍ବତନ କ୍ରିକେଟର ସୁନୀଲ ଗାଭାସ୍କର ମଧ୍ୟ ରଣଜୀ ଖେଳାଳିଙ୍କ ପାଉଣା ୨ରୁ ୩ ଗୁଣା ବୃଦ୍ଧି କରିବାକୁ ପ୍ରସ୍ତାବ ଦେଇଥିଲେ।

---

## ପ୍ୟାରିସ୍ ଅଲିମ୍ପିକ୍ସ

# ଗଲ୍ଫରେ ଦମ୍ ଦେଖାଇବାକୁ ଆଦିତି, ଦୀକ୍ଷା ପ୍ରସ୍ତୁତ

**ନୂଆଦିଲ୍ଲୀ,୨୪।୪(ଏଜେନ୍ସି):** ଭାରତୀୟ ମହିଳା ଗଲ୍ଫ ତାରକା ଆଦିତି ଅଶୋକ ଓ ଦୀକ୍ଷା ଡାଗର ଆଗାମୀ ଜୁଲାଇ ଓ ଅଗଷ୍ଟ ମାସରେ ଫ୍ରାନ୍ସ ରାଜଧାନୀ ପ୍ୟାରସ୍‌ରେ ଆୟୋଜନ ହେବାକୁ ଥିବା ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବେ। ସେହିପରି ପୁରୁଷ ଗଲ୍ଫର ଶୁଭଙ୍କର ଶର୍ମା ଓ ଗଗନଜିତ ଭୁଲାର ମଧ୍ୟ ଅଲିମ୍ପିକ୍ସ ଖେଳିବାର ଯଥେଷ୍ଟ ସମ୍ଭାବନା ରହିଛି। ଆଦିତି ବିଶ୍ୱ ଗଲ୍ଫ ମାନ୍ୟତାର ୪୬ ଓ ଦୀକ୍ଷା ୧୩୮ତମ ସ୍ଥାନରେ ରହିଛନ୍ତି। ସେହିପରି ଶୁଭଙ୍କର ୧୯୭ତମ ସ୍ଥାନରେ ରହିଥିବା ବେଳେ ଗଗନଜିତ ୨୩୨ତମ ସ୍ଥାନରେ ରହିଛନ୍ତି। ଆଦିତି ଭାରତୀୟ ଭାବେ ସର୍ବାଧିକ ତୃତୀୟଥର ପାଇଁ ଅଲିମ୍ପିକ୍ସରେ ଭାଗ ନେବେ। ସେହିପରି ଦୀକ୍ଷା ଦ୍ୱିତୀୟଥର ପାଇଁ ଦ୍ୱିତୀୟଥର ପାଇଁ ଏହି ମେଗା ଇଭେଣ୍ଟରେ ଭାଗ ନେବେ। ସେହିପରି ଶୁଭଙ୍କର ଓ ଗଗନଜିତ ପ୍ରଥମଥର ପାଇଁ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବାର ସମ୍ଭାବନା ସୃଷ୍ଟି କରିଛନ୍ତି। ୨୦୨୦ ଟୋକିଓ ଅଲିମ୍ପିକ୍ସରେ ଆଦିତି ଚତୁର୍ଥ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲେ ଓ ଅଳ୍ପକେ ପଦକ ହାସଲରୁ ବଞ୍ଚିତ ହୋଇଥିଲେ। ସେ ଏହି କ୍ରମ୍‌ରେ ଭାରତୀୟ ଭାବେ ଅଲିମ୍ପିକ୍ସର ଗଫ୍ଲ ଇଭେଣ୍ଟରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ। ଭାରତୀୟ ଗଲ୍ଫ ୟୁନିୟନ ଖୁବ୍‌ଶୀଘ୍ର ଅଲିମ୍ପିକ୍ସ ଏଣ୍ଟ୍ରିଜ୍ ପଠାଇବ। ଗଲ୍ଫରେ ଅଲିମ୍ପିକ୍ସ କ୍ୱାଲିଫିକେସନ ର୍‌ୟାଙ୍କିଙ୍ଗ୍ ବା ମାନ୍ୟତା ଦ୍ୱାରା ସ୍ଥିରିକୃତ ହୋଇଥାଏ।

---

# ହସ୍ପିଟାଲ୍‌ରେ ପୂର୍ବତନ ଆର୍ଜେଣ୍ଟିନା ଫୁଟବଲର୍ କାର୍ଲୋସେ ତେଭେଜ



**ବୁଏନୋସ ଆରିଜ୍,୨୪।୪(ଏଜେନ୍ସି):** ଆର୍ଜେଣ୍ଟିନା ପୂର୍ବତନ ଫୁଟବଲର ତଥା ଫରୱାର୍ଡ କାର୍ଲୋସ ତେଭେଜ୍ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଛାତିରେ ଜନ୍ତ୍ରଣା ଅନୁଭବ କରିବା ହେତୁ ତାଙ୍କର ଚିକିତ୍ସା କରାଯାଉଛି ବୋଲି କୁହାଯାଇଛି। ତେଭେଜ୍ ଆର୍ଜେଣ୍ଟିନା ତରଫରୁ ପ୍ରତିନିଧିତ୍ୱ କରି ୭୬ଟି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳି ୧୩ଟି ଗୋଲ ସ୍କୋର କରିଛନ୍ତି। କ୍ଲବ୍ କ୍ୟାରିଅରରେ ସେ ୫୧୭ଟି ମ୍ୟାଚ୍ ଖେଳି ୨୨୭ଟି ଗୋଲ ସ୍କୋର କରିଛନ୍ତି। ଏବେ ସେ ଆର୍ଜେଣ୍ଟିନାର ଜଣାଶୁଣା କ୍ଲବ କ୍ଲବ ଆଟଲେଟିକୋ ଇଣ୍ଡିପେଣ୍ଡିଏଣ୍ଟର ମୁଖ୍ୟ ପ୍ରଶିକ୍ଷକ ଭାବେ କାର୍ଯ୍ୟ କରୁଛନ୍ତି। ତେଭେଜ ଦୁଇଥର ପ୍ରିମିୟର ଲିଗ୍ ଟାଇଟଲ ଜିତିଛନ୍ତି। ସେହିପରି ସେ ଦୁଇଟି ସିରି ଏ ଟାଇଟଲ ମଧ୍ୟ ହାସଲ କରିଛନ୍ତି। ୨୦୨୧ରେ ସେ ଅନ୍ତର୍ଜାତୀୟ ଫୁଟବଲରୁ ଅବସର ନେଇଥିଲେ।

---

# ଜୁଭେନାଇଲ୍ କ୍ଲବରେ କୌଶଳ ବିକାଶ ଶିବିର

**କଟକ,୨୪।୪(ସମିସ):** ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ପକ୍ଷରୁ କୌଶଳ ବିକାଶ ଅଭିଯାନ ଜାରି ରହିଛି। ଏହି ପରିପ୍ରେକ୍ଷୀରେ କଟକ ଜୁଭେନାଇଲ କ୍ଲବରେ ବୁଧିବାରଠାରୁ ଆରମ୍ଭ ହୋଇଛି କୌଶଳ ବିକାଶ ଶିବିର। ଓସିଏର ବୈଷୟିକ ନିର୍ଦ୍ଦେଶକ ଭି. ଭେଙ୍କଟରାମଙ୍କ ନେତୃତ୍ୱରେ ସନସାଇନ ଗ୍ରାଉଣ୍ଡରେ ଆରମ୍ଭ ହୋଇଥିବା ଶିବିରରେ ୮୦ରୁ ଅଧିକ ଖେଳାଳି ଭାଗ ନେଇଥିଲେ। ଓସିଏ ପ୍ରଶିକ୍ଷକ ପ୍ରଭାତ ନାୟକ ସହଯୋଗ କରିଥିଲେ। ଖେଳାଳିଙ୍କ ସମେତ ଜୁଭେନାଇଲ କ୍ରିକେଟ ଏକାଡେମୀର ପ୍ରଶିକ୍ଷକମାନେ ମଧ୍ୟ ଶିବିରରେ ଭାଗ ନେଇଛନ୍ତି। କ୍ଲବର ସମ୍ପାଦକ ନିର୍ବାଣ ରାୟ, ସଦସ୍ୟ ଦେବାଶିଷ ବେହେରା, ପ୍ରଶିକ୍ଷକ ମନୋଜ ଦାସ, ସୁବାସ ସିଂହ, ପ୍ରଣବ ମହାନ୍ତି ପ୍ରମୁଖ ଉପସ୍ଥିତ ରହିଥିଲେ।



---

## ଫିଫା ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ

# ୧୦ରୁ କଳିଙ୍ଗରେ ଭାରତୀୟ ଦଳର ପ୍ରସ୍ତୁତି ଶିବିର

**ନୂଆଦିଲ୍ଲୀ,୨୪।୪(ଏଜେନ୍ସି)**



୨୦୨୬ ଫିଫା ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟର ଦ୍ୱିତୀୟ ରାଉଣ୍ଡରେ ଭାରତ ଜୁନ୍ ୬ରେ ମଧ୍ୟପ୍ରାଚ୍ୟ ଦେଶ କୁଏତ୍‌କୁ ଭେଟିବ। ଏହି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ ପୂର୍ବରୁ ଆସନ୍ତା ୧୦ ତାରିଖରୁ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଭାରତୀୟ ଫୁଟବଲ ଦଳ ପ୍ରସ୍ତୁତି ଶିବିର ଆରମ୍ଭ ହେବ। ୪ ସପ୍ତାହ ଧରି ଚାଲିଥିବାକୁ ଥିବା ଏହି ପ୍ରସ୍ତୁତି ଶିବିର ଦଳ ପାଇଁ ବେଶ୍ ଗୁରୁତ୍ୱବହନ କରୁଛି। ଶିବିର ଶେଷ ହେବା ପରେ ଅନ୍ତିମ ଭାରତୀୟ ଦଳ କୁଏତ୍ ବିପକ୍ଷରେ ମ୍ୟାଚ୍ ଖେଳିବାକୁ କୋଲକାତା ଯାତ୍ରା କରିବ। କୋଲକାତାର ସଲ୍ଟ ଲେକ୍ ଷ୍ଟାଡିୟମରେ ଏହି ମ୍ୟାଚ ଖେଳାଯିବ। ଏନେଇ ସର୍ବ ଭାରତୀୟ ଫୁଟବଲ ଫେଡେରେସନ (ଏଆଇଏଫ୍‌ଏଫ୍) ସାମାଜିକ ଗଣମାଧ୍ୟମ ଏକ୍ସରେ ସୂଚନା ଦେଇଛି। ଭାରତ ତା'ର ଗତ ମ୍ୟାଚ୍‌ରେ ଅପ୍ରତ୍ୟାଶିତ ଭାବେ ଆଫାଗନାସ୍ତାନଠାରୁ ପରାସ୍ତ ହୋଇଥିଲା। ମୁଖ୍ୟ ପ୍ରଶିକ୍ଷକ ଆଇଗର ଷ୍ଟିମାକଙ୍କ ତତ୍ତ୍ୱାବଧାନରେ ଭାରତୀୟ ଦଳ ପ୍ରତ୍ୟାବର୍ତ୍ତନ କରିବା ଲକ୍ଷ୍ୟରେ ରହିଛି।

### ଗ୍ରୁପ୍ ଏ'ରେ ଦ୍ୱିତୀୟ ସ୍ଥାନରେ ରହିଛି ଭାରତ

୨୦୨୬ ଫିଫା ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ ଏଏଫ୍‌ସି ଦ୍ୱିତୀୟ ରାଉଣ୍ଡରେ ଭାରତ ଗ୍ରୁପ୍ ଏ'ରେ ସ୍ଥାନ ପାଇଛି। ଏହି ଗ୍ରୁପ୍‌ରେ ଭାରତ ସମେତ କତାର, ଆଫାଗାନିସ୍ତାନ ଓ କୁଏତ୍ ସ୍ଥାନିତ ହୋଇଛନ୍ତି। ଭାରତ ୪ଟି ମ୍ୟାଚ୍ ଖେଳି ଗୋଟିଏ ବିଜୟ, ଗୋଟିଏ ଡ୍ର ଓ ୨ଟି ପରାଜୟ ସହ ୪ ଅଙ୍କ ହାସଲ କରି ଦ୍ୱିତୀୟ ସ୍ଥାନରେ ରହିଛି। ଅନ୍ୟପଟେ କତାର ୪ଟି ମ୍ୟାଚ୍ ଖେଳି ସବୁଥିରେ ବିଜୟୀ ହୋଇ ୧୨ ଅଙ୍କ ପାଇ ଶୀର୍ଷରେ ରହିଛି। ଗ୍ରୁପ୍‌ରେ ସବୁ ଦଳ ୬ଟି ଲେଖାଏ ମ୍ୟାଚ୍ ଖେଳିବେ ଓ ଶେଷରେ ଶ୍ରେଷ୍ଠ ଦୁଇଟି ଦଳ ତୃତୀୟ ରାଉଣ୍ଡକୁ ଉଠିବେ। ଆଫଗାନିସ୍ତାନଠାରୁ ବିପର୍ଯ୍ୟୟର ସମ୍ମୁଖୀନ ହେବା ପରେ ଜୁନ୍ ୨ରେ କୁଏତକୁ ହରାଇବା ଭାରତ ପାଇଁ ଅପରିହାର୍ଯ୍ୟ ହୋଇ ପଡିଛି। ଜୁନ୍ ୧୧ରେ ଭାରତ ତା'ର ଅନ୍ତିମ ତଥା ଷଷ୍ଠ ମ୍ୟାଚ୍‌ରେ କତାରକୁ ଭେଟିବ ଏହି ମ୍ୟାଚ୍ ଅଲ ରେୟାନ ସହରର ଅହମ୍ମଦ ବିନ ଅଲି ଷ୍ଟାଡିୟମରେ ଖେଳାଯିବ।

---

# ପିଲାଙ୍କ ସହ କେକ୍ କାଟି ଜନ୍ମଦିନ ପାଳିଲେ ସଚିନ୍

**ମୁମ୍ବାଇ,୨୪।୪(ଏଜେନ୍ସି)**

କ୍ରିକେଟ ଆଇକନ୍ ତଥା ମାଷ୍ଟର ବ୍ଲାଷ୍ଟର ସଚିନ ତେନ୍ଦୁଲକର ବୁଧବାର ତାଙ୍କର ୫୧ତମ ଜନ୍ମଦିବସ ପାଳନ କରିଛନ୍ତି। ଏହି ଅବସରରେ ତାଙ୍କ ପାଖକୁ ଶୁଭେଚ୍ଛାର ସୁଅ ଛୁଟିଛି। ସାରା ବିଶ୍ୱରୁ ଏକାଧିକ ଜଣାଶୁଣା ବ୍ୟକ୍ତି ସାମାଜିକ ଗଣମାଧ୍ୟମରେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେମାନଙ୍କ ମଧ୍ୟରେ ଯୁବରାଜ ସିଂ, ଭାଷ୍ୟକାର ହର୍ଷ ଭୋଗଲେ, ମୁନାଫ ପଟେଲ, ଗୌତମ ଗମ୍ଭୀର,ବିସିସିଆଇ ସମ୍ପାଦକ ଜୟ ଶାହା, ସୁରେଶ ରାଇନା, ହରଭଜନ ସିଂ, ଅନିଲ କୁମ୍ବଲେ ପ୍ରମୁଖ ରହିଛନ୍ତି। ୧୯୭୩ ଏପ୍ରିଲ ୨୪ରେ ଜନ୍ମଗ୍ରହଣ କରିଥିବା ସଚିନ ମାତ୍ର ୧୬ ବର୍ଷ ବୟସରେ ପଦାର୍ପଣ କରିଥିଲେ ଓ ସେତେବେଳେ ସର୍ବକନିଷ୍ଠ କ୍ରିକେଟର ଭାବେ ଅନ୍ତର୍ଜାତୀୟ କ୍ରିକେଟରେ ପଦାର୍ପଣ କରିଥିଲେ।

'ସଚିନ ତେନ୍ଦୁଲକର ଫାଉଣ୍ଡେସନ'ର ପିଲାମାନଙ୍କ ସହ କେକ୍ କାଟି ସମୟ ବିତାଇବା ସହ ସେ ନିଜର ଜନ୍ମଦିନ ପାଳନ କରିଥିଲେ। ଏହି ଅବସରରେ ପତ୍ନୀ ଅଞ୍ଜଳି ତେନ୍ଦୁଲକର ଉପସ୍ଥିତ ଥିଲେ। ପିଲାମାନଙ୍କ ସହ ସେ ମଧ୍ୟ ଫୁଟବଲ ଖେଳିଥିଲେ। ସଚିନ ଏହାର ଏକ ଭିଡିଓ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ସେୟାର କରିଛନ୍ତି।

### ସର୍ବାଧିକ ଟେଷ୍ଟ, ଦିନିକିଆ ମ୍ୟାଚ୍ ଖେଳିଛନ୍ତି

ସଚିନ୍ କ୍ରିକେଟରେ ପ୍ରାୟ ସବୁ ରେକର୍ଡ ଭାଙ୍ଗି ନୂଆ କୀର୍ତ୍ତିମାନ ସୃଷ୍ଟି କରିଛନ୍ତି। ଅନ୍ତର୍ଜାତୀୟ କ୍ରିକେଟରେ ସଚିନ ସର୍ବାଧିକ ଟେଷ୍ଟ ଓ ଦିନିକିଆ ମ୍ୟାଚ୍ ଖେଳିଛନ୍ତି। ୨୪ ବର୍ଷର ଉଜ୍ଜ୍ୱଳମୟ କ୍ୟାରିୟରରେ ସେ ୨୦୦ ଟେଷ୍ଟ ଓ ୪୬୩ଟି ଦିନିକିଆ ମ୍ୟାଚ୍ ଖେଳି ରେକର୍ଡ ସୃଷ୍ଟି କରିଛନ୍ତି।

### ୩୪,୩୫୭ ଅନ୍ତର୍ଜାତୀୟ ରନ

ସର୍ବାଧିକ ଅନ୍ତର୍ଜାତୀୟ ରନ୍ ସ୍କୋର କରିବାରେ ମଧ୍ୟ ସଚିନ ରେକର୍ଡ କରିଛନ୍ତି। ତାଙ୍କୁ ଯଥାର୍ଥରେ 'କ୍ରିକେଟର ଭଗବାନ' ଆଖ୍ୟା ପ୍ରଦାନ କରାଯାଇଛି। ଅନ୍ତର୍ଜାତୀୟ କ୍ରିକେଟରେ ସେ ମୋଟ୍ ଉପରେ ୩୦,୦୦୦ରୁ ଉର୍ଦ୍ଧ୍ୱ ରନ ସଂଗ୍ରହ କରିଛନ୍ତି। କ୍ରିକେଟର ଏତେ ରନ୍ ସଂଗ୍ରହ କରିବାରେ ସେ ପ୍ରଥମ କ୍ରିକେଟର ସାବ୍ୟସ୍ତ ହୋଇଛନ୍ତି। ସଚିନଙ୍କ ନାମରେ ମୋଟ ଉପରେ ୩୪, ୩୫୭ ରନ ଲିପିବଦ୍ଧ ରହିଛି।

### ଅନ୍ତର୍ଜାତୀୟ କ୍ରିକେଟରେ ଶତକରେ ଶତକ

ବିଶ୍ୱର ଏକମାତ୍ର କ୍ରିକେଟର ଭାବେ ସେ ଅନ୍ତର୍ଜାତୀୟ କ୍ରିକେଟରେ ୧୦୦ଟି ଶତକ ଅର୍ଜନ କରିଛନ୍ତି। ଏହା ନିଶ୍ଚିତ ଭାବେ ଏକ ବଡ଼ ରେକର୍ଡ ଓ ଏହାକୁ ଆଧୁନିକ କ୍ରିକେଟରେ ଭଙ୍ଗ କରିବା ଏକ ପ୍ରକାର ଅସମ୍ଭବ ବ୍ୟାପାର ବୋଲି କୁହାଯାଇପାରେ। ସେ ଟେଷ୍ଟରେ ୫୧ ଓ ଦିନିକିଆରେ ୪୯ଟି ଶତକ ଅର୍ଜନ କରିଛନ୍ତି। ଦିନିକିଆ ଫର୍ମାଟରେ ସେ ବିଶ୍ୱର ପ୍ରଥମ ବ୍ୟାଟର ଭାବେ ଦ୍ୱିଶତକ ଅର୍ଜନ କରିଥିଲେ। ଗ୍ୱାଲିୟରରେ ସେ ୨୦୧୦ ଫେବୃଆରୀ ୨୪ରେ ଅନୁଷ୍ଠିତ ଦକ୍ଷିଣ ଆଫ୍ରିକା ବିପକ୍ଷ ଦ୍ୱିତୀୟ ଦିନିକିଆରେ ୧୪୭ ବଲର ସମ୍ମୁଖୀନ ହୋଇ ୨୫ ଚୌକା ଓ ୩ ଚକା ସହ ୨୦୦ ରନକରି ଅପରାଜିତ ରହିଥିଲେ। ଦକ୍ଷିଣ ଆଫ୍ରିକା ଭଳି ବିଶ୍ୱସ୍ତରୀୟ ତଥା କ୍ୱାଲିଟି ବୋଲିଂ ବିପକ୍ଷରେ ସେ ଏହି ସଫଳତା ହାସଲ କରିଥିଲେ।

### ୨୦୧୧ରେ ବିଶ୍ୱକପ୍ ଜିତିବାର ସୌଭାଗ୍ୟ

ମହେନ୍ଦ୍ର ସିଂ ଧୋନିଙ୍କ ନେତୃତ୍ୱରେ ଭାରତ ଘରୋଇ ପରିବେଶରେ ୨୦୧୧ରେ ଦିନିକିଆ ବିଶ୍ୱକପ୍ ଚାମ୍ପିଅନ ହୋଇଥିଲା। ସଚିନ ଏହି ଦଳର ସଦସ୍ୟ ଥିଲେ। ସବୁପ୍ରକାର ସଫଳତା ହାସଲ କରିଥିଲେ ମଧ୍ୟ ସଚିନ ବିଶ୍ୱକପ୍ ଜିତିବାର ସୌଭାଗ୍ୟ ପାଇ ନଥିଲେ। ଶେଷରେ ତାଙ୍କୁ ବିଶ୍ୱକପ୍ ଜିତିବାର ସୌଭାଗ୍ୟ ମିଳିଥିଲା।



ଜନ୍ମଦିନ ଅବସରରେ ପିଲାଙ୍କ ସହ ସଚିନ

---

## ଭୁବନେଶ୍ୱର ଆନ୍ତଃସ୍କୁଲ କ୍ରିକେଟ୍

# ବିଜେଇଏମ୍-୧ ଚାମ୍ପିଅନ




**ଭୁବନେଶ୍ୱର, ୨୪।୪ (ସମିସ)**

ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ଭୁବନେଶ୍ୱର ଆନ୍ତଃସ୍କୁଲ କ୍ରିକେଟ୍ ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଭୁବନେଶ୍ୱର ଆଥ୍‌ଲେଟିକ ଆସୋସିଏସନ (ବିବିଏ) ର ୟେଲୋ କମ୍ବାଇନ ସ୍କୁଲକୁ ୭୦ ରନରେ ପରାସ୍ତ କରି ବିଜେଇଏମ୍ ସ୍କୁଲ-୧ ଚାମ୍ପିଅନ ହୋଇଛି।

ସ୍ଥାନୀୟ ଟାଉନ କ୍ଲବ ଗ୍ରାଉଣ୍ଡରେ ଖେଳାଯାଇଥିବା ୨୫ ଓଭର ବିଶିଷ୍ଟ ଫାଇନାଲ ମୁକାବିଲାରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ବିଜେଇଏମ୍-୧ ସ୍କୁଲ ୬ ୱିକେଟ୍ ହରାଇ ୧୩୨ ରନ କରିଥବଲା। ଦଳ ପକ୍ଷରୁ ମୃତ୍ୟୁଞ୍ଜୟ ତ୍ରିପାଠୀ ୩୧, ଆୟୂଷ ପଣ୍ଡା ୨୮ ରନ କରିଥିଲେ। ପ୍ରତିପକ୍ଷ ବୋଲର ପ୍ରତ୍ୟୁଷ ୩ ଓ ଉତ୍ତମ ନାୟକ ୨ଟି ୱିକେଟ୍ ନେଇଥିଲେ। ଜବାବରେ ୟେଲୋ କମ୍ବାଇନ ସ୍କୁଲ ୯ ୱିକେଟ୍‌ରେ ମାତ୍ର ୬୨ ରନ କରିବାକୁ ସମର୍ଥ ହୋଇଥିଲା। କୌଣସି ବ୍ୟାଟର୍ ଦୁଇ ଅଙ୍କବିଶିଷ୍ଟ ସ୍କୋର କରିପାରି ନ ଥିଲେ। ବିଜୟୀ ଦଳର ପ୍ରଜ୍ୟୋତ ସାମଲ ୫ ଓଭରରେ ୨ ମେଡେନ ସହ ୩ ରନ ବ୍ୟୟରେ ୨ଟି ୱିକେଟ୍ ନେଇ ଶ୍ରେଷ୍ଠ ବୋଲିଂ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ପ୍ରାକ୍ତନ କ୍ରିକେଟର୍ ରଶ୍ମିରଞ୍ଜନ ପରିଡ଼ା, ବିବିଏ ସାଧାରଣ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା, ପ୍ରାକ୍ତନ କ୍ରୀଡ଼ା ପ୍ରଶାସକ ଅଶୋକ ମହାନ୍ତି ପ୍ରମୁଖ ଅତିଥି ଭାବେ ଉପସ୍ଥିତ ରହିଥିଲେ। ଏହି ପ୍ରତିଯୋଗିତାରେ ଭୁବନେଶ୍ୱରର ୨୫ଟି ଦଳ ଭାଗନେଇଥିଲେ।

# କ୍ରୀଡ଼ା

ସକାଳ
www.sakalaepaper.com

### ପନ୍ତ, ଅକ୍ଷରଙ୍କ ବିସ୍ଫୋରକ ଅର୍ଦ୍ଧଶତକ

# ଗୁଜରାଟକୁ ୪ ରନରେ ହରାଇଲା ଦିଲ୍ଲୀ

**ନୂଆଦିଲ୍ଲୀ, ୨୪।୪ (ଏଜେନ୍ସି)**




ଚଳିତ ଆଇପିଏଲ୍‌ର ବୁଧବାର ଖେଳାଯାଇଥିବା ଏକ ରୋମାଞ୍ଚକ ମ୍ୟାଚରେ ଘରୋଇ ଦିଲ୍ଲୀ କ୍ୟାପିଟାଲ୍ସ ୪ ରନରେ ଗୁଜରାଟ ଟାଇଟନ୍ସକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ଦିଲ୍ଲୀ ୪ ୱିକେଟ୍‌ରେ ୨୨୪ ରନ କରିଥିଲା। ଜବାବରେ ଗୁଜରାଟ ୮ ୱିକେଟ୍‌ରେ ୨୨୦ ରନ କରି ପରାସ୍ତ ହୋଇଥିଲା। ଗୁଜରାଟ ପକ୍ଷରୁ ସାଇ ସୁଦର୍ଶନ (୩୯ ବଲରେ ୬୫ ରନ) ଓ ଡେଭିଡ୍ ମିଲର (୨୩ ବଲରେ ୫୫ ରନ) ଦ୍ରୁତ ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ ମଧ୍ୟ ଦଳକୁ ଜିତାଇପାରି ନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଋଦ୍ଧିମାନ ଶାହ ୩୯, ରଶିଦ ଖାନ ୨୧*, ଆର୍ ସାଇ କିଶୋର ୧୩ ରନ କରିଥିଲେ। କିନ୍ତୁ ଅଧିନାୟକ ଶୁବମାନ ଗିଲ୍ (୬), ଅଜମାତୁଲ୍ଲା ଓମାରଜାଇ (୧), ଶାହରୁଖ ଖାନ (୮) ଓ ରାହୁଲ ତେୱାତିଆ (୪ ରନ) ବିଫଳ ହେବା ଗୁଜରାଟ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଥିଲା। ବୋଲିଂରେ ଦିଲ୍ଲୀ ପାଇଁ ରଶିଖ ଦର୍ ସଲମାନ ୩ ଓ କୁଲଦୀପ ଯାଦବ ୨ଟି ୱିକେଟ୍ ସଫଳତା ପାଇଥିଲେ। ଦିଲ୍ଲୀ ୯ମ ମ୍ୟାଚରୁ ୪ର୍ଥ ବିଜୟ ସହ ୮ ପଏଣ୍ଟ ପାଇ ୬ଷ୍ଠ ସ୍ଥାନକୁ ଉଠିଛି।

### ଶେଷ ୧୮ ବଲରେ ୬୭ ରନ

ସ୍ଥାନୀୟ ଅରୁଣ ଜେଟଲୀ ଷ୍ଟାଡିୟମରେ ଖେଳାଯାଇଥିବା ଏହି ହାଇସ୍କୋରିଂ ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଦିଲ୍ଲୀ ପାଇଁ ଦୁଇ ଓପନର୍ ପୃଥ୍ୱୀ ଶ’ ଓ ଜ୍ୟାକ୍ ଫ୍ରେଜର-ମ୍ୟାକ୍‌ଗର୍କ ଆରମ୍ଭରୁ ଦ୍ରୁତ ବ୍ୟାଟିଂ କରିଥିଲେ। କିନ୍ତୁ ଦ୍ରୁତ ବୋଲର ସନ୍ଦୀପ ୱାରିୟର ଉଭୟ ଓପନର୍‌ଙ୍କୁ ଗୋଟିଏ ଓଭରରେ ଆଉଟ୍ କରି ଗୁଜରାଟକୁ ଡବଲ୍ ସଫଳତା ଦେଇଥିଲେ। ପୃଥ୍ୱୀ ୧୧ ଓ ମ୍ୟାକଗର୍କ ୧୪ ବଲରୁ ୨୩ ରନ କରିଥିଲେ। ଏହାପରେ ସାଇ ହୋପ ମଧ୍ୟ ୫ ରନ କରି ସନ୍ଦୀପଙ୍କ ୩ୟ ଶିକାର ବନିଥିଲେ। ଫଳରେ ଦିଲ୍ଲୀ ୪୪ ରନରେ ୩ ୱିକେଟ୍ ହରାଇ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ତେବେ ଏହି ସମୟରେ ଅଲ୍‌ରାଉଣ୍ଡର ଅକ୍ଷର ପଟେଲ ଓ ଅଧିନାୟକ ଋଷଭ ପନ୍ତ ସତର୍କତାର ସହ ବ୍ୟାଟିଂ କରି ଦଳୀୟ ସ୍କୋରକୁ ଆଗେଇ ନେଇଥିଲେ। ବ୍ୟାଟିଂକ୍ରମର ୩ୟ ସ୍ଥାନରେ ଆସିଥିବା ଅକ୍ଷର ଆଇପିଏଲ୍ କ୍ୟାରିୟରର ୨ୟ ଅର୍ଦ୍ଧଶତକ ହାସଲ କରି ୬୬ ରନରେ ନୁର୍ ଅହମ୍ମଦଙ୍କ ବଲରେ ଆଉଟ୍ ହୋଇଥିଲେ। ୪୩ ବଲର ଏହି ପାଳିରେ ଅକ୍ଷର ୫ ଚୌକା ଓ ୪ଟି ଛକା ମାରିଥିଲେ। ଆଉଟ୍ ହେବା ପୂର୍ବରୁ ୪ର୍ଥ ୱିକେଟ୍ ଭାଗୀଦାରିରେ ସେ ପନ୍ତଙ୍କ ସହ ୬୮ ବଲରୁ ୧୧୩ ରନ ସଂଗ୍ରହ କରାଇଥିଲେ। ଯାହା ଦିଲ୍ଲୀର ସ୍କୋରକୁ ଦେଢ଼ଶହ ରନ ଅତିକ୍ରମ କରାଇଥିଲା। ଏହାପରେ ଟ୍ରିଷ୍ଟାନ ଷ୍ଟବ୍ସଙ୍କ ସହ ମିଶି ପନ୍ତ ଶେଷ ୩ ଓଭରରୁ ୬୭ ରନ ସଂଗ୍ରହ କରିବା ଫଳରେ ଦିଲ୍ଲୀ ୪ ୱିକେଟ୍ ହରାଇ ୨୨୪ ରନର ଏକ ବିଶାଳ ସ୍କୋର ଠିଆ କରିଥିଲା। ପନ୍ତ ୪୩ ବଲରେ ୮ ଛକା ଓ ୫ ଚୌକା ସହ ୮୮ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ସେହିଭଳି ଷ୍ଟବ୍ସ ୭ ବଲରେ ଅପରାଜିତ ୨୬ ରନର ପାଳି ଖେଳିଥିଲେ। ବୋଲିଂରେ ଗୁଜରାଟ ପକ୍ଷରୁ ସବୁଠୁ ସଫଳ ବୋଲର ଭାବେ ସନ୍ଦୀପ ୩ ଓଭରରେ ୧୫ ରନ ଦେଇ ୩ଟି ୱିକେଟ୍ ନେଇଥିଲେ।

### ମୋହିତ୍‌ଙ୍କ ମହଙ୍ଗା ସ୍ପେଲ୍

ଏହି ମ୍ୟାଚରେ ଗୁଜରାଟ ଦ୍ରୁତ ବୋଲର ମୋହିତ୍ ଶର୍ମା ଏକ ଅଲୋଡ଼ା ରେକର୍ଡର ଅଧିକାରୀ ହୋଇଛନ୍ତି। ମୋହିତ୍ ତାଙ୍କ ୪ ଓଭରରେ କୌଣସି ୱିକେଟ୍ ପାଇ ନ ଥିବାବେଳେ ୭୩ ରନ ବ୍ୟୟ କରିଥିଲେ। ଏପରିକି ସେ ବୋଲିଂ କରିଥିବା ପାଳିର ୨୦ତମ ଓଭରରୁ ପନ୍ତ ୩୧ ରନ (୨, ୱାଇଡ୍, ୬, ୪, ୬, ୬) ସଂଗ୍ରହ କରିଥିଲେ।

#### ଆଇପିଏଲ୍‌ରେ ବ୍ୟୟ ବହୁଳ ସ୍ପେଲ୍

- **୦/୭୩:** ମୋହିତ୍ ଶର୍ମା (ଗୁଜରାଟ) ବନାମ ଦିଲ୍ଲୀ, ୨୦୨୪
- **୦/୭୦:** ବସିଲ ଥାମ୍ପି (ହାଇଦ୍ରାବାଦ) ବନାମ ବେଙ୍ଗାଲୁରୁ, ୨୦୧୮
- **୦/୬୯:** ଯଶ ଦୟାଲ (ଗୁଜରାଟ) ବନାମ କୋଲକାତା, ୨୦୨୩
- **୧/୬୮:** ରିସି ଟୋପଲେ (ବେଙ୍ଗାଲୁରୁ) ବନାମ ହାଇଦ୍ରାବାଦ, ୨୦୨୪

ଆଇପିଏଲ୍‌ରେ ୪ ଓଭର ସ୍ପେଲରେ ସର୍ବାଧିକ ରନ ବ୍ୟୟ କରିବାରେ ସେ ବାସିଥ୍ ଥାମ୍ପିକୁ ପଛରେ ପକାଇ ଦେଇଛନ୍ତି। ବେଙ୍ଗାଲୁରୁ ବିପକ୍ଷ ଏକ ମ୍ୟାଚରେ ହାଇଦ୍ରାବାଦ୍‌ର ଥାମ୍ପି ୭୦ ରନ ବ୍ୟୟ କରି କୌଣସି ୱିକେଟ୍ ପାଇ ନ ଥିଲେ।

#### ପଏଣ୍ଟ ସାରଣୀ

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ପଏଣ୍ଟ | ରନରେଟ୍ |
|---|---|---|---|---|---|
| ରାଜସ୍ଥାନ | ୮ | ୭ | ୧ | ୧୪ | +୦.୬୯୮ |
| କୋଲକାତା | ୭ | ୫ | ୨ | ୧୦ | +୧.୨୦୬ |
| ହାଇଦ୍ରାବାଦ | ୭ | ୫ | ୨ | ୧୦ | +୦.୯୧୪ |
| ଲକ୍ଷ୍ନୌ | ୮ | ୫ | ୩ | ୧୦ | +୦.୧୪୮ |
| ଚେନ୍ନାଇ | ୮ | ୪ | ୪ | ୮ | +୦.୪୧୫ |
| ଦିଲ୍ଲୀ | ୯ | ୪ | ୫ | ୮ | -୦.୩୮୬ |
| ଗୁଜରାଟ | ୯ | ୪ | ୫ | ୮ | -୦.୯୭୪ |
| ମୁମ୍ବାଇ | ୮ | ୩ | ୫ | ୬ | -୦.୨୨୭ |
| ପଞ୍ଜାବ | ୮ | ୨ | ୬ | ୪ | -୦.୨୯୨ |
| ବେଙ୍ଗାଲୁରୁ | ୮ | ୧ | ୭ | ୨ | -୧.୦୪୬ |

#### ଆଇପିଏଲ୍-୧୭
#### ଆଜିର ମ୍ୟାଚ୍

**ହାଇଦ୍ରାବାଦ- ବେଙ୍ଗାଲୁରୁ**

ସ୍ଥାନ- ହାଇଦରାବାଦ୍, ସମୟ- ରାତି ୭.୩୦

- ପ୍ରସାରଣ -

ଷ୍ଟାର୍ ସ୍ପୋର୍ଟ୍ସ ନେଟ୍‌ୱର୍କ, ଜିଓସିନେମା

## ଗାଏକୱାଡଙ୍କ ଶତକରେ ହାରିଛି ସୁପର୍ କିଙ୍ଗ୍‌ସ



**ଚେନ୍ନଇ, ୨୪।୪ (ଏଜେନ୍ସି):** ଅଧିନାୟକ ଋତୁରାଜଗାଏକୱାଡଙ୍କ ଅପରାଜିତ ଶତକ ସତ୍ତ୍ୱେ ଏଠାରେ ମଙ୍ଗଳବାର ଖେଳାଯାଇଥିବା ଚଳିତ ଆଇପିଏଲ୍‌ର ୩୯ତମ ମ୍ୟାଚରେ ଚେନ୍ନାଇ ସୁପର୍ କିଙ୍ଗ୍‌ସ ୬ ୱିକେଟ୍‌ରେ ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍ସ ନିକଟରୁ ପରାସ୍ତ ହୋଇଛି। ଲକ୍ଷ୍ନୌ ପକ୍ଷରୁ ୬୩ ବଲରେ ଅପରାଜିତ ୧୨୪ ରନର ପାଳି ଖେଳି ମାର୍କସ ଷ୍ଟୋଇନିସ ବିଜୟରେ ନାୟକ ସାଜିଥିଲେ। ଫଳରେ ଚଳିତ ସଂସ୍କରଣରେ ଚେନ୍ନାଇ ବିପକ୍ଷରେ ଲକ୍ଷ୍ନୌକୁ ସେ ୨ୟ ବିଜୟ ଭେଟି ଦେଇଥିଲେ। ଆଇପିଏଲ୍ ଇତିହାସରେଗାଏକୱାଡ୍‌ଙ୍କ ଏହା ୨ୟ ଶତକ ଥିଲା। ତେବେ ଏହି ଶତକ ତାଙ୍କର ବ୍ୟର୍ଥ ଯାଇଥିଲା ଏବଂ ଦଳ ପରାଜୟବରଣ କରିଥିଲା। ଦୁର୍ଭାଗ୍ୟବଶତଃ ଋତୁରାଜ ଯେତେବେଳେ ତାଙ୍କର ପ୍ରଥମ ଆଇପିଏଲ୍ ଶତକ ହାସଲ କରିଥିଲେ ସେତେବେଳେ ମଧ୍ୟ ଚେନ୍ନାଇ ପରାଜୟବରଣ କରିଥିଲା। ୨୦୨୧ରେ ରାଜସ୍ଥାନ ରୟାଲ୍ସ ବିପକ୍ଷରେଗାଏକୱାଡ ୬୦ ବଲରେ ୧୦୧ ରନର ପାଳି ଖେଳିଥିଲେ। ତେବେ ଏହି ମ୍ୟାଚରେ ରାଜସ୍ଥାନ ୭ ୱିକେଟ୍‌ରେ ବାଜିମାତ୍ କରିନେଇଥିଲା।

ଦଳର ପରାଜୟରେ ସର୍ବାଧିକ ଶତକ ମାରିବାର ରେକର୍ଡ ବିରାଟ କୋହଲିଙ୍କ ନାମରେ ରହିଛି। କୋହଲି ଆଇପିଏଲ୍‌ରେ ୮ଟି ଶତକ ମାରିଥିବାବେଳେ ସେଥିମଧ୍ୟରୁ ତାଙ୍କ ଦଳ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ୩ଟି ମ୍ୟାଚରେ ପରାଜୟବରଣ କରିଛି। ପରାଜୟରେ ସର୍ବାଧିକ ଶତକ ହାସଲ କରିବା ତାଲିକାରେ କୋହଲିଙ୍କ ପଛକୁଗାଏକୱାଡ, ହାସିମ ଅମଲା ଓ ସଞ୍ଜୁ ସାମସନ ମିଳିତ ଭାବେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଏହି ୩ଜଣ ଖେଳାଳି ୨ଟି ଶତକରେ ଦଳ ହାରିଛି।

## ପିତାଙ୍କ ପଥେ ପୁତ୍ର

### ଇଂଲଣ୍ଡ ଘରୋଇ କ୍ରିକେଟ୍‌ରେ ରକି ଫ୍ଲିଣ୍ଟଫ୍‌ଙ୍କ ଶତକ



**ଏଜ୍‌ବାଷ୍ଟନ, ୨୪।୪ (ଏଜେନ୍ସି):** ଇଂଲଣ୍ଡର ଅନ୍ୟତମ ସର୍ବକାଳୀନ ଶ୍ରେଷ୍ଠ ଅଲ୍‌ରାଉଣ୍ଡର ଭାବେ ଆଣ୍ଡ୍ରିଉ ଫ୍ଲିଣ୍ଟଫ୍‌ଙ୍କୁ ବିବେଚନା କରାଯାଏ। ନିଜ ବୋଲିଂରେ ସେ ବିଶ୍ୱର ଆଗଧାଡ଼ିର ବ୍ୟାଟର୍‌ଙ୍କୁ ଘାଇଲା କରିବା ସହ ବ୍ୟାଟିଂରେ ମଧ୍ୟ ବଡ଼ ପାଳି ଖେଳିବାର ଦକ୍ଷତା ମଧ୍ୟ ରଖିଥିଲେ। କ୍ରିକେଟ୍‌ରୁ ଅବସର ନେଇସାରିଥିବା ଫ୍ଲିଣ୍ଟଫ୍ ଏବେ ଉପସ୍ଥାପକ ଭାବେ କାର୍ଯ୍ୟ କରୁଛନ୍ତି। କିନ୍ତୁ ତାଙ୍କ ପୁତ୍ର ରକି ଫ୍ଲିଣ୍ଟଫ୍ ଏବେ ପିତାଙ୍କ ପଦାଙ୍କ ଅନୁସରଣ କରିଛନ୍ତି। ଇଂଲଣ୍ଡରେ ଚାଲିଥିବା ୪ ଦିବସୀୟ ସେକେଣ୍ଡ ଇଲେଭେନ ଚାମ୍ପିଅନସିପ୍‌ରେ ଲଙ୍କାସାୟର ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ୧୬ ବର୍ଷୀୟ ରକି ଶତକୀୟ ପାଳି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏଜବାଷ୍ଟନରେ ଲଙ୍କାଶାୟର ଦ୍ୱିତୀୟ ଏକାଦଶ ଓ ୱାର୍‌କଶାୟର ଦ୍ୱିତୀୟ ଏକାଦଶ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେଉଛି। ଏହି ମ୍ୟାଚରେ ଲଙ୍କାଶାୟର ଏକାଦଶ ପ୍ରଥମେ ବ୍ୟାଟିଂ କରିଥିବାବେଳେ ରକି ଫ୍ଲିଣ୍ଟଫ୍ ୧୬୫ ବଲରୁ ୧୧୬ ରନର ଏକ ଆକର୍ଷଣୀୟ ଶତକୀୟ ପାଳି ଖେଳିଥିଲେ। ଏହି ପାଳିରେ ସେ ୧୧ ଚୌକା ଓ ୩ ଛକା ସାମିଲ ଥିଲା। ସବୁଠୁ ଉଲ୍ଲେଖନୀୟ କଥା ହେଉଛି ରକିଙ୍କ ବଡ଼ ଭାଇ କୋରେ ମଧ୍ୟ ଲଙ୍କାଶାୟର ପକ୍ଷରୁ ଖେଳୁଛନ୍ତି। ଦୁଇ ଭାଇ ୩୯ ରନର ଉପଯୋଗୀ ଭାଗୀଦାରି ଗଢ଼ି ଦଳକୁ ଏକ ମଜଭୁତ ସ୍ଥିତିରେ ପହଞ୍ଚାଇଛନ୍ତି। ଫଳରେ ଆଣ୍ଡ୍ରିଉ ଫ୍ଲିଣ୍ଟଫ୍‌ଙ୍କ ଦୁଇ ପୁଅ ରକି ଓ କୋରେ ଏବେ କ୍ରିକେଟ୍‌ରେ ସେମାନଙ୍କ କମାଲ ଦେଖାଇବା ଆରମ୍ଭ କରିଛନ୍ତି। ପିତାଙ୍କ ପଦାଙ୍କ ଅନୁସରଣ କରିଥିବାରୁ ଏହି ଦୁଇ ଭାଇ ଦିନେ ପିତା ଆଣ୍ଡ୍ରିଉ ଫ୍ଲିଣ୍ଟଫ୍‌ଙ୍କ ଭଳି ଇଂଲଣ୍ଡ ପାଇଁ ଜାତୀୟସ୍ତରରେ ସେମାନଙ୍କ ପ୍ରଦର୍ଶନର ଛାପ ଛାଡ଼ିବେ ବୋଲି ଆଶା କରାଯାଉଛି। ପ୍ରକାଶଯୋଗ୍ୟ, ଆଣ୍ଡ୍ରିଉ ଫ୍ଲିଣ୍ଟଫ୍ ୧୯୯୮ରୁ ୨୦୦୯ ପର୍ଯ୍ୟନ୍ତ ଇଂଲଣ୍ଡ ପାଇଁ ୭୯ ଟେଷ୍ଟ ଓ ୧୪୧ ଏକଦିବସୀୟ ମ୍ୟାଚ୍ ଖେଳି ଯଥାକ୍ରମେ ୩୮୪୫ ଓ ୩୩୯୪ ରନ ସଂଗ୍ରହ କରିଛନ୍ତି। ସେ ଟେଷ୍ଟରେ ୨୨୬ ଓ ଏକଦିବସୀୟରେ ୧୬୯ ୱିକେଟ୍ ନେଇଛନ୍ତି।

### ଜିମ୍ବାୱେ ଦଳରେ କାମ୍ପବେଲ୍‌ଙ୍କ ପୁଅ ଜୋନାଥନ



**ହରାରେ, ୨୪।୪ (ଏଜେନ୍ସି):** ବାଂଲାଦେଶ ବିପକ୍ଷ ଆଗାମୀ ୫ ମ୍ୟାଚ୍‌ବିଶିଷ୍ଟ ଟି-୨୦ ସିରିଜ ଲାଗି ବୁଧବାର ଜିମ୍ବାୱେ କ୍ରିକେଟ୍ ଦଳ ଘୋଷଣା କରାଯାଇଛି। ସିକନ୍ଦର ରାଜାଙ୍କୁ ଘୋଷିତ ୧୫ ଜଣିଆ ଦଳର ନେତୃତ୍ୱ ପ୍ରଦାନ କରାଯାଇଛି। ଦଳରେ ନୂଆ ମୁହଁ ଭାବେ ପ୍ରାକ୍ତନ ଅଧିନାୟକ ଆଲିଷ୍ଟର୍ କାମ୍ପବେଲ୍‌ଙ୍କ ପୁତ୍ର ଜୋନାଥନଙ୍କୁ ସୁଯୋଗ ମିଳିଛି। ୨୬ ବର୍ଷୀୟ ଜୋନାଥନ ଜଣେ ଲେଗ୍-ସ୍ପିନ ବୋଲିଂ ଅଲ୍‌ରାଉଣ୍ଡର। ନିକଟରେ ୧୩ତମ ଆଫ୍ରିକୀୟ ଗେମ୍ସରେ ସ୍ୱର୍ଣ୍ଣ ବିଜୟୀ ଜିମ୍ବାୱେ ଏମର୍ଜିଂ ଦଳର ସେ ସଦସ୍ୟ ଥିଲେ। ଏଥିରେ ସେ ୪ଟି ପାଳିରେ ୧୧୫ ରନ କରିବା ସହ ବୋଲିଂରେ ଗୋଟିଏ ୱିକେଟ୍ ସଫଳତା ପାଇଥିଲେ। ଘରୋଇ ବାଂଲାଦେଶ ଓ ଜିମ୍ବାୱେ ମଧ୍ୟରେ ଏହି ଟି-୨୦ ସିରିଜ ମେ ୩ରୁ ଚଟ୍ଟୋଗ୍ରାମରେ ଆରମ୍ଭ ହେବ। ତେବେ ଜିମ୍ବାୱେ ଆଗାମୀ ଟି-୨୦ ବିଶ୍ୱକପ୍‌କୁ ଯୋଗ୍ୟତା ଅର୍ଜନ କରିପାରି ନ ଥିବାରୁ ଦଳ ପାଇଁ ଏହି ସିରିଜ ସେତେଟା ଗୁରୁତ୍ୱବହନ କରୁନାହିଁ। ଉଲ୍ଲେଖଯୋଗ୍ୟ, ପ୍ରାକ୍ତନ ଜିମ୍ବାୱେ ଅଧିନାୟକ ଆଲିଷ୍ଟର୍ କାମ୍ପବେଲ୍ ଜଣେ ବାମହାତୀ ବ୍ୟାଟର୍ ଥିଲେ। ସେ ୬୦ ଟେଷ୍ଟ ଓ ୧୮୮ ଏଖଦିବସୀୟ ମ୍ୟାଚରେ ଜିମ୍ବାୱେ ପକ୍ଷରୁ ପ୍ରତିନିଧିତ୍ୱ କରି ଯଥାକ୍ରମେ ୨୮୫୮ ଓ ୫୧୮୫ ରନ ସଂଗ୍ରହ କରିଥିଲେ। ମୋଟ୍ ଉପରେ ତାଙ୍କ ନାମରେ ୯ ଶତକ ଓ ୪୮ ଅର୍ଦ୍ଧଶତକ ଲିପିବଦ୍ଧ ରହିଛି। ୨୦୦୩ରେ ଅବସର ନେଇଥିବା ଆଲିଷ୍ଟର୍ ୨୧ ଟେଷ୍ଟ ଓ ୮୬ ଏକଦିବସୀୟ ମ୍ୟାଚରେ ଦଳର ନେତୃତ୍ୱ ନେଇଥିଲେ।

## ଉସେନ ବୋଲ୍ଟ ବ୍ରାଣ୍ଡ ଆମ୍ବାସାଡର ନିଯୁକ୍ତ

**ଟି-୨୦ ବିଶ୍ୱକପ୍**

**ନୂଆଦିଲ୍ଲୀ,୨୪।୪(ଏଜେନ୍ସି)**




ବିଶ୍ୱକପର ବ୍ରାଣ୍ଡ ଆମ୍ବାସାଡର ନିଯୁକ୍ତ ହେବା ପରେ ବେଶ୍ ରୋମାଞ୍ଚିତ ଅଛି ବୋଲି

ଆଗାମୀ ଜୁନ୍‌ରେ ଆମେରିକା ଓ ୱେଷ୍ଟଇଣ୍ଡିଜରେ ଆୟୋଜନ ହେବାକୁ ଯାଉଥିବା ଟି-୨୦ ବିଶ୍ୱକପ୍ ପାଇଁ ଜାମାଇକା ଧାବକ ତଥା ଅଲିମ୍ପିକ୍ ଲିଜେଣ୍ଡ ଉସେନ ବୋଲ୍ଟଙ୍କୁ ବ୍ରାଣ୍ଡ ଆମ୍ବାସାଡର ନିଯୁକ୍ତ କରାଯାଇଛି। ବିଶ୍ୱକପ୍‌ର ଏହି ନବମ ସଂସ୍କରଣ ଜୁନ୍ ୧ରୁ ଆରମ୍ଭ ହୋଇ ୨୯ ତାରିଖରେ ଶେଷ ହେବ। ୮ଥର ଅଲିମ୍ପିକ ସ୍ୱର୍ଣ୍ଣ ଓ ୧୧ଥର ବିଶ୍ୱ ଚାମ୍ପିଅନସିପ୍ ସ୍ୱର୍ଣ୍ଣ ପଦକ ଜିତିଥିବା ବୋଲ୍ଟ ୱେଷ୍ଟଇଣ୍ଡିଜର ଜାମାଇକାରୁ ଆସିଛନ୍ତି। ତେଣୁ ସେ କ୍ରିକେଟ ସହିତ ପୂର୍ବରୁ ବେଶ୍ ପରିଚିତ ରହିଛନ୍ତି। ୨୦୧୭ ଲଣ୍ଡନ ବିଶ୍ୱ ଚାମ୍ପିଅନସିପ୍ ପରେ ସେ ଦୌଡ଼କୁଦରୁ ଅବସର ନେଇଥିଲେ। ନିଜର ଅନ୍ତିମ ପ୍ରତିଯୋଗିତାରେ ସେ ରୌପ୍ୟ ପଦକ ହାସଲ କରିଥିଲେ। ବୋଲ୍ଟ କହିଛନ୍ତି। କ୍ରିକେଟ ମୋର ହୃଦୟରେ ସବୁବେଳେ ରହି ଆସିଛି। ଆମେରିକାକୁ କ୍ରିକେଟ ଆସିବା ସବୁଠାରୁ ବଡ଼ କଥା। କ୍ରିକେଟ ବିଶ୍ୱରେ ସବୁଠାରୁ ବଡ଼ ବଜାର ସୃଷ୍ଟି କରିବାରେ ସଫଳ ହୋଇଛି। ଏହା ଦ୍ୱାରା ୨୦୨୮ ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍ସରେ କ୍ରିକେଟ ସାମିଲ ହେବାର ପଥ ପରିଷ୍କାର ହେବ ବୋଲି ବୋଲ୍ଟ କହିଛନ୍ତି। ବୋଲ୍ଟ ୧୦୦ ମିଟର ରେସ୍‌ରେ ୯.୫୮ ସେକେଣ୍ଡ ଓ ୨୦୦ ମିଟରରେ ୧୯.୧୯ ସେକେଣ୍ଡ ସମୟ ନେଇ ବିଶ୍ୱ ରେକର୍ଡ ସୃଷ୍ଟି କରିଥିଲେ। କ୍ରିକେଟ ପାଇଁ ସେ ଆଥଲେଟିକ୍ସକୁ କ୍ୟାରିୟର ରୂପେ ବାଛିଥିଲେ। ବିଶ୍ୱକପ୍‌ରେ ୱେଷ୍ଟଇଣ୍ଡିଜ ଓ ଆମେରିକାରେ ଯଥାକ୍ରମେ ୪୧ ଓ ୧୪ଟି ମ୍ୟାଚ୍ ଖେଳାଯିବ। ଭାରତ ଓ ପାକିସ୍ତାନର ସବୁ ମ୍ୟାଚ୍ ଆମେରିକାର ଖେଳାଯିବ। ଭାରତର ପ୍ରଥମ ୩ଟି ମ୍ୟାଚ୍ ନ୍ୟୁୟର୍କରେ ଓ ଚତୁର୍ଥ ମ୍ୟାଚ୍ ଫ୍ଲୋରିଡାରେ ଖେଳାଯିବ। ଜୁନ୍ ୯ରେ ଭାରତ ଓ ପାକିସ୍ତାନ ମୁହାଁମୁହିଁ ହେବେ।

**● ଏସିଆ ରଗ୍‌ବୀ ଚାମ୍ପିଅନସିପ୍**

## ଭାରତୀୟ ଦଳରେ କିସ୍‌ର ଆଶିଷ, ଅଜିତ୍



**ଭୁବନେଶ୍ୱର, ୨୪।୪ (ସମିସ):** ଶ୍ରୀଲଙ୍କାର କଲମ୍ବୋଠାରେ ଏପ୍ରିଲ ୩୦ରୁ ମେ ୪ ତାରିଖ ପର୍ଯ୍ୟନ୍ତ ଏସିଆ ରଗ୍‌ବୀ ଚାମ୍ପିଅନସିପ୍ ଖେଳାଯିବ। ଏଥିଲାଗି ଭାରତୀୟ ରଗ୍‌ବୀ ଫୁଟ୍‌ବଲ ୟୁନିୟନ (ଆଇଆର୍‌ଏଫ୍‌ୟୁ) ପକ୍ଷରୁ ବୁଧବାର ୨୬ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ଘୋଷିତ ଭାରତୀୟ ଦଳରେ କିସ୍ ବିଶ୍ୱବିଦ୍ୟାଳୟର ଦୁଇଜଣ ଖେଳାଳି ଆଶିଷ ସବର ଓ ଅଜିତ କୁମାର ହାଁସଦା ସ୍ଥାନ ପାଇଛନ୍ତି। ଗତ ଏପ୍ରିଲ ୪ରୁ କୋଲକାତାସ୍ଥିତ ସାଇ ନେତାଜୀ ସୁବାଷ ଇଷ୍ଟର ସେଣ୍ଟରରେ ଦେଶର ୪୨ ଜଣ ରଗ୍‌ବୀ ଖେଳାଳିଙ୍କୁ ନେଇ ଚୟନ ଶିବିର ଚାଲିଥିଲା। ଏହାପରେ ଚୂଡ଼ାନ୍ତ ୨୬ ଜଣିଆ ଦଳ ଘୋଷଣା କରାଯାଇଛି। ଭାରତୀୟ ଦଳରେ ସ୍ଥାନ ପାଇଥିବାରୁ ଆଶିଷ ଏବଂ ଅଜିତ୍‌ଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ସାଂସଦ ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି।

**ଆଇଏସ୍‌ଏଲ୍ ଦ୍ୱିତୀୟ ସେମି ପ୍ରଥମ ଚରଣ**

# ମୁମ୍ବାଇ ସିଟିର ନାଟକୀୟ ବିଜୟ

**ମାର୍ଗାଓ,୨୪।୪(ଏଜେନ୍ସି)**

ଚଳିତ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍) ୧୦ମ ସଂସ୍କରଣର ଦ୍ୱିତୀୟ ସେମି ଫାଇନାଲର ପ୍ରଥମ ଚରଣ ମୁକାବିଲାରେ ମୁମ୍ବାଇ ସିଟି ଏଫ୍‌ସି ବୁଧବାର ୩-୨ ଗୋଲରେ ଘରୋଇ ଏଫ୍‌ସି ଗୋଆକୁ ନାଟକୀୟ ଢ଼ଙ୍ଗରେ ପରାସ୍ତ କରିଛି। ୦-୨ ଗୋଲ ପଛରେ ପଡିଥିଲେ ମଧ୍ୟ ମୁମ୍ବାଇ ମ୍ୟାଚ୍‌ର ଅନ୍ତିମ ମୁହୂର୍ତ୍ତରେ ଦମ୍‌ଦାର ପ୍ରତ୍ୟାବର୍ତ୍ତନ କରିଥିଲା ଓ ଅନ୍ତିମ ୬ ମିନିଟ୍‌ରେ ୩ଟି ଗୋଲ ଦେଇ ଗୋଆଠାରୁ ମ୍ୟାଚ୍ ଛଡାଇ ନେଇଥିଲା। ଏହି ପରାଜୟରେ ଘରୋଇ ଦଳର ଦର୍ଶକ ନିରାଶ ହୋଇଛନ୍ତି। ସେମିଫାଇନାଲର ଦ୍ୱିତୀୟ ଚରଣ ମୁକାବିଲା ଆସନ୍ତା ୨୯ ତାରିଖ ସୋମବାର ମୁମ୍ବଇ ଫୁଟବଲ ଏରିନାରେ ଖେଳାଯିବ। ମଙ୍ଗଳବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲର ପ୍ରଥମ ଚରଣରେ ଘରୋଇ ଓଡ଼ିଶା ଏଫ୍‌ସି ୨-୧ ଗୋଲରେ ଲିଗ୍ ଶିଲ୍ଡ ଚାମ୍ପିଅନ ମୋହନ ବାଗାନ ସୁପର ଜାଏଣ୍ଟସକୁ ପରାସ୍ତ କରିଥିଲା। ସେମି ଫାଇନାଲର ଦ୍ୱିତୀୟ ଚରଣ ୨୮ ତାରିଖ ରବିବାର କୋଲକାତାର ସଲ୍ଟ ଲକ୍ ଷ୍ଟାଡିୟମରେ ଖେଳାଯିବ।



### ଚାଙ୍ଗଟେଙ୍କ ଡବଲ୍ ଗୋଲ

ସ୍ଥାନୀୟ ଫାଟୋର୍ଡା ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଆରମ୍ଭରୁ ଗୋଆ ପ୍ରଭାବ ବିସ୍ତାର କରି ଖେଳିଥିଲା। ଶେଷ ପର୍ଯ୍ୟନ୍ତ ଗୋଆ ୨-୦ ଗୋଲରେ ଅଗ୍ରଣୀ ହୋଇ ନିଶ୍ଚିତ ବିଜୟ ଆଡକୁ ଅଗ୍ରସର ହେଉଥିବା ବେଳେ ମୁମ୍ବାଇ ହଠାତ୍ ପ୍ରତ୍ୟାବର୍ତ୍ତନ କରି ୩ଟି ଗୋଲ ସ୍କୋରି ମ୍ୟାଚ୍ ଛଡାଇ ନେଇଥିଲା। ୧୬ତମ ମିନିଟ୍‌ରେ ବୋରିସ ସିଂ ଥାଙ୍ଗଜାମ ଗୋଲ ଦେଇ ଗୋଆକୁ ଅଗ୍ରଣୀ କରାଇଥିଲେ। ପ୍ରଥମାର୍ଦ୍ଧ ଶେଷ ସୁଦ୍ଧା ଗୋଆ ଅଗ୍ରଣୀ ରହିଥିଲା। ଏହାପରେ ଦ୍ୱିତୀୟାର୍ଦ୍ଧରେ ବ୍ରାଣ୍ଡନ ଫର୍ଣ୍ଣାଣ୍ଡିଜ ୫୬ତମ ମିନିଟ୍‌ରେ ଦ୍ୱିତୀୟ ଗୋଲ ଦେଇ ଦଳକୁ ୨-୦ ଗୋଲରେ ଅଗ୍ରଣୀ ହାସଲ କରିଥିଲା। କିନ୍ତୁ ୯୦ତମ ମିନିଟ୍‌ରେ ଲାଲିଆନଜୁଆଲା ଚାଙ୍ଗଟେ ପ୍ରଥମ ଗୋଲ ସ୍କୋର କରିଥିଲେ। ଏହାର ଗୋଟିଏ ମିନିଟ୍ ପରେ ଅର୍ଥାତ ଇଞ୍ଜୁରି ଟାଇମ୍‌ର ପ୍ରଥମ ମିନିଟ୍‌ରେ ବିକ୍ରମ ପ୍ରତାପ ସିଂ ଗୋଲ ଦେଇ ମ୍ୟାଚ୍‌କୁ ୨-୨ ଗୋଲ ବରାବର ସ୍ଥିତିକୁ ଆଣିଥିଲେ। ଏହାର ୫

**● ଏଫ୍‌ସି ଗୋଆ ୨-୩ ଗୋଲ୍‌ରେ ପରାସ୍ତ**
**● ଅନ୍ତିମ ୬ ମିନିଟ୍‌ରେ ୩ ଗୋଲ**

ମିନିଟ୍ ପରେ ଚାଙ୍ଗଟେ ଦ୍ୱିତୀୟ ଗୋଲ ଦେଇ ମୁମ୍ବାଇକୁ ଜିତାଇଥିଲେ। ସାରା ମ୍ୟାଚ୍‌ରେ ମୁମ୍ବାଇ ପ୍ରଭାବୀ ପ୍ରଦର୍ଶନ କରିଥିଲା। ମୁମ୍ବାଇ ବଲ୍‌କୁ ଅଧିକ ସମୟ ନିଜ ପାଖରେ ରଖିବା ସହ ପାସ୍ ଓ ପାସ୍ ଆକ୍ୟୁରେସିରେ ଯଥେଷ୍ଟ ଆଗରେ ରହିଥିଲା। ସଟ୍ ଓ ସଟ୍ ଅନ୍ ଟାର୍ଗେଟରେ ଉଭୟ ଦଳର ସ୍ଥିତି ସମାନ ଥିଲା। ଏହି ପରାଜୟ ଦ୍ୱାର ଗୋଆ ଖେଳାଳି ଓ ପ୍ରଶଂସକ ନିରାଶ ହୋଇଛନ୍ତି।

PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA.

ସମ୍ପାଦକ: ଉମାକାନ୍ତ ମିଶ୍ର
EDITOR: UMAKANT MISHRA